ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୪/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, January 4/2023 Page 18 ₹ 7.00
୪୯ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 42 ମୂଲ୍ୟ ₹୭/-


सत्यमेव जयते
Government of Rajasthan

# INAUGURATION

## 18th National Scout Guide Jamboree

**(4-10 January, 2023)**

**by**



**Smt. Droupadi Murmu**
**Hon'ble President of India**



**Shri Kalraj Mishra**
Hon'ble Governor, Rajasthan

Chief Guest
**Shri Kalraj Mishra**
Hon'ble Governor, Rajasthan

Presided over by
**Shri Ashok Gehlot**
Hon'ble Chief Minister, Rajasthan



**Shri Ashok Gehlot**
Hon'ble Chief Minister, Rajasthan

**Venue: Rohat (Jodhpur-Pali route) Time: 3:15 PM onwards**

“Scouts-Guides Organisation reinforces the spirit of Vasudhaiva Kutumbakam (the world is one family). Through this, values are inculcated in students which prove useful throughout their life. Organising a jamboree after 67 years in Rajasthan is a matter of pride for all of us. I welcome all visitors to this event.”

Ashok Gehlot, Chief Minister, Rajasthan

- Participation of more than 35,000 from India and abroad
- Cultural Programmes
- Air Show by Surya Kiran Team of IAF
- Various Sports and Adventure Activities
- Folk Dance, Band Display, Pageant Show
- Global Village Activities
- Development Exhibition












Rajasthan Samwad

DEPARTMENT OF INFORMATION AND PUBLIC RELATIONS

# ମହିଳାଙ୍କୁ ଗଣବଳାତ୍କାର, ୪ ଗିରଫ

**ସୁନ୍ଦରଗଡ଼, ୩।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସେମନା ନିକଟବର୍ତ୍ତୀ ପିତାବଳିଆ ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ଗଣବଳାତ୍କାର ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ୪ ଜଣଙ୍କୁ ଗିରଫ କରିଛି। ଡାକ୍ତରୀମାଇନା ପରେ ସନ୍ଧ୍ୟାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ସେହି ଗ୍ରାମର ବୋଲି ପୋଲିସ କହିଛି। ଗତ ନୂଆବର୍ଷ ରବିବାର ରାତି ପ୍ରାୟ ୮ଟାବେଳେ ମାଛବିକ୍ରି କରି ମହିଳା ଜଣକ ଘରକୁ ଫେରୁଥିଲେ। ଘରଠାରୁ ପ୍ରାୟ ୧୦୦ମିଟର ଦୂରରେ ରାସ୍ତା ଉପରୁ ୫ଜଣ ଯୁବକ ତାଙ୍କୁ ଉଠାଇ ନେଇଥିଲେ। ଏକ ଫାର୍ମ ହାଉସକୁ ନେଇ ୫ଜଣଙ୍କ ମଧ୍ୟରୁ ୩ ଜଣ ବଳାତ୍କାର କରିଥିଲେ। ଏହି ସମୟରେ ମହିଳାଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଲୋକେ ପହଞ୍ଚିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଏ ଘଟଣା ନେଇ ମହିଳା ଜଣକ ସୋମବାର ଅପରାହ୍ନରେ ସଦର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ. ୨/୨୦୨୩) ରୁଜୁକରି ପୀଡିତାଙ୍କୁ ଡାକ୍ତରୀ ମାଇନା କରି ତଦନ୍ତ ଆରମ୍ଭ କରିଥିଲା।

# ମାର୍ଚ୍ଚରେ ଚତୁର୍ଥ ଲହର ଆସିପାରେ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

କରୋନାର ଚତୁର୍ଥ ଲହର ଆସନ୍ତା ମାର୍ଚ୍ଚ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆସିପାରେ ବୋଲି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ ମହାନ୍ତି କହିଛନ୍ତି। ଗତ ୨୪ ଘଣ୍ଟାରେ ଚୀନରେ ୩ ଲକ୍ଷରୁ ଅଧିକ ଓ ଭାରତରେ ୧୭୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଓଡ଼ିଶାରେ ଗତ ୨୪ ଘଣ୍ଟାରେ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କୋରାପୁଟ ଓ ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏ ରହିଛନ୍ତି ବୋଲି ସ୍ୱତନ୍ତ୍ର ସଚିବ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସର୍ଭେ ଅନୁସାରେ ଚାଇନାରେ ଏଯାବତ ପିକ୍ ଆସିନାହିଁ। ଜାନୁୟାରୀ ୧୩ରୁ ୧୫ ତାରିଖ ମଧ୍ୟରେ ପିକ୍‌କୁ ଆସିବ। ଦୈନିକ ୭ରୁ ୧୦ ଲକ୍ଷ ସଂକ୍ରମିତ ହେବେ। ପିକ୍ ବେଳେ ଚାଇନାରେ ଦୈନିକ ୨୫ ହଜାର ପର୍ଯ୍ୟନ୍ତ ମୃତ୍ୟୁ ଘଟିପାରେ।

**ମାତ୍ର ୪୦% ନେଇଛନ୍ତି ବୁଷ୍ଟର ଡୋଜ୍**

- ଗତ ୨୪ ଘଣ୍ଟାରେ ଓଡ଼ିଶାରେ ୨ ଆକ୍ରାନ୍ତ ଚିହ୍ନଟ
- ମାସ୍କ ପରିଧାନ ସହ ଟିକା ନେବାକୁ ପରାମର୍ଶ



ସେହି ଅନୁସାରେ ଭାରତରେ ମାର୍ଚ୍ଚ ୨ୟ କିମ୍ବା ୩ୟ ସପ୍ତାହରେ ଚତୁର୍ଥ ଲହର ଆସିପାରେ। ସଂକ୍ରମିତଙ୍କ ସଂଖ୍ୟା ସାମାନ୍ୟ ବଢ଼ିପାରେ। ସେଥିପାଇଁ ଗହଳି ଜାଗାକୁ ଯାଉଥିଲେ ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ସଚିବ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଭାରତରେ ୯୦% ଲୋକ ଡବଲ ଡୋଜ ଟିକା ନେଇଛନ୍ତି। ୪୦% ଲୋକ ବୁଷ୍ଟର ଡୋଜ୍ ନେଇଛନ୍ତି। ବାକି ଲୋକେ ବୁଷ୍ଟର ଡୋଜ୍ ନେଇଯାଆନ୍ତୁ। ଯେଉଁମାନେ ଡବଲ ଡୋଜ୍ ନେଇସାରିଥିବେ, ସେମାନେ ନାଜାଲ ଭାକ୍ସିନ ନେଇପାରିବେ। ବିଶେଷ ଭାବେ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ଚାଇନା, ଜାପାନ ସମେତ କରୋନା ସଂକ୍ରମିତ ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ ରହିଛି। ପଜିଟିଭ୍ ଆସିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ବ୍ୟବସ୍ଥା ହୋଇଛି। ଏବେ ହକି ବିଶ୍ୱକପ୍ ଥିବାରୁ ବାହାର ଦେଶର ଖେଳାଳି ଓ ଦର୍ଶକ ଓଡ଼ିଶା ଆସିବେ। ଝାରସୁଗୁଡ଼ା, ଖୋର୍ଦ୍ଧା, କଟକରେ ଅଧିକ ଜନସମାଗମ ହେବ। ତେଣୁ ଏସବୁ ଜିଲାରେ କଡ଼ାକଡ଼ି ନିୟମ ପାଳନ କରାଯିବ ବୋଲି ସ୍ୱତନ୍ତ୍ର ସଚିବ ଡା. ମହାନ୍ତି ପ୍ରକାଶ କରିଛନ୍ତି।

# ପୋଲିସ ନଜରବନ୍ଦୀରେ ପୁରୁଷବନ୍ଧୁ

- ବିଷକ୍ରିୟାରୁ ମୃତ୍ୟୁ: ସିଡିଏମ୍‌ଓ
- ଫୋରେନ୍ସିକ ଲ୍ୟାବ୍‌କୁ ଗଲା ନମୁନା
- ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ

**ଯୋଡ଼ା, ୩।୧ (ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଡାକ୍ତର ଶୁଭଶ୍ରୀ କରଙ୍କ ମୃତ୍ୟୁର ୩ଦିନ ପରେ ମଧ୍ୟ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟିପାରୁନି। ବ୍ୟବଚ୍ଛେଦ ପରେ ବିଷକ୍ରିୟାରୁ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିବାବେଳେ ଅଧିକ ସ୍ପଷ୍ଟ ପାଇଁ ନମୁନାକୁ ରାଜ୍ୟ ଫୋରେନ୍ସିକ ଲ୍ୟାବକୁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ ବ୍ୟବଚ୍ଛେଦ ରିପୋର୍ଟକୁ ସଂରକ୍ଷିତ ରଖାଯିବ ବୋଲି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି ମଙ୍ଗଳବାର ସୂଚନା ଦେଇଛନ୍ତି। ଅପରପକ୍ଷରେ ଅଭିଯୁକ୍ତ ପୁରୁଷବନ୍ଧୁ ଦିବ୍ୟରଞ୍ଜନ ମାଝିଙ୍କୁ ପୋଲିସ ନଜରବନ୍ଦୀରେ ରଖିଥିବା ବିଶ୍ୱସ୍ତସୂତ୍ରରୁ ଶୁଣିବାକୁ ମିଳିଥିବାବେଳେ ପୋଲିସ ଏନେଇ ମୁହଁ ଖୋଲୁନି। ତେବେ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା କେନ୍ଦୁଝର ଅତିରିକ୍ତ ଏସ୍‌ପି ବିରଞ୍ଚି ନାରାୟଣ ଦେହୁରୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୩୧ତାରିଖ ରାତିରେ ଶୁଭଶ୍ରୀ ତାଙ୍କର ୭ଜଣ ଅନ୍ୟ କର୍ମଚାରୀଙ୍କ ସହିତ ନାଚଗୀତ କରି ନୂଆ ବର୍ଷ ପାଳନ କରିଥିଲେ। ମାତ୍ର ପରଦିନ ଅର୍ଥାତ ଜାନୁୟାରୀ ୧ତାରିଖ ସକାଳେ ସେ ଆଉ ଉଠି ନ ଥିଲେ। ଭିତରପଟୁ କବାଟ ବନ୍ଦ ହୋଇଥିଲା। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଖବର ଦେବାପରେ ପୋଲିସ ପହଞ୍ଚି କବାଟ ଭାଙ୍ଗି ଶୁଭଶ୍ରୀଙ୍କ ମୃତଦେହ ଜବତ କରିଥିଲା। ଉଲ୍ଲେଖଯୋଗ୍ୟ,

**ମହିଳା ଡାକ୍ତର ଶୁଭଶ୍ରୀ କର ମୃତ୍ୟୁ ଘଟଣା**



ରୁଗୁଡିସ୍ଥିତ ଏକ ଖଣି କମ୍ପାନୀରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଦିବ୍ୟରଞ୍ଜନଙ୍କ ସହ ଗତ କିଛି ବର୍ଷ ହେଲା ଶୁଭଶ୍ରୀଙ୍କ ପ୍ରେମ ସମ୍ପର୍କ ରହିଥିଲା। ଶୁଭଶ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦିବ୍ୟରଞ୍ଜନ ତାଙ୍କ ସହ ଗତ ସେପ୍ଟେମ୍ବର ୧୮ ଏବଂ ଅକ୍ଟୋବର ୧୦ତାରିଖରେ ୨ଥର ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଶୁଭଶ୍ରୀ ବିବାହ କରିବାକୁ କହିବାରୁ ଦିବ୍ୟରଞ୍ଜନ ପ୍ରତ୍ୟାଖ୍ୟାନ କରିଥିଲେ ବୋଲି ଗତ ୨୦ତାରିଖରେ ଯୋଡ଼ା ଥାନାରେ ଶୁଭଶ୍ରୀ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଆଇପିସି ଦଫା ୪୧୭ ଏବଂ ୩୭୬(ଏନ୍)ରେ ଏକ ମାମଲା(ନଂ. ୩୬୩/୨୦୨୨)ରୁଜୁ କରିଥିଲା। ଏପରି କି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶୁଭଶ୍ରୀଙ୍କ ବୟାନ ରେକର୍ଡ ମଧ୍ୟ କରାଯାଇଥିଲା। ତେବେ ପରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିବା ବିଶେଷ ସୂତ୍ରରୁ ହୋଇଥିବା ଶୁଣିବାକୁ ମିଳୁଥିବାବେଳେ ପୋଲିସ ଏ ସମ୍ପର୍କରେ କିଛି କହୁନାହିଁ। ଇତିମଧ୍ୟରେ ପୋଲିସ ଶୁଭଶ୍ରୀଙ୍କ ମୋବାଇଲ୍‌କୁ ଜବତ କରିଛି। ଡିସେମ୍ବର ୨୧ତାରିଖରେ ମାମଲା ରୁଜୁ ହେବା ପରଠାରୁ ଘଟଣା ଦିନ ପର୍ଯ୍ୟନ୍ତ ଶୁଭଶ୍ରୀ ଏବଂ ଦିବ୍ୟରଞ୍ଜନଙ୍କ ମଧ୍ୟରେ ମୋବାଇଲ୍‌ରେ କିଛି ବାର୍ତ୍ତାଳାପ ହୋଇଥିଲା କି?, ସେହି ବାର୍ତ୍ତାଳାପ ଶୁଭଶ୍ରୀଙ୍କ ମୃତ୍ୟୁର କାରଣ ହୋଇଥାଇପାରେ କି? ଏଭଳି କିଛି ଦିଗକୁ କଲ୍ ଡିଟେଲ୍ସ ଯାଞ୍ଚରୁ ଜଣାପଡ଼ିବ। ଅପରପକ୍ଷରେ ଶୁଭଶ୍ରୀଙ୍କ ପୁରୁଷବନ୍ଧୁ ଦିବ୍ୟରଞ୍ଜନ ଗତ ଡିସେମ୍ବର ୧ତାରିଖରେ ବ୍ୟକ୍ତିଗତ କାରଣ ଦର୍ଶାଇ ଖଣି କମ୍ପାନୀରେ କରୁଥିବା ଡାକ୍ତରୀ ଚାକିରି ଛାଡ଼ିବାକୁ ନୋଟିସ ଦେଇଥିଲେ। ସେବେଠାରୁ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିବାବେଳେ ଘଟଣାପରଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଛି। ତେଣୁ କଲ୍ ଡିଟେଲ୍‌ସ ଯାଞ୍ଚ କଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଅପରପକ୍ଷରେ ଶୁଭ୍ରଶ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ବାପା ଘଟଣା ସମ୍ପର୍କରେ ବିଶେଷ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ପୋଲିସ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ଅର୍ଚ୍ଚନା, ଜଗବନ୍ଧୁ, ଖଗେଶ୍ୱରଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ

**ବେଆଇନ ଅର୍ଥ କାରବାର ମାମଲା**

- ୩ ଜଣଙ୍କୁ 'ଇଡି'ର କାରଣ ଦର୍ଶାଅ ନୋଟିସ୍
- ତୃତୀୟ ଥର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଜେରା
- ଆଜି ଜେଲରେ ଜେରା ହେବେ ଅର୍ଚ୍ଚନା

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ବ୍ଲାକ୍‌ମେଲିଂ କରି ବିପୁଳ ଅର୍ଥ ହଡ଼ପ ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବଂ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ଅଛନ୍ତି। ତେବେ ସମସ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପ୍ରକ୍ରିୟା ଆରମ୍ଭ କରିଛି। ତେଣୁ ଏନେଇ ଇଡି ମଙ୍ଗଳବାର ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି। ସମ୍ପତ୍ତି କାହିଁକି ବାଜ୍ୟାପ୍ତି ନ ହେବ ଜଣାଇବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି। ଆସନ୍ତା ୧୩ ତାରିଖରେ ଏନେଇ କୋର୍ଟରେ ଶୁଣାଣି ହେବ। ଉକ୍ତଦିନ



ଝାରପଡ଼ା ଜେଲରେ ସଜା କାଟୁଥିବା ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ସେମାନଙ୍କ ପକ୍ଷ ରଖିବେ ବୋଲି ଜଣାପଡ଼ିଛି। ଇଡି ଚଢ଼ାଉ ଓ ତଦନ୍ତ କରିବା ସମୟରେ ଅର୍ଚ୍ଚନା ଏବଂ ଅନ୍ୟମାନଙ୍କ ବିପୁଳ ସମ୍ପତ୍ତି ଠାବ କରିଛି। ଏହି ସମ୍ପତ୍ତି ଭିତରେ ଅର୍ଚ୍ଚନାଙ୍କ ଗାଡ଼ି, ଆଲିଶାନ୍ ଘର, ଘରୋଇ ସାମଗ୍ରୀ, ସୁନା ଗହଣା, ଘୋଡ଼ା ଆଦି ରହିଛି। ଏସବୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ କେତେ ସେନେଇ ଇଡି ପକ୍ଷରୁ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଠାବ ହୋଇଥିବା ସମ୍ପତ୍ତି ପ୍ରାୟ ୩ କୋଟି ହେବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଘର ମାଲିକ ତଥା ସିନେ ପ୍ରଯୋଜନ ପ୍ରମୋଦ ସ୍ୱାଇଁ ତୃତୀୟ ଥର ଲାଗି ମଙ୍ଗଳବାର ପୂର୍ବାହ୍ନରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଇଡି ଆଞ୍ଚଳିକ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଏହାପୂର୍ବରୁ ଭିନ୍ନ ଭିନ୍ନ ଦିନରେ ୨ଥର ପ୍ରମୋଦଙ୍କୁ ଇଡି ଜେରା କରି ଅନେକ ତଥ୍ୟ ହାସଲ କରିଥିଲା। ସେପଟେ ଅର୍ଚ୍ଚନାଙ୍କୁ ଇଡି ଜେଲ ଭିତରେ ବୁଧବାର ଜେରା କରିବ। ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)ରୁ ମିଳିଥିବା ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ଅର୍ଚ୍ଚନାଙ୍କୁ ପଚରାଉଚରା କରାଯିବ। ସେହିପରି ଖଗେଶ୍ୱରଙ୍କୁ ଗୁରୁବାର ଜେରା କରିବାକୁ ଇଡିକୁ ଅନୁମତି ମିଳିଛି।













































# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୪/୨୦୨୩ | Bhubaneswar, Wednesday, January 4/2023 | ପୃଷ୍ଠା-୧




### ପ୍ରଥମ ଓଭରରେ ଉନାଡକଟ୍‌ଙ୍କ ହାଟ୍ରିକ

ଏକ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ପ୍ରଥମ ଓଭରରେ ହାଟ୍ରିକ ଅର୍ଜନ କରିବାରେ ଜୟଦେବ ଉନାଡକଟ୍ ପ୍ରଥମ ଖେଳାଳି।

୧୬

୧୦

### ଆଉ ଛୋଟ ଚରିତ୍ରରେ ଅଭିନୟ କରିବିନି

ବଲିଉଡ୍ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକ୍‌ଙ୍କୁ ୨୫ କୋଟି ଦିଆଗଲେ ମଧ ସେ ଛୋଟ ଚରିତ୍ରରେ ଅଭିନୟ କରିବେ ନାହିଁ ବୋଲି ଏକ ଇଣ୍ଟରଭ୍ୟୁରେ କହିଛନ୍ତି।





ଅଲ୍‌ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ୮ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ରାଜମହଲ ଛକଠାରେ ପୋଲିସ ଅଟକାଇଛି। **(ରିପୋର୍ଟ: ପୃଷ୍ଠା-୨) (ଫଟୋ: ମନୋରଞ୍ଜନ)**

# ମନ୍ତ୍ରୀଙ୍କ ମନ୍ତବ୍ୟ ପାଇଁ ସରକାର ଦାୟୀ ନୁହନ୍ତି

## ସାମ୍ବିଧାନିକ ପୀଠଙ୍କ ସଂଖ୍ୟାଗରିଷ୍ଠ ରାୟ

**ନୂଆଦିଲ୍ଲୀ,୩।୧**

ଜଣେ ମନ୍ତ୍ରୀଙ୍କ ମନ୍ତବ୍ୟ ପାଇଁ ସରକାରଙ୍କୁ ପରୋକ୍ଷରେ ଦାୟୀ କରାଯାଇପାରିବ ନାହିଁ। ଏଥିସହ ସରକାରୀ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଅତିରିକ୍ତ କଟକଣା ଲଗାଯାଇପାରିବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠ ୪:୧ ସଂଖ୍ୟାଗରିଷ୍ଠ ରାୟ ଦେଇଛନ୍ତି। ଜଷ୍ଟିସ୍ ଏସ୍. ଏ. ନଜିର୍, ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା ଏବଂ ଭି.ରାମାସୁବ୍ରମଣ୍ୟମ୍ ଗୋଟିଏ ରାୟ ଥିବାବେଳେ ଜଷ୍ଟିସ୍ ବି.ଭି. ନାଗରତ୍ନା ଭିନ୍ନ ରାୟ ଦେଇଛନ୍ତି। ଅନ୍ୟ ୪ ବିଚାରପତିଙ୍କ ରାୟରେ ଅସହମତି ପ୍ରକାଶ କରି ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ମନ୍ତ୍ରୀଙ୍କ ଆନୁଷ୍ଠାନିକ ବୟାନ ପାଇଁ ସରକାରଙ୍କୁ ଦାୟୀ କରାଯାଇପାରିବ। ସୂଚନାଥାଉ କି କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତଙ୍କ ସାମ୍ବିଧାନିକ ପୀଠ ସୋମବାର ରାୟ ଶୁଣାଇଥିଲେ। ସେହି ମାମଲାରେ ମଧ ଏହି ୫ ବିଚାରପତି ଶୁଣାଣି କରିଥିଲେ। ୪ ଜଣ ବିଚାରପତି କେନ୍ଦ୍ରର ରାୟକୁ ଯଥାର୍ଥ ଦର୍ଶାଇଥିବାବେଳେ ଜଷ୍ଟିସ୍ ନାଗରତ୍ନା ଭିନ୍ନମତ ଦେଇ ବିମୁଦ୍ରୀକରଣକୁ ବେଆଇନ ବୋଲି କହିଥିଲେ। ଏହାର ଦିନକ ପରେ ମହିଳା ବିଚାରପତି ନାଗରତ୍ନା ପୁଣି ଥରେ ଅଲଗା ରାୟ ଦେବା ଭାରତୀୟ ନ୍ୟାୟପାଳିକା ଇତିହାସରେ ଏକ ବିରଳ ଓ ପ୍ରଶଂସନୀୟ ଦୃଷ୍ଟାନ୍ତ।

■ ଜଷ୍ଟିସ୍ ଏସ୍. ଏ. ନଜିରଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ପୀଠ ଯେଉଁ ପ୍ରଶ୍ନଗୁଡ଼ିକ ଉପରେ ବିଚାର କରିଥିଲେ ତନ୍ମଧ୍ୟରୁ ଗୋଟିଏ ହେଉଛି, ରାଜ୍ୟର କୌଣସି ମାମଲାରେ କିମ୍ବା ସରକାରଙ୍କ ସୁରକ୍ଷା ଲାଗି ଜଣେ ମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ସାମୂହିକ ଉତ୍ତରଦାୟିତ୍ୱ ସିଦ୍ଧାନ୍ତ ଦୃଷ୍ଟିରୁ ସରକାରଙ୍କୁ ଦାୟୀ କରାଯାଇପାରିବ କି। ଏହାର ଉତ୍ତରରେ ଜଷ୍ଟିସ୍ ନଜିରଙ୍କ ସମେତ ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା, ଭି.ରାମାସୁବ୍ରମଣ୍ୟମ୍ କହିଥିଲେ, ସମ୍ବିଧାନର ଅନୁଚ୍ଛେଦ ୧୯(୨) ଅନୁସାରେ (ନିର୍ଦ୍ଦିଷ୍ଟ ବ୍ୟତିକ୍ରମକୁ ବାଦ୍ ଦେଇ) ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକଙ୍କୁ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କୌଣସି କଟକଣା ଜାରି କରାଯାଇପାରିବ ନାହିଁ।

■ ୪ ବିଚାରପତିଙ୍କ ମତରେ ଜଣେ ମନ୍ତ୍ରୀ ଦୁଇ ପ୍ରକାର କ୍ଷମତାରେ ଏକ ମନ୍ତବ୍ୟ ଦେଇପାରିବେ। ପ୍ରଥମରେ ସେ ବ୍ୟକ୍ତିଗତ ଭାବେ ନିଜ ମତାମତ ରଖିପାରିବେ। ଦ୍ୱିତୀୟତଃ ନିଜ ଆନୁଷ୍ଠାନିକ ତଥା ସରକାରଙ୍କ ପ୍ରତିନିଧି ରୂପେ ମନ୍ତବ୍ୟ ଦେଇପାରିବେ। ଯଦି କୌଣସି ମନ୍ତବ୍ୟ ଅପମାନଜନକ ହୋଇଥାଏ, ଏବଂ କେବଳ ବ୍ୟକ୍ତିଗତ ବିଚାରର ପ୍ରତିନିଧିତ୍ୱ କରୁଥିବ ତଥା ମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦେଇଥିବେ, କିନ୍ତୁ ସେଥିରେ ସରକାରଙ୍କ ଆଭିମୁଖ୍ୟ ମଧ ସାମିଲ ଥିବ, ତେବେ ଏପରି ବୟାନକୁ ବିଶେଷକରି ସାମୂହିକ ଉତ୍ତରଦାୟିତ୍ୱର ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ସରକାରଙ୍କୁ ହିଁ ଉତ୍ତରଦାୟୀ କରାଯାଇପାରିବ।

■ ଅନ୍ୟ ଅର୍ଥରେ କହିବାକୁ ଗଲେ ଯଦି ମନ୍ତ୍ରୀଙ୍କ ବିବୃତିରେ ସରକାରଙ୍କ ଆଭିମୁଖ୍ୟ ପ୍ରତିଫଳିତ ହେଉଥିବ ସେଥିପାଇଁ ସରକାର ଦାୟୀ ବୋଲି କୁହାଯାଇପାରିବ। ଅଥଚ ଯଦି ଏପରି ମନ୍ତବ୍ୟ କୌଣସି ମନ୍ତ୍ରୀଙ୍କ ଭିନ୍ନ ଭିନ୍ନ ମତ ହୋଇଥିବ ଏବଂ ତାହା ସରକାରଙ୍କ ବିଚାରଧାରା ଅନୁରୂପ ହୋଇ ନ ଥିବ ତେବେ ସେଥିପାଇଁ ସେ ମନ୍ତ୍ରୀ ରୂପେ ଦାୟୀ ହେବେ। ☞ପୃଷ୍ଠା-୨



ସାମ୍ବିଧାନିକ ପୀଠର ଜଷ୍ଟିସ୍ ଭି.ରାମାସୁବ୍ରମଣ୍ୟମ୍, ବି.ଆର୍. ଗଭାଇ, ଏସ୍. ଏ. ନଜିର, ଏ.ଏସ୍. ବୋପନ୍ନା ଏବଂ ବି.ଭି. ନାଗରତ୍ନା।

### ଜଷ୍ଟିସ୍ ନାଗରତ୍ନାଙ୍କ ଭିନ୍ନମତ

ସାମ୍ବିଧାନିକ ପୀଠରେ ସାମିଲ ଥିବା ଜଷ୍ଟିସ୍ ବି.ଭି. ନାଗରତ୍ନା ୪ ବିଚାରପତିଙ୍କ ରାୟରେ ଅସହମତି ପ୍ରକାଶ କରିଛନ୍ତି। ଜଷ୍ଟିସ୍ ନାଗରତ୍ନାଙ୍କ ରାୟ ହେଉଛି, ଘୃଣା ମନ୍ତବ୍ୟ ସାମାଜିକ ଅସମାନତା ସୃଷ୍ଟିକରି ମୌଳିକ ମୂଲ୍ୟବୋଧକୁ ବାଧା ଦେଇଥାଏ। କେବଳ ଏତିକି ନୁହେଁ, ଏହା ବହୁବିଧ ପୃଷ୍ଠଭୂମିରୁ ଆସିଥିବା ନାଗରିକମାନଙ୍କ ଉପରେ ଆକ୍ରମଣ ମଧ, ବିଶେଷକରି ଭାରତ ଭଳି ଏକ ଦେଶରେ। ସେ ଆହୁରି କହିଛନ୍ତି, ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ହେଉଛି ଜରୁରୀ ଅଧିକାର। ତେଣୁ ସରକାରଙ୍କ ଶାସନ ସମ୍ପର୍କରେ ନାଗରିକମାନେ ଭଲ ଭାବେ ଅବଗତ ହୋଇ ସୂଚନାପ୍ରାପ୍ତ ହେବା ଆବଶ୍ୟକ।

# ଆଉ ଜଣେ ରୁଷୀୟ ନାଗରିକଙ୍କ ମୃତ୍ୟୁ

## ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ଅଘଟଣ

### ପଣ୍ୟବାହୀ ଜାହାଜ ଏମ୍‌ଭି ଅଲ୍‌ଦନାହର ମୁଖ୍ୟଯନ୍ତ୍ରୀ ଥିଲେ

**ପାରାଦୀପ,୩।୧(ସ୍ୱ.ପ୍ର.)**



ମିଲିୟାକୁଭ ସର୍ଗେ

ଓଡ଼ିଶା ବୁଲିବାକୁ ଆସିଥିବା ରୁଷୀୟ ନାଗରିକ ଆଣ୍ଟୋଭ ପାଭେଲ(୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର୍ ବିଦାନୋଭ(୬୧)ଙ୍କ ମୃତ୍ୟୁ ପଛର କାରଣ ଏଯାବତ୍ ସ୍ପଷ୍ଟ ହୋଇପାରି ନ ଥିବାବେଳେ ପାରାଦୀପ ପୋର୍ଟରେ ମଙ୍ଗଳବାର ସକାଳେ ଆଉ ଜଣେ ରୁଷୀୟ ନାଗରିକଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ପାରାଦୀପ ବନ୍ଦରର ଆଙ୍କରେଜ୍ ଏରିଆରେ ଥିବା ପଣ୍ୟବାହୀ ଜାହାଜ ଏମ୍‌ଭି ଅଲ୍‌ଦନାହର ମୁଖ୍ୟଯନ୍ତ୍ରୀ ମିଲିୟାକୁଭ ସର୍ଗେ(୫୧)ଙ୍କ ଭୋର ସମୟରେ ମୃତ୍ୟୁ ହୋଇଛି। ମଙ୍ଗଳବାର ବନ୍ଦରର ୬୨ତମ ପ୍ରତିଷ୍ଠା ଦିବସ ଥିବାବେଳେ ବନ୍ଦର ଅଞ୍ଚଳରେ ଜଣେ ବିଦେଶୀ ନାଗରିକଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷେ ରୁଷୀୟ ନାଗରିକଙ୍କ ମୃତ୍ୟୁ ଘଟଣାକୁ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ଦୁର୍ଭାଗ୍ୟଜନକ ବୋଲି କହିବା ସହ ସମ୍ପୂର୍ଣ୍ଣ ସରକାରୀ ନିୟମାନୁସାରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି। ସବିଶେଷ ଖବର ଅନୁଯାୟୀ ରାତି ପ୍ରାୟ ୧୧ଟାରେ ସମ୍ପୃକ୍ତ ଜାହାଜ ପାରାଦୀପ ବନ୍ଦର ପୋତାଶ୍ରୟର ଆଇଓବି ବର୍ଥରେ ଲାଗିବା ପରେ ମେରାଇନ୍ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ସୋମବାର ଆସି ରହିଥିବା ପଣ୍ୟବାହୀ ଜାହାଜ ଏମ୍‌ଭି ଅଲ୍‌ଦନାହର ମୁଖ୍ୟଯନ୍ତ୍ରୀ ମିଲିୟାକୁଭ ସର୍ଗେଙ୍କ ଭୋର ସମୟରେ ମୃତ୍ୟୁ ☞ପୃଷ୍ଠା-୨



ମଙ୍ଗଳବାର ନୂଆଦିଲ୍ଲୀରୁ ଉତ୍ତର ପ୍ରଦେଶ ଅଭିମୁଖେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଛି। ଏଥିରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର)ର ପୂର୍ବତନ ମୁଖ୍ୟ ଅମରଜିତ୍ ସିଂ ଦୁଲତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଗ ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ସେଠି କାହିଁକି**

ନକଲି ମଦ ସିଣ୍ଡିକେଟ୍‌ରେ ନେତା, ପୋଲିସ

ପୃଷ୍ଠା-୩

# ବର୍ଷେ ମାଗଣା ଚାଉଳ

■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

■ ଖର୍ଚ୍ଚ ହେବ ୧୮୫ କୋଟି

**ଭୁବନେଶ୍ୱର,୩।୧(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ବର୍ଷକ ପାଇଁ ମାଗଣା ଚାଉଳ ଘୋଷଣା କରିବା ପରେ ରାଜ୍ୟ ସରକାର ମଧ ତାଙ୍କ ସ୍କିମ୍ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ବର୍ଷକ ପାଇଁ ମାଗଣା ଚାଉଳ ଯୋଗାଇ ଦେବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁୟାରୀ ୨୩ରୁ ଡିସେମ୍ବର ୨୩ ପର୍ଯ୍ୟନ୍ତ ଏସ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇବା ନେଇ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଏଫ୍‌ଏସ୍‌ଏସ୍‌ର ପ୍ରତ୍ୟେକ ହିତାଧିକାରୀଙ୍କୁ ୫ କେଜି ଚାଉଳ ୨୦୨୩ ଜାନୁୟାରୀରୁ ୧୨ ମାସ ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ରାଜକୋଷରୁ ୧୮୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ଯୋଜନାରେ ରାଜ୍ୟ ସରକାର କେଜି ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦେଉଛନ୍ତି। ତେବେ ଚଳିତ ବର୍ଷ ପାଇଁ ଏହା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ।

ସୂଚନାଯୋଗ୍ୟ ଯେ କୋଭିଡ୍-୧୯ ମହାମାରୀ ସମୟରେ ଏସ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀଙ୍କୁ ୨୮ ମାସ ପାଇଁ ଅତିରିକ୍ତ ଚାଉଳ ଓ ଡାଲି ଯୋଗାଇ ଦିଆଯାଇଥିଲା। ଏଥିସହିତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ପ୍ରତ୍ୟେକ ୧ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ☞ପୃଷ୍ଠା-୨

# ଇଞ୍ଜିନିୟରରୁ ଡଗ୍ ବ୍ରିଡର

### ୧୦୦ ପ୍ରଜାତିର ଦେଶୀ କୁକୁର ବ୍ରିଡ୍ କରି ଜାତୀୟ ପୁରସ୍କାରରେ ସମ୍ମାନିତ



**ଚେନ୍ନାଇ,୩।୧**

ଘରେ ବିଦେଶୀ ବ୍ରିଡ୍‌ର କୁକୁର ରଖିବା ଏବେ ଟ୍ରେଣ୍ଡ୍ ପାଲଟିଛି। ଯେଉଁଥିଲାଗି ଏ ପ୍ରକାର କୁକୁରଙ୍କ ଚାହିଦା ବଢୁଥିବାବେଳେ ଦେଶୀ କୁକୁରଙ୍କୁ କେହି ପସନ୍ଦ କରୁନାହାନ୍ତି। ହେଲେ ଦେଶୀ କୁକୁର ପାଇଁ ତାମିଲନାଡୁର ସତିଶ ଏବେ ଜାତୀୟ ପୁରସ୍କାର ହାସଲ କରିଛନ୍ତି। ପେସାରେ ଇଞ୍ଜିନିୟର ସତିଶ ଏବେ ପାଲଟିଛନ୍ତି ଡଗ୍ ବ୍ରିଡ୍‌ର। ଏଥିଲାଗି ଡିସେମ୍ବରରେ ତାଙ୍କୁ 'ବ୍ରିଡ୍ କନ୍‌ଜରଭେଶନ୍ ଆୱାର୍ଡ ୨୦୨୨'ରେ ସମ୍ମାନିତ କରାଯାଇଛି।

ମଦୁରାଇର ଉସିଲାମପାଟ୍ଟିରେ ସତିଶ ଡଲିଜ୍ କେନ୍ନେଲ ନାମରେ ଏକ ଫାର୍ମ ହାଉସ୍ ଚଳାଉଛନ୍ତି। ଏକରରୁ ଊର୍ଦ୍ଧ୍ୱ ପରିମିତ ଜାଗାରେ ସେ ବନାଇଥିବା ଡଗ୍ ଫାର୍ମ ହାଉସ୍‌ରେ ୧୦୦ ପ୍ରଜାତିର ଦେଶୀ କୁକୁର ରହୁଛନ୍ତି। ଅରୁଲ ଏବଂ ପଦ୍ମାବତୀଙ୍କ ସାନ ପୁଅ ସତିଶ। ଉସିଲାମପାଟ୍ଟି ଟକୁଲ ଥାନାରେ ଅରୁଲ କାର୍ଯ୍ୟ କରନ୍ତି। ସତିଶ ଚେନ୍ନାଇର ଏକ ଘରୋଇ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**
"ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ, ଯାହାକି ଦେଶବାସୀଙ୍କ ପରିବର୍ତ୍ତନଶୀଳ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ସମର୍ଥ।
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟା ଦରାଣ୍ଡିଲି କଉଡ଼ି ନାହିଁ
ଦୁଧ ଦହି ଗଲା ଦୁଆର ଡେଇଁ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଅର୍ଥ ନଥିଲେ ସବୁକିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଅର୍ଥାଭାବ କାରଣରୁ ନିଜର ଈପ୍ସିତ ଦ୍ରବ୍ୟ ହାତପାହାନ୍ତାରେ ଥାଇ ମଧ୍ୟ ଅପହଞ୍ଚ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧେ ବାଘ ଅଧେ ଫାଉଆ
ତାକୁ ନ ଚିହ୍ନିଲେ ହେବ ଭକୁଆ।**

କଥା ନୁହେଁ, କାମରେ ବିଶ୍ୱାସ ରଖୁଥିବା ବ୍ୟକ୍ତି କର୍ମବୀର ବୋଲାଇଥାନ୍ତି। ଆଉ କେତେକ କାମ ନୁହେଁ, କେବଳ କଥାରେ ବାହାଦୁରି ଦେଖାଇଥାନ୍ତି। ଏପରିସ୍ଥଳେ କିଏ କେତେ ପାରିବାର ବା ଦକ୍ଷ ତାକୁ ନିଜ ବୁଦ୍ଧି ଓ ବିବେକ ବଳରେ ଚିହ୍ନି ନ ପାରିଲେ ଠକାମିରେ ପଡିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

**ପ୍ରଥମ ପୃଷ୍ଠାରୁ...**

## ମନ୍ତ୍ରୀଙ୍କ ମନ୍ତବ୍ୟ ପାଇଁ...

ସେହି ମନ୍ତବ୍ୟକୁ ସରକାରଙ୍କ ବୟାନ ବୋଲି ବିବେଚନା କରାଯିବ ନାହିଁ।
■ କୌଶଲ କିଶୋରର ବନାମ ଉତ୍ତର ପ୍ରଦେଶ ରାଜ୍ୟ ସରକାର ଡବ୍ଲ୍ୟୁପି(ସି)୧୧୩/୨୦୧୬ ମାମଲାରେ ସାମ୍ବିଧାନିକ ପୀଠ ମନ୍ତ୍ରୀମାନଙ୍କ ଏବଂ ଉଚ୍ଚ ପଦରେ ଆସୀନ ବ୍ୟକ୍ତିମାନଙ୍କ କହିବା ସ୍ୱାଧୀନତା ଅଧିକାର ଉପରେ ଲଗାମ ଲଗାଇବା ସମ୍ପର୍କିତ ପ୍ରସଙ୍ଗରେ ଏହି ଜବାବ ଦେଇଛନ୍ତି।

### ଗଣବଳାତ୍କାରକୁ 'ରାଜନୈତିକ ଷଡ଼ଯନ୍ତ୍ର' କହିଥିଲେ ଆଜମ୍ ଖାନ୍

୨୦୧୬ ଜୁଲାଇ ୨୯ ବିଳମ୍ବିତ ରାତିରେ ଉତ୍ତର ପ୍ରଦେଶର ବୁଲନ୍ଦସହର ସଂଲଗ୍ନ ଦିଲ୍ଲୀ–କାନପୁର ହାଇୱେ ଦେଇ ନୋଏଡାର ଜଣେ ୩୫ ବର୍ଷୀୟା ମହିଳା, ତାଙ୍କ ନାବାଳିକା ଝିଅ ଓ ପରିବାରର ଅନ୍ୟ ୪ ଜଣ ସଦସ୍ୟ ଯାଉଥିଲେ। ସେହି ରାସ୍ତାରେ ଯାଉଥିବା କେତେଜଣ ହାଇୱେ ଲୁଟେରା ସେମାନଙ୍କ କାର୍‌କୁ ଅଟକାଇ ମା'ଝିଅଙ୍କୁ ଗଣବଳାତ୍କାର କରିଥିଲେ। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲା। ମହିଳାଙ୍କ ସ୍ୱାମୀ ଏହି ମାମଲାର ଶୁଣାଣି ୟୁପିରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଉ ବୋଲି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏଥିସହ ୟୁପିର ତତ୍କାଳୀନ କ୍ୟାବିନେଟ ମନ୍ତ୍ରୀ ଆଜମ୍ ଖାନ୍ (ସମାଜବାଦୀ ପାର୍ଟି ନେତା)ଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର୍ ରୁଜୁ ପାଇଁ ଶୀର୍ଷ ଅଦାଲତଙ୍କୁ ନିବେଦନ କରିଥିଲେ। କାରଣ ଆଜମ୍ ଖାନ୍ ମା' ଓ ଝିଅଙ୍କୁ କରାଯାଇଥିବା ଗଣବଳାତ୍କାରକୁ 'ଏକ ରାଜନୈତିକ ଷଡ଼ଯନ୍ତ୍ର' ବୋଲି ଅଭିହିତ କରିଥିଲେ। ଜଣେ ମନ୍ତ୍ରୀଙ୍କ ଏପରି ଅଭିବ୍ୟକ୍ତି ସ୍ୱାଧୀନତା କେତେ ଯଥାର୍ଥ ଏବଂ ଏଭଳି ମନ୍ତବ୍ୟ ଉପରେ କଟକଣା ଲଗାଯାଇପାରିବ କି ନାହିଁ ସେହି ପ୍ରଶ୍ନର ବିଚାର ପାଇଁ ଦାଖଲ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଶୀର୍ଷ ଅଦାଲତ ଗତ ନଭେମ୍ବର ୧୫ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।

## ଆଉ ଜଣେ ରୁଷୀୟ...

ଘଟିଥିବା ନେଇ ବନ୍ଦର ସିଗ୍‌ନାଲ୍ ଷ୍ଟେଶନକୁ ଖବର ମିଳିଥିଲା। ଏହା ପରେ ପୋର୍ଟ ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ବୋଟ ଯୋଗେ ଜାହାଜକୁ ଯାଇ ସର୍ଗେଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଥିଲେ। ଘଟଣା ସମ୍ପର୍କରେ ଜାହାଜର ଏଜେଣ୍ଟ କମ୍ପାନୀ ଏସ୍‌ଏସ୍‌ଏସ(ସିଷ୍ଟ୍ରାନ୍ସ ଶିପିଂ ସର୍ଭିସ) ତରଫରୁ ଇମିଗ୍ରେଶନ ଓ ପୋଲିସକୁ ମୌଖିକ ଭାବେ ସୂଚନା ଦିଆଯାଇଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ। ତେବେ ବୈଦେଶିକ ନୀତି ଅନୁସାରେ ଜାହାଜର ଏଜେଣ୍ଟ ଥିବା କମ୍ପାନୀ ପକ୍ଷରୁ ସିଙ୍ଗାପୁରରେ ଥିବା ଟ୍ରାଭେଲ ଏଜେନ୍ସିକୁ ସୂଚନା ଦିଆଯାଇଛି। ସେଠାରୁ ଏମ୍‌ଭି ଅଲ୍‌ଦନାହ ଜାହାଜ କମ୍ପାନୀ ରୁଷିଆକୁ ମଧ୍ୟ ଖବର ଦେଇଥିବା ଜଣାପଡ଼ିଛି। ସେଠାରୁ ଦୂତାବାସସ୍ତରରେ ଅନୁମତି ମିଳିବା ପରେ ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ସେଠୀ ସୂଚନା ଦେଇଛନ୍ତି। ଇମିଗ୍ରେଶନ ଡିଏସ୍‌ପି ମାନସ ରଞ୍ଜନ ଦାଶ ଜାହାଜରେ ଥିବା ଅନ୍ୟ ନାବିକଙ୍କୁ ପଚରାଉଚରା କରିବା ସହ ଘଟଣାର ସମସ୍ତ ଦିଗରୁ ତଦନ୍ତ ଆରମ୍ଭ କରାଯାଇଥିବା କହିଛନ୍ତି। ଉକ୍ତ ଜାହାଜର ମାଲିକ ଗ୍ରୀସ୍ ଦେଶର ହୋଇଥିବାବେଳେ ଏଥିରେ ସମୁଦାୟ ୨୩ ଜଣ ନାବିକ ଥିଲେ। ସେଥିମଧ୍ୟରୁ ୪ଜଣ ରୁଷୀୟ, ୧୭ ଭାରତୀୟ, ରୋମାନ ଏବଂ ଇଣ୍ଡୋନେସିଆର ଜଣେ ଲେଖାଏ ରହିଥିବା ପୋର୍ଟ ଡେଲି ଟ୍ରାଫିକ୍ ରିପୋର୍ଟ(ଡିଟିଆର୍)ରୁ ଜଣାପଡ଼ିଛି। ଉକ୍ତ ପଣ୍ୟବାହୀ ଜାହାଜଟି ବାଂଲାଦେଶ ଚିଟାଗଙ୍ଗ ବନ୍ଦରରୁ ପାରାଦୀପ ବନ୍ଦରକୁ ଆସିଥିଲା। ଏହାର ରପ୍ତାନିକାରୀ ଓ ଷ୍ଟିଭେଡର୍ସ ସଂସ୍ଥା ଜେଏସଡବ୍ଲ୍ୟୁ ହୋଇଥିବାବେଳେ ଏହା ପାରାଦୀପ ବନ୍ଦରରୁ ୫୬ ହଜାର ମେଟ୍ରିକ୍ ଟନ ଲୁହାପଥର ବୋଝେଇ କରିବାର ସୂଚନା ରହିଛି। ପ୍ରକାଶ ଯେ, ୨୦୦୯ ସେପ୍ଟେମ୍ବର ୯ରେ ସମାନ ଆଙ୍କରେଜ ଏରିଆରେ ଏମ୍‌ଭି ବ୍ଲାକ୍‌ରୋଜ ନାମକ ଜାହାଜ ବୁଡ଼ି ଯାଇଥିଲା। ସେତେବେଳେ ସେହି ଜାହାଜର ଏଜେଣ୍ଟ ଥିଲା ସିଷ୍ଟ୍ରାନ୍ସ ଏଜେନ୍ସି କମ୍ପାନୀ। ପରବର୍ତ୍ତୀ ସମୟରେ ଉକ୍ତ କମ୍ପାନୀକୁ ପାରାଦୀପ ପୋର୍ଟ କଳା ତାଲିକାଭୁକ୍ତ କରିଥିଲା। ହେଲେ କିଛିଦିନ ପରେ ସେହି କମ୍ପାନୀ ସିଷ୍ଟ୍ରାନ୍ସ ଶିପିଂ ସର୍ଭିସକୁ ନାମ ବଦଳାଇ ପୁଣି ବ୍ୟବସାୟ କରୁଛି।

## ଇଞ୍ଜିନିୟରରୁ ଡଗ୍...

କମ୍ପାନୀରେ କାର୍ଯ୍ୟରତ। ମହାମାରୀ କୋଭିଡ୍ ଯୋଗୁ କମ୍ପାନୀ ୱାର୍କ ଫର୍ମ ହୋମ୍ ଲାଗୁ କରିବାରୁ ସତିଶ ମଦୁରାଇସ୍ଥିତ ତାଙ୍କ ଗାଁକୁ ଚାଲିଆସିଥିଲେ। ବ୍ରିଡ୍ (ପଶୁ ପ୍ରଜନନ) ବିଷୟରେ ସେ ଆଗରୁ ଅବଗତ ଥିବାବେଳେ ଘରେ ରହି ଅବସର ସମୟରେ କୁକୁର ବ୍ରିଡ୍ ଉପରେ କାମ କରିବା ଆରମ୍ଭ କଲେ। ବିଦେଶୀ କୁକୁର ବଦଳରେ ଦେଶୀ କୁକୁରଙ୍କୁ ନେଇ ସତିଶ ବ୍ରିଡିଂ କରିବା ପରେ ଏ ନେଇ ସେ ନିଜସ୍ୱ ଏକ ଫାର୍ମ ହାଉସ୍ ତିଆରି କଲେ। ସତିଶଙ୍କ ପାଖରେ ରାଜାପାଲାୟମ୍, ଛିପ୍ପିପରାଇ, କାନ୍ନି, କୋମ୍ବାଇ (ତାମିଲନାଡୁର ଦେଶୀ ପ୍ରଜାତି କୁକୁର) ଭଳି ଅନେକ ପ୍ରଜାତି ଉପଲବ୍ଧ। ଫାର୍ମରେ ପ୍ରତ୍ୟେକ କୁକୁର ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର ସୁବିଧା ରହିଛି। ଇଞ୍ଜିନିୟରିଂ ତାଙ୍କ ପେସା ହୋଇଥିବାବେଳେ ଡଗ୍ ବ୍ରିଡ୍ କରିବା ତାଙ୍କୁ ଆତ୍ମସନ୍ତୋଷ ଦେଉଥିବା ସତିଶ କହିଛନ୍ତି। ଇଞ୍ଜିନିୟରିଂ ଡିଗ୍ରୀ ସାରିବା ପରେ ସେ ରାଜାପଲାୟମ୍, କୋମ୍ବାଇ ଏବଂ ଛିପ୍ପିପରାଇ ପ୍ରଜାତି କୁକୁର ଆଣି ଘରେ ପ୍ରଥମେ ବ୍ରିଡିଂ ପ୍ରକ୍ରିୟା ଆରମ୍ଭ କରିଥିଲେ। ଘରେ ଏତେ ସଂଖ୍ୟକ କୁକୁର ରଖିବା ସମ୍ଭବପର ହୋଇ ନ ଥିବାବେଳେ ଏ ନେଇ ତାଙ୍କୁ ଏକ ଫାର୍ମ ହାଉସ୍ ତିଆରି ପାଇଁ ଘରଲୋକ ପ୍ରସ୍ତାବ ଦେଇଥିଲେ। ଫାର୍ମ ହାଉସ୍ ଦେଖାଶୁଣା କରିବା ଲାଗି ସତିଶ ୪ ଜଣଙ୍କୁ ରଖିଥିବାବେଳେ କୁକୁରଙ୍କ ପିଛା ମାସିକ ୫୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଦେଶୀ କୁକୁର ୬,୦୦୦ରୁ ୧୫,୦୦୦ ଟଙ୍କାରେ ବିକ୍ରି କରାଯାଉଛି। ବିଦେଶୀ କୁକୁର ବଦଳରେ ଦେଶୀ କୁକୁର ଚାହିଦା ବଢ଼ାଇବା ଲାଗି ସତିଶ ଚାହୁଁଥିବା କହିଛନ୍ତି।

## ବର୍ଷେ ମାଗଣା...

ଏହି ସହାୟତା ୨ ଥର ପ୍ରଦାନ କରାଯାଇଛି। ଆସନ୍ତା ବର୍ଷ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ନିର୍ବାଚନ ହେବା ନେଇ ସଙ୍କେତ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାଗଣା ଚାଉଳ ଦେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ଚଳିତ ବର୍ଷ ମାଗଣା ଚାଉଳ ଦେବାକୁ ଘୋଷଣା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ହିତାଧିକାରୀମାନଙ୍କୁ ମୁଣ୍ଡ ପିଛା ୫ କିଲୋ ଚାଉଳ ବର୍ଷ ସାରା ମାଗଣାରେ ମିଳିବ। ଏଥିରେ ଦେଶର ୮୧.୩୫ କୋଟି ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ କେନ୍ଦ୍ର ସରକାର ଖାଦ୍ୟ ଶସ୍ୟ ସବ୍‌ସିଡିବାବଦରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ବ୍ୟୟଭାର ବହନ କରିବେ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ସ୍ଥଗିତ

■ ଫେବୃୟାରୀ ଯାଏ ଆନ୍ଦୋଳନ ପ୍ରତ୍ୟାହୃତ
■ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର, ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା
■ କେତେକ ଦାବି ପୂରଣ ନେଇ ସରକାର ସହମତି ପ୍ରକାଶ କରିଛନ୍ତି: ସଂଘ

ଭୁବନେଶ୍ୱର,୩।୧(ବ୍ୟୁରୋ)



ବିଭିନ୍ନ ଦାବି ନେଇ ୪୫ ଦିନ ହେବ ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଥିବା ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସେମାନଙ୍କର କେତେକ ଦାବି ପୂରଣ ନେଇ ସରକାରଙ୍କ ସହ ଆଲୋଚନା ହେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ସଭାପତି ଅଞ୍ଜଳି ପଟେଲ କହିଛନ୍ତି। ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ସେଥି ମଧ୍ୟରୁ ଅଙ୍ଗନୱାଡି କର୍ମୀମାନଙ୍କର ପାରିଶ୍ରମିକ ବୃଦ୍ଧି କରିବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ଫେବୃୟାରୀରେ ଏକ କମିଟି ଗଠନ କରାଯାଇ ଅର୍ଥ ବିଭାଗ ସହ ଆଲୋଚନା ପରେ ପାରିଶ୍ରମିକ ବୃଦ୍ଧି ନେଇ ନିଷ୍ପତ୍ତି ହେବ। ଅବସରକାଳୀନ ଦେୟ ବୃଦ୍ଧି ସହ ଅଙ୍ଗନୱାଡି କର୍ମୀଙ୍କର ଅକାଳ ବିୟୋଗ ପାଇଁ ଅନୁକମ୍ପା ସହାୟତା ବ୍ୟବସ୍ଥା କରାଯିବ। ୬୦ ବର୍ଷ ପର୍ଯ୍ୟନ୍ତ ସେହି ସୁବିଧା ପ୍ରଦାନ କରାଯିବ। ମିନି ଅଙ୍ଗନୱାଡିଗୁଡ଼ିକୁ ପର୍ଯ୍ୟାୟ କ୍ରମେ ମୁଖ୍ୟ ଅଙ୍ଗନୱାଡି କରାଯିବ। ସୁପରଭାଇଜର ନିଯୁକ୍ତି କ୍ଷେତ୍ରରେ ୩୦ ପ୍ରତିଶତରୁ ୫୦ ପ୍ରତିଶତ କରାଯିବ। ହେଲ୍‌ପର ଏବଂ ୱାର୍କରଙ୍କୁ ଖରାଛୁଟି ୧୦ ଦିନ ପ୍ରଦାନ କରିବା ନେଇ ଆଲୋଚନା ହୋଇଛି। ଏସବୁ ପୂରଣ କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ଆସନ୍ତା ଫେବୃୟାରୀ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀମାନେ ଲୋୟର ପିଏମ୍‌ଜିରେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିଲେ। ଦାବି ପୂରଣ ନେଇ ମଙ୍ଗଳବାର ପୂର୍ବାହ୍ନରେ ନବୀନ ନିବାସ ଯିବାକୁ ହଜାର ହଜାର ଅଙ୍ଗନୱାଡି କର୍ମୀ ରାଲିରେ ବାହାରିଥିଲେ। ଏଥିଯୋଗୁ ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ରାସ୍ତା ଜାମ୍ ହୋଇଥିଲା। ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ପୋଲିସ ସେମାନଙ୍କୁ ରାଜମହଲ ଛକଠାରେ ଅଟକାଇଥିଲା। ସେମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା ସହ ମାସିକ ୫ ହଜାର ଟଙ୍କା ପେନ୍‌ସନ, ମୃତ ଅଙ୍ଗନୱାଡି କର୍ମୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ, ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ୧୮ ହଜାର ଏବଂ ସହାୟିକାମାନଙ୍କର ୯ ହଜାରକୁ ବୃଦ୍ଧି ଏବଂ ଅନ୍ୟାନ୍ୟ ଦାବି ରହିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି।

## ଏନ୍‌ଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର, ୩।୧(ବ୍ୟୁରୋ)

୮ ଦଫା ଦାବି ନେଇ ରାଜଧାନୀରେ ଦୀର୍ଘ ୪୫ଦିନ ଧରି ଅଙ୍ଗନୱାଡ଼ି କର୍ମୀମାନେ ଧାରଣା ଦେବା ଘଟଣାରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏ ନେଇ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଏନ୍‌ଏଚ୍‌ଆର୍‌ସି ଏକ କେସ୍ (ନଂ. ୫୭/ଇନ୍/୨୦୨୩) ରୁଜୁ କରିଛନ୍ତି। ନିଜ ପରିବାରକୁ ଛାଡ଼ି ଦୀର୍ଘଦିନ ଧରି ଧାରଣା ଦେବା ପରେ ବି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ମହିଳା ଓ ଶିଶୁମାନେ ହଇରାଣ ହେଉଛନ୍ତି ବୋଲି ଦାଶ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ମାଲକାନାଗିରି ସ୍ୱତନ୍ତ୍ର ବିକାଶ ପରିଷଦରେ ୧୩ ଜଣ ନିଯୁକ୍ତ

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜ୍ୟ ସରକାର ୧୩ ଜଣ ବିଜେଡି କର୍ମୀଙ୍କୁ ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦ (ଏମ୍‌ଡିସି)ରେ ନିଯୁକ୍ତ କରିଛନ୍ତି। ଗତ ଶନିବାର ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦରେ ରାଜ୍ୟ ସରକାର ମୋଟ ୧୧ଜଣଙ୍କୁ ଥଇଥାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦର ସଦସ୍ୟ ଭାବେ ମଙ୍ଗଳବାର ରାମଚନ୍ଦ୍ର ଦୁରୁଆ, ବୈକୁଣ୍ଠନାଥ ବଡ଼ନାଏକ, ରଶ୍ମିତା ବଡ଼ନାଏକ, ରୂପେନ ଗୁଡ଼ିଆ, ସହଦେବ ପୂଜାରୀ, ରଘୁନାଥ କିରଷାନୀ, ସୁରେନ୍ଦ୍ର ଖରା, କାନି ସୋୟମ, ଜଗା କରମ, କମଳ ଲୋଚନ ଗୋଲୋରୀ, ରାଜନ ମାରଡି, ଗୋପି ନାୟକ ଓ ପଦିଆ ମାଡ଼କାମୀଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଗତ ଶନିବାର ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦରେ ସଦସ୍ୟ ଭାବେ ଦାରି ଲିଙ୍ଗା, ନରେନ୍ଦ୍ର ନାୟକ ଓ ଶାରଦା ପ୍ରସାଦ ଗୋଲପେଡ଼ାଙ୍କ ସମେତ ସ୍ୱତନ୍ତ୍ର ସଦସ୍ୟ ଭାବେ ଡହଣା ଟାଙ୍ଗୁଲୁ, ଏରମା କାବାସୀ, ରୀନା ପାଡ଼ିଆମୀ ଓ ଚୈତନ୍ୟ ଖିଲାଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେହିପରି ଏକ୍ସପର୍ଟ ସଦସ୍ୟ ଭାବେ ତପନ ସାନା, ସୁରେନ୍ଦ୍ରନାଥ ରଥ ଓ ଟୁକୁଲୁ ପ୍ରଧାନଙ୍କୁ ନିଯୁକ୍ତି ପାଇଥିଲେ। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବର ୨୭ରେ ଆଡମା ରାବାଙ୍କୁ ଏସଡିସି ଅଧ୍ୟକ୍ଷ ଓ ରାଇଲା ନାଏକଙ୍କୁ ଉପାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା। ମାଲକାନଗିରି ଏସଡିସିରେ ଏବେ ମୋଟ ୨୬ ଜଣଙ୍କୁ ଥଇଥାନ କରାଯାଇଛି।

## ୧୩ ଜିଲାରେ ପ୍ରବଳ କୁହୁଡ଼ି

**୫ରୁ ବଢ଼ିବ, ୭ରୁ କମିବ ଶୀତ**

ଭୁବନେଶ୍ୱର,୩।୧(ବ୍ୟୁରୋ)

ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ଯୋଗୁ ରାଜ୍ୟରେ ପାଗ ମେଘୁଆ ରହିଛି। ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ହାଲୁକା ବର୍ଷା ହେବା ସହିତ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ବୁଧବାରଠାରୁ ଶୀତ ବୃଦ୍ଧି ପାଇବ। ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ରହିଛି। ମାତ୍ର ୭ ତାରିଖରୁ ପାରଦ ପୁଣି ଉପରମୁହାଁ ହେବ। ୩ଦିନ ପରେ ୧୦ ତାରିଖରୁ ଶୀତ ପୁଣି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ, ସୁନ୍ଦରଗଡ଼, ଦେବଗଡ଼ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ଗୁରୁଚାପ ପ୍ରଭାବରେ ଗତ କିଛିଦିନ ହେବ ରାଜ୍ୟରେ ଶୀତ ହ୍ରାସ ପାଇଛି। ପାରଦ ଉପରମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡିର ନୂଆ ମିଡିଆ ଟିମ୍

ଭୁବନେଶ୍ୱର,୩।୧(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡିର ନୂଆ ମିଡିଆ ଟିମ୍ ସାକ୍ଷାତ୍ କରିଛନ୍ତି। ଦୁଇଦିନ ତଳେ ଏହି ନୂଆ ଟିମ୍‌କୁ ନବୀନ ପଟ୍ଟନାୟକ ନିଯୁକ୍ତ କରିଥିଲେ। ଏଥିରେ ଜଣେ ସଂଯୋଜକ ଓ ଜଣେ ସହ– ସଂଯୋଜକ ଅଛନ୍ତି। ସେହିପରି ଏମ୍‌ପି ମାନସ ମଙ୍ଗରାଜଙ୍କ ସମେତ ୬ଜଣ ଜାତୀୟ ମୁଖପାତ୍ର ହୋଇଛନ୍ତି। ମିଡିଆ ଟିମ୍‌ରେ ୧୬ଜଣ ମୁଖପାତ୍ର ଓ ୯ ଜଣ ପ୍ୟାନେଲିଷ୍ଟ ଅଛନ୍ତି। ସେମାନେ ଦଳର ଚିନ୍ତାଧାରା ଆଭିମୁଖ୍ୟକୁ କିପରି ଉପସ୍ଥାପନ କରିବେ, ସେନେଇ ନବୀନ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

## ମିଲେଟ୍ ପ୍ରସାର ପାଇଁ ଏମ୍‌ଓୟୁ

■ ମେଟ୍ରୋ ସହରରେ ହେବ ମିଲେଟ୍ ଫୁଡ୍ ଫେଷ୍ଟିଭାଲ୍
■ ହକି ବିଶ୍ୱକପ୍ ବେଳେ ହେବ ପ୍ରଚାର

ଭୁବନେଶ୍ୱର,୩।୧(ବ୍ୟୁରୋ)




ବିଶ୍ୱବ୍ୟାପୀ ମିଲେଟ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ତରଫରୁ ୨୦୨୩ ବର୍ଷକୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ କ୍ଷୁଦ୍ରଶସ୍ୟ ଭାବେ ମିଲେଟ୍‌ର ଗୁରୁତ୍ୱ ଏବଂ ଉପକାରିତା ସମ୍ପର୍କରେ ପ୍ରଚାର ପ୍ରସାର କରିବା ପାଇଁ ବର୍ଷସାରା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କ୍ରମରେ ମଙ୍ଗଳବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍(ଫିକି) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ)ସ୍ୱାକ୍ଷରିତ ହୋଇଛି।

ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଏବଂ ଫିକିର ଆସିଷ୍ଟାଣ୍ଟ ସେକ୍ରେଟାରି ଜେନେରାଲ ମୌସୁମୀ ଘୋଷ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ମିଲେଟ୍‌କୁ ଘରେ ଘରେ ଆଦୃତ କରାଇବା ସହିତ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ଷସାରା ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ନିୟମିତ ସମୀକ୍ଷା କରାଯିବ।

ବୁଝାମଣାପତ୍ର ଅନୁଯାୟୀ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫିକିର ସହଭାଗିତାରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ହେବ। ଫିକି ଓ ଓଡ଼ିଶା ସରକାର ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ନିୟମିତ ଭାବେ କାର୍ଯ୍ୟକ୍ରମଗୁଡ଼ିକ ସମୀକ୍ଷା ଏବଂ ତଦାରଖ ସହିତ ଏଥିନିମନ୍ତେ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବ। ମିଲେଟ୍‌ର ପ୍ରଚାରପ୍ରସାର ଦିଗରେ ଜନସମ୍ପର୍କ ସଂସ୍ଥା, ଡିଜାଇନର ପାର୍ଟନର, ଇଭେଣ୍ଟ ମ୍ୟାନେଜମେଣ୍ଟ, ନଲେଜ ପାର୍ଟନର, ଗବେଷଣା ଆଦିରେ ଫିକି ସହଭାଗିତା ଯୋଗାଇଦେବ। ମିଲେଟ୍‌ର ପ୍ରଚାର ପାଇଁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତି, ସାମାଜିକ ଗଣମାଧ୍ୟମରେ ପ୍ରଚାର ଆଦି କାର୍ଯ୍ୟ ସହିତ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଅହମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଆଦି ସହରରେ ମିଲେଟ୍ ଫୁଡ୍ ଫେଷ୍ଟିଭାଲ୍ ଆଦିର ଆୟୋଜନ କରାଯିବ। ବିଭିନ୍ନ ଏଫ୍‌ଏମ୍‌ସିଜି କମ୍ପାନୀମାନଙ୍କୁ ମିଲେଟ୍ ଜାତୀୟ ଖାଦ୍ୟକୁ ମୂଲ୍ୟଯୁକ୍ତ କରିବା ପାଇଁ ପୁଞ୍ଜିନିବେଶ ଦିଗରେ ଆଲୋଚନା ହେବ। ସହରାଞ୍ଚଳରେ ମିଲେଟ୍‌ର ବ୍ୟାପକ ପ୍ରଚାର ଓ ଜନସଚେତନତା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ବିଭିନ୍ନ ମିଡିଆରେ ବିଶେଷଜ୍ଞମାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯିବ। ମିଲେଟ୍ ଜାତୀୟ ଖାଦ୍ୟର ପ୍ରଚାର ଦିଗରେ ଖାଦ୍ୟ ପ୍ରସ୍ତୁତି ନେଇ ବିଭିନ୍ନ ରୋଷେଇ କାର୍ଯ୍ୟକ୍ରମ ଓ ରୋଷେଇ ପ୍ରତିଯୋଗିତା ଟିଭି ଚ୍ୟାନେଲ ଏବଂ ହୋଟେଲ ଆସୋସିଏଶନ ଦ୍ୱାରା ଆୟୋଜନ କରାଯିବ।

କାର୍ଯ୍ୟକ୍ରମର ଡକ୍ୟୁମେଣ୍ଟେଶନ କରାଯିବା ସହିତ ଓଡ଼ିଶା ମିଲେଟ୍ ମିଶନ ସମ୍ପର୍କରେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରାଯିବ। ଏହି ଅବସରରେ ଫାଉଣ୍ଡେଶନ୍ ବୁକ୍ ଅନ୍ ମିଲେଟ୍‌ସ୍‌ର ଅନ୍ତର୍ଜାତୀୟ ପ୍ରକାଶନ ମଧ୍ୟ କରାଯିବ। ଏଥିସହିତ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ଅନ୍ ମିଲେଟ୍‌ର ଆୟୋଜନ ନିମନ୍ତେ ମଧ୍ୟ ଫିକି ଆବଶ୍ୟକ ସହଯୋଗ ଯୋଗାଇଦେବ। ଭୁବନେଶ୍ୱର ଓ ରାଉରକେଲାଠାରେ ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ସମୟରେ ମିଲେଟ୍ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯିବା ସହିତ ଖେଳାଳି ଓ ଅତିଥିମାନଙ୍କୁ ମିଲେଟ୍ ସମ୍ବନ୍ଧୀୟ ସ୍ମରଣିକା, ବ୍ୟାଗ୍ ଓ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯିବ। ଖେଳାଳିମାନଙ୍କ ଖାଦ୍ୟ ତାଲିକାରେ ଯେପରି ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟ ସ୍ଥାନ ପାଇବ, ସେଥିପ୍ରତି ହୋଟେଲଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରାଯିବ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୀବ ଚଡ଼ାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଫିକିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକୁ ପୁଣି ଆରମ୍ଭ କରିବା ସକାଶେ ମନ ବଳାଇବେ। କୃତ୍ତିକା ନକ୍ଷତ୍ର ବନ୍ଧୁମାନଙ୍କ ପରାମର୍ଶକୁ ସମ୍ମାନ ଦେଇ କାମରେ ଲଗାଇ ପାରନ୍ତି। ଦକ୍ଷତାର ସହ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବାରେ ସମର୍ଥ ହେବେ। ଅଫିସରେ ଜଣେ ବନ୍ଧୁଙ୍କ ଅବୁଝା କଥାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** ଦୃଢ଼ ମନୋବଳ ନେଇ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ ଏବଂ ପୂର୍ଣ୍ଣ ସଫଳତା ପାଇବେ। ମୃଗଶିରା ନକ୍ଷତ୍ରର ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା କ୍ଷେତ୍ରରେ ଆଶଙ୍କା ଦୂର ହେବ।

**ମିଥୁନ** ଆଜି କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ପ୍ରଶଂସା ପ୍ରାପ୍ତି ସଙ୍ଗକୁ ଉପହାର କିମ୍ବା ଉପଢୌକନ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆର୍ଥିକ ଉନ୍ନତି ହେବ। ମନ ଭୁଲାଣିଆ କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ଆଶା ରହିଛି।

**କର୍କଟ** କୌଣସି ଦ୍ୱନ୍ଦ୍ୱାତ୍ମକ ଆଲୋଚନା କର୍ମକ୍ଷେତ୍ରର ଆଶାକୁ ନୈରାଶ୍ୟଜନକ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବତା ହେତୁ ନିର୍ଦ୍ଦିଷ୍ଟ ସମୟରେ କରିବାକୁଥିବା କାମ ବିଗିଡ଼ି ଯାଇପାରେ। ସ୍ୱାଭିମାନୀ ହେବା ମାନସିକ ଅଶାନ୍ତିର କାରଣ ହେବ। ପୁନର୍ବସୁ ନକ୍ଷତ୍ରର ବିବାଦର ସମାଧାନ ଓ ନୂତନ କାମରେ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ।

**ସିଂହ** ବନ୍ଧୁଙ୍କ ସହୃଦୟତା ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସହାନୁଭୂତିପୂର୍ଣ୍ଣ ଚିନ୍ତାଧାରା ପାରିବାରିକ ଜୀବନକୁ ସରସ ଓ ସୁନ୍ଦର କରିବ। ଅପରାହ୍ନେ କୌଣସି ମାଙ୍ଗଳିକ କାର୍ଯ୍ୟ ସକାଶେ ବିତର୍କର ସମ୍ମୁଖୀନ ହୋଇପାରନ୍ତି। ମଘା ନକ୍ଷତ୍ର ବିସ୍ମରଣଜନିତ କେତେକ ବ୍ୟତିକ୍ରମ ଯାତ୍ରା ସମୟରେ ଅନୁଭବ କରିବେ।

**କନ୍ୟା** ମାନସିକ ଅସ୍ଥିରତା ହେତୁ କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରି ଦ୍ୱନ୍ଦ୍ୱରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଧନହାନି କାରଣରୁ ମନ ଅଶାନ୍ତ ରହିବ। ଭଲ ପଡୁ ନ ଥିବା ଲୋକଙ୍କ ଗୁଜବ ମନକୁ ଚହଲାଇ ଦେଇପାରେ। ଅବଶ୍ୟ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଲକ୍ଷ୍ୟ ପୂରଣ ସଙ୍ଗକୁ ସାହାଯ୍ୟ, ସହଯୋଗ ଓ ସମ୍ମାନ ପାଇ ଆନନ୍ଦିତ ହେବେ।

**ତୁଳା** ଆଜି ଆର୍ଥିକ ଉନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ନୂତନ ବନ୍ଧୁ ସମ୍ପର୍କ ଓ ସହମତିର କାର୍ଯ୍ୟଧାରା ସକାଶେ ସାହାଯ୍ୟ କରିବ। ଜଣେ ପଡ଼ୋଶୀଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ସ୍ୱାତୀ ନକ୍ଷତ୍ର ସକାଶେ ଧର୍ମକାର୍ଯ୍ୟ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣଜନିତ ବିରକ୍ତି ଅନୁଭବରେ ଆସିବ।

**ବିଛା** ଦୀର୍ଘଦିନର ସମସ୍ୟା ସହଜରେ ସମାଧାନ ହେବାରୁ ଖୁସି ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଅନୁରାଧା ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନ୍‌ସନ ବଢ଼ିପାରେ। ସତ୍ୟ, ସଚ୍ଚୋଟ ଓ ନିର୍ଭୀକ ବିଚାରଧାରା ଶତ୍ରୁତା ସୃଷ୍ଟିକଲେ ମଧ୍ୟ ପ୍ରଶଂସିତ ହେବେ।

**ଧନୁ** ହଠାତ୍ ରାଗି କିଛି ଅଶୋଭନୀୟ କାଣ୍ଡ ଘଟାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର ରାଶିଗୁଣାନୁସାରେ ଧନୁ ପରି ବଙ୍କାକଥାକୁ ସହି ନ ପାରି ଅସନ୍ତୁଷ୍ଟ ରହିବେ। ଅବଶ୍ୟ ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅଭାବ ରହିବନି ଏବଂ ଶିଳ୍ପ,ବାଣିଜ୍ୟ,ବ୍ୟବସାୟରେ ମଧ୍ୟ ଉନ୍ନତି କରିବେ।

**ମକର** କର୍ମକ୍ଷେତ୍ରରେ ଅଥବା ଆନୁଷ୍ଠାନିକ କାମରେ ସହଭାଗିତା ହୋଇ ପ୍ରଶଂସିତ ହୋଇପାରନ୍ତି। ଜମିଜମା, ନିର୍ମାଣ, ଗବେଷଣା, ଯାତ୍ରା କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ପାରିବାରିକ ସମସ୍ୟା ପ୍ରତିହତ କରିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ, ସେଥିପାଇଁ ପାଖ ମାଡ଼ିବେ ନାହିଁ।

**କୁମ୍ଭ** ଆଜି କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଗତକାଲିର ସ୍ଥଗିତ ଆଶା ପୂରଣ ହୋଇଯିବ, ଅର୍ଥ ପାଇ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବେ। ଅପରିହାର୍ଯ୍ୟ ଆବଶ୍ୟକତାକୁ ନେଇ ନୂତନ ଜିନିଷ କ୍ରୟ ପାଇଁ ମନ ବଳିବ। ପୂର୍ବଭାଦ୍ରବ ନକ୍ଷତ୍ର ପରିଚାଳନାଗତ ସମସ୍ୟାରେ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ମୀନ** କୌଣସି ବନ୍ଧୁଙ୍କୁ ପ୍ରତୀକ୍ଷା କରି ଆଖିରୁ ପାଣି ମରିଯିବ ସିନା ଦେଖା ପାଇବେ ନାହିଁ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ସଞ୍ଚିତ ଅର୍ଥଅନ୍ୟ ଭିନ୍ନ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ପୌଷ ଶୁକ୍ଳ ତ୍ରୟୋଦଶୀ ବୁଧବାର, ଜାନୁୟାରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ, ଲୁଇ ବ୍ରେଲ୍‌ଙ୍କ ଜୟନ୍ତୀ, ରାଶିନକ୍ଷତ୍ର–ରୋହିଣୀ/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ପ୍ରାତଃ–ଘ.୦୬.୨୬ମି. ଗତେ ଘ.୦୮.୩୬ମି. ମଧ୍ୟେ, ଘ.୧୦.୪୬ମି. ଗତେ ଘ.୧୧.୫୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୧ମି. ଗତେ ଘ.୦୧.୧୨ମି. ମଧ୍ୟେ ରାହୁକାଳ।



# ନକଲି ମଦ ସିଣ୍ଡିକେଟ୍‌ରେ ନେତା, ପୋଲିସ

## ଜିଲା ପରିଷଦ ସଭ୍ୟ, କନଷ୍ଟେବଲଙ୍କ ସମେତ ୩ ଗିରଫ

**ଢେଙ୍କାନାଳ ଅଫିସ, ୩।୧**

ପଞ୍ଚାୟତ ନିର୍ବାଚନରେ ବିପୁଳ ଭୋଟରେ ଜିତିଥିବା ଶାସକ ବିଜେଡିର ଜଣେ ଜିଲା ପରିଷଦ ସଭ୍ୟ ଚଳାଉଥିଲେ ନକଲି ବିଦେଶୀ ମଦ କାରଖାନା। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ପୋଲିସ ବିଭାଗର ଜଣେ କନଷ୍ଟେବଲ। ଏଭଳି ଏକ ବେଆଇନ ନିଶା ସାମ୍ରାଜ୍ୟର ଗୁମର ଖୋଲିଛି ଢେଙ୍କାନାଳ ଜିଲା ଅବକାରୀ ବିଭାଗ। ଏହି ଘଟଣାରେ ଭୁବନ ବ୍ଲକ ଜୋନ୍-୩ ଜିଲା ପରିଷଦ ସଭ୍ୟ ସୁବାସ ମାଝି, କନଷ୍ଟେବଲ ସୁଶାନ୍ତ ଦଳେଇ ଏବଂ ସହଯୋଗୀ ଅରବିନ୍ଦ ଦାସଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ସମ୍ପର୍କୀୟ ଭାଇ ବୋଲି ସ୍ପଷ୍ଟ ହୋଇଛି। ଏଭଳି ନକଲି ମଦ କାରବାର ସିଣ୍ଡିକେଟ୍‌ରେ ନେତା, ପୋଲିସଙ୍କ ସମ୍ପୃକ୍ତି ପଦାକୁ ଆସିବା ପରେ ସାରା ରାଜ୍ୟରେ ସୃଷ୍ଟି ହୋଇଛି ଆଲୋଡ଼ନ।

ଭୁବନ ଥାନା ଏକତାଳି ଗ୍ରାମରେ ଏକ ଅପମିଶ୍ରିତ ନକଲି ବିଦେଶୀ ମଦ କାରଖାନା ଚାଲିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ, ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ଉପଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ ସଦଳବଳ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୫୧ ଲିଟର ନକଲି ବିଦେଶୀ ମଦ, କାରାମେଲ, ଜାମାଇକା ରମ୍ ଏଲ୍‌ବି, ସିଲିଂ ମେଶିନ, ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ୪୦୦ରୁ ଊର୍ଦ୍ଧ୍ୱ କର୍କ, ୧,୭୦୦ରୁ ଊର୍ଦ୍ଧ୍ୱ ଲେବୁଲ, ଅବକାରୀ ବିଭାଗର ୬୪୦ ଲେବୁଲ, ୪୮ ଖାଲି ବୋତଲ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ କରାଯାଇଛି।

ଖୋଳତାଡ଼ ବେଳେ ଅବକାରୀ ବିଭାଗକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଏକତାଳି ଗ୍ରାମରେ ତିଆରି ହେଉଥିବା ନକଲି ମଦକୁ ଯାଜପୁର, କେନ୍ଦୁଝର, ଭଦ୍ରକ, ଅନୁଗୋଳ ସମେତ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା। ଏଥିରେ ସୁବାସଙ୍କ ହାତବାରିସି ସାଜିଥିଲେ ଯାଜପୁର ଜିଲା ଯଖପୁରା ଥାନାର କନଷ୍ଟେବଲ ସୁଶାନ୍ତ ଏବଂ ମୃଦଙ୍ଗା ଗ୍ରାମର ଘନିଷ୍ଠ ସହଯୋଗୀ ଅରବିନ୍ଦ। କେବଳ ଏହି ୩ଜଣ ଯେ ନକଲି ମଦ କାରବାରରେ ସମ୍ପୃକ୍ତ, ତାହାକୁ ବିଶ୍ୱାସ କରିହେଉନାହିଁ। ଏହି ଲିଙ୍କ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବା ଲାଗି ଅବକାରୀ ବିଭାଗ ଖୋଳତାଡ଼ ଆରମ୍ଭ କରିଛି। ନିଜ ପ୍ରତିକ୍ରିୟାରେ ଅଭିଯୁକ୍ତ ସୁବାସ କୁହନ୍ତି, ଏହି ଘଟଣାରେ ସେ ସମ୍ପୃକ୍ତ ନାହାନ୍ତି। ଘରେ ଶୋଇଥିବାବେଳେ ତାଙ୍କୁ ରାତିରେ ଉଠାଇ ଆଣିଛନ୍ତି। ଅଞ୍ଚଳରେ ଲୋକପ୍ରିୟତା ପାଇଁ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଜିଲା ଅବକାରୀ ଅଧୀକ୍ଷକ କୁହନ୍ତି, ସୂଚନା ମିଳିବା ପରେ ଦୀର୍ଘଦିନ ହେଲା ବିଭାଗ ପକ୍ଷରୁ ନଜର ରଖାଯାଇଥିଲା। ଜିଲାରେ ଚୋରା ଓ ନକଲି ମଦ କାରବାର ରୋକିବା ପାଇଁ ଜୋର୍‌ଦାର ଚଢ଼ାଉ କରାଯାଉଥିବା ସେ କହିଛନ୍ତି।



ଗିରଫ ୩ ଅଭିଯୁକ୍ତ। ଜବତ ନକଲି ମଦ, ସାମଗ୍ରୀ ଓ ୨ଟି ଅଫୁଟା ଗୁଳି (ଇନ୍‌ସେଟ୍)।

### ବିଜେଡିରୁ ନିଲମ୍ବିତ ହେଲେ ସୁବାସ

ନକଲି ମଦ କାରବାର ମାମଲାରେ ଛନ୍ଦି ହୋଇପଡ଼ିଥିବା ଜିଲା ପରିଷଦ ସଭ୍ୟ ସୁବାସ ମାଝିଙ୍କ ବିରୋଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଜିଲା ସଭାପତି ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମଙ୍ଗଳବାର ସନ୍ଧ୍ୟାରେ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

### ଜବତ ଗୁଳିକୁ ନେଇ ପ୍ରଶ୍ନବାଚୀ

ଅବକାରୀ ବିଭାଗର ଚଢ଼ାଉ ବେଳେ କନଷ୍ଟେବଲ ସୁଶାନ୍ତ ଦଳେଇଙ୍କ ନିକଟରୁ ଜବତ ୨ଟି ଅଫୁଟା ଗୁଳି ବହୁ ପ୍ରଶ୍ନ ଛିଡ଼ା କରାଇଛି। ସାଧାରଣତଃ କନଷ୍ଟେବଲମାନଙ୍କୁ ବିଭାଗ ତରଫରୁ ବନ୍ଧୁକ ଆଲର୍ଟମେଣ୍ଟ ନ ଥାଏ। ତେଣୁ ଉକ୍ତ ଦୁଇ ଗୁଳି ସେ କେଉଁଠୁ ଆଣିଲେ, ଏହା ପୋଲିସ ବିଭାଗ କି ନୁହେଁ, କିମ୍ବା ପତିଆରା ଲାଗି ସେ ବେଆଇନ ବନ୍ଧୁକ ବ୍ୟବହାର କରୁଥିଲେ, ତାହା ଅସ୍ପଷ୍ଟ ରହିଛି। ଅନ୍ୟପଟେ କେବଳ ଗୁଳି ଜବତ ହୋଇଥିବାବେଳେ ବନ୍ଧୁକ ମିଳିନାହିଁ। ଚଢ଼ାଉ ପୂର୍ବରୁ ସେ ଏହାକୁ କେଉଁଠାରେ ଲୁଚାଇ ଦେଇଥିବା ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ପକ୍ଷେ ଏଭଳି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜିବା ଜରୁରୀ ହୋଇପଡ଼ିଛି।

### ରାଜନୈତିକ କରିଡରରେ ହଇଚଇ

ଏକତାଳି ନକଲି ମଦ କାରଖାନାର ମୁଖ୍ୟ ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଜିଲା ପରିଷଦ ସଭ୍ୟ ସୁବାସ ମାଝିଙ୍କ ଗିରଫ ଢେଙ୍କାନାଳ ରାଜନୈତିକ କରିଡରରେ ହଇଚଇ ସୃଷ୍ଟି କରିଛି। ଦୀର୍ଘଦିନରୁ ସୁବାସ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତଥିବା ଅବକାରୀ ବିଭାଗ କହୁଥିବାବେଳେ ମାତ୍ର ୮ମାସ ତଳେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ତାଙ୍କୁ କେମିତି ଦଳୀୟ ଟିକେଟରେ ଲଢ଼ିବା ପାଇଁ ସୁଯୋଗ ଦିଆଗଲା, ତାହା ଏବେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଅନ୍ୟପଟେ ସେ ଜିଲାର ରାଜନୈତିକ ପ୍ରତିପତ୍ତିଶାଳୀଙ୍କ ନିକଟତର ଥିବାରୁ ସୁବିଧାରେ ଟିକେଟ ହାତେଇଥିବା ଆଲୋଚନା ହେଉଛି। ଜଣେ ବ୍ୟକ୍ତି ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥାଇ ବିଜେଡି ଟିକେଟରୁ ନିର୍ବାଚନ ଲଢ଼ି ବିଜୟୀ ହେବା ଏବଂ ଏବେ ନକଲି ମଦ ସିଣ୍ଡିକେଟ୍‌ରେ ଧରାପଡ଼ିବା ଆଲୋଡ଼ନ ସୃଷ୍ଟି କରିଛି।

# ପ୍ରଯୋଜକ ତଥା ସାମ୍ବାଦିକ ଆଳୟ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**



ସିନେ ପ୍ରଯୋଜକ ତଥା ବରିଷ୍ଠ ସାମ୍ବାଦିକ ଆଳୟ ମହାନ୍ତିଙ୍କର ମଙ୍ଗଳବାର ପୂର୍ବାହ୍ନ ୯ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ଅସୁସ୍ଥତା ହେତୁ ସେ କିଛିଦିନ ହେଲା କ୍ୟାପିଟାଲ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ବିୟୋଗ ଘଟିଛି। ସେ ଜଣେ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଥିଲେ। ଏହାସତ୍ତ୍ୱେ ତାଙ୍କର କଳା ପ୍ରତି ଅହେତୁକ ଆଗ୍ରହ ଥିଲା। ଚଳଚ୍ଚିତ୍ର, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ 'ଶୂନ୍ୟ ସ୍ୱରୂପ', 'ଆଶା', ଓ 'ଭୁଲ ବୁଝିବନି ମୋତେ' ଭଳି ୩ଟି ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ତନ୍ମଧ୍ୟରୁ ପ୍ରଥମ ଦୁଇଟି ଚଳଚ୍ଚିତ୍ର ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା। ସେହିଭଳି 'ମରିଚିକା', 'ବାଲିଘର' ପ୍ରଭୃତି ଓଡ଼ିଆ ଧାରାବାହିକରେ ନିର୍ଦ୍ଦେଶନା ଦେଇଥିଲେ। ସ୍ୱର୍ଗତ ମହାନ୍ତି 'ହୀରାଖଣ୍ଡ'ରୁ ତାଙ୍କ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ। ମୃତ୍ୟୁବେଳକୁ ସେ 'ଅମୃତ ସନ୍ଦେଶ' ନାମକ ହିନ୍ଦୀ ପତ୍ରିକାର ରାଜ୍ୟ ପ୍ରତିନିଧି ଥିଲେ। ଏଥିସହ ସେ 'ସତ୍ୟଧାରା' ନାମକ ଓଡ଼ିଆ ସାପ୍ତାହିକର ସମ୍ପାଦନା କରୁଥିଲେ। ଏହାବ୍ୟତୀତ ବିଭିନ୍ନ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ସାମ୍ବାଦିକ ସଂଘର ସଭ୍ୟ ତଥା କର୍ମକର୍ତ୍ତା ରହିଥିଲେ। ୧୯୯୧ରୁ ସେ ରାଜ୍ୟ ରେଡକ୍ରସ୍‌ର ସଂଯୋଜକ ଥିଲେ। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ନିଜର ସମ୍ପର୍କୀୟ ତଥା ଜଣାଶୁଣା ରୋଗୀମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେଉଥିଲେ। ତାଙ୍କର ଗୋଟିଏ ପୁଅ ଓ ଦୁଇ ଝିଅ (ବିବାହିତା) ଅଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ହସ୍ପିଟାଲରୁ ୟୁନିଟ-୬ସ୍ଥିତ ସରକାରୀ ବାସଭବନକୁ ଅଣାଯାଇଥିଲା। ସେଠାରେ ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଏବଂ ଭୁବନେଶ୍ୱରସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପାର୍ଥିବ ଶରୀରକୁ ତାଙ୍କ ନିଜ ଗ୍ରାମ ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ପଦନପୁର ଓ ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଉଭୟ ଚଳଚ୍ଚିତ୍ର ଏବଂ ସାମ୍ବାଦିକତା ଜଗତରେ ଶୋକର ଛାୟା ଖେଳିଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ସିନେ ପ୍ରଯୋଜକ ତଥା ବରିଷ୍ଠ ସାମ୍ବାଦିକ ଆଳୟ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଆଳୟ ଜଣେ ବରିଷ୍ଠ ସାମ୍ବାଦିକ ଭାବେ ଭୁବନେଶ୍ୱର ଓ ସାରା ଓଡ଼ିଶାରେ ଜଣାଶୁଣା ଥିଲେ। ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ସେ ସବୁବେଳେ ପ୍ରଯତ୍ନ କରୁଥିଲେ। ଏହା ସହିତ ସମାଜସେବା ଓ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ମଧ୍ୟ ସେ ଅନେକ କାମ କରିଛନ୍ତି। ରୋଗୀ ଓ ଗରୀବ ଲୋକଙ୍କୁ ସହାୟତା କ୍ଷେତ୍ରରେ ସେ ସବୁ ସମୟରେ ଆଗୁଆ ଥିଲେ। ତାଙ୍କ ବିୟୋଗ ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# କୋର୍ଟ କାର୍ଯ୍ୟରେ ଯୋଗଦେଲେ ଓକିଲ

**ସମ୍ବଲପୁର, ୩।୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ରେ ଆନ୍ଦୋଳନ ସମୟରେ କୋର୍ଟ ପରିସରରେ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ପରଠାରୁ କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଲାଗିରହିଥିଲା। ଦୀର୍ଘ ୨୨ଦିନ ପରେ ଜିଲା ଓକିଲ ସଂଘର ନିଷ୍ପତ୍ତିକ୍ରମେ ଓକିଲମାନେ ମଙ୍ଗଳବାର କୋର୍ଟ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହାପରେ ପରିସ୍ଥିତିର ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ପୂର୍ବଭଳି କୋର୍ଟରେ ଭିଡ଼ ଦେଖିବାକୁ ମିଳି ନ ଥିଲା। ୧୪୪ ଧାରା ବଳବତ୍ତର ରହିଥିବାରୁ ସାଧାରଣ ଲୋକ ଓ ମହକିଲ କୋର୍ଟ କାର୍ଯ୍ୟ ପାଇଁ ଭୟରେ ଆସୁ ନ ଥିବା ଦେଖିବାକୁ ମିଳିଥିଲା।

ପୂର୍ବାହ୍ନ ୧୦ଟା ପୂର୍ବରୁ ନୋଟାରି, ଜେରକ୍ସ ଦୋକାନୀ ଓ ଭେଣ୍ଡରମାନେ କୋର୍ଟରେ ପହଞ୍ଚିଯାଇଥିଲେ। ଜରୁରୀ କାମରେ କେତେଜଣ ଲୋକ ଆସି କାମ କରିଥିଲେ। ଏତେଦିନ ବ୍ୟବଧାନରେ ଓକିଲମାନେ କାର୍ଯ୍ୟରେ ଯୋଗଦାନ କରିଥିଲେ। ହେଲେ ଜେଲ ଭିତରେ ସଂଘର ପ୍ରାୟ ୩୦ଜଣ ଓକିଲ ରହିଥିବାରୁ କୋର୍ଟରେ ଓକିଲଙ୍କ ଗହଳିଚହଳି ଦେଖିବାକୁ ମିଳି ନ ଥିଲା। ଯୋଗଦାନ କରିଥିବା ଓକିଲମାନେ କହିଛନ୍ତି, କୋର୍ଟ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଛୋଟ ଛୋଟ କାମ କରିବାକୁ ସେମାନେ ଅପେକ୍ଷା କରିଥିଲେ। ଓକିଲ ସଂଘର ବୈଠକ, ସଂଘ ସଭାପତିଙ୍କ ସ୍ୱୀକୃତି ଓ ଅନୁରୋଧ ପରେ ଓକିଲମାନେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଜେଲ ଭିତରେ ଥିବା ଓକିଲମାନେ ମଧ୍ୟ ଯୋଗଦାନ କରିବାକୁ ସମର୍ଥନ କରିଥିଲେ। ଏବେ ଓକିଲମାନଙ୍କ ଜାମିନ କିଭଳି ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। କୋର୍ଟ କାର୍ଯ୍ୟ ଯେଭଳି ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବ ସେ ନେଇ ଓକିଲମାନେ ସହଯୋଗ କରିବେ ବୋଲି ସେମାନେ କହିଥିଲେ।

ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ନଭେମ୍ବର ୩୦ରେ ପୋଲିସ ଓ ଆନ୍ଦୋଳନକାରୀ କୋର୍ଟ ବାହାରେ ଧସ୍ତାଧସ୍ତି ହୋଇଥିଲେ। ବିଚାରପତିମାନେ ଫେରି ଯାଇଥିଲେ। ଏଥିରେ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ପଶ୍ଚିମ ଓଡ଼ିଶା ଓକିଲସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି)କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। ଏହି ଘଟଣାରେ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର୍ କାଉନସିଲ ଅଫ୍ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର୍ କାଉନସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ପରେ ୪୩ ଜଣଙ୍କୁ ଛାଡି ବାକି ସମସ୍ତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହର କରାଯାଇଥିଲା। ହେଲେ ଆଜିପର୍ଯ୍ୟନ୍ତ ଓକିଲମାନେ କାର୍ଯ୍ୟରେ ଯୋଗଦାନ କରି ନ ଥିଲେ। ଘଟଣାରେ ପୋଲିସ ୩୦ ଓକିଲ, ୮ କିନ୍ନର ଓ ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ହାଇକୋର୍ଟ ବେଞ୍ଚ ନେଇ ଆନ୍ଦୋଳନ ପ୍ରସଙ୍ଗ**

- ୨୨ଦିନ ପରେ ପରିସ୍ଥିତିରେ ସୁଧାର
- ୧୪୪ ଧାରା ଯୋଗୁ ମହକିଲ ଭୟଭୀତ




# ଦରଦୀ ମଣିଷ ଦ୍ୱାରିକା ମୋହନ

**ଏକାଦଶାହ ଉପଲକ୍ଷେ**



କେତେଜଣ ବ୍ୟକ୍ତି ଏଭଳି ବହୁମୁଖୀ ପ୍ରତିଭାସମ୍ପନ୍ନ ରହିଥାନ୍ତି ଯେ, ତାଙ୍କର ଗୁଣଗରିମା, ପରାକାଷ୍ଠା ଶବ୍ଦରେ ବର୍ଣ୍ଣନା କଷ୍ଟକର। ଏଭଳି ଜଣେ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଦ୍ୱାରିକା ମୋହନ ମିଶ୍ର। ନିଆରା ଚରିତ୍ର, କାର୍ଯ୍ୟ ଯୋଗୁ ଅନୁଗୋଳ ଜିଲା ତାଳଚେରର ଜଣେ ବରପୁତ୍ର ଭାବେ ସେ ଜନମାନସରେ ଯୁଗେ ଯୁଗେ ମନେରହିବେ।

୧୯୩୪ ଜାନୁୟାରୀ ୨୦ରେ ତତ୍କାଳୀନ ଓଡ଼ିଶାର ଗଡ଼ଜାତ ଅଞ୍ଚଳ ତାଳଚେରରେ ପିତା ଜଗନ ମୋହନ ଓ ମାତା କନକ ଦେବୀଙ୍କ କୋଳମଣ୍ଡନ କରିଥିଲେ ଦ୍ୱାରିକା ମୋହନ। ସଂସ୍କାରଶୀଳ ପରିବେଶରେ ତାଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ପିଲାବେଳୁ ମାନବ ସେବା ହିଁ ମାଧବ ସେବାକୁ ମୂଳମନ୍ତ୍ର କରିଥିବା ଦ୍ୱାରିକା ମୋହନ ତାଳଚେରର ଯୁବରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ପରେ ୧୯୫୦ରେ କେନ୍ଦୁଝରସ୍ଥିତ ବି.ଏନ. ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି କଟକ ଖ୍ରୀଷ୍ଟ କଲେଜରେ ଆଇ.ଏ. ପଢ଼ିଥିଲେ। ଭାରତ ଛାତ୍ର ଫେଡେରେଶନର ନେତା ହୋଇ କଲେଜ ଫି ବୃଦ୍ଧି ବିରୋଧରେ ଆନ୍ଦୋଳନ କରି ଗିରଫ ହୋଇଥିଲେ। କଲେଜ ନିର୍ବାଚନରେ ବିଜୟୀ ହୋଇ ଖ୍ରୀଷ୍ଟ କଲେଜ ୟୁନିୟନର ସମ୍ପାଦକ ହୋଇପାରିଥିଲେ।

ଅନ୍ୟାୟ ବିରୋଧରେ ସଂଗ୍ରାମ ଓ ଅବହେଳିତଙ୍କ ସେବା କରିବାକୁ ସଂକଳ୍ପବଦ୍ଧ ଦ୍ୱାରିକା ମୋହନ ସିପିଆଇ (କମ୍ୟୁନିଷ୍ଟ)ର ସକ୍ରିୟ ସଦସ୍ୟ ଥିଲେ। ୧୯୬୨ରେ ସେ ଦେଶ ସୁରକ୍ଷା ଆଇନ ବଳରେ ଗିରଫ ହୋଇଥିଲେ। ୧୯୬୫ରେ ଟିଟିପିଏସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଉଦ୍‌ଘାଟନ ବେଳେ ତାଳଚେର ଆସିଥିବା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭେଟିଥିଲେ। ଟିଟିପିଏସ୍ କର୍ମଚାରୀ ସଂଘ ସଭାପତି ଭାବେ ଦୀର୍ଘ ୩୫ ବର୍ଷ ଦାୟିତ୍ୱ ନିର୍ବାହ ସହ ଶ୍ରମିକଙ୍କ ମଜୁରି ବୃଦ୍ଧି ଆନ୍ଦୋଳନରେ ସଫଳ ହୋଇଥିଲେ। ସେ ପ୍ରଜାତନ୍ତ୍ର, ମାତୃଭୂମି, କଳିଙ୍ଗ, ସମାଜ ଆଦି ଖବରକାଗଜରେ ଖବରଦାତା ଭାବେ କାର୍ଯ୍ୟ ମଧ୍ୟ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଓଡ଼ିଶା ସାମ୍ବାଦିକ ସଂଘ ଗଠିତ ହୋଇଥିଲା। ୧୯୫୪ରେ ସେ ଢେଙ୍କାନାଳ ଜିଲା ବ୍ରାହ୍ମଣ ନୂଆ ଶାସନର ପଣ୍ଡିତ ଗଣେଶ୍ୱର ନନ୍ଦଙ୍କ କନିଷ୍ଠା କନ୍ୟା ଆହ୍ଲାଦିନୀଙ୍କୁ ବିବାହ କରିଥିଲେ। ତେବେ ୨୪ ଡିସେମ୍ବର ୨୦୧୮ରେ ସହଧର୍ମିଣୀଙ୍କ ପରଲୋକ ଘଟିଥିଲା।

୧୯୯୯ରେ ଦ୍ୱାରିକା ମୋହନ ଟ୍ରେଡ ୟୁନିୟନ ଆନ୍ଦୋଳନରୁ ସନ୍ନ୍ୟାସ ନେଇ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଉନ୍ନୟନ ଓ ଗୃହ ନିର୍ମାଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ରାଜ୍ୟ ଶ୍ରମ ବୋର୍ଡ ଓ ରାଜ୍ୟ ବିଦ୍ୟୁତ୍ ବୋର୍ଡର ପରାମର୍ଶଦାତା ପରିଷଦର ସଦସ୍ୟ ହୋଇପାରିଥିଲେ। ଜୀବନରେ ଅନେକ ଆଇନଗତ ବିବାଦର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ପ୍ରାୟ ସବୁଥିରେ ନିର୍ଦ୍ଦୋଷ ପ୍ରମାଣିତ ହୋଇଥିଲେ। ପରେ ସେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇଥିଲେ। ସେ ଇଂଲିଶ୍ ଭାଷାରେ ଚାରି ଖଣ୍ଡ ପୁସ୍ତକ ରଚନା କରିଥିଲେ। ସତ୍ୟସାଇ ବାବାଙ୍କ ଜୀବନୀ ଓ ଉପଦେଶ ସମ୍ବନ୍ଧୀୟ ପୁସ୍ତକ 'ଚିତ୍ରାବଳୀର କାବ୍ୟ' ଏବଂ ଶିରିଡ଼ି ସାଇବାବାଙ୍କ ଜୀବନୀ ଓ ଉପଦେଶାବଳୀ ସମ୍ପର୍କିତ ପୁସ୍ତକ 'ଦତ୍ତାସାଇ ମହିମା' ରଚନା କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଢେଙ୍କାନାଳ ଜିଲାରେ ୨୫ ଏକରରେ ଗଢ଼ି ଉଠିଥିବା ସାଇ ଦତ୍ତାତ୍ରେୟ ଆଶ୍ରମ ଏକ ଆଧ୍ୟାତ୍ମିକ କେନ୍ଦ୍ରସ୍ଥଳୀ ପାଲଟିଛି। ଦୁଇପୁତ୍ର ଶାନ୍ତିବର୍ଦ୍ଧନ ଓ ଜୟବର୍ଦ୍ଧନଙ୍କ ସମେତ ପରିବାରବର୍ଗ ତାଙ୍କ ପଦାଙ୍କ ଅନୁସରଣ କରି ଚାଲିଛନ୍ତି। ଗତ ଡିସେମ୍ବର ୨୫ରେ ଇହଧାମ ତ୍ୟାଗ କରିଥିବା ଦୟାଳୁ, ଧର୍ମପରାୟଣ, ପରୋପକାରୀ ତଥା ଲୋକଙ୍କ ହୃଦୟରେ ଆସନ ଅଳଙ୍କୃତ କରିଥିବା ଦ୍ୱାରିକା ମୋହନଙ୍କୁ ଏକାଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି।

**-ସୁବ୍ରତ ମହାନ୍ତି**
**କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମ**
**କପିଳାସ, ଢେଙ୍କାନାଳ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୩

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ସେଠି କାହିଁକି

ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଓ ଚାଇନା ଜାତିସଂଘର ସ୍ଥାୟୀ ସଦସ୍ୟ ରହିଆସିଛନ୍ତି। ୧୯୩ ସଦସ୍ୟ ବିଶିଷ୍ଟ ଏହି ବିଶ୍ୱ ସଙ୍ଗଠନରେ ୫ ରାଷ୍ଟ୍ର ସେମାନଙ୍କର ପ୍ରଭାବ ବିସ୍ତାର କରିଚାଲିଛନ୍ତି। ତେଣୁ ଜାତିସଂଘରେ ସଂସ୍କାର ଅଣାଯାଇ ଏହାର ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବା ଉପରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମଞ୍ଚରେ ଆଲୋଚନା ହୋଇଛି। ଯେହେତୁ ସ୍ଥାୟୀ ସଦସ୍ୟମାନେ ସବୁ ମହାଦେଶକୁ ପ୍ରତିନିଧିତ୍ୱ କରୁନାହାନ୍ତି, ତେଣୁ ଜାତିସଂଘ ନିରାପତ୍ତା ପରିଷଦର କାର୍ଯ୍ୟଧାରାକୁ ଅନେକ ସମୟରେ ସମାଲୋଚନା କରାଯାଉଛି। ନିକଟ ଅତୀତରେ କୋଭିଡ୍-୧୯ଠାରୁ ଆରମ୍ଭକରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯାଏ ଯେତେ ପ୍ରକାର ଅସ୍ୱାଭାବିକ ସ୍ଥିତି ବିଶ୍ୱ ଭୋଗିଲାଣି, ସେଥିରେ ଜାତିସଂଘର ଭୂମିକା ସନ୍ତୋଷଜନକ ନ ଥିବା ବେଳକୁ ବେଳ ପ୍ରମାଣିତ ହୋଇଛି। ତଥାପି ଜାତିସଂଘ ସ୍ଥାୟୀ ସଦସ୍ୟ ସଂଖ୍ୟା ବଢ଼ାଇବା ଦିଗରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଚାପ ପକାଇପାରୁ ନ ଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଷ୍ଟ୍ରିଆ ରାଜଧାନୀ ଭିଏନାଠାରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବା ଅବସରରେ କହିଛନ୍ତି, ସ୍ଥାୟୀ ସଦସ୍ୟମାନେ ସମସ୍ତ ପ୍ରକାର ସୁବିଧା ଉପଭୋଗ କରୁଥିବା ବେଳେ ଏହାର ସଂସ୍କାର ନେଇ ବ୍ୟସ୍ତ ନାହାନ୍ତି। ତେଣୁ ୭୭ ବର୍ଷ ପୁରୁଣା ଏହି ଅନ୍ତର୍ଜାତୀୟ ସଙ୍ଗଠନରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବା ଲାଗି ଭାରତ ତା'ର ବହିର୍ବ୍ୟାପାର ନୀତିରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରଖିଛି ବୋଲି ସେ କହିଛନ୍ତି। ଦୁଃଖର ବିଷୟ ହେଉଛି ଯେ, ଜୟଶଙ୍କରଙ୍କ ଏଭଳି ବିରୋଧକୁ ଆଜିଯାଏ କେବଳ ପ୍ରବାସୀ ଭାରତୀୟମାନେ ଶୁଣିପାରୁଛନ୍ତି ଏବଂ କେବଳ ଭାରତୀୟ ଗଣମାଧ୍ୟମରେ ସେହିସବୁ ମତର ପ୍ରଚାର କରାଯାଉଛି। ଭାରତ ବାହାରେ ଜୟଶଙ୍କରଙ୍କ ଶକ୍ତିଶାଳୀ ମତବ୍ୟକ୍ତିଗୁଡ଼ିକ କେହି ଜାଣିବାର ସୁଯୋଗ ମଧ୍ୟ ପାଉନାହାନ୍ତି।

ଭିଏନାସ୍ଥିତ କାର୍ଯ୍ୟକ୍ରମରେ ଜୟଶଙ୍କର ଜାତିସଂଘ ସଂସ୍କାରର ଆବଶ୍ୟକତା ନେଇ ଯୁକ୍ତି କରିଛନ୍ତି ଯେ, ମଣିଷ ନିଜକୁ ସତେଜ କରିବା ଲାଗି ପଦକ୍ଷେପ ନେଇଥାଏ। ବିଭିନ୍ନ ଲୋକଙ୍କୁ ସାମିଲ କରି ଏକ ସଙ୍ଗଠନ ତାହାର କଳେବର ବୃଦ୍ଧି କରେ। ବିଶ୍ୱର ଏକ ବୃହତ୍ ଅଂଶ ଅନୁଭବ କରୁଛି ଯେ, ଜାତିସଂଘ ସେମାନଙ୍କ ପାଇଁ କିଛି ଭଲ କାର୍ଯ୍ୟ କରୁନାହିଁ। ଏହାର ସଂସ୍କାର ନେଇ ଉଠୁଥିବା ଦାବିର ଅଗ୍ରଭାଗରେ ଭାରତ ରହି ଏକ ସ୍ଥାୟୀ ସଦସ୍ୟତା ଲାଗି ଜୋର ଦେଇଆସୁଛି ବୋଲି ଜୟଶଙ୍କର କହିବା ପରେ ନୂଆଦିଲ୍ଲୀର ବହିର୍ବ୍ୟାପାର ନୀତି କେତେ ସୁଦୃଢ଼ ତାହାର ସମୀକ୍ଷା କରିବାର ସମୟ ଆସିଛି।

ଭାରତ, ଯିଏ କି ଅତିଶୀଘ୍ର ପୃଥିବୀର ସର୍ବାଧିକ ଜନସଂଖ୍ୟାବହୁଳ ରାଷ୍ଟ୍ର ଭାବେ ପରିଚିତ ହେବାକୁ ଯାଉଛି; ଅନ୍ତର୍ଜାତୀୟ ସ୍ତରରେ ଏହାର ଅର୍ଥନୀତି ୫ମ ସ୍ଥାନରେ ରହିଥିବା ମଧ୍ୟ କୁହାଯାଉଛି। ହେଲେ ବହିର୍ବ୍ୟାପାର ନୀତି ସୁଦୃଢ଼ ଓ ସୁସ୍ପଷ୍ଟ ନ ଥିବାରୁ ଭାରତର କୌଣସି ପ୍ରଭାବ ଅନ୍ତର୍ଜାତୀୟ ସ୍ତରରେ ରହୁନାହିଁ। ଏଠାରେ ଏହା କୁହାଯାଇପାରେ ଯେ, ଜି୨୦ର ଅଧ୍ୟକ୍ଷ ପଦ କୌଣସି ଭାବେ ଗୁରୁତ୍ୱ ଧାରଣ କରେ ନାହିଁ। ଭାରତ ପୂର୍ବରୁ ଇଣ୍ଡୋନେସିଆ ଭଳି ଦେଶ ଏହାର ଅଧ୍ୟକ୍ଷ ରହିଥିଲା। ସାମ୍ପ୍ରତିକ ସ୍ଥିତି ଦେଖିଲେ ପଡ଼ୋଶୀ ଦେଶଗୁଡ଼ିକ ସହ ନୂଆଦିଲ୍ଲୀ ଉତ୍ତମ ସମ୍ପର୍କ ରଖିପାରୁ ନାହିଁ। ଚାଇନା ଓ ପାକିସ୍ତାନ ବିଷୟରେ ନ କହିଲେ ଭଲ। ନେପାଳ ଓ ଶ୍ରୀଲଙ୍କା ଭଳି ରାଷ୍ଟ୍ର ଭାରତ ଅପେକ୍ଷା ଚାଇନା ଆଡ଼କୁ ବେଶି ଢଳିଛନ୍ତି। ସେହିପରି ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଦେଖିଲେ ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧକୁ ପ୍ରମୁଖ ଆଲୋଚିତ ଦୃଷ୍ଟାନ୍ତ ଭାବେ ନିଆଯାଇପାରିବ। ୨୪ ଫେବୃୟାରୀ ୨୦୨୨ରୁ ଦୁଇ ଦେଶ ଯୁଦ୍ଧରେ ଲିପ୍ତ ଅଛନ୍ତି। ଭାରତ କେଉଁ ରାଷ୍ଟ୍ରକୁ ଅଧିକ ସମର୍ଥନ ଦେଲେ ବେଶି ଫାଇଦା ପାଇବ ସେଥିର ଅଙ୍କ କଷୁଛି, ଅନେକ ଭୁଲ କରିବସିଛି। ରୁଷିଆ ଆଗେ ଯୁଦ୍ଧ ଆରମ୍ଭ କରି ୟୁକ୍ରେନ୍‌କୁ ଧ୍ୱଂସ କରିଚାଲୁଥିଲେ ମଧ୍ୟ ନୂଆଦିଲ୍ଲୀ ମସ୍କୋ ପଟକୁ ଅଧିକ ଢଳିଛି। ଆଶା କରିଥିଲା ଶସ୍ତା ଦରରେ ତେଲ ପାଇବ। କିନ୍ତୁ ସେଥିରୁ ସୁଫଳ ମିଳିନାହିଁ। ଯଦି ମିଳିଛି ତାହା ସାଧାରଣ ନାଗରିକ ପାଖରେ ପହଞ୍ଚିପାରି ନାହିଁ ବୋଲି ପ୍ରଶ୍ନ କରାଯାଇପାରେ। ଏହି ବିଷୟରେ ମଧ୍ୟ ପୂର୍ବରୁ ଜୟଶଙ୍କର କହିଥିଲେ ଯେ, କମ୍ ମୂଲ୍ୟରେ ରୁଷିଆରୁ ତେଲ କିଣାଯାଉଥିବାରୁ ଭାରତର ବହିର୍ବ୍ୟାପାର ନୀତି ତଦନୁଯାୟୀ ସୃଷ୍ଟି କରାଯାଇଛି।

ଜାତିସଂଘରେ ରୁଷିଆକୁ ବାରମ୍ବାର ନିନ୍ଦିତ କରାଯାଇଥିବା ବେଳେ ଭାରତ ନୀରବ ରହିଥିଲା। ଯେତେବେଳେ ଅଧିକାଂଶ ଦେଶ ୟୁକ୍ରେନ୍ ସପକ୍ଷରେ ମତ ରଖିଲେ ସେତେବେଳେ ଭାରତ ତା'ର କଡ଼ ଲେଉଟାଇ ରୁଷିଆକୁ ଯୁଦ୍ଧ ବନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଏବର ସମୟ ଯୁଦ୍ଧର ନୁହେଁ, ବରଂ ଶାନ୍ତିର ବୋଲି କହି ନୂଆଦିଲ୍ଲୀ ଯେତେବେଳେ ନିଜର ଅନ୍ତର୍ଜାତୀୟ ଉପସ୍ଥିତି ଜାହିର କରିବାକୁ ଚାହିଁଲା, ସେତେବେଳେ 'ନେଢ଼ି ଗୁଡ଼ କହୁଣିକୁ ବହି ଯାଇଥିଲା'। ସାଧାରଣରେ ଢଗ ଅଛି–'ଲୁହା ଗରମ ଥିବାବେଳେ ତାହାକୁ ପ୍ରହାର କରାଗଲେ ତାହାର ସୁଫଳ ମିଳିଥାଏ'। ରୁଷିଆ–ୟୁକ୍ରେନ୍ ଯୁଦ୍ଧ ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଅନ୍ତର୍ଜାତୀୟ ସମୁଦାୟ ଭାରତର ସ୍ପଷ୍ଟ ଆଭିମୁଖ୍ୟକୁ ଅନିଶା କରିଥିଲା। ମାତ୍ର ନୂଆଦିଲ୍ଲୀ ନୀରବଦ୍ରଷ୍ଟା ସାଜିଲା। ଆଜି ଜାତିସଂଘ ସ୍ଥାୟୀ ସଦସ୍ୟତା ଲାଗି ଯେତେ ଯୁକ୍ତି ଦର୍ଶାଇଲେ ମଧ୍ୟ ଏହାର ପ୍ରଭାବ କାହା ଉପରେ ପଡ଼ିଲା ଭଳି ମନେହେଉ ନାହିଁ। କିନ୍ତୁ ଏହିସବୁ କଥା ଚିନ୍ତା କରିବା ସହିତ ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଘାରୁଛି, ତାହା ହେଉଛି ଜୟଶଙ୍କରଙ୍କୁ ଭାରତରେ କେହି ନ ଶୁଣିଲେ ମଧ୍ୟ ଅଷ୍ଟ୍ରିଆକୁ ଯାଇ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ସେ ଜାତିସଂଘ ନିରାପତ୍ତା ପରିଷଦ ଉପରେ ଭାରତର ବ୍ୟସ୍ତତା ବଖାଣିବା ପଛରେ ତାତ୍ପର୍ଯ୍ୟ କ'ଣ ତାହା ବୁଝିହେଉ ନାହିଁ।

# ଆମେ ଦାୟୀ

ଗତବର୍ଷ ସେପ୍ଟେମ୍ବର ପ୍ରାରମ୍ଭରେ ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଓ ଡିସେମ୍ବର ଶେଷ ଆଡ଼କୁ କ୍ରିକେଟର ରିଷଭ ପନ୍ତ ଆହତ ହେବା ପରେ ଦିଲ୍ଲୀରେ ଏବକାର କାର୍ ଦୁର୍ଘଟଣାରେ ଯୁବତୀଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣା ବିତର୍କକୁ ଉଜାଗର କରିଛି। ଦିଲ୍ଲୀରେ ଏକ କାର୍ ଜଣେ ସ୍କୁଟି ଚଳିକାଙ୍କୁ ଧକ୍କାଦେବା ପରେ ତାଙ୍କୁ ୧୩ କି.ମି ଘୋଷାଡ଼ି ନେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ସହ ଥିବା ଅନ୍ୟଜଣେ ଯୁବତୀ ସାମାନ୍ୟ ଆହତ ହୋଇ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଜୀବନ ରକ୍ଷା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ଦୁର୍ଘଟଣା ଘଟାଇଥିବା ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଭାରତୀୟ ଜନତା ପାର୍ଟିର ବୋଲି ଏଏପି ଓ କଂଗ୍ରେସ ଅଭିଯୋଗ ଆଣିବା ପରେ ରାଜନୀତି ଆରମ୍ଭ ହୋଇଯାଇଛି। କିନ୍ତୁ ସଡ଼କ ଦୁର୍ଘଟଣାର ଗମ୍ଭୀରତାକୁ ନେଇ ସେଭଳି ଚିନ୍ତାପ୍ରକଟ କରାଯାଉନାହିଁ। ଦେଖିବାକୁ ଗଲେ ଭାରତରେ ସଡ଼କ ଦୁର୍ଘଟଣା ସଂଖ୍ୟା ଓ ଏଥିଜନିତ ମୃତ୍ୟୁ ଅତ୍ୟନ୍ତ ଚିନ୍ତାଜନକ। ସାରା ବିଶ୍ୱକୁ ଦେଖିଲେ ଭାରତରେ ସର୍ବାଧକ ସଡ଼କ ଦୁର୍ଘଟଣାରେ ସବୁଠୁ ବେଶି ଲୋକଙ୍କ ମୃତ୍ୟୁ ହେଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁଯାୟୀ, ୨୦୨୧ରେ ରାସ୍ତା ଦୁର୍ଘଟଣାରେ ପାଖାପାଖି ୧.୫୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ଅଧା ଦୁଇଚକିଆ ଗାଡ଼ି ଚାଳକ। ଏପରି କି ଗତବର୍ଷ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଦେଶରେ ସଡ଼କ ଦୁର୍ଘଟଣାରେ ବର୍ଷକୁ ସାମାଜିକ ଓ ଆର୍ଥିକ କ୍ଷତି ପରିମାଣ ୧,୪୭,୧୧୪ କୋଟି ଟଙ୍କାରୁ ଅଧିକ, ଯାହା ଦେଶର ମୋଟ ଘରୋଇ ଉତ୍ପାଦର ୦.୭୭ ପ୍ରତିଶତ। ଭାରତରେ ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାର ମୁଖ୍ୟ କାରଣଗୁଡ଼ିକ ହେଲା–ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ କିମ୍ବା ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା, ଭୁଲ୍ ପଟେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନ୍‌ରେ ତ୍ରୁଟି ଓ ଗାଡ଼ିଗୁଡ଼ିକର ଖରାପ ଅବସ୍ଥା ଏବଂ ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି। ଯେତେ ସଚେତନ କରାଗଲେ ମଧ୍ୟ ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ଓ ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାରକୁ ଅଣଦେଖା କରି ଲୋକେ ନିଜ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଅନେକ ଦୁର୍ଘଟଣା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ମଧ୍ୟ ଘଟୁଛି। ଅନ୍ୟପକ୍ଷରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଦୁଇଚକିଆ ଏବଂ ଚାରିଚକିଆ ଯାନ ନିର୍ମାଣ ଓ ବିକ୍ରି ବହୁଗୁଣିତ ହୋଇଛି। ଟିକସ ଆକାରରେ ସରକାର ବହୁ ଅର୍ଥ ପାଇଲେ ମଧ୍ୟ ସମାନୁପାତିକ ଭାବେ ସଡ଼କର ଉନ୍ନତୀକରଣ ବା ଦୁର୍ଘଟଣାମୁକ୍ତ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଉପରୋକ୍ତ ଯାହା ଲେଖିଲୁ ତାହା ହେଉଛି ସମସ୍ୟା, ଯାହାକୁ ସମସ୍ତେ ଜାଣନ୍ତି ଓ ହୃଦ୍‌ବୋଧ କରନ୍ତି। କିନ୍ତୁ ରାସ୍ତା ଦୁର୍ଘଟଣା ସୀମିତ କାରଣରୁ କିମ୍ବା ସରକାରଙ୍କ ବିଫଳତାରୁ ଘଟୁ ନାହିଁ। ଦେଶରେ ରାସ୍ତାକୁ ବ୍ୟବହାର କରୁଥିବା ପ୍ରତ୍ୟେକ ନାଗରିକ ସଡ଼କ ସୁରକ୍ଷା ପାଇଁ ଦାୟୀ। ପିଲାଙ୍କୁ ପାଠ ପଢ଼ାଇ ଭଲ କ୍ୟାରିୟର ତିଆରି କରାଇବା ପାଇଁ ମାତାପିତାଙ୍କ ମଧ୍ୟରେ ଥିବା ପରୀକ୍ଷା ମାର୍କ୍ସ ପାଇଁ ବ୍ୟାକୁଳତାକୁ ବୁଝିହୁଏ। ସେହିଭଳି ବ୍ୟାକୁଳତା ବିଦେଶରେ ପିଲାଙ୍କର ଗାଡ଼ି ଚଳାଇବା ଲାଇସେନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଦେଖାଯାଏ। ଭାରତରେ କୌଣସି ପରିବାରରେ ପିଲା ଗାଡ଼ି ଚଳାଇବାର ଦକ୍ଷତା ପାଇଁ ଲାଇସେନ୍ସ ହାସଲ କଲେ କେହି ଉତ୍‌ଫୁଲ୍ଲିତ ହେବା ଦେଖାଯାଏ ନାହିଁ। କାରଣ ଏହି ଦେଶରେ ସମ୍ଭବତଃ କେହି ଜଣେ ବି ବାସ୍ତବରେ ଗାଡ଼ି ଚାଳକ ଲାଇସେନ୍ସ ପାଇଁ କୌଣସି ପରୀକ୍ଷା ଦେଇନାହାନ୍ତି। ଯେତେବେଳେ ଏହି ମୌଳିକ ସ୍ତରରେ କାହାରିକୁ ରାସ୍ତା ନିୟମାବଳୀ ଶିଖାଯାଉନାହିଁ ସେଭଳି ଦେଶରେ ରାସ୍ତା ଦୁର୍ଘଟଣା ସର୍ବାଧିକ ହେବା ସ୍ୱାଭାବିକ।



# ଆୟ ବହିର୍ଭୂତ ସମ୍ପତ୍ତି ଦେଶକୁ ବିପତ୍ତି

ଅକ୍ଷୟ କୁମାର ମିଶ୍ର

ପ୍ରତିଦିନ ଖବରକାଗଜ ପୃଷ୍ଠାରେ, ଦୂରଦର୍ଶନ ପରଦାର ବ୍ରେକିଂ ନ୍ୟୁଜ୍‌ରେ କେହି ନା କେହି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ଖବର ପରିବେଷଣ ହେବା ଦେଖିବାକୁ ମିଳୁଛି। କେଉଁଠି ଭିଜିଲାନ୍ସ ତ କେଉଁଠି ଆୟକର ବିଭାଗ ତରଫରୁ ଚଢ଼ାଉ ଚାଲିଛି। କିନ୍ତୁ ଏହି ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରି ଅଭିଯୋଗ ପରିସରକୁ ଆସୁଥିବା ବ୍ୟକ୍ତିମାନଙ୍କର ଯଦି ଏକ ଚିଠା ପ୍ରସ୍ତୁତ କରାଯାଏ ତେବେ ସେମାନଙ୍କ ମଧ୍ୟରୁ ଅନେଶତ ପ୍ରତିଶତ ବ୍ୟକ୍ତି ହେଉଛନ୍ତି ସରକାରୀ କର୍ମଚାରୀ। ଧରାପଡୁଥିବା ଲୋକମାନେ ଯେ ନିର୍ଦ୍ଦୋଷ ଏହା କହିବା ସତ୍ୟର ଅପଳାପ ହେବ। ଏହା ନିଶ୍ଚିତ ଯେ କେତେଜଣ ସରକାରୀ କର୍ମଚାରୀ ଅସାଧୁ ଓ ଲାଞ୍ଚ ମିଛର ଆଶ୍ରୟ ନେଇ ଅନ୍ୟାୟ ଅର୍ଥ ଉପାର୍ଜନ କରନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରିବା ଚରମ ଦୋଷାବହ, ଏହାକୁ ସେମାନେ ଭ୍ରୂକ୍ଷେପ କରନ୍ତି ନାହିଁ। ପ୍ରଶ୍ନ ଆସେ ଏ ଦେଶରେ କ'ଣ କେବଳ ସରକାରୀ କର୍ମଚାରୀମାନେ ଅସତ ଉପାୟରେ ଅର୍ଥ ଉପାର୍ଜନ କରି ନିଜର ସମ୍ପତ୍ତି ବଢ଼ାଇ ଚାଲିଛନ୍ତି? ଯଦି ଏମାନଙ୍କ ପରି ଆହୁରି ଅନେକେ ଆୟ ବହିର୍ଭୂତ ସମ୍ପତ୍ତି ଜମା କରିବାରେ ମାହିର, ତେବେ ସେମାନଙ୍କୁ ଧରାଯାଉ ନାହିଁ କାହିଁକି? ଆମ ଦେଶର ଯେଉଁ ସବୁ ବିଭାଗ କଳାଟଙ୍କା ମହଜୁଦକାରୀଙ୍କୁ ଚିହ୍ନଟ କରିବା ନିମନ୍ତେ ଗଢ଼ା ହୋଇଛି ସେମାନେ ସେମାନଙ୍କର ଦାୟିତ୍ୱ ନିର୍ବାହ କରୁନାହାନ୍ତି ନା କାହା ଚାପରେ ଚୁପ୍ ରହୁଛନ୍ତି?

ପ୍ରଥମେ ସେହିମାନଙ୍କ କଥା ହେବା ଯେଉଁମାନଙ୍କର କଳା କାରନାମା ଲୋକଲୋଚନକୁ ଆସୁଛି। ଏମାନଙ୍କ ଭିତରେ ପିଅନ ଚପରାସୀଠାରୁ ଆରମ୍ଭ କରି ବଡ଼ ଅଫିସରମାନେ ରହୁଛନ୍ତି। ଏମାନଙ୍କର ଆୟ ବହିର୍ଭୂତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଆଲୋଚନା କଲେ ପ୍ରଥମେ ଆଖି ଆଗକୁ ଲାଞ୍ଚ କଥାଟି ଆସେ। ଯେଉଁସବୁ କାର୍ଯ୍ୟାଳୟରେ ଏମାନେ କାମ କରୁଛନ୍ତି ସେଠାରେ ସାଧାରଣ ଲୋକଙ୍କୁ ଗୋଟିଏ କାମ ପାଇଁ ବାରମ୍ବାର ଧାଇଁବାକୁ ପଡୁଛି। ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଏମାନେ ହଇରାଣ ହରକତ କରନ୍ତି। ଫଳରେ ଲୋକମାନେ ଅନନ୍ୟୋପାୟ ହୋଇ କାମ ହାସଲ ନିମନ୍ତେ ହାତଗୁଞ୍ଜା ଦେଉଛନ୍ତି। ଇଏ ଗୋଟିଏ ପ୍ରକାର ଅନୈତିକ ଅଘୋଷିତ ଅଲିଖିତ ଅର୍ଥ ଉପାର୍ଜନ ଯାହା ଏହି ବାବୁଙ୍କର ଜମା ରାଶିକୁ ପୃଥଳ କରେ।

ଦ୍ୱିତୀୟ କଥାଟି ହେଲା ସରକାରୀ ଅର୍ଥର ଆତ୍ମସାତ୍। ଆମ ଦେଶରେ ଯେଉଁ ବିକାଶମୂଳକ କାର୍ଯ୍ୟ ଚାଲିଛି ବିଶେଷକରି ନୂତନ ଓ ପୁନଃ ନିର୍ମାଣ କ୍ଷେତ୍ରରେ ମଞ୍ଜୁର ହୋଇଥିବା ଅର୍ଥ ରାଶିର ଗୋଟିଏ ଅଂଶ ବାବୁମାନଙ୍କ ପକେଟକୁ ଯାଏ। ଏହାକୁ ପିସି ବୋଲି କୁହାଯାଏ। ଏହି ଅସ୍ୱଚ୍ଛ ଆୟ ପରବର୍ତ୍ତୀ ସମୟରେ ଆୟ ବହିର୍ଭୂତ ସମ୍ପତ୍ତି ଭାବରେ ସେମାନଙ୍କ ପାଖରେ ଦେଖିବାକୁ ମିଳେ ଯେଉଁମାନେ ଧରା ପଡ଼ି ଗିରଫ ହୁଅନ୍ତି। କିନ୍ତୁ ଏଥିପ୍ରତି ଏମାନଙ୍କର ଖାତିର ନ ଥାଏ। ଏହା ମଧ୍ୟ ସତ, ଧରା ପଡୁଥିବା ଲୋକ କେତେଜଣ? ଶହେରେ ପାଞ୍ଚ ହେବେ କି ନାହିଁ ସନ୍ଦେହ। ଆଉ ଯେଉଁମାନେ ଧରାପଡ଼ନ୍ତି ସେମାନେ କିଛିଦିନ ପରେ ନିର୍ଦ୍ଦୋଷରେ ମୁକ୍ତ ହୋଇ ପୁନର୍ବାର ଚାକିରିରେ ଯୋଗ ଦିଅନ୍ତି। ଧରା ପଡ଼ିବା ବେଳେ କେତେ ହଇଚଇ ହୁଏ। ଜନ ଅସନ୍ତୋଷକୁ ପ୍ରଶମିତ କରିବା ନିମନ୍ତେ ଗିରଫ କରାଯାଏ। ଲୋକେ ଭୁଲି ପଡ଼ିଯାଆନ୍ତି। ବିଚାରାଳୟରେ କିଛିଦିନ ବିଚାର ଚାଲେ। ପ୍ରମାଣ ଅଭାବରୁ ଦୋଷୀକୁ ଦଣ୍ଡ ଦିଆଯାଇ ପାରେନା। ଆଲୋଚନା ଚାଲେ 'ଚୋରି ବିଦ୍ୟା ଭଲ ଯଦି ନ ପଡ଼ ଧରା'।



ଏବେ ଆଲୋଚନା କରିବା ଯେଉଁମାନେ ଆଇନ ଆଖିରେ ଅନ୍ଧପୁଟୁଳି ବାନ୍ଧି ହେଉ ଅବା ନିଜର କ୍ଷମତା ଓ ପତିଆରାକୁ ଉପଯୋଗକରି ଆଇନକୁ ନିସ୍ତେଜ କରାଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଏମାନଙ୍କ ଭିତରେ ଅଛନ୍ତି ସେହିମାନେ ଯେଉଁମାନଙ୍କ ହାତରେ ଆମର ଓ ଆମ ଦେଶର ଭାଗ୍ୟ ଭବିଷ୍ୟତକୁ ଆମେ ସମର୍ପି ଦେଇଛୁ। ଏହାବାଦ ବଡ଼ ବଡ଼ ବ୍ୟବସାୟୀ,କଳା ବଜାରକାରୀ,ନିଶା କାରବାରୀଙ୍କ ସମ୍ପତ୍ତି ବାବଦରେ ଯଦି ହିସାବ ନିଆଯିବ ତେବେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବାର ପ୍ରମାଣ ହାତକୁ ଆସିବ। ଅଥଚ ଏହା ହେଉନାହିଁ। ତାଜା ପ୍ରମାଣ ଥାଇ ମଧ୍ୟ ତଦନ୍ତକାରୀ ସଂସ୍ଥା ହାତ ବାନ୍ଧି ବସୁଛି। ଆମ ଦେଶରେ ବ୍ୟବସ୍ଥା ଅଛି ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର ସମ୍ପତ୍ତିର ହିସାବ ପ୍ରତିବର୍ଷ ଦାଖଲ କରିବେ। ସଭିଏଁ ଜାଣନ୍ତି ଏହା ଧର୍ମକୁ ଆଖିଠାର ଭଳି କଥା। ଏହା କେତେ ସତ କେତେ ମିଛ କାହାକୁ ଅଛପା ନାହିଁ। ଧରିନିଆଯାଉ ଏହା ସତ। ଏହି କୃତ୍ରିମ ସତ୍ୟ ଭିତରେ ମଧ୍ୟ ଜଣାପଡ଼େ କାହାର ଆୟ କେତେଗୁଣ ବଢ଼ିଛି। ଅଧିକାଂଶ ପ୍ରତିନିଧିଙ୍କର ଏହି ବୃଦ୍ଧିର ଲେଖଚିତ୍ର ଅସ୍ୱାଭାବିକ ଏବଂ ଅପ୍ରତ୍ୟାଶିତ। ଏମିତିକି କିଛି ବାବୁଙ୍କର ଆୟ ଶହେ ଗୁଣରୁ ଅଧିକ ବୃଦ୍ଧି ପାଇଥିବା ଜଣାପଡ଼େ। ଏଭଳି ଅବିଶ୍ୱସନୀୟ ବୃଦ୍ଧିର ଉତ୍ସ କ'ଣ କେବେ ଖୋଳତାଡ଼ ହୁଏ କି? ନା। ଅବଶ୍ୟ କିଛି ଲୋକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଉଠିଛି। ଏମାନଙ୍କ ଭିତରୁ କିଛି ଗିରଫ ହୋଇ ଜେଲକୁ ଯାଇଛନ୍ତି। ପୁଣି ନିର୍ଦ୍ଦୋଷରେ ଖଲାସ ହୋଇ ବାହାରକୁ ଆସିବା ଦିନ ମୋଟା ଫୁଲମାଳ ବେକରେ ପକାଇ ସଗର୍ବେ ଚାଲିବା ଦୃଶ୍ୟ ଆମ ଆଇନ ପ୍ରତି ଉପହାସ କହିଲେ ଭୁଲ୍ ହେବନାହିଁ। ଏବେ କିଛି ବର୍ଷ ହେଲା ଦେଖୁଛୁ ହଜାର ହଜାର କୋଟି ଟଙ୍କା ଠକେଇ କରି କେମିତି ବିଦେଶକୁ ପଳାୟନ କରୁଛନ୍ତି ଜଣେ ପରେ ଜଣେ ତଥାକଥିତ ସରକାରଙ୍କର ପୋଷା ପୁଅମାନେ। ଏହା ପରେ ଆମେ କହିପାରିବା କି ଆଇନ ସମସ୍ତଙ୍କ ପାଇଁ ସମାନ?

ଦେଶରେ ଏକମାତ୍ର ରାଜ୍ୟ ଓଡ଼ିଶା ଯେଉଁଠି ସରକାର ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଓ ଅଫିସରଙ୍କ ନିମନ୍ତେ ଶୂନ୍ୟ ସହନଶୀଳତା ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବହୁ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ମଧ୍ୟ କରିସାରିଲେଣି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ସରକାରରେ ଥିବା ମନ୍ତ୍ରୀ, ବିଧାୟକଙ୍କ ବିରୋଧରେ ଯେତେବେଳେ ସଙ୍ଗିନ ଅଭିଯୋଗ ଆସୁଛି ସେତେବେଳେ ଦୀପତଳ ଅନ୍ଧକାର ଭଳି ଏମାନଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବା ଦେଖାଯାଉ ନାହିଁ। ଏମିତି ହେଲେ ଦୁର୍ନୀତି ରୋକିବା ସମ୍ଭବ ନୁହେଁ। କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ଆୟ ବହିର୍ଭୂତ ସମ୍ପତ୍ତି ଜମା କରିଥିବା ଅଭିଯୋଗରେ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଆଉ କାହା ଉପରେ ଆୟକର ବିଭାଗ କିମ୍ବା ଭିଜିଲାନ୍ସ ବିଭାଗ ତରଫରୁ ଚଢ଼ାଉ କରାଯାଇଥିବା ଉଦାହରଣ ଖୋଜିଲେ ଖୁବ୍ କମ୍ ମିଳିବ। ଯେ ପର୍ଯ୍ୟନ୍ତ ଆୟ ବହିର୍ଭୂତ ସମ୍ପତ୍ତି ଜମା କରିବା ଏକ ଜାତୀୟ ବିପତ୍ତି ଭାବରେ ବିବେଚନା କରାଯାଇ ନାହିଁ ଏବଂ ଚାକିରିଆ, ବ୍ୟବସାୟୀ,କଳା ବେପାରୀ,ରାଜନେତା ସମସ୍ତଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ହିସାବ ରଖିବା ସହିତ ଅସ୍ୱାଭାବିକ ଆୟ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଦେଶରେ କଳାଟଙ୍କାର ସାମ୍ରାଜ୍ୟରେ ଆଞ୍ଚୁଡ଼ା ଦାଗ ବି ଲାଗିବ ନାହିଁ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ– ୭୦୦୮୦୭୩୫୯୯



# ମରିବାକୁ ବେଳନାହିଁ

ଡ. କୁଳାଙ୍ଗାର

ଏବେ ଲୋକମାନେ ଏତେ ବ୍ୟସ୍ତ ଯେ ମରିବାକୁ ବି ବେଳନାହିଁ! ଅତଏବ ବହୁତ ଲୋକଙ୍କୁ ବାଧ ହୋଇ ଜିଇବାକୁ ପଡୁଛି। ବାଧ୍ୟବାଧକତାରେ କ'ଣ କିଛି ହୋଇଥିଲା ଯେ ହେବ? ଅତଏବ ସବୁଆଡ଼େ ନାହିଁ ନାହିଁର ପରିବେଶ। ଯୁଆଡ଼େ ଗଲେ ଶୁଣିବାକୁ ମିଳିବ; ଆଜି ନୁହଁ କାଲି ଆସ! ଜନସଂଖ୍ୟା କିନ୍ତୁ ସେପଟେ ମୋବାଇଲର ଫଟୋ ଓ ନେତାଙ୍କ ଭାଷଣ ପରି ଘୁ ଘୁ ହୋଇ ବଢ଼ିଚାଲିଛି। ଲୋକସଂଖ୍ୟା ବଢ଼ିବାରୁ ନିତି ନାନା କଳହ ଓ ମାରପିଟ୍ ହେଉଛି।

ସିଏ କିନ୍ତୁ ଜଣେ ଫାଙ୍କା ମଣିଷ! ଆଖି ଆଗରେ ବହୁଲୋକ ମୃତପ୍ରାୟ ଜିଇ ରହିଥିବା ଦେଖି ସିଏ ବିସ୍ମିତ ହେଲା ଏବଂ ମନେମନେ ଭାବିଲା; ମରଣ ରାଜ୍ୟର ମହାରାଜା ଯମରାଜ ତା'ହେଲେ କରୁଛନ୍ତି କ'ଣ? କ'ଣ ଆଉ କରୁଥିବେ?? ତାଙ୍କର ବି ମରିବାକୁ ବେଳ ନ ଥିବ। ପୁଣି ସ୍ୱର୍ଗରେ ତ ସ୍ମାର୍ଟଫୋନ୍ ଓ ମୋବାଇଲ ନେଟୱର୍କର ସୁବିଧା ନାହିଁ। ତେଣୁ ମର୍ତ୍ତ୍ୟରେ କାହାର ମରଣର ପାଳି ପଡ଼ିଲେ ଆତ୍ମାକୁ ନେବାପାଇଁ ଆସୁଥିବା ତାଙ୍କର ଦୂତ ଏବଂ ସ୍ୱୟଂ ଯମରାଜ ବୋଧେ ସ୍ମାର୍ଟଫୋନ୍ ପ୍ରେମରେ ପଡ଼ି ଆତ୍ମା ସଂଗ୍ରହ କରିବାକୁ ଭୁଲି ଯାଉଥିବେ। ଏ ସବୁ ଚିନ୍ତା କରି ତାଆର ଯମରାଜଙ୍କ ଉପରେ ଭାଆରି କ୍ରୋଧ ହେଲା। ତେଣୁ ସିଏ ମନେମନେ ଯମରାଜଙ୍କୁ ଗାଳିଦେଲା। ଗାଳି ଶୁଣି ଯମରାଜ ତା' ସମ୍ମୁଖରେ ପ୍ରକଟ ହୋଇ କହିଲେ – ମୋତେ କ'ଣ ଗାଳି ଦେଉଛୁ! ମୋର କି ଦୋଷ?? ମୁଁ ତ ଯାହା ପାଖକୁ ଯାଇ କହୁଛି କି ତମର ବେଳ ହୋଇଗଲା ଏଥର ଚାଲ। ସମସ୍ତେ କିଛି ନା କିଛି ଆଳ ଦେଖାଇ କହୁଛନ୍ତି କାଲି ଆସ। ତୁ ନିଜେ କହୁନୁ ତୁ ଏବେ ମରିବାକୁ ରାଜି କି?

ଯମରାଜଙ୍କର ଏପରି ତ୍ୱରିତ ଆହ୍ୱାନରେ ତାଆର ସ୍ୱାଭିମାନ ଜାଗ୍ରତ ହେଲା। ସିଏ ବିନା ବିଚାରରେ କହିଲା – ହଁ ମୁଁ ରାଜି! କିନ୍ତୁ ଗୋଟିଏ ସର୍ତ୍ତରେ! –କି ସର୍ତ୍ତ? ସିଏ କହିଲା – ମୁଁ ମଲାପରେ ବି ମୋ ଆତ୍ମୀୟସ୍ୱଜନ କ'ଣ କରୁଛନ୍ତି ଯେମିତି ଦେଖିପାରିବି! –ତଥାସ୍ତୁ! ବାସ୍, ଯମରାଜ ଏଥର ତା' ଦେହରୁ ଜୀବନଟାକୁ କାଢ଼ିନେଇ ଚାଲିଗଲେ। ତାଆର ନିର୍ଜୀବ ଶରୀରଟା ସେମିତି ପଡ଼ି ରହିଲା। ସିଏ ଚାହିଁ ରହିଛି ଦେଖିବାକୁ କ'ଣ ରହିଛି ଘରଲୋକଙ୍କ ପ୍ରତିକ୍ରିୟା।

ବହୁ ସମୟ ଯାଏଁ ତ କେହି ଆସିଲେନି। କାରଣ ତାହା ଥିଲା ସନ୍ଧ୍ୟା ସମୟ। ଯେଉଁ ସମୟରେ ଘରଣୀ ଟିଭିରେ ଧାରାବାହିକ ଦେଖିବାରେ ବ୍ୟସ୍ତଥିଲେ। ଝିଅ ବାହାରକୁ ଯାଇଥିଲା। ପୁଅ ତ ବିଦେଶରେ। ବାପା ମାଆ ତ ଗାଆଁରେ। ଅତଏବ ତାକୁ ତାଆର ଶବ ସହିତ ଅପେକ୍ଷା କରିବାକୁ ପଡ଼ିଲା। ଟିଭିଦେଖା ସାରି ତା' ପତ୍ନୀ ଖାଦ୍ୟ ଗରମ କରିବା ପରେ ତାକୁ ଡାକିବାକୁ ଆସିଲେ। ହେଲେ ସିଏ ବା ଶୁଣନ୍ତା କିପରି? ସିଏ ନ ଶୁଣନ୍ତେ ତା' ଦେହକୁ ଧରି ହଲଚଲ କଲେ। ସିଏ ନ ଉଠନ୍ତେ ତାକୁ ଡାକ୍ତରଖାନା ନେଲେ।



ଖବର ପାଇ ଝିଅ ଡାକ୍ତରଖାନାରେ ପହଞ୍ଚିଲା। ଡାକ୍ତର ଆସି ତାକୁ ପରୀକ୍ଷା କରି ମୃତ ଘୋଷଣା କଲେ। ଏହା ପରେ ଖବରଟି ଚିହ୍ନାଜଣାରେ ବ୍ୟାପିଗଲା। ସାମାଜିକ ଗଣମାଧ୍ୟମରେ ତାଆର ସାଙ୍ଗମାନେ ତା' ପ୍ରତି ସମବେଦନା ଜଣାଇ ଫୁଲମାଳ ଓ ଧୂପକାଠିଯୁକ୍ତ ଫଟୋ ଶେୟାର କଲେ। ଅଳ୍ପକିଛି ଜଣ ଆସି ତାଆର ଶବ ସହ ସେଲ୍ଫି ନେଇ ଫୋଷ୍ଟ କଲେ। ପୁଅ ଆସିବାରେ ଡେରି ହେବ ତେଣୁ ତାଆର ଶବକୁ ଗୋଟେ ଥଣ୍ଡା ବାକ୍ସରେ ଶବ ସଂରକ୍ଷଣ ଗୃହରେ ରଖାଗଲା। ତେବେ ତାଆର ମୃତ୍ୟୁର ପ୍ରଭାବ କାହା ଉପରେ ପଡ଼ିଛି ଜାଣିବା ପାଇଁ ସିଏ ଭାବିଲା ଟିକେ ଚିହ୍ନାଜଣାରେ ବୁଲି ଆସିବ। ସେୟା କରି ସିଏ ଦେଖିଲା ଯେତେ ସବୁ ବନ୍ଧୁବାନ୍ଧବ ତାଆର ଯେତେ ଦୁର୍ଗୁଣ ସବୁ ଆଲୋଚନା କରୁଛନ୍ତି। ସହକର୍ମୀମାନେ ଏବେ ତାଆର ପଦବୀଟି କାହାକୁ ମିଳିବ ସେଇ ଆଶାରେ। ଯିଏ ତାଆଠୁ ଧାର ନେଇଥିଲା ଯାହାହେଉ ରକ୍ଷା ହେଲା ବୋଲି ଖୁସି।

ସକାଳ ନଅଟା ବେଳେ ତା' ଶବ ଉଠିନି ସେପଟେ ତାଆର ପ୍ରାତଃଭ୍ରମଣକାରୀ ସହଯାତ୍ରୀଙ୍କ ପକ୍ଷରୁ ପାର୍କରେ ଗୋଟେ ସ୍ମୃତିସଭାର ଆୟୋଜନ ହେଲା। ତାଆର ଗୋଟେ ଫଟୋ ରଖି ସଦସ୍ୟଗଣ ତାଆର ସ୍ମୃତିଚାରଣ କଲେ। ଜଣେ ଟାଉଟର ଯାହା ସହିତ ତାଆର ଆଦୌ ପଡୁ ନ ଥିଲା ସିଏ ତାଆର ମୃତ୍ୟୁରେ ଗଭୀର ମର୍ମାହତ ହୋଇ ଏକ ଦୀର୍ଘ କବିତାକୁ ଘଣ୍ଟାଧିକ କାଳ ଏପରି ପାଠ କରି ଚାଲିଲା ଯେ ତାହାକୁ ଶୁଣିଶୁଣି ସମବେତ ସମସ୍ତଙ୍କ ଆଖିରେ ଲୁହ ଆସିଗଲା। ଆଉ ଜଣେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଜନ୍ମ ଓ ମୃତ୍ୟୁକୁ ନେଇ ଗୀତାର ଦୁଇଟି ଅଧ୍ୟାୟର ଶ୍ଳୋକ ଉଚ୍ଚାରଣ ସହ ତାକୁ ଏପରି ବୁଝାଇବାରେ ଲାଗିଲେ ଯେ ସମବେତ ଶ୍ରୋତାଗଣଙ୍କର ମୁହଁଗୁଡ଼ିକ ଆହୁରି କରୁଣ ଦେଖାଗଲା।

ସିଏ ସେ ସ୍ଥାନଛାଡ଼ି ଘରେ ପହଞ୍ଚି ଦେଖିଲା ତା' ପତ୍ନୀ ଓ ଝିଅ ତାଆର ଆଲମିରା, ବାକ୍ସ ଓ ଲକର ଆଦି ଖୋଲି କ'ଣ ସବୁ ଖୋଜାଖୋଜି କରୁଛନ୍ତି ଏବଂ ଆଶାନୁଯାୟୀ କିଛି ନ ମିଳିବାରୁ ବାରମ୍ବାର ବିରକ୍ତ ହେଉଛନ୍ତି। ଧୀରେ ଧୀରେ କିଛି ବନ୍ଧୁବାନ୍ଧବ ପହଞ୍ଚିଲେ। ସିଏ କେମିତି ମଲା... ଶୋଇଥିଲା ଆଉ ଉଠିଲାନି। ସେଇ ସମାନ କଥା ଘରଣୀ ବାରମ୍ବାର ରେକର୍ଡ ବଜେଇବା ପରି କହିଚାଲିଲେ। କିଏ କହିଲା– ପୁଣ୍ୟବନ୍ତ ଲୋକ। ବିନା ରୋଗ ବୈରାଗରେ, ବିନା କଦର୍ଥନାରେ ଚାଲିଗଲା। ଆଉ ଜଣେ କହିଲା – ଏୟାକୁ କହନ୍ତି ଇଚ୍ଛା ମରଣ! ଦି' ଜଣ ଘରବାହାରକୁ ଯାଇ କଥା ହେଲେ– କଥାଟା କାହିଁକି ସନ୍ଦେହଜନକ ଲାଗୁଛି! ମାରି ଦେଲେ କି ଆଉ? ଦ୍ୱିତୀୟ ଜଣକ କହିଲା– ଆତ୍ମହତ୍ୟା ବି ହୋଇଥାଇ ପାରେ! ଏ ସମୟରେ ପୁଅ ପହଞ୍ଚିଲା। ବର୍ଷ ଶେଷରେ ବହୁତ କାମ, ଏତିକି ବେଳେ ହିଁ ୟାଙ୍କୁ ମରିବାକୁ ଥିଲା କି ବୋଲି ବିରକ୍ତ ହେଲା।

ଏବେ ତାକୁ ଜୁଇରେ ଶୁଆଇ ଦିଆଗଲା। ପୁଅ ଚାରିପଟେ ବୁଲିଆସି ତା' ପାଟିରେ ନିଆଁ ଦେଲା ବେଳୁ ନିଆଁଚେଙ୍କ ଡରରେ ହାଉଳିଖାଇବା ସହିତ ତା' ନିଦଟା ଚାଉଁକି ଭାଙ୍ଗିଗଲା। ତା' ବାଉଳି ଶୁଣି ଘରଣୀ କହିଲେ – କାହିଁକି ବଜରବଜର ହେଉଛ ଭଲା! ମୋର ଏତେ କାମ ଯେ... ମରିବାକୁ ବେଳନାହିଁ!!

ଅଲରା, ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ବିନା ମାଟିରେ ପରିବେଶ ଉପଯୋଗୀ ତଥା ପାରମ୍ପରିକ ପଦ୍ଧତି(ହାଇଡ୍ରୋପୋନିକ)ରେ ୮୦ ପ୍ରତିଶତ ପାଣି ବଞ୍ଚାଇ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି ଆଇଆଇଟି ମୁମ୍ବାଇର ଦୁଇ ବନ୍ଧୁ ଅମିତ କୁମାର ଏବଂ ଅଭୟ ସିଂ। ଅନ୍ୟ ପଦ୍ଧତି ତୁଳନାରେ ଏଥିରେ ଚାଷ ଖୁବ୍ ଶୀଘ୍ର ହୋଇପାରୁଛି। ସେମାନେ ପରିବେଶ ସହନୀୟ ଷ୍ଟାର୍ଟଅପ 'ଏକି ଫୁଡ' ମାଧ୍ୟମରେ ଏହି ଚାଷ କରୁଛନ୍ତି। ଏକି ଜାପାନିଜ୍ ବିଶ୍ୱାସ ଏକିଗାଇରୁ ଆସିଛି, ଯାହାର ଅର୍ଥ ହେଉଛି ସୁସ୍ଥ ଜୀବନଶୈଳୀ ଓ ଲକ୍ଷ୍ୟପୂର୍ଣ୍ଣ ଜୀବନ ଏବଂ ଏହି ଉଦ୍ଦେଶ୍ୟ ନେଇ ସେମାନେ ଚାଷ ଜାରି ରଖିଛନ୍ତି। ଏହି ଦୁଇ ବନ୍ଧୁ ହରିୟାଣାର ପାନିପଥରେ ହାଇଡ୍ରୋପୋନିକ ଉପାୟରେ ୭ ଏକର ଜମିରେ ଏଭଳି ଚାଷ କରୁଛନ୍ତି ଓ ଆଉ ୩୩ ଏକରରେ ଚାଷ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଟମାଟୋ, କାକୁଡ଼ି, ଲଙ୍କା, ଗୋଲମରିଚ, ପୋଇ, ଲାଉ, କଲରା, ଧନିଆ ସହ ତରଭୁଜ ଓ ଫୁଟି ଆଦି ଉତ୍ପାଦନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜାନୁୟାରୀ ୧୯୯୮

- କେନ୍ଦ୍ର କ୍ୟାବିନେଟ ସଚିବ ଟି.ଏସ୍.ଆର୍. ସୁବ୍ରମଣ୍ୟମ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ଉପରେ କେନ୍ଦ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ପକ୍ଷରୁ ଜାରି କରାଯାଇଥିବା ରହିତାଦେଶ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ରଦ୍ଦ।
- ବିଶିଷ୍ଟ ଗାଳ୍ପିକ ଅନ୍ନଦା ପ୍ରସାଦ ରକ୍ଷିତଙ୍କ ୭୧ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | 7 | | |
| | 6 | 3 | 1 | | | | 8 | |
| | | 4 | 9 | | 3 | | | |
| | 4 | | | | | | 1 | |
| | | 8 | | 3 | | | | 7 |
| | | | | | 9 | 5 | | 8 |
| | | | | | 6 | 3 | | |
| | | | | 8 | 1 | | | 5 |
| | 2 | 5 | | | | | | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 4 | 8 | 1 | 2 | 7 | 5 | 3 |
| 5 | 2 | 7 | 6 | 9 | 3 | 1 | 4 | 8 |
| 8 | 3 | 1 | 5 | 7 | 4 | 2 | 6 | 9 |
| 7 | 8 | 2 | 3 | 6 | 5 | 9 | 1 | 4 |
| 9 | 5 | 3 | 1 | 4 | 7 | 6 | 8 | 2 |
| 4 | 1 | 6 | 9 | 2 | 8 | 3 | 7 | 5 |
| 1 | 6 | 5 | 4 | 3 | 9 | 8 | 2 | 7 |
| 2 | 4 | 9 | 7 | 8 | 1 | 5 | 3 | 6 |
| 3 | 7 | 8 | 2 | 5 | 6 | 4 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବସୁଧା ଯୋଜନା ଅଧାପନ୍ତରିଆ

ମହାଶୟ,

ବସୁଧା ଯୋଜନା ଅଧୀନରେ ବିରିଡ଼ି ବ୍ଲକର ହାଜିପୁର ପଞ୍ଚାୟତର ହାଜିପୁର ମହାନ୍ତି ସାହିରେ ପାଇପ ଅଧା ବିଛାଯାଇ ଛାଡ଼ି ଦିଆଯାଇଛି। ଗତ ୬ମାସ ଧରି କାମ ଆଗେଇ ପାରୁନାହିଁ। ରାସ୍ତାଗୁଡ଼ିକ ଖୋଳିଦିଆଯାଇ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏବେ ଗ୍ରାମର ୮୦ ପ୍ରତିଶତ ଲୋକ ପାଇପ ପାଣି ପାଉଥିବା ବେଳେ ୨୦ ପ୍ରତିଶତ ଏଥିରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରି ସମସ୍ତଙ୍କୁ ପାଣି ଯୋଗାଣ ସୁନିଶ୍ଚିତ କରନ୍ତୁ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E–mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E–mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଧାନଶିକ୍ଷୟିତ୍ରୀ ମୃତ: ସ୍ୱାମୀ, ୨ ଝିଅ ଗୁରୁତର

## ଭୁବନେଶ୍ୱରରୁ ଫେରିବାବେଳେ ଟ୍ରକ୍ ପଛରେ ପିଟିହେଲା କାର୍

ଝୁମ୍ପୁରୀ,୩।୧(ଡି.ଏନ୍.ଏ.)

ଭୁବନେଶ୍ୱରରୁ କାର୍‌ରେ ଘରକୁ ଫେରୁଥିବାବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପ୍ରଧାନଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ସ୍ୱାମୀ ଓ ୨ ଝିଅ ଗୁରୁତର ହୋଇଛନ୍ତି। କାର୍ ଚାଳକ ଆହତ ହୋଇଛନ୍ତି। ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଯାଜପୁର–କୟାଁଗୋଲା ୨୦ ନମ୍ବର ଜାତୀୟ ରାଜପଥର ପଞ୍ଜାରା ସାହି ନିକଟରେ ସୋମବାର ରାତିରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ମଲ୍ଲିକାପୁର ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ସୁକାନ୍ତି ମହାନ୍ତି(୫୬)। ଗୁରୁତର ହେଲେ ତାଙ୍କ ସ୍ୱାମୀ ତଥା ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି(୫୯), ଦୁଇ ଝିଅ ଗାର୍ଗୀ ମହାନ୍ତି(୨୦) ଓ ଲୋରା ମହାନ୍ତି(୧୬)। ଶିକ୍ଷକ ମହାନ୍ତିଙ୍କ ପରିବାର ଭୁବନେଶ୍ୱର ଯାଇଥିଲେ। ସେଠାରେ ପାଠ ପଢୁଥିବା ବଡ଼ ଝିଅଙ୍କୁ କଲେଜରେ ଛାଡ଼ି ଅନ୍ୟ ସମସ୍ତେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ କାର୍ ଓଡି–୦୨–ବିଇ–୨୬୨୬ ପଞ୍ଜାରା ସାହି ଛକ ନିକଟ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଚାଉଳ ବୋଝେଇ ଟ୍ରକ୍ ନମ୍ବର ଓଡି–୦୫–ବିକେ–୦୭୮୪କୁ ପଛରୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ସମସ୍ତ ସଦସ୍ୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଉକ୍ତ କାର୍‌ର ଡୋରକୁ ତାଡ଼ି ମହାନ୍ତିଙ୍କ ପରିବାରକୁ ଉଦ୍ଧାର କରି ଜିଲା ସଦରମହକୁମା ଚିକିତ୍ସାଳୟକୁ ପଠାଇଥିଲେ। ଡ୍ରାଇଭରଙ୍କୁ ଛାଡ଼ି ଅନ୍ୟମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ସେମାନଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଥିଲା। ତେବେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଗୁରୁତର ଥିବା ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଙ୍କ ସେଠାରେ ମୃତ୍ୟୁ ହୋଇଥିଲା। ଅନ୍ୟମାନଙ୍କ ଅବସ୍ଥା ଏବେବି ସଙ୍କଟାପନ୍ନ ରହିଛି। ସୁକାନ୍ତି ଅସ୍ତକ ୟୁଜିଏମ୍ଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଥିଲେ। ତାଙ୍କ ସ୍ୱାମୀ ମହାନ୍ତିପାଟଣା ନୋଡାଲ ସ୍କୁଲର ଶିକ୍ଷକ। ଏହି ଦୁର୍ଘଟଣାର ଖବର ପାଇ ଝୁମ୍ପୁରୀ ବିଟ୍ ହାଉସ୍ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍ ଓ ଟ୍ରକ୍‌କୁ ଜବତକରି ତଦନ୍ତ ଜାରି ରଖିଛି। ମୃତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ମହାନ୍ତିପାଟଣା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ପୁଣି ଆମ୍ବୁଲାନ୍ସ, ହୋଟେଲ କର୍ମଚାରୀଙ୍କୁ ଜେରା

## ୨ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲା

■ ରାୟଗଡ଼ାରେ ପହଞ୍ଚିଲେ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଧିକାରୀ ତପନ ଦାସ

ରାୟଗଡ଼ା,୩।୧(ସ୍ୱ.ପ୍ର.)

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭ ଓ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ୫ମ ଦିନରେ ପହଞ୍ଚିଛି। ତଦନ୍ତ ଜୋର୍‌ଦାର କରିଛି କ୍ରାଇମବ୍ରାଞ୍ଚ ଟିମ୍। ବାଇକରେ ବୁଲି ତଦନ୍ତ ପାଇଁ ବିଭିନ୍ନ ଆଡ଼େ ଯାଉଥିବା ବେଳେ ନଜରକୁ ଆସିଛନ୍ତି କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରୋଜକାନ୍ତ ମହାନ୍ତ। ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ତଦନ୍ତ ଏବଂ ଜେରା କରାଯାଇଛି। ସକାଳୁ କ୍ରାଇମବ୍ରାଞ୍ଚ ଟିମ୍ ୨ଭାଗରେ ବିଭକ୍ତ ହୋଇ ଜିଲା ପୋଲିସ କାର୍ଯ୍ୟାଳୟ ଏବଂ ଥାନାକୁ ଯାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଥାନାକୁ ଡାକି ଜେରା କରାଯାଇଛି। ଦୀର୍ଘ ସମୟ ଧରି ଥାନା ଭିତରେ ଏହି ଜେରା ଚାଲିଥିଲା। ପାଭେଲ ଓ ବିଦାନୋଭଙ୍କୁ ଡାକ୍ତରଖାନା ନେଇଥିବା ଆମ୍ବୁଲାନ୍ସ କର୍ମଚାରୀ ଏବଂ କେତେଜଣ ହୋଟେଲ କର୍ମଚାରୀଙ୍କୁ ଜେରା କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ମହାନ୍ତ କହିଛନ୍ତି। ତଦନ୍ତରେ ସହାୟତା ପାଇଁ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ତପନ ଦାସ ୪ଜଣିଆ ଟିମ୍ ସହ ରାୟଗଡ଼ା ଥାନାରେ ପହଞ୍ଚିଛନ୍ତି । ସୂଚନାନୁଯାୟୀ, ଘଟଣାର ତଦନ୍ତ ନିମନ୍ତେ ଡିଏସ୍‌ପି ତପନ ଦାସଙ୍କ ନେତୃତ୍ୱରେ ୨ ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ କଟକରେ ପାଭେଲ ଓ ବିଦାନୋଭଙ୍କ ସହ ଆସିଥିବା ରୁଷୀୟ ପର୍ଯ୍ୟଟକ ଦମ୍ପତି ତୁରଭ ମିଖାଇଲ ଏବଂ ପାନାସାଙ୍କୋ ନାତାଲିଆ ଏବଂ ଗାଇଡ୍ ଜିତେନ୍ଦ୍ର ସିଂଙ୍କୁ ଜେରା କରୁଛନ୍ତି। ଅନ୍ୟ ଟିମ୍ ଡିଏସ୍‌ପି ମହାନ୍ତଙ୍କ ନେତୃତ୍ୱରେ ରାୟଗଡ଼ା ଆସି ଡିସେମ୍ବର୨୭ରୁ ତଦନ୍ତ କରୁଛି। କଟକ ଏବଂ ରାୟଗଡ଼ାରୁ ମିଳିଥିବା ତଥ୍ୟ ଏବଂ ପ୍ରମାଣକୁ ଭିତ୍ତିକରି ତପନ ଦାସ ରାୟଗଡ଼ା ଆସି ତଦନ୍ତ କରିବେ । ବର୍ତ୍ତମାନ ମୋଟ ୬୧ଜଣଙ୍କ ତାଲିକା ପ୍ରସ୍ତୁତ ହୋଇଛି। ସେମାନଙ୍କ ମଧ୍ୟରୁ ୪୩ଜଣଙ୍କୁ ପଚରାଉଚୁରା କରି ବୟାନର ଭିଡିଓ ରେକର୍ଡିଂ କରାଯାଇଥିବା ସୂଚନା ମିଳିଛି। ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ରହସ୍ୟ କେବେ ଖୋଲିବ ତାହା ଦେଖିବାକୁ ବାକି ରହିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

VACANCY
MNC Life Insurance company is looking for **RELATIONSHIP MANAGERS** for Paradeep, Baripada & Koraput. Age-28 & Above, Exp.- 18 months in Life Insurance Agency/Variable
Contact to
Mr. Surya : 9776080027

WANTED
Talented Marketing Executive required to undertake marketing projects for benefit of our Company
**BLAZWEL, Bhubaneswar, Marketing Executive - 5 Nos.**
Salary : ₹14,000/- to ₹20,000/-
Contact: 9078694228, Email : blazwelmarketing@gmail.com.

ଆବଶ୍ୟକ:- ମର୍ଚ୍ଚାଣ୍ଟ ନାଭି ପୁରୁଷ/ମହିଳା ୮ମ/ଗ୍ରାଜୁଏଟ୍, ଆଇଟିଆଇ, ଡିପ୍ଲୋମା, ଡେକ୍ କ୍ୟାଡେଟ୍, ସିମ୍ୟାନ୍, କମ୍ପ୍ୟୁଟର ଅପରେଟର, ସୁପରଭାଇଜର, ଷ୍ଟୋର୍ ଇନ୍‌ଚାର୍ଜ, ଡ୍ରାଇଭର, ଏକ୍ସମ୍ୟାନ୍, ଦରମା:- ୨୮ ହଜାର/୯୫ ହଜାର । ସମସ୍ତ ସୁବିଧା । ସି.ଭି. ପଠାନ୍ତୁ:
shivmerchantacademy@gmail.com
8112322104, 7052138505

TAILOR APPOINTMENT
Tailors required for a company in Gothapatna.
Ph.No.: 8983031120

# ମରଣମୁହଁରୁ ଫେରିଲେ ୬ ପର୍ଯ୍ୟଟକ

## ସମୁଦ୍ରରେ ପେଟ୍ରୋଲ ସରିଯିବାରୁ ଫସିଲା ବୋଟ୍

ରାଜନଗର, ୩।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ୍ ଖୋଲିଛି। ବ୍ୟୟବହୁଳ ଏହି ଇକୋ ରିଟ୍ରିଟ୍‌ର ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସୋମବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟ ଗାଁର କେତେଜଣ ପର୍ଯ୍ୟଟକ ପେଣ୍ଠ ବେଳାଭୂମି ବୁଲିବାକୁ ଆସିଥିଲେ। ସେଠାରେ ଥିବା ଇକୋ ରିଟ୍ରିଟର ବୋଟିଂ ସୁବିଧାରେ ୧୨ଶହ ଟଙ୍କା ପୈଠ କରି ସମୁଦ୍ରରେ ବୋଟିଂର ମଜା ନେବା ପାଇଁ ଗୌରୀ ସୂତାର, ରୋହିତ ସୂତାର, ସୁଶାନ୍ତ ସୂତାର, ରାହୁଲ ସୂତାର, ସୁଧାଂଶୁ ସୂତାର ଓ ସୁପ୍ରଭା ମହାନ୍ତି ସମୁଦ୍ର ମଧ୍ୟକୁ ଯାଇଥିଲେ। ସମୁଦ୍ର ଭିତରେ ପ୍ରାୟ ୨ କିମି ଗଲାପରେ ବୋଟରୁ ପେଟ୍ରୋଲ ସରି ଯାଇଥିଲା। ଗଭୀର ସମୁଦ୍ର ମଧ୍ୟରେ ବୋଟ୍‌ରୁ ପେଟ୍ରୋଲ ସରିଯିବା ପରେ ବୋଟରେ ଥିବା ପର୍ଯ୍ୟଟକମାନେ ଭୟଭୀତ ହୋଇପଡିଥିଲେ। ପର୍ଯ୍ୟଟକମାନେ ହୋ ହଲ୍ଲା ଓ ଚିତ୍କାର କରିଥିଲେ। ସେମାନେ ଲାଇଫ୍ ଜ୍ୟାକେଟ ପିନ୍ଧିଥିଲେ ସୁଦ୍ଧା କୌଣସି ଉପାୟ ନ ପାଇ ଭଗବାନଙ୍କୁ ଡାକିଥିଲେ। ପବନର ଗତି ଉପକୂଳମୁହାଁ ଥିବାରୁ ବୋଟ୍‌ଟି ଆପେଆପେ କୂଳକୁ ଚାଲି ଆସିଥିଲା। ଫଳରେ ସମସ୍ତ ପର୍ଯ୍ୟଟକ ଉଦ୍ଧାର ପାଇଥିଲେ। ବୋଟ୍‌ରେ ଥିବା ପର୍ଯ୍ୟଟକମାନଙ୍କ କହିବା କଥା ହେଲା, ଇକୋ ରିଟ୍ରିଟ୍ ପରିଚାଳନା କର୍ମଚାରୀଙ୍କ ଦାୟିତ୍ୱରେ ଥିବା ବୋଟ୍‌ରେ ଆମେ ଯେତେବେଳେ ବସିଲୁ, ତାହା ଷ୍ଟାର୍ଟ ହେଲାନାହିଁ। କିଛି ସମୟ ଚେଷ୍ଟା କଲା ପରେ ଷ୍ଟାର୍ଟ ହେଲା। ସେହି ବୋଟ୍‌ରେ ସମୁଦ୍ର ମଧ୍ୟକୁ ଯିବା ସମୟରେ ହଠାତ୍ ବୋଟ୍‌ର ଇଞ୍ଜିନ ବନ୍ଦ ହୋଇଗଲା। ବୋଟ୍ ଚଲାଉଥିବା ଡ୍ରାଇଭର ହୁଇସିଲ ମାରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏମିତିକି ବୋଟ୍ ମଧ୍ୟରେ ପାଦେ ପର୍ଯ୍ୟନ୍ତ ପାଣି ପଶିଥିଲା। ଭଗବାନଙ୍କ ଆଶୀର୍ବାଦରୁ ଆମେ ନୂଆ ଜୀବନ ପାଇକି ଆସିଛୁ ବୋଲି ସେମାନେ କହିଛନ୍ତି। ଯଦି ପବନର ବେଗ ଉପକୂଳମୁହାଁ ନ ଥା'ନ୍ତା, ତେବେ ଗଭୀର ସମୁଦ୍ରରେ ୬ଜଣ ପର୍ଯ୍ୟଟକଙ୍କ ଅବସ୍ଥା କ'ଣ ଯେ ହୋଇଥା'ନ୍ତା ଓ ସେଥିପାଇଁ ଦାୟୀ କିଏ ରହିଥା'ନ୍ତା। ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ବୋଟ୍‌ଟିରେ ପେଟ୍ରୋଲ ସରିଯାଇଥିଲା। ଏହା ଆମର ଭୁଲ ଥିଲା। ଆମେ ତାଙ୍କଠାରୁ ରଖିଥିବା ୧୨ଶହ ଟଙ୍କା ଫେରାଇ ଦେଇଛୁ ବୋଲି କହିଛନ୍ତି।



# ପ୍ରତାପ ଷଡ଼ଙ୍ଗୀ ଏମ୍ସ ସ୍ଥାନାନ୍ତର

ବାଲେଶ୍ୱର ଅଫିସ, ୩।୧

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜରେ ଗତ ସୋମବାର ସନ୍ଧ୍ୟାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଉତ୍ତମ ଚିକିତ୍ସା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଗତ ୪ଦିନ ଧରି ତାଙ୍କୁ ଥଣ୍ଡା ଓ ଜ୍ୱର ଲାଗି ରହିଥିଲା। ଜ୍ୱର ଛାଡ଼ିଯାଇଥିବା ବେଳେ କାଶ ଲାଗି ରହିଛି। ଏନେଇ ଏମ୍‌ପି ଡାକ୍ତରଙ୍କୁ ପରାମର୍ଶ କରିଥିଲେ। ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କୋଭିଡ୍‌ର ଆଣ୍ଟିଜେନ୍ ଟେଷ୍ଟ କରିଥିଲେ। ରିପୋର୍ଟ ନେଗେଟିଭ୍ ଆସିଥିଲା। ଆର୍‌ଟି–ପିସିଆର୍ ଟେଷ୍ଟ ପାଇଁ ଦିଆଯାଇଛି। ତାଙ୍କୁ ନିମୋନିଆ ହୋଇଥିବା ଜଣାପଡ଼ିବା ପରେ ଉତ୍ତମ ଚିକିତ୍ସା ପାଇଁ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଗତ ସୋମବାର ରାତିରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଟିମ୍ ସହ ଆଲୋଚନା କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏମ୍ସ ଯାଉଛନ୍ତି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।

# କୃଷ୍ଣ ବଳରାମଙ୍କୁ ଭେଟିଲେ ଅକ୍ରୂର



ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଭେଟି ଅକ୍ରୂର ଭାବ ବିହ୍ୱଳ ହୋଇପଡ଼ିଛନ୍ତି ।

## ବରଗଡ଼ ଧନୁଯାତ୍ରା

ମଥୁରାନଗରୀ,୩।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଅଷ୍ଟମ ଦିବସରେ ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଗୋଟିଏ ପଟେ ଗୋପପୁର ବୃନ୍ଦାବନ ପଡ଼ିଆ ଏବଂ ଅନ୍ୟପଟେ ମଥୁରାନଗରୀର ରାଜଦରବାର ଓ ରଙ୍ଗମହଲର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ଗୋପାଳ ବାଳକଙ୍କ ଗହଣରେ ଶ୍ରୀକୃଷ୍ଣ ଓ ବଳରାମ ଗୋପପୁର ପରିକ୍ରମା କରି ଯମୁନା କୂଳ ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନ୍ଧ ବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଯାଇଥିଲେ ଏବଂ ଲୀଳାମୟ କୃଷ୍ଣଙ୍କୁ ଗିରି ଗୋବର୍ଦ୍ଧନ ବେଶରେ ଦେଖିବା କ୍ଷଣି ସେ ଦୃଷ୍ଟି ଫେରିପାଇଥିଲେ।

କଂସ ମହାରାଜଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣ ଓ ବଳରାମଙ୍କୁ ଆଣିବା ପାଇଁ ଅକ୍ରୂର ଏକ ସୁସଜ୍ଜିତ ରଥରେ ଗୋପପୁର ଅଭିମୁଖେ ଯାଇଥିଲେ। ବାଟରେ ଯମୁନା ଶଯ୍ୟାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପରେ ଶ୍ରୀକୃଷ୍ଣ ଓ ବଳରାମ ଅକ୍ରୂରଙ୍କୁ ନନ୍ଦ ଦରବାରକୁ ନେଇଥିଲେ। ନନ୍ଦ ଦରବାରରେ ଅକ୍ରୂର ନନ୍ଦରାଜାଙ୍କୁ ମହାରାଜ କଂସ ଦେଇଥିବା ଚିଟାଉ ପ୍ରଦାନ କରିଥିଲେ। ସେହିପରି କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣ କରିଥିଲେ। ପରିଭ୍ରମଣ ସମୟରେ ସେ ସ୍ଥାନୀୟ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ସରକାରୀ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଥିଲେ ଏବଂ କର୍ମଚାରୀଙ୍କୁ ଭେଟି ଲୋକଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ଏହାପରେ କଂସ ହାଟପଦାସ୍ଥିତ ରଙ୍ଗମହଲକୁ ଯାଇ ନୃତ୍ୟଗୀତରେ ମସ୍‌ଗୁଲ ହୋଇଥିଲେ। ପରେ ରାଜଦରବାରକୁ ଆସି ଶ୍ରୀକୃଷ୍ଣ ଓ ବଳରାମଙ୍କୁ ହତ୍ୟା ଏବଂ ଗୋପପୁରକୁ ଧ୍ୱଂସ କରିବା ପାଇଁ ନିଜ ସୈନ୍ୟ ସାମନ୍ତଙ୍କ ସହ ଯୁଦ୍ଧାଭ୍ୟାସ କରିଥିଲେ। ରାଜଦରବାରରେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପଦ୍ମଶ୍ରୀ ପ୍ରମୋଦ ଭଗତ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ ।

# ସର୍ବସାଧାରଣଙ୍କ ପାଇଁ ୬ରୁ ଖୋଲିବ ରାଜଭବନ ଉଦ୍ୟାନ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ସର୍ବସାଧାରଣଙ୍କ ନିମନ୍ତେ ରାଜଭବନ ଉଦ୍ୟାନ ଆସନ୍ତା ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଛୁଟିଦିନ ଓ ରବିବାର ସମେତ ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ୩୦ଟାରୁ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ଏହି ଉଦ୍ୟାନ ପରିଦର୍ଶନ କରିପାରିବେ। କେବଳ ମୋବାଇଲ ଆପ୍ ମାଧ୍ୟମରେ ଯେଉଁମାନେ ପଞ୍ଜୀକରଣ କରିଥିବେ, ସେମାନଙ୍କୁ ରାଜଭବନ ଉଦ୍ୟାନକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଚଳିତ ବର୍ଷଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହି ଉଦ୍ୟାନ ଆପ୍‌କୁ ରାଜଭବନ ଗାର୍ଡେନ ଭିଜିଟ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରିବାକୁ ହେବ। ଓଡ଼ିଶା ରାଜଭବନ ୱେବ୍‌ସାଇଟ୍‌ରେ ଥିବା କ୍ୟୁଆର୍ କୋଡ୍‌କୁ ମଧ୍ୟ ସ୍କାନ କରି ଆପ୍ ଡାଉନଲୋଡ୍ କରିହେବ। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରମାନେ ସକାଳ ୮ଟା ୩୦ରୁ ୧୦ଟା ଭିତରେ ଉଦ୍ୟାନକୁ ଯାଇପାରିବେ। ସେହିପରି ସ୍କୁଲ କର୍ତ୍ତୃପକ୍ଷ ଅଧିକ ବିବରଣୀ ପାଇଁ www.rajbhavanodisha.gov.in ପରିଦର୍ଶନ କରିପାରିବେ। ଯେଉଁମାନଙ୍କର ସ୍ମାର୍ଟ ଫୋନ୍ ନାହିଁ ବା ରେଜିଷ୍ଟ୍ରେଶନ୍ କରିବାରେ ଅସୁବିଧାର ସମ୍ମୁଖୀନ ହେବେ, ସେମାନେ ରାଜଭବନ ଫାଟକ ପାଖରେ ସ୍ଥାପିତ କିଓସ୍କର ସହାୟତା ନେଇପାରିବେ। ରାଜଭବନ ପରିସରକୁ ଖାଦ୍ୟଦ୍ରବ୍ୟ ଏବଂ ଅନ୍ୟ ଆପତ୍ତିଜନକ ସାମଗ୍ରୀ ନ ଆଣିବାକୁ ପରାମର୍ଶ ଦିଆଯାଇଛି।

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 112/RI/2022-23/RWD/LATEHAR दिनांक :- 03.01.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि | टेण्डर कॉल नं0 |
|---|---|---|---|---|---|---|
| 1. | RWD/ LATEHAR/ 02/2022-23 | बालू पक्की सड़क से तुरका टांड़ तक पथ निर्माण कार्य (लं– 3.200 कि0मी0) | 3,18,02,086.00 | तीन करोड़ अठारह लाख दो हजार छियासी रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि:– **06.01.2023**
3. ई–निविदा प्राप्ति की अंतिम तिथि एवं समय:– **16.01.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **लातेहार** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **17.01.2023** पूर्वाह्न 10.00 बजे से अपराह्न 3.30 बजे तक।
5. निविदा खोलने की तिथि एवं समय:– **18.01.2023** पूर्वाह्न 11.30 बजे।
6. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
7. ई–निविदा प्रकोष्ठ का दूरभाष सं0– 0651–2207818
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रूप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, **लातेहार** के पक्ष में एवं **लातेहार** में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल

PR 286605 Rural Work Department(22-23).D

भारत का राजपत्र
The Gazette of India
सी.जी.-डी.एल.-अ.-10122022-240961
CG-DL-E-10122022-240961
असाधारण
EXTRAORDINARY
भाग II - खण्ड 3 - उप-खण्ड (ii)
PART II - Section - 3 - Sub-section (ii)
प्राधिकार से प्रकाशित
PUBLISHED BY AUTHORITY
सं. 5527| नई दिल्ली, शुक्रवार, दिसम्बर 9, 2022/अग्रहायण 18, 1944
No. 5527| NEW DELHI, FRIDAY, DECEMBER 9, 2022/AGRAHAYANA 18, 1944

MINISTRY OF ROAD TRANSPORT AND HIGHWAYS
NOTIFICATION
New Delhi, the 9th December, 2022

**S. O. 5763(E).**— Whereas by the notification of the Government of India in the Ministry of Road Transport and Highways, S.O. 3971(E), published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of widening and strenghening to two lane with paved shoulders from Km. 296.500 to 336.500 (Mundamarai to Ratnapur Section) in the district of GANJAM in the State of ODISHA;
And whereas the substance of the said notification has been published in "THE SAMAJ" and "THE DHARITRI" both dated 23.09.2022 under sub-section (3) of section 3A of the said Act;
And whereas no objections have been received with in the statutory period i.e 21 days from publication the aforesaid Gazette notification.
And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;
Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;
And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE
**Brief description of the land to be acquired, with or without structure, falling within the NH59 in the stretch of land from Km. 296.500 to 336.500 (Mundamarai to Ratnapur Section) in the district of GANJAM in the State of ODISHA.**

State: ODISHA District: GANJAM

| S. No. | Survey Number | Type of Land | Nature of Land | Area in Hectare | Name of the Land Owner/ Interested Person Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Dharakote | | | | | |
| Village: Bariguda | | | | | |
| 1 | 1017 | Government | AJA | 0.005 | Abad Jogya Anabadi , Govt of Odisha |
| 2 | 1024 | Private | RAYATI | 0.0218 | Lingaraj Padhy S/o. Raghunath Padhy, Caste-Brahmin, |
| 3 | 1029 | Private | RAYATI | 0.015 | Padma Charan Pattnayak, Muralidhar Pattnayak, Bijaya Kumar Pattnayak,S/o- Satyabadi Pattnayak, Caste-Karan |
| 4 | 1030 | Private | RAYATI | 0.0163 | Bansidhar Pattnayak, S/o- Damodar Pattnayak, Caste – Karan |
| 5 | 1031 | Private | RAYATI | 0.0204 | Raghunath Pattnayak, Manmohan Pattnayak, Santosh Pattnayak S/o- Kishor Chandra Pattnayak, Caste-Karan |
| 6 | 1032 | Private | RAYATI | 0.0334 | Kartik Naik, S/o: Gura Naik, Caste-Dandasi |
| 7 | 1036 | Government | SARBA SADHARANA | 0.0042 | Sarbasadharan Govt of Odisha |
| 8 | 1037 | Private | RAYATI | 0.0427 | Brundaban Pattnayak, S/o Damodar Pattnayak, Caste- Karan |
| 9 | 1038 | Private | RAYATI | 0.017 | Dhratri Kumari Swain, W/o Prakash Chandra Swain, Caste : Alia, |
| 10 | 1039 | Private | RAYATI | 0.0122 | Padma Charan Pattnayak, Muralidhar Pattnayak, Bijaya Kumar Pattnayak, S/o- Satyabadi Pattnayak, Caste-Karan |
| 11 | 1040 | Private | RAYATI | 0.009 | Bansidhar Pattnayak, S/o- Damodar Pattnayak, Caste – Karan |
| 12 | 1042 | Private | RAYATI | 0.017 | Pramod Kumar Pradhan, S/o: Bibhisan Pradhan, Caste – Karan |
| 13 | 1121 | Private | RAYATI | 0.005 | Govt of Odisha |
| Village: Saradhapur | | | | | |
| 14 | 3132 | Government | AJA | 0.0080939 | Govt of Odisha |
| 15 | 3133 | Private | RAYATI | 0.0129502 | Pramod Kumar Sahu , S/o Bhubaneswar Sahu, Caste-Rangani |
| 16 | 3135 | Private | RAYATI | 0.0081 | Bouri Sahu , S/o Madhab Sahu, Caste-Teli |
| 17 | 3136 | Private | RAYATI | 0.0128 | Sandhyarani Pradhan , D/o Banamali Pradhan, Caste - Kuram |
| 18 | 3161 | Government | SARBA SADHARANA | 0.0028 | Govt of Odisha |
| 19 | 3165 | Government | SARBA SADHARANA | 0.0021 | Irrigation Department , Govt of Odisha |
| 20 | 3166 | Government | SARBA SADHARANA | 0.001 | Govt of Odisha |
| 21 | 3335 | Private | RAYATI | 0.0161 | Panchanan Kar , S/o Lingaraj Kar , Caste- Bramhin |
| 22 | 3340 | Private | RAYATI | 0.0025 | Bharat Prusty , S/o Chai Prusty, Caste- Odia |
| 23 | 3341 | Private | RAYATI | 0.0077 | Dandapani Dakua , S/o Krushna Dakua, Caste - Bhandari |
| 24 | 3342 | Government | IRRIGATION | 0.001 | Govt of Odisha |
| 25 | 3343 | Government | IRRIGATION | 0.001 | Govt of Odisha |
| 26 | 3344 | Government | IRRIGATION | 0.0021 | Govt of Odisha |
| 27 | 3345 | Government | AJA | 0.0077 | Govt of Odisha |
| 28 | 3346 | Private | RAYATI | 0.0145 | Panchanan Kar , S/o Lingaraj Kar , Caste – Bramhin |
| 29 | 3347/ 3561 | Private | RAYATI | 0.0143 | Govt of Odisha |
| 30 | 3348 | Private | RAYATI | 0.0068 | A Nana Kashinath Patro , S/o- A Nana Magata Patro, Caste – Kumuti |
| 31 | 3349 | Private | RAYATI | 0.0108458 | Dutia Sahu , S/o Jaganath Sahu, Caste - Gudia |
| | | | TOTAL | 0.3513899 | |

[F. No. RO/BBSR/11011/59/ORS/2020-21/614/BMPR/2020/3D]
RAJESH GUPTA, Director

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ଭୁବନେଶ୍ୱର, ୩।୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ଶ୍ରୀରାମ ନଗର ବସ୍ତିର ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଶ୍ରୀରାମ ନଗର ବସ୍ତିରେ ରହୁଥିବା ରାୟଗଡ଼ା ଜିଲାର ଯୁଧିଷ୍ଠିର ପ୍ରଧାନ (୧୯)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନାନୁଯାୟୀ, ଯୁଧିଷ୍ଠିରଙ୍କ ମା, ବାପା କୌଣସି କାମରେ ରାୟଗଡ଼ା ଯାଇଥିବା ବେଳେ ଯୁଧିଷ୍ଠିର ଘରେ ଏକା ଥିଲେ। ମଙ୍ଗଳବାର ଅପରାହ୍ନ ୨ଟା ଯାଏ କବାଟ ଖୋଲା ନ ହେବାରୁ ବସ୍ତିବାସିନ୍ଦା ସନ୍ଦେହରେ କବାଟ ଭାଙ୍ଗି ଘରେ ପଶିଥିଲେ। ଯୁଧିଷ୍ଠିର ଫ୍ୟାନରେ ଗାମୁଛା ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ଲଘୁ ଉଦ୍ୟୋଗୀଙ୍କୁ ଭେଣ୍ଡିଙ୍ଗ୍ କାର୍ଟ ବଣ୍ଟନ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ସହର ଓ ଗ୍ରାମାଞ୍ଚଳରେ ରହୁଥିବା ମହିଳାମାନଙ୍କୁ ତାଲିମ୍, ନିଯୁକ୍ତି ଓ ଉଦ୍ୟୋଗୀକରଣ ମାଧ୍ୟମରେ ସଶକ୍ତ କରିବା ପରିପ୍ରେକ୍ଷୀରେ 'ହମାରା ବଚପନ୍' ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ବାସ କରୁଥିବା ମହିଳା ଲଘୁ ଉଦ୍ୟୋଗୀମାନଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ପ୍ରୟାସ କରାଯାଇଛି। ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ୫ଜଣ ମହିଳା ଲଘୁ ଉଦ୍ୟୋଗୀଙ୍କୁ ଭେଣ୍ଡିଙ୍ଗ୍ କାର୍ଟ ବଣ୍ଟନ କରିଥିଲେ। ଫିକି ଲେଡିଜ୍ ସଂସ୍ଥା ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉପସ୍ଥିତ ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରି ମେୟର ଦାସ କହିଥିଲେ ଯେ, ମହିଳାମାନେ ଏବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଲେଣି। ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହେବା ଦ୍ୱାରା ମହିଳାମାନେ ନିଜର ଆବଶ୍ୟକତାକୁ ମେଣ୍ଟାଇବା ସହ ପରିବାରର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହି ଅବସରରେ 'ହମାରା ବଚପନ' ପ୍ରତିଷ୍ଠାତ୍ରୀ ଧରିତ୍ରୀ ପଟ୍ଟନାୟକ 'ହମାରା ବଚପନ୍' ସଂସ୍ଥା ରାଜ୍ୟ ତଥା ରାଜ୍ୟ ବାହାରେ ୭୦ହଜାର ମହିଳାମାନଙ୍କୁ ତାଲିମ୍ ଓ ଉଦ୍ୟୋଗୀକରଣ ମାଧ୍ୟମରେ ସଶକ୍ତ ହେବାରେ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ।

### ଇଞ୍ଜଣାରେ ସଂକୀର୍ତ୍ତନ ପ୍ରତିଯୋଗିତା

**ବାରଙ୍ଗ,୩।୧(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଇଞ୍ଜଣା ଦୁଲାଦେଇ ମନ୍ଦିର ପ୍ରାଙ୍ଗଣରେ ଏକାଦଶତମ ଓଡ଼ିଶୀ ସଂକୀର୍ତ୍ତନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇଞ୍ଜଣା ଗ୍ରାମ କମିଟି ଓ ସଂକୀର୍ତ୍ତନ ବିକାଶ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଂକୀର୍ତ୍ତନ ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପୂଜାପାର୍ବଣ ସହ ଏହି ଆଧାତ୍ମିକ ଲୋକକଳା ସହ ଓଡ଼ିଶୀ ସଂକୀର୍ତ୍ତନ ଜଡ଼ିତ ରହି ଆସୁଥିବାରୁ ଏହାଦ୍ୱାରା ଆଧାତ୍ମିକ ବିକାଶ ସହ ସାଂସ୍କୃତିକ ଭାଇଚାରା ବିକଶିତ ହୋଇପାରୁଛି ବୋଲି କହିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ବିଚାରକ ଭାବେ ସନ୍ତୋଷ କୁମାର ଦାସ କୀର୍ତ୍ତନର କଳାତ୍ମକ ଦିଗକୁ ତର୍ଜମା କରିଥିଲେ। ଗ୍ରାମ କମିଟି ସଭାପତି ପ୍ରଦୀପ କୁମାର ଦାସଙ୍କ ସ୍ୱଭାପତିତ୍ୱରେ ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବିଧାୟକ ରାଉତ କୃତିତ୍ୱ ହାସଲ କରିଥିବା କଳାକାରଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ଉପସ୍ଥିତଥିବା ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷେଶ୍ୱର ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀର ମହନ୍ତ ନଳିନୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆୟୋଜକ ଅର୍ଜୁନ ଚରଣ ପରିଡା ସ୍ୱାଗତ ଭାଷଣ, ପ୍ରମୋଦ ବାରିକ ଧନ୍ୟବାଦ ଦେଇଥିଲେ।

# ଭିନ୍‌ଟେଜ ସଉକ ଉପରେ ପଞ୍ଜୀକରଣ ଚାପ

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୩।୧**

ବହୁପୁରୁଣା ଯାନ (ଭିନ୍‌ଟେଜ)କୁ ସ୍କ୍ରାପିଂ ମୁକ୍ତ କରିବା ସହ ଏହାର ସଂଗ୍ରହକାରୀଙ୍କ ପାଇଁ ନୂଆ ନିୟମ ଆଣିଛନ୍ତି ରାଜ୍ୟ ସରକାର। ୨୦୨୩ ଜାନୁୟାରୀ ପହିଲାରୁ ୫୦ ବର୍ଷରୁ ଅଧିକ ପୁରୁଣା କ୍ଲାସିକ୍ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍ ହେବ। ଏଥିସହ ନୂତନ ପଞ୍ଜୀକରଣ ସାର୍ଟିଫିକେଟ ପାଇଁ ଯାନବାହନ ମାଲିକଙ୍କୁ ୨୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ, ଯାହାର ବୈଧତା ୧୦ ବର୍ଷ ପାଇଁ ରହିବ। ସେହିପରି ଏହି ପଞ୍ଜୀକରଣର ନବୀକରଣ ପାଇଁ ଅତିରିକ୍ତ ୫ବର୍ଷ ପାଇଁ ୫ ହଜାର ଟଙ୍କା ଦେବାକୁ ପଡ଼ିବ। ଏଥିସହିତ ଭିନ୍‌ଟେଜ ନିୟମିତ କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟରେ ରାସ୍ତାରେ ଚାଲିପାରିବ ନାହିଁ। କେବଳ ପ୍ରଦର୍ଶନୀ, ରାଲି କିମ୍ବା ସେହିଭଳି ଉଦ୍ଦେଶ୍ୟରେ ଚାଲି ପାରିବ ବୋଲି ନୂଆ ନିୟମ କରାଯାଇଛି। ଭିନ୍‌ଟେଜ ପାଇଁ ଏଭଳି ନିୟମ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ଏହା ଭିଣ୍ଟେଜ ସଂଗ୍ରହକାରୀଙ୍କ ଭାବାବେଗକୁ ଲକ୍ଷ୍ୟରେ ରଖି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାରଙ୍କ ଏହି ନୂଆ ନିୟମକୁ କେତେକେ ସ୍ୱାଗତ କରିଥିବାବେଳେ ୧୦ବର୍ଷୀୟ ରେଜିଷ୍ଟ୍ରେଶନ ବାବଦକୁ ସରକାର ଯେଉଁ ୨୦ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି ତାହାକୁ ଅନେକେ ବିରୋଧ କରିଛନ୍ତି। ପୁରୁଣା ମୋଟରଯାନକୁ ମୁଖ୍ୟତଃ ସଉକ ପାଇଁ କିମ୍ବା ପୂର୍ବପୁରୁଷଙ୍କ ସ୍ମୃତି ଭାବେ ଅନେକ ଲୋକ ସାଇତି ରଖିଥାନ୍ତି। ନିଜ ଘରେ ସାଇତା ହୋଇ ରହିଥିବା ଗାଡ଼ିର ନୂତନ ପଞ୍ଜୀକରଣ କାହିଁକି କରାଯିବ ଏବଂ ଏଥିପାଇଁ ସରକାରଙ୍କୁ କାହିଁକି ଟଙ୍କା ଦିଆଯିବ ବୋଲି ଅନେକେ ପ୍ରଶ୍ନ କରିଛନ୍ତି।

### ଭିନ୍‌ଟେଜ ଚାଲିବା ଉପରେ ଅଙ୍କୁଶ ଲଗାଇବା ଅନୁଚିତ



ମୁଁ ସଉକ ପାଇଁ ପୁରୁଣା ଗାଡ଼ି ସଂଗ୍ରହ କରୁଛି। ମୋ ପାଖରେ ଏବେ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ରହିଛି। ପୁରୁଣା ଗାଡ଼ିଗୁଡ଼ିକ ବ୍ୟବସାୟିକଭିତ୍ତିରେ ରାସ୍ତାରେ ଚାଲି ପାରିବନି ବୋଲି ସରକାର ଯେଉଁ ଆଇନ୍ ଆଣିଛନ୍ତି ତାହା ଠିକ୍ ଅଛି। ମାତ୍ର ବ୍ୟକ୍ତିଗତ ଭାବେ ବ୍ୟବହାର କରିବାରେ ଅସୁବିଧା କେଉଁଠି ରହିଛି ଏବଂ ଯଦି ଗାଡ଼ି ରାସ୍ତାରେ ଗଡ଼ିବନି ତେବେ ସେଗୁଡ଼ିକର ପଞ୍ଜୀକରଣ ପାଇଁ କାହିଁକି ସରକାରଙ୍କୁ ଟଙ୍କା ଦେବୁ। ଗାଡ଼ି ଚାଲିଲେ ଖରାପ ହୁଏନି ବରଂ ରହି ରହି ଖରାପ ହୁଏ। ତେଣୁ ରାସ୍ତାରେ ଭିନ୍‌ଟେଜ ଚାଲିବା ଉପରେ ଅଙ୍କୁଶ ଲଗାଇବା ଠିକ୍ ନୁହେଁ। ଅପରପକ୍ଷେ ଓଡ଼ିଶାରେ ଗାଡ଼ିର କେତେ ପ୍ରଦର୍ଶନୀ ଏବଂ ରାଲି କରାଯାଉଛି ତାହା ସରକାର ଭଲଭାବେ ଅବଗତ। ତେଣୁ ନିଜ ଘରେ ରଖିବା ପାଇଁ ସରକାରଙ୍କୁ ଟଙ୍କା ଦେବାର କୌଣସି ଆବଶ୍ୟକତା ନାହିଁ।

**– ଗହର୍ ଆବେଦିନ୍, ଭିଣ୍ଟେଜ୍ ସଂଗ୍ରହକାରୀ, ଭୁବନେଶ୍ୱର**

### ବ୍ୟବହାର ନ କରି ରେଜିଷ୍ଟ୍ରେଶନ ପଇଠ କରିବା ଠିକ୍ ନୁହେଁ

ସରକାରଙ୍କ ଏହା ଭୁଲ୍ ନିଷ୍ପତ୍ତି। ପୁରୁଣା ଗାଡ଼ି ଲୋକଙ୍କ ଇମୋଶନ୍ ସହିତ ଜଡ଼ିତ। ମୋ ଜେଜେ ବାପାଙ୍କ ଅମଳର ଏକ ଗାଡ଼ିକୁ ତାଙ୍କ ସ୍ମୃତିରେ ମୁଁ ଘରେ ରଖିଛି। ଏହାବାଦ୍ ୧୯୪୭ଠାରୁ ଆରମ୍ଭ କରି ବ୍ରିଟିଶ ଅମଳର ଗାଡ଼ି ମୋ ପାଖରେ ଅଛି। ଏତେବର୍ଷର ଗାଡ଼ି ପାଇଁ ପୁନଃ ପଞ୍ଜୀକରଣ କରିବା ବା ଫି' ଦେବା କିଛି ଦରକାର ନାହିଁ। ଭିନ୍‌ଟେଜ ଭାବେ ଏହାକୁ ମୁଁ ମୋ ଘରେ ବା ବ୍ୟବସାୟିକ ସ୍ଥଳରେ ରଖିପାରିବି। ସରକାର ଏଥିରେ ହସ୍ତକ୍ଷେପ କରିବା ଠିକ୍ ନୁହେଁ। ସେହିପରି ଗାଡ଼ି ବ୍ୟବହାର ନ କରି ଗୋଟେ ପଟେ ଗାଡ଼ି ପଡ଼ି ପଡ଼ି ଖତ ହେବ ଏବଂ ଆମେ ଏପଟେ ସରକାରଙ୍କୁ ପଞ୍ଜୀକରଣ ପାଇଁ ଟଙ୍କା ଦେବୁ। ଏହା ଠିକ୍ ନ୍ୟାୟ ନୁହେଁ।




**– କିରଣ କୁମାର ସାହୁ, ଭିଣ୍ଟେଜ୍ ସଂଗ୍ରହକାରୀ, ଭୁବନେଶ୍ୱର**



### ନୂଆ ରେଜିଷ୍ଟ୍ରେଶନ ନିୟମ ସ୍ୱାଗତଯୋଗ୍ୟ

ପ୍ରଥମ ରାଜ୍ୟ ଭାବରେ ଓଡିଶାରେ ରେଜିଷ୍ଟ୍ରେଶନ ବ୍ୟବସ୍ଥା କରାଯାଇଛି । ତେବେ ସରକରଙ୍କ ଏହି ନିୟମ ଦ୍ୱାରା ଆମକୁ ନୂଆ ରେଜିଷ୍ଟ୍ରେଶନ ନମ୍ବର ମିଳିବ। ଏହା ଆମ ପାଇଁ ସୁବିଧା ହେବ। ଭିଣ୍ଟେଜ ଗାଡ଼ି ଚଢ଼ିବା ମୋର ସଉକ। ପ୍ରଦର୍ଶନୀ କିମ୍ବା ରାଲିରେ ଗାଡ଼ି ବୁଲି ଆସିଲେ ଖୁସି ଲାଗେ। ଏତେ ପୁରୁଣା ଗାଡ଼ି ନେଇ ୨୦୦ କିମ୍ବା ୩୦୦ କି.ମି. ଯାତ୍ରା ସମ୍ଭବ ନୁହେଁ। ବିଶେଷକରି ସାଧାରଣ ସମୟରେ ଯାତାୟାତ ପାଇଁ ଅନ୍ୟ ଗାଡ଼ି ରହିଛି। ଖୁବ ଶ୍ରୀଘ୍ର ଆର୍‌ଟିଓ ଅଫିସ୍ ଯାଇ ନୂଆ ନମ୍ବର ପାଇଁ ଆବେଦନ କରିବି।

**– ଆଲୋକ ମହାନ୍ତି,କେଶରପୁର, କଟକ**

### ନିୟମ ପରିବର୍ତ୍ତନ ହେଲେବି ଗାଡ଼ିକୁ ଛାଡ଼ି ପାରିବିନି

ମୋ ପାଖାରେ ରହିଛି ୭୦ ବର୍ଷ ପୁରୁଣା ହିନ୍ଦୁସ୍ଥାନ ୧୪। ଏହି ଗାଡ଼ିକୁ ମୋ ବାପା ୯ ହଜାର ୯ ଶହ ଟଙ୍କ ଦେଇ କିଣିଥିଲେ। ଏହି ଗାଡ଼ିଟି ବାପାଙ୍କ ହୃଦୟ ଥିଲା। ଏହାକୁ ବିକ୍ରି ନ କରିବାକୁ କହିଥିଲେ। ସେଥିପାଇଁ ଆଜି ପର୍ଯ୍ୟନ୍ତ ଏହାକୁ ସମ୍ଭାଳିକି ରଖିଛି। ଅନେକ ନିୟମ ପରିବର୍ତ୍ତନ ହୋଇଛି ହେଲେ ଗାଡ଼ି ଯେମିତିକୁ ସେମିତି ରହିଛି। ଆଉ ଆଗକୁ ମଧ୍ୟ ରହିବ। ସରକାରଙ୍କ ନିୟମକୁ ଗ୍ରହଣ କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ। କାରଣ ଏହା କେବଳ ଭିଣ୍ଟେଜ କାର୍ ନୁହେଁ। ଏହା ସହିତ ବାପାଙ୍କ ସ୍ମୃତି ଜଡ଼ିତ। ରାଜ୍ୟ ସରକାର ଆଣିଥିବା ନିୟମରେ ଖୁସି। ପୁରୁଣା ଗାଡି ବାହାରକୁ ନେବା ବେଳକୁ ମନରେ ଦ୍ୱନ୍ଦ୍ୱ ଉପୁଜୁଥିଲା। ହେଲେ ଏବେ ସେଭଳି କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ।




**– ଉଦୟଭାନୁ ସାହୁ, ଅଲିଶା ବଜାର, କଟକ**

### ଗାଡ଼ି ପାଖରେ ଥାଇ ମଧ୍ୟ କୌଣସି ସ୍ୱତନ୍ତ୍ରତା ରହିବନି

ଢେଙ୍କାନାଳ ରାଜାଙ୍କଠାରୁ ଏହି ଭିଣ୍ଟେଜ୍‌କୁ କିଣାଯାଇଥିଲା। ୧୯୩୧ ମସିହାର ଏହି ଗାଡିଟି ବର୍ତ୍ତମାନ ମଧ୍ୟ କାର୍ଯ୍ୟକାରୀ ହେଉଛି। ଗାଡ଼ି ଯେତେ ପୁରୁଣା ହେଲେ ମଧ୍ୟ ଏହାର ସ୍ୱତନ୍ତ୍ରତା କେବେ ହ୍ରାସ ପାଇ ନ ଥାଏ। ତେବେ ସରକାରଙ୍କ ପକ୍ଷରୁ କରାଯାଇଥିବା ନିୟମରେ କିଛିଟା ଗ୍ରହଣଯୋଗ୍ୟ ନୁହେଁ। ରେଜିଷ୍ଟ୍ରେଶନ ପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କାରେ କୌଣସି ଅସୁବିଧା ନାହିଁ। ହେଲେ ଗାଡ଼ି ଚଳାଇବା ପାଇଁ ନିୟମ ପରିବର୍ତ୍ତନ କରିବା ଆବଶ୍ୟକ। ଉକ୍ତ ନିୟମ ଦ୍ୱାରା ଗାଡ଼ି ଆମ ପାଖରେ ଥାଇ ମଧ୍ୟ ଆମର କୌଣସି ସ୍ୱତନ୍ତ୍ରତା ରହିବନାହିଁ। ମନ ହେଲେ ଗାଡ଼ି ଧରି ପାଖ ହୋଟେଲକୁ ଯାଇ ପାରିବୁନାହିଁ। ଏହି ନିୟମ ଦ୍ୱାରା ଗାଡ଼ି ରଖିବାର ସ୍ୱାଧୀନତା ଆମ ପାଖରେ ରହିବନାହିଁ।



**– ପ୍ରଶାନ୍ତ ପାତ୍ର, ଶଙ୍କରପୁର, କଟକ**




ବିଜେବି ନଗର ରାସ୍ତାପାର୍ଶ୍ୱରେ ଥିବା ଅସ୍ଥାୟୀ ଦୋକାନକୁ ମଙ୍ଗଳବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।

## କେବୁଲ ତାରରେ ଯୁବକଙ୍କ ବେକ କଟିଲା

- **କର୍ମଚାରୀଙ୍କୁ ନିଘୁଞ୍ଚ ପିଟିଲେ ଲୋକେ**
- **ଥାନାରେ ଅଭିଯୋଗ, ୨ ଅଟକ**

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

କେବୁଲ ତାର ବିଛାଇବା କାମ ଚାଲିଥିବା ବେଳେ ଅଘଟଣ ଘଟିଛି। ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କ ବେକରେ ତାର ଛନ୍ଦି ହୋଇଯିବାରୁ ସେ ଭାରସାମ୍ୟ ହରାଇ ଖସିପଡି ଆହତ ହୋଇଛନ୍ତି। ତାଙ୍କ ବେକ ଓ ବାମ ହାତରେ ଗଭୀର ଆଘାତ ଲାଗିଛି। ସମ୍ପୃକ୍ତ ଯୁବକଙ୍କ ହେଲେ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ଉମେଶ ଚନ୍ଦ୍ର ପାଗଲ ଓରଫ ରାଜା। ଏନେଇ ସେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁସାରେ, ଉମେଶ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଏକ ବ୍ୟାଙ୍କରୁ ଅପରାହ୍ନରେ ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଗୋପବନ୍ଧୁ ଛକରୁ ଡେଲଟା ରାସ୍ତାରେ ଏକ ସଂସ୍ଥାର କର୍ମଚାରୀମାନେ ଇଣ୍ଟରନେଟ କେବୁଲ ବିଛାଉଥିଲେ। ସିବିଆଇ ଅଫିସ ନିକଟ ତାରିଣୀ ମନ୍ଦିର ସାମ୍ନାରେ ସେ ହୋଇଥିବାବେଳେ ରାସ୍ତା ମଝିରେ ଓହଳିଥିବା କେବୁଲ ତାଙ୍କ ବେକରେ ଛନ୍ଦି ହୋଇଯାଇଥିଲା। ସେ ଭାରସାମ୍ୟ ହରାଇ ବାଇକ ସହ ଘୋଷାଡ଼ି ହୋଇଯାଇଥିଲେ। କେବୁଲରେ ତାଙ୍କ ବେକ କଟିଯାଇଥିଲା। ଉମେଶଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଅଘଟଣ ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ଓ ଗାଡ଼ିଚାଳକମାନେ ସମ୍ପୃକ୍ତ କର୍ମଚାରୀଙ୍କୁ ଘେରିଯାଇ ନିଘୁଞ୍ଚ ପିଟିଥିଲେ। କେବୁଲ ସଂସ୍ଥା କର୍ମଚାରୀମାନେ ସହରର ଗଳିକନ୍ଦିରେ ମନଇଚ୍ଛା କେବୁଲ ଟାଣୁଥିବା ସହ ଖାମଖିଆଲି ନୀତି ଯୋଗୁ ଏଭଳି ଅଘଟଣ ଅନେକ ସ୍ଥାନରେ ଘଟୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ସଂସ୍ଥାର ୨ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଆବର୍ଜନା କୁଣ୍ଡରୁ ଅଚେତ ଅବସ୍ଥାରେ ନାବାଳିକା ଉଦ୍ଧାର

**ସାଲେପୁର,୩।୧(ଡି.ଏନ୍.ଏ.)**

**ହାତଗୋଡ଼, ମୁହଁ ବନ୍ଧାଯାଇଥିଲା**

ସାଲେପୁର ଥାନା ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀପଠାର ଏକ ଆବର୍ଜନା କୁଣ୍ଡରୁ ମଙ୍ଗଳବାର ଜଣେ ନାବାଳିକା ଛାତ୍ରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ସମୟରେ ତାଙ୍କ ହାତ, ଗୋଡ଼ ଓ ମୁହଁ ବନ୍ଧା ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ସେ ସାଲେପୁରସ୍ଥିତ ଏକ କଲେଜର ଯୁକ୍ତ ୨ ପ୍ରଥମ ବର୍ଷଛାତ୍ରୀ। କଲେଜ ଛୁଟି ହେବାପରେ ଘରକୁ ଯିବାପାଇଁ ବାହାରିଥିଲେ ବୋଲି ସହପାଠୀମାନେ କହିଛନ୍ତି। କିନ୍ତୁ ଘରେ ପହଞ୍ଚି ନ ଥିଲେ। ବିଳମ୍ବ ହେବାରୁ ସମ୍ପୃକ୍ତ ଛାତ୍ରୀଙ୍କ ମୋବାଇଲକୁ ପରିବାର ଲୋକେ କଲ୍ କରିଥିଲେ। ମାତ୍ର ତାଙ୍କ ମୋବାଇଲ ସୁଇଚ ଅଫ୍ ଥିବାରୁ ପରିବାର ସଦସ୍ୟଙ୍କ ସନ୍ଦେହ ବଢ଼ିଥିଲା। ସେମାନେ ସାଲେପୁର ବଜାରରେ ପହଞ୍ଚି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକାଧିକ ବ୍ୟବସାୟ ପ୍ରତିଷ୍ଠାନର ସିସିଟିଭିରେ ଛାତ୍ରୀଙ୍କ ସନ୍ଧାନ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଚିତ୍ରୋତ୍ପଳା ନଦୀପଠାର ଏକ ଆବର୍ଜନାରୁ ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଜାଣିବାକୁ ପାଇଥିଲେ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ମାସେ ଯାଏ ରାଜଧାନୀରେ ନିର୍ମାଣ କାର୍ଯ୍ୟ ବନ୍ଦକୁ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

**ନିଷ୍ପତ୍ତି ହୋଇ ନ ଥିବା ସ୍ପଷ୍ଟ କଲେ କମିଶନର**

ଜାନୁୟାରୀ ୧୩ରୁ ଆରମ୍ଭ ହେଉଛି ବିଶ୍ୱକପ୍ ହକି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ବିଶ୍ୱକପ୍ ମ୍ୟାଚ ଖେଳାଯିବ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବାବେଳେ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଇତିମଧ୍ୟରେ ହକି ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ୧ମାସ ପାଇଁ ଭୁବନେଶ୍ୱରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇଥିବା କୁହାଯାଉଛି। ତେବେ ବିଏମ୍‌ସି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବାପରେ ନିର୍ମାଣ କାର୍ଯ୍ୟ କରୁଥିବା ଲୋକଙ୍କ ମୁଣ୍ଡରେ ଚିନ୍ତା ଘାରିଛି। କିଛି ସୂଚନା ନ ଥାଇ ବିଏମ୍‌ସି ହଠାତ୍ ଏପରି ନିଷ୍ପତ୍ତି ନେଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସ୍ପଷ୍ଟୀକରଣ ଦେଇଛନ୍ତି। ବିଏମ୍‌ସି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ନେଇ କୌଣସି ନିର୍ଦ୍ଦେଶ ଦେଇ ନ ଥିବା ସେ କହିଛନ୍ତି। କୌଣସି ନିଷ୍ପତ୍ତି ହୋଇଥିଲେ ଅଫିସିଆଲି ଏ ନେଇ ସୂଚନା ଦିଆଯାଇଥାନ୍ତା। ତେଣୁ ଏଭଳି ମିଛ ପ୍ରଚାରରୁ ଦୂରେଇ ରହିବା ପାଇଁ ସେ କହିଛନ୍ତି। ଅପରପକ୍ଷେ ଆସନ୍ତା ଏକ ମାସ ପାଇଁ ସହରରେ ଆବଶ୍ୟକତା ନ ଥିଲେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଅଯଥାରେ ନିର୍ମାଣ ନାଁରେ ରାସ୍ତାଘାଟ ଖୋଳିବା ଉପରେ ବିଏମ୍‌ସି କଟକଣା ଲଗାଇଛି। ଏନେଇ ସମସ୍ତ ଏଜେନ୍ସି ସହ ବିଏମ୍‌ସି ଆଲୋଚନା କରିଛି ବୋଲି ଖବର ପ୍ରସାରିତ ହୋଇଛି, ଯାହାକୁ ନେଇ କମିଶନର ଅସନ୍ତୋଷ ପ୍ରକାଶ କରିଛନ୍ତି।

## 'ସାରସ୍ୱତ ସାଧନା ଜାନକୀବଲ୍ଲଭଙ୍କୁ ଅମର ରଖିବ'

**ଭୁବନେଶ୍ୱର,୩।୧(ବ୍ୟୁରୋ)**



ସୂଚନା ଭବନରେ ଅନୁଷ୍ଠିତ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ସମାରୋହକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଜାନକୀ ବଲ୍ଲଭ ପଟ୍ଟନାୟକ କେବଳ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ କିମ୍ବା ଆସାମର ପୂର୍ବତନ ରାଜ୍ୟପାଳ ଭାବେ ସମାଜରେ ପରିଚିତ ହୋଇ ରହିବେ, ତାହା ନୁହେଁ, ତାଙ୍କ ସାରସ୍ୱତ ସାଧନା ତାଙ୍କୁ ଚିରଦିନ ପାଇଁ ସମାଜରେ ଅମର ରଖିବ। ସ୍ଥାନୀୟ ସୂଚନା ଭବନରେ ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ ସମାରୋହରେ ଜଙ୍ଗଲ, ପରିବେଶ, ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବିଶିଷ୍ଟ ଜନନାୟକ, ଓଡ଼ିଶା ରାଜନୀତିର ଚାଣକ୍ୟ, ଆସାମର ପୂର୍ବତନ ରାଜ୍ୟପାଳ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ ସାରସ୍ୱତ ସାଧକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୬ତମ ଜୟନ୍ତୀ ଉତ୍ସବ ପ୍ରାରମ୍ଭରେ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ରାମେଶ୍ୱରଠାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅବର୍ତ୍ତମାନରେ ସ୍ଥାନୀୟ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗଦେଇ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ କହିଥିବା କଥାକୁ ମନେ ପକାଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଯଦି ଓଡ଼ିଶା ପ୍ରତି ଅତ୍ୟନ୍ତ ମାଟି ମନସ୍କ ହୋଇ ସେ ନିଜକୁ କେବଳ ଓଡ଼ିଶା ରାଜନୀତିରେ ସଂଶ୍ଲିଷ୍ଟ ନ ରଖି କେନ୍ଦ୍ର ରାଜନୀତିରେ ସମ୍ପୃକ୍ତ ହୋଇଥାନ୍ତେ, ତେବେ ପ୍ରଣବ ମୁଖାର୍ଜୀଙ୍କ ପୂର୍ବରୁ ରାଷ୍ଟ୍ରପତି ପଦ ପାଇପାରିଥାନ୍ତେ ବୋଲି ସେ କହିଥିବା ସୂଚନା ଦେଇଥିଲେ ଶ୍ରୀଚନ୍ଦନ। ସେ ଏକଧାରାରେ ଓଡ଼ିଆ ସାହିତ୍ୟ, ବଙ୍ଗଳା ସାହିତ୍ୟ, ଇଂରାଜୀ ସାହିତ୍ୟ ଓ ସଂସ୍କୃତ ସାହିତ୍ୟରେ ଗଭୀର ଜ୍ଞାନର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ ପାଇଛି। ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ଜାନକୀ ବଲ୍ଲଭ ପଟ୍ଟନାୟକ ହଜାର ଦିନରେ ହଜାର କୋଟିର ହଜାର ଶିଳ୍ପ ସ୍ଥାପନ କରିପାରିଥିଲେ। ସେ କୋରାପୁଟ ଅଞ୍ଚଳରେ ସର୍ବପ୍ରଥମେ ଦୁଇ ଟଙ୍କିଆ ଚାଉଳ ପ୍ରଦାନ କରିବା ଆରମ୍ଭ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ଡ. ଭଗବାନ ପ୍ରକାଶ ଯୋଗଦେଇ କହିଥିଲେ ଯେ, ଜାନକୀ ବଲ୍ଲଭ ପଟ୍ଟନାୟକ ସାମ୍ବାଦିକତା, ସାହିତ୍ୟ ଓ ରାଜନୀତିର ଏକ ତ୍ରିବେଣୀ ସଙ୍ଗମ ଥିଲେ। ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ସ୍ମୃତି ସଂସଦର ସମ୍ପାଦକ ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ରାଜାରାମ ଶତପଥୀ, ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦାଶ ବେନହୁର ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ପୂର୍ବତନ ବନ ସଂରକ୍ଷକ ଗଦାଧର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ମହିଳା ପୌର କର୍ମଚାରୀଙ୍କ ଚେନ୍, ମୋବାଇଲ ଲୁଟିନେଲେ

ଜଟଣୀ,୩।୧(ଡି.ଏନ୍.ଏ.): ଜଟଣୀ ପୌର କାର୍ଯ୍ୟାଳୟର କର୍ମଚାରୀ ମନୋରମା ପଟ୍ଟନାୟକଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରିବା ସହ ଚେନ ଓ ମୋବଇଲ ଫୋନ ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମନୋରମା ପୌର କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। କିଛି ବାଟ ଯିବା ପରେ କେହି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିବା ସହ ତଳେ ପକାଇ ହାତକୁ କାମୁଡ଼ି ଦେଇଥିଲେ। ଏହା ପରେ ଦୁର୍ବୃତ୍ତ ମନୋରମାଙ୍କ ଚେନ ଓ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ମନୋରମାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗାଳିଗୁଲଜ ଅଭିଯୋଗ

ବେଗୁନିଆ,୩।୧(ଡି.ଏନ୍.ଏ.): ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦୁଇ ଜଣ ଅଭିଭାବକ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅପରାହ୍ନରେ ବିଦ୍ୟାଳୟକୁ ଦୁଇ ଜଣ ଅଭିଭାବକ ହଠାତ୍ ଆସିଥିଲେ। ଛାତ୍ରୀଛାତ୍ରଙ୍କ ଗହଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗାଳିଗୁଲଜ କରିଥିଲେ। ଏହା ସହ ଗେଟ୍ ବାହାରକୁ ଆସିଲେ ସମସ୍ତଙ୍କୁ ବାଡେଇବୁ ବୋଲି ଧମକ ଦେଇଥିଲେ। ଫଳରେ ବିଦ୍ୟାଳୟ ବାହାରକୁ କେହି ଆସି ନ ଥିଲେ। ପରେ ପରିଚାଳନା କମିଟି ଅଧକ୍ଷ, ସ୍ଥାନୀୟ ଲୋକେ ଏବଂ ଅନ୍ୟ କେତେଜଣ ଅଭିଭାବକ ପହଞ୍ଚି ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଏକତ୍ରିତ କରାଇ ଥାନାକୁ ଯାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆଇଆଇଟି କ୍ୟାମ୍ପସରୁ ଅଜଗର ଉଦ୍ଧାର



ଜଟଣୀ,୩।୧(ଡି.ଏନ୍.ଏ.): ଜଟଣୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର କ୍ୟାମ୍ପସ୍ ପରିସରରୁ ମଙ୍ଗଳବାର ଏକ ଅଜଗର ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ସକାଳେ ଆଇଆଇଟି ସିକ୍ୟୁରିଟି ଦଳ ଆଇଆଇଟି ପରିସରରେ ପାଟ୍ରୋଲିଂ କରୁଥିବା ବେଳେ କ୍ୟାମ୍ପସ୍‌ର ଉତ୍ତର ଦିଗ ପାଚେରିକୁ ଲାଗି ରହିଥିବା ଗଛଲତାରେ ଅଜଗର ଦେଖିବାକୁ ପାଇଥିଲେ। ଖବରପାଇ ସ୍ନେକ ହେଲ୍ପଲାଇନ ସଦସ୍ୟ ପହଞ୍ଚି ୧୫ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରିଥିଲେ। ବରୁଣେଇ ପାହାଡ଼ ଜଙ୍ଗଲରୁ ଉକ୍ତ ସାପ ଆସିଥିବା ଅନୁମାନ କରାଯାଉଛି।

### କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ
#### ପ୍ରଶାସନ ପକ୍ଷରୁ ମିଳିଲା ସହାୟତା

ବାଲୁଗାଁ,୩।୧(ଡି.ଏନ୍.ଏ.): ସୋମବାର ସନ୍ଧ୍ୟାରେ ବାଲୁଗାଁ ବାଇପାସ୍ ରାସ୍ତାର ଖଡ଼ିକାପଲ୍ଲୀ ଗ୍ରାମ ଛକଠାରେ କାର୍ ଧକ୍କାରେ ଉକ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ରାଜପଥ ଅବରୋଧ କରିଥିଲେ। ଖବରପାଇ ଚିଲିକା ତହସିଲଦାର, ବାଲୁଗାଁ ଏସ୍‌ଡିପିଓ ଏବଂ ଆଇଆଇସି ପହଞ୍ଚି ବୁଝାଶୁଝା କରିବା ସହ ଜିଲା ରେଡ୍‌କ୍ରସ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତିରେ ରେଡ୍‌କ୍ରସ୍ ଫଣ୍ଡରୁ ୧୦ହଜାର ଟଙ୍କା ତାଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଏଥିସହ ସରପଞ୍ଚ ପ୍ରହ୍ଲାଦ ବେହେରା ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆବଶ୍ୟକ ପଡ଼ିଲେ ପରିବାର ସଦସ୍ୟଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ତହସିଲଦାର ସାହୁ କହିଥିଲେ।

# ୧୫ ବର୍ଷ ବିତିଲା, ମିଳିଲାନି ଆବାସ

## ଜଳିଗଲା ୩ ବଖରା, ଆସବାବପତ୍ର

ଖୋର୍ଦ୍ଧା ଅଫିସ,୩।୧



ଗ୍ରାମାଞ୍ଚଳରେ ଆଉ କାହାରି କଚ୍ଚା, ଚାଳଛପର ଘର ରହିବ ନାହିଁ। ସମସ୍ତଙ୍କୁ ବିଜୁ ପକ୍କା ଘର ଓ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ଏଭଳି ରହିଛି ସରକାରଙ୍କ ନାରା। ତେବେ ଖୋର୍ଦ୍ଧା ଜିଲା ପ୍ରଶାସନ କାର୍ଯ୍ୟାଳୟ ଠାରୁ ୫କିମି ଦୂରରେ ଅବସ୍ଥିତ ବାଜପୁର ଗ୍ରାମର ଅଜୟ ବେହେରାଙ୍କ ପାଇଁ ସାତସପନ ପାଲଟିଛି। ଆବାସ ଯୋଜନାରେ ଘର ପାଇଁ ବ୍ଲକ ଠାରୁ ଜିଲା ପ୍ରଶାସନ କାର୍ଯ୍ୟାଳୟ ଏପରିକି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଚାଳ ଛପର ଘରେ ଚଳୁଥିବା ବେଳେ ଏବେ ତାଙ୍କର ସବୁ କିଛି ଛାରଖାର ହୋଇଯାଇଛି। ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ତାଙ୍କ ୩ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ସମସ୍ତ ଆସବାବପତ୍ର, ସାମଗ୍ରୀ ଜଳିଯାଇଛି। ଏବେ ବେସାହାରା ହୋଇପଡିଛନ୍ତି ଅଜୟଙ୍କ ପରିବାର। ପରିବାର ସଦସ୍ୟ ବନଲତା କୁହନ୍ତି, ପିନ୍ଧା ଲୁଗା ବ୍ୟତୀତ ଆଉ କିଛି ନାହିଁ। ବହୁ କଷ୍ଟରେ ଘର ଭିତରେ ଛୋଟିଆ ଦୋକାନ କରିଥିଲି। ସେଥିରୁ ଯାହା କିଛି ରୋଜଗାର ହେଉଥିଲା ସେଥିରେ ପରିବାର ଚଳିଯାଉଥିଲା। ଏବେ ସେତକ ବି ଗଲା। ପ୍ରାୟ ୫୦ହଜାର ଟଙ୍କାର ଦୋକାନ ସାମଗ୍ରୀ ପୋଡିଯାଇଛି।

ସୂଚନା ମୁତାବକ, ଅଜୟ ଗରିବ ଶ୍ରେଣୀର ହୋଇଥିବା ବେଳେ ଆବାସ ଯୋଜନାରେ ଘର ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସବୁଥର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ବଞ୍ଚିତ ରଖାଯାଇଥିବା ଏବଂ ଏହାରି ମଧ୍ୟରେ ୧୫ବର୍ଷ ବିତିଯାଇଥିବା ଅଜୟ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ନ ମିଳିବାରୁ ଭାଗ୍ୟକୁ ଆଦରି ରହିଥିଲେ। ସୋମବାର ରାତିରେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ୩ବଖରା ଘର ଜଳିଯାଇଥିଲା। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ମଙ୍ଗଳବାର ସକାଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଉପଯୁକ୍ତ କ୍ଷତିପୂରଣ ପାଇବେ ବୋଲି ଷଡ଼ଙ୍ଗୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ପହଞ୍ଚି ବିପନ୍ନ ପରିବାରଙ୍କୁ ଆଶ୍ୱସନା ଦେବା ସହ ଆର୍ଥିକ ସହଯୋଗ କରିଥିଲେ। ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, କେନ୍ଦ୍ର ସରକାର ଓଡ଼ିଶାକୁ ଆବାସ ଗୃହ ଲାଗି କୋଟି କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ତେବେ ରାଜ୍ୟ ସରକାର ଦଳୀୟ ଲୋକଙ୍କୁ ବାଣ୍ଟିବାରେ ବ୍ୟସ୍ତ ରହିଛନ୍ତି। ବାଜପୁରରେ ଧନୀକ ଶ୍ରେଣୀର ଲୋକଙ୍କୁ ଆବାସ ଘର ଦିଆଯାଇଛି। ଗରିବ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଗୋଟିଏ ପରିବାରକୁ ଆବାସ ଯୋଜନରେ ଘରେ ନମିଳିବା ପ୍ରଶାସନିକ ଅବହେଳାକୁ ସୁଚାଉଛି। ତୁରନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଏବଂ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ କୁହନ୍ତି, ପୂର୍ବରୁ ଏହି ପଞ୍ଚାୟତର ସରପଞ୍ଚ ଥିବା ବେଳେ ଉକ୍ତ ପରିବାରଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ସେ କିପରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ, ସେଥିପ୍ରତି ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

# ଭଗବତୀ ମନ୍ଦିର ପରିଦର୍ଶନ କଲେ ପୂର୍ବ ସଚିବ



ପୂର୍ବ ସଚିବ ବୀର ବିକ୍ରମ ଯାଦବ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବାଣପୁର/ଗମ୍ଭାରୀମୁଣ୍ଡା, ୩।୧(ଡି.ଏନ୍.ଏ.)

ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଗତ ନଭେମ୍ବରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାଣପୁର ଗସ୍ତ କରି ଭଗବତୀ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିରର ନବକଳେବର ନିମନ୍ତେ ଘୋଷଣା କରିଥିଲେ। ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ନୂଆ ରୂପ ଦେବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ବାଣପୁର ଗସ୍ତ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବ ସଚିବ ବୀର ବିକ୍ରମ ଯାଦବ ଭଗବତୀ ମନ୍ଦିରରେ ପହଞ୍ଚି ସ୍ଥିତି ପରଖିଥିଲେ। ମନ୍ଦିର ଭିତର ଏବଂ ବାହାର ପାର୍ଶ୍ୱ ପରିଦର୍ଶନ କରି ପୂର୍ବରୁ ଦିଆଯାଇଥିବା ନକ୍ସାକୁ ଦେଖିଥିଲେ। ଏଥିସହିତ ବସ୍ ଷ୍ଟାଣ୍ଡ, ପାର୍କିଂସ୍ଥଳ ଏବଂ ନୂତନ ପ୍ରସ୍ତାବିତ ରିଂ ରୋଡ ପାଇଁ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ତ୍ତ ସଚିବଙ୍କ ଗସ୍ତ ସମୟରେ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବିଜ୍ଞାପିତ ଅଞ୍ଚଳର ଅଧକ୍ଷ ମିଟୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଜାନକୀଙ୍କୁ ଭଲ ପାଉଥିବା ଲୋକେ ମନେ ପକାନ୍ତି



ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୬ତମ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ,୩।୧

**୯୬ତମ ଜୟନ୍ତୀ ଉତ୍ସବ**
- କଂଗ୍ରେସ ଦଳର ନୀତିଗତ ଆଦର୍ଶ ନାହିଁ : ସୁରେଶ
- ରଣ ତ ନାହିଁ ନୀତି ଆସିବ କୋଉଠୁ : ସୌମ୍ୟରଞ୍ଜନ

କଂଗ୍ରେସ ଦଳର କୌଣସି ନୀତିଗତ ଆଦର୍ଶ ନାହିଁ। ଓଡ଼ିଶାକୁ ଅତୀତରେ ହଜାରେ ଦିନରେ ହଜାର ଶିଳ୍ପର ସ୍ୱପ୍ନ ଦେଖାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମ୍ପର୍କରେ ଦଳରେ ଚର୍ଚ୍ଚା, ଆଲୋଚନା ଏପରିକି ଜୟନ୍ତୀ ଉତ୍ସବ ପାଳନ ଲାଗି ମଧ୍ୟ ଚିନ୍ତା କରାଯାଉନାହିଁ। ତାଙ୍କୁ ଭଲପାଉଥିବା କେତେଜଣ କଂଗ୍ରେସ ନେତା ଓ କର୍ମୀ ମନେ ପକାଉଛନ୍ତି। ମଙ୍ଗଳବାର ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଜାନକୀ ବଲ୍ଲଭ ସ୍ମୃତି ଉଦ୍ୟାନ ପରିସରରେ ଆୟୋଜିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୬ତମ ଜୟନ୍ତୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଟଣୀ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଏହା କହିଛନ୍ତି।

ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ମୁଖ୍ୟ ଅତିଥି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଅତିଥିଭାବେ ଯୋଗଦେଇ ଜାନକୀଙ୍କ ସାହିତ୍ୟ, ସାମ୍ବାଦିକତା ଓ ରାଜନୈତିଜ୍ଞ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥି ପରିଚୟ ଓ କୋଷାଧକ୍ଷା ତଥା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଧାୟକ ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ବିଜେଡି ବିଜୁ ବାବୁଙ୍କ ଆଦର୍ଶରେ ଚାଲିଛି। ୨୫ବର୍ଷର ସଫଳତାକୁ ନେଇ ଉତ୍ସବ ପାଳନ କରିବା ନୈତିକ ଦାୟିତ୍ୱ। ଏହି ସଫଳତା ପଛରେ କେତେଜଣଙ୍କ ହାତ ରହିଛି। ୨୦୨୪ ରଣନୀତି କ'ଣ ରହିବ ପ୍ରଶ୍ନରେ କହିଥିଲେ, ଆଉ ରଣ କେଉଁଠି ଅଛି ଯେ, ନୀତି ଆସିବ। ଖଣ୍ଡାପଡାରୁ ପୁଣି ଟିକଟ ମିଳିଲେ ଲଢ଼ିବି। ଆଗକୁ ଦଳ ମଧ୍ୟ ଟିକଟ ଦେବା ନା ଦଳୀୟ ସଙ୍ଗଠନ ଦାୟିତ୍ୱ ଦେବ ଦଳ ଉପରେ ନିର୍ଭର କରେ। ଯେଉଁ ଦଳରେ କାର୍ଯ୍ୟ କରେ ସେହି ଦଳର ସୁପ୍ରିମୋଙ୍କ ଉପରେ ବିଶ୍ୱାସ ରଖିଥାଏ। ଆଗାମୀ ନିର୍ବାଚନ ରଣନୀତି ଦଳର ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କହିଥିଲେ।

# ଧାନମଣ୍ଡି ଉଦ୍‌ଘାଟିତ
## ପ୍ରଥମ ଦିନରେ ଉଠିଲା ୪୧୦ କୁଇଣ୍ଟାଲ

ବୋଲଗଡ଼,୩।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁରପାଟଣା ସେବା ସମବାୟ ସମିତି ଲିଃ. ପରିସରରେ ଚଳିତବର୍ଷ ଧାନ କ୍ରୟ ପାଇଁ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ନିର୍ଦ୍ଦେଶକ ତଥା ଉକ୍ତ ସମବାୟ ସମିତିର ପରିଚାଳନା ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତି ସମ୍ପାଦକ ବାଙ୍କନିଧି ମହାରଣା, ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରିତ କମିଟିର କର୍ମଚାରୀଙ୍କ ସମେତ ସମିତିର ପରିଚାଳନା ପରିଷଦର ସଭ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ୧୭ଜଣ ଚାଷୀଙ୍କ ଠାରୁ ୪୧୦କୁଇଣ୍ଟାଲ ଧାନ ମିଲର ଉଠାଣ କରିଥିବା ଜଣାପଡ଼ିଛି।

# ପଞ୍ଚାୟତସ୍ତରୀୟ ଚାଷୀ ସଚେତନତା ମେଳା



ସଚେତନତା ମେଳାରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ,୩।୧(ଡି.ଏନ୍.ଏ.)

ପଞ୍ଚାୟତସ୍ତରୀୟ ଚାଷୀ ସଚେତନତା ମେଳା ମଙ୍ଗଳବାର ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହାଡ଼ିବନ୍ଧୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳାରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ, ମତ୍ସ୍ୟ ସମ୍ପଦ ଅଧିକାରୀ ନିଜାମୁଦ୍ଦିନ ଖାଁ, ଉଦ୍ୟାନ କୃଷି କର୍ମଚାରୀ ଆଶିଷ ଦଳବେହେରା, ଓଭରସିଓର ଶ୍ରୀନିବାସ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗ କର୍ମଚାରୀ ବିଶ୍ୱନାଥ ପଣ୍ଡା, ବିଭୂତି ଦଳବେହେରା, ସୋନାଲି ସବ୍‌ନମ ଉପସ୍ଥିତ ଥିଲେ। ସେହିପରି ବଡ଼ବେରଣା, ପଙ୍ଗାରସିଂହ, ପୋଡ଼ାଡିହ, କଣ୍ଟାବାଡ଼, ସିମୋର ଆଦି ୫ଟି ପଞ୍ଚାୟତ ଅଞ୍ଚଳର କୃଷକ ସାଥୀ ଏବଂ ଚାଷୀମାନେ ଯୋଗଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ ବିଭିନ୍ନ ପ୍ରକାରର ଚାଷ ସମ୍ପର୍କରେ ସଚେତନ କରାଯାଇଥିଲା। ଚାଷୀମାନଙ୍କର କୃଷି ବିପଣନ ଯୋଗୁ ରାଜ୍ୟର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇପାରୁଛି। ଚାଷୀ ପାରମ୍ପରିକ କୃଷିକୁ ପ୍ରାଥମିକତା ନ ଦେଇ ଯନ୍ତ୍ରପାତି ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ ସମ୍ପର୍କରେ କୃଷି ଅଧିକାରୀ ରଥ ସଚେତନ କରାଇଥିଲେ। ଏପରିକି ଚାଷୀମାନେ କିଭଳି ସବ୍‌ସିଡିରେ କୃଷି ଯନ୍ତ୍ରପାତି ସୁବିଧାରେ ପାଇପାରିବେ ସେ ନେଇ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଜୈବିକ ସାର ପ୍ରୟୋଗ, ସମନ୍ୱିତ କୃଷି କାର୍ଯ୍ୟ ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ଚାଷ କାର୍ଯ୍ୟକୁ କିଭଳି ବ୍ୟାପକ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ରଥ କୁହନ୍ତି, ସରକାରୀ ବ୍ୟବସ୍ଥା ଭିତ୍ତିରେ ବ୍ଲକର ୨୧ଟି ପଞ୍ଚାୟତର ଚାଷୀଙ୍କୁ ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କରେ ସଚେତନ କରାଯିବ।

# ଜନ୍ମନିରୋଧ ସଚେତନତା ପାଇଁ ଶାଶୁବୋହୂ ସମ୍ମିଳନୀ

ବୋଲଗଡ଼,୩।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ କୁଦୁଅବେରେଣୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ମହିଳାମାନଙ୍କ ଜନ୍ମନିରୋଧ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ 'ଶାଶୁବୋହୂ ସମ୍ମିଳନୀ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୫୦ ଶାଶୁବୋହୂ ଯୋଗଦେଇଥିଲେ। ଆୟୋଜିତ ସଚେତନତା ସଭାରେ ସ୍ୱାସ୍ଥ୍ୟକର୍ମୀ ସେଫାଳି ରାଉତ ଅଧକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଭାଗୀରଥି ଦାସ ମୁଖ୍ୟବକ୍ତା ଏବଂ ନାଏବ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦେହୁରି, ୱାର୍ଡସଭ୍ୟା ସଞ୍ଜୁକ୍ତା ମହାରଣା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜନ୍ମନିରୋଧ ଅସ୍ତ୍ରୋପଚାର ବିନା କିପରି ବିଭିନ୍ନ ପଦ୍ଧତି ଆପଣାଇ ଛୋଟ ସଂସାର ଗଢାଯାଇ ପାରିବ, ଏଥିନେଇ ସରକାରୀ ପ୍ରୋତ୍ସାହନ, ଗର୍ଭବତୀ ଓ ପ୍ରସୂତିଙ୍କ ସେବାଯତ୍ନରେ ଶାଶୁଙ୍କ ଭୂମିକା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ନେହଲତା ବେହେରା ତାଲିମ ପ୍ରଦାନ କରିଥିଲେ। ଏହା ପରେ ଉପସ୍ଥିତ ମହିଳାଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ ଠିକ ଉତ୍ତରଦାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଶାକର୍ମୀ ନିରୁପମା ବେହେରା, ମନୋରମା ସାହୁ, ମମତା ରାଉତ, ପ୍ରତିମା ନନ୍ଦ, ପ୍ରଭାତୀ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୦ ଲକ୍ଷ ଟଙ୍କାର ଲୁଗା ଜଳିଗଲା

ଜଟଣୀ,୩।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅଧୀନ ରେଲୱେ ଗୋଲେଇ ମାର୍କେଟରେ ଥିବା ଏଚ୍.କେ. ଟେକ୍ସଟାଇଲ ଲୁଗା ଦୋକାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ପ୍ରାୟ ୩୦ଲକ୍ଷ ଟଙ୍କାର ଲୁଗା ଜଳିଯାଇଥିବା ଦୋକାନ ମାଲିକ ହିତେଶ ଠକ୍କର କହିଛନ୍ତି। ସୂଚନା ମୁତାବକ, ପ୍ରତିଦିନ ପରି ଦ୍ୱିପ୍ରହରରେ ହିତେଶ ଏବଂ କର୍ମଚାରୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଅପରାହ୍ନ ପ୍ରାୟ ୨ଟା ୩୦ରେ ଦୋକାନରୁ ଧୂଆଁ ବାହାରକୁ ଆସୁଥିବା ସ୍ଥାନୀୟ ଲୋକେ ଦେଖି ହିତେଶଙ୍କୁ ଜଣାଇଥିଲେ। ପରେ ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି।

# ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲୁଗାଁ,୩।୧(ଡି.ଏନ୍.ଏ.)

ବାଲୁଗାଁ ନିକଟ ବଡ଼କୂଳସ୍ଥିତ ଚିଲିକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଜିଲା ବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଚିଲିକା ତହସିଲଦାର ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟା ସବିତା ସୁନ୍ଦରାୟ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, କ୍ରୀଡ଼ା ନିରୀକ୍ଷକ ପଠାଣି ଆଗ୍ରା ସିଂ, ଗୋଷ୍ଠୀ ଶିକ୍ଷାଧିକାରୀ ନଳିନୀକାନ୍ତ ମହାନ୍ତି, ବିଦ୍ୟାଳୟ ପରିଚାଳନା ସଭାପତି ବଳଭଦ୍ର ବିଶୋଇ, ମୋ ସ୍କୁଲ ଅଭିଯାନ ସଭାପତି ବିଦ୍ୟାଧର ଜୁଝାରସିଂହ, କ୍ରୀଡ଼ା ପରିଚାଳକ ବୈଷ୍ଣବ ନାୟକ, ଚିଲିକା ବ୍ଲକ୍ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇ ବ୍ୟାୟାମ ଓ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ୧୪ ଓ ୧୭ବର୍ଷରୁ ବାଳକ ବାଳିକାଙ୍କୁ ନେଇ ଏହି କବାଡ଼ି ପ୍ରତିଯୋଗିତା ହେଉଥିବା ବେଳେ ଖୋର୍ଦ୍ଧା ଜିଲା ଅଧୀନ ୧୦ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# ଆଜିଠୁ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ଖୋର୍ଦ୍ଧା ଅଫିସ,୩।୧

ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଠାରୁ ୬ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ ଓ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମନୋନୀତ ହୋଇଥିବା କୁନି କୁନି ପ୍ରକଳ୍ପକକାରୀ ଅଂଶଗ୍ରହଣ କରିବେ। 'ପ୍ରଯୁକ୍ତି ବିଦ୍ୟା ଓ ଖେଳନା' ବିଷୟ ଆଧାରିତ ଏହି ତ୍ରିଦିବସୀୟ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ବିଜ୍ଞାନ ସେମିନାର, ବିଜ୍ଞାନ କୁଇଜ୍, ବିଜ୍ଞାନ କଥନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ଜିଲାରୁ ୭ଟି ବିଷୟରେ ୭ ଜଣ ଲେଖାଏ ଛାତ୍ରୀଛାତ୍ର ଯୋଗଦେବେ। ତାଙ୍କ ସହିତ ୭ ଜଣ ଗାଇଡ୍ ଶିକ୍ଷକ ଓ ଜଣେ ବିଜ୍ଞାନ ପରିଦର୍ଶକ ଏହିଭଳି ୩୦ଟି ଜିଲାରୁ ୨୧୦ ପ୍ରକଳ୍ପ ସ୍ଥାନ ପାଇବ। ମୋଟ୍ ୪୫୦ ଛାତ୍ରୀଛାତ୍ର, ଗାଇଡ୍ ଶିକ୍ଷକ, ବିଜ୍ଞାନ ପରିଦର୍ଶକ ଯୋଗଦେବେ। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାଳକମାନେ ବିଜେବି ହାଇସ୍କୁଲ ଓ ବାଳିକାମାନେ ସରକାରୀ ବାଳିକା ହାଇସ୍କୁଲରେ ରହିବେ। ବୁଧବାର ପୂର୍ବାହ୍ନ ୧୧ଟାରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବ। ୫ତାରିଖରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ(ନାଇଜର) ଭୁବନେଶ୍ୱର କ୍ୟାମ୍ପସ କ୍ଷେତ୍ର ପରିଦର୍ଶନ କରିବେ। ଅପରାହ୍ନ ୨ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ପ୍ରକଳ୍ପ ପରିଦର୍ଶନ, ବିଜ୍ଞାନ

- ସ୍ଥାନ ପାଇବ ୨୧୦ ପ୍ରକଳ୍ପ
- ନାଇଜର ବୁଲିବେ ଛାତ୍ରୀଛାତ୍ର

କୁଇଜ୍, ବିଜ୍ଞାନ ଆଲୋଚନା ଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୬ତାରିଖ ଅପରାହ୍ନ ୨ଟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

ଏନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆରଟି)ର ନିର୍ଦ୍ଦେଶକ ମନୋଜ ପାଢ଼ୀ କହିଥିଲେ, ରାଜ୍ୟ ଓ ଜାତୀୟ ସ୍ତରରେ ବିଜ୍ଞାନ, ଗଣିତ, ପ୍ରଯୁକ୍ତିବିଦ୍ୟାକୁ ଲୋକାଭିମୁଖୀ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଉଦ୍ଭାବନ ଓ ଅନୁସନ୍ଧିତ୍ସୁ ମନୋଭାବ ସୃଷ୍ଟି ପାଇଁ ଏହି ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ମଙ୍ଗଳବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏବିଇଓ) ସ୍ନିଗ୍ଧା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା ଓ ଜିଲା ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂହ ଯୋଗଦେଇ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ପ୍ରଦର୍ଶନୀ ଆୟୋଜନ ନେଇ ଗୁରୁତ୍ୱାରୋପ କରିଥିଲେ। ୧୦ ବ୍ଲକର ବ୍ଲକ ଶିକ୍ଷାଧିକାରୀ (ବିଇଓ) ଉପସ୍ଥିତ ଥିଲେ। ବୈଠକରେ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ସେକ୍ ଗୋହର ଅଲି, ଶିକ୍ଷକ ରଞ୍ଜନ କୁମାର ଦାଶ, ସୁଧାକର ମହାପାତ୍ର, ଶିକ୍ଷକ ବିଭୁ ପ୍ରସାଦ ସେନାପତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ଅଞ୍ଜନ କୁମାର ରାୟ, ପ୍ରହ୍ଲାଦ ବାରିକ, ରତ୍ନାକର ରାଉତରାୟ, ତୋଫାନ ରାଉତରାୟ, ଅଭିରାମ ବେହେରା, ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧।୨୦୨୩

| | |
|---|---|
| ୪,୦୦,୪୮୫ ଟଙ୍କା | |
| ସୁନା | ୧୫୦ ମିଲି ଗ୍ରାମ |
| ରୁପା | ୨୮.୬୦୦ ଗ୍ରାମ |

# ଅଧାପନ୍ତରିଆ ହୋଇପଡ଼ିଛି ରାସ୍ତା କାମ

ପିପିଲି,୩।୧(ଡି.ଏନ୍.ଏ.)

ସରକାର ଗ୍ରାମର ଉନ୍ନତି ସହ ଗ୍ରାମ୍ୟ ରାସ୍ତାକୁ ବିକାଶ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଜରିଆରେ କାର୍ଯ୍ୟ କରୁଛନ୍ତି। ହେଲେ ଉକ୍ତ କାର୍ଯ୍ୟର ଠିକ୍ ଭାବେ ତଦାରଖ ନ କରିବା, କାର୍ଯ୍ୟ ସମୟରେ ଯନ୍ତ୍ରୀ ଉପସ୍ଥିତ ନ ରହିବା, ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ରାସ୍ତା କାର୍ଯ୍ୟ ବିଳମ୍ବ ହେବା ସହ ନିମ୍ନମାନର ହେଉଥିବା ବିଭିନ୍ନ ଜାଗାରେ ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକ ଅଞ୍ଚଳର ଦୁଇଟି ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉକ୍ତ ଯୋଜନା ମାଧ୍ୟମରେ ରାସ୍ତା କାର୍ଯ୍ୟ ହେଉଥିବା ବେଳେ ତାହା ଅଧାପନ୍ତରିଆ ହୋଇପଡ଼ିଛି। ୨ଟିଯାକ ସ୍ଥାନରେ ରାସ୍ତା କାର୍ଯ୍ୟର ଅବଧି ସରିଯାଇଥିଲେ ମଧ୍ୟ କେବଳ ଅଧା ହୋଇଥିବା ଜଣାପଡ଼ିଛି।

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପୁରୁଣା ଏନ୍ଏଚ୍ ଦାଣ୍ଡମୁକୁନ୍ଦପୁରଠାରୁ ରାଜତେଇ ଭାୟା କସରଦା ୫ କିଲୋମିଟର ୩୨୦ ମିଟର ରାସ୍ତା ପାଇଁ କାର୍ଯ୍ୟ ହେଉଛି। ଏଥିପାଇଁ ୩କୋଟି ୬୫ଲକ୍ଷ ୪୧ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କାମ ଆରମ୍ଭ ପୂର୍ବରୁ କାର୍ଯ୍ୟ ନିମନ୍ତେ ଫଳକ ଲଗାଯାଇ ସୂଚନା ପ୍ରଦାନ କରାଯାଉଛି। ଏହା ୨୦୨୧ ଡିସେମ୍ବର ୨୨ରୁ ଆରମ୍ଭ ହୋଇ ୨୦୨୨ ନଭେମ୍ବର ୨୧ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ ଦିଆଯାଇଥିଲା। କିନ୍ତୁ ଏ କାର୍ଯ୍ୟର ଅବଧି ସରିଯାଇଥିଲେ ମଧ୍ୟ କାମ ମାତ୍ର ଅଳ୍ପ କେଇ ଦିନ ହେବ ଆରମ୍ଭ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତିକି କାମ ହୋଇଛି, ତାହା ମଧ୍ୟ ନିମ୍ନମାନର କାମ ପାଇଁ କିଛିଦିନ ନ ପୂରୁଣୁ ଫାଟି ନଷ୍ଟ ହେଲାଣି। ସେହିଭଳି ଜଇଶପାଟଣା ଛକଠାରୁ ଜଗନ୍ନାଥପୁର ଭାୟା ପାଟସାହାଣୀପୁର ଅରୁହା ହରିଅନ୍ତା ୫ କିଲୋମିଟର ୫ ଶହ ୪୦ମିଟର ରାସ୍ତା ପାଇଁ କାମ ହେଉଛି। ଏଥିପାଇଁ ୩ କୋଟି ୮୩ଲକ୍ଷ ୫୮ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତା ମଧ୍ୟ ୨୦୨୧ ଡିସେମ୍ବର ୨୧ରେ ଆରମ୍ଭ ହୋଇ ୨୦୨୨ ନଭେମ୍ବର ୨୦ରେ ଶେଷ କରିବା ପାଇଁ ସୂଚନାଫଳକ ଲଗାଯାଇଛି।




ଜଇସିପାଟଣା ଗ୍ରାମ ରାସ୍ତା କାମର ସୂଚନା ଫଳକ ।




ଦାଣ୍ଡମୁକୁନ୍ଦପୁର ଗ୍ରାମ ରାସ୍ତାକାମର ସୂଚନା ଫଳକ ।

### ଦେଢ଼ ମାସ ହେବ ସରିଲାଣି କାର୍ଯ୍ୟ ଅବଧି

ଏଠି ଅଧା କାମ ସରିଛି। ଠିକାଦାରଙ୍କ ମନଇଚ୍ଛା କାର୍ଯ୍ୟ କରିବା, ଇଟା, ଗୋଡ଼ି, ସିମେଣ୍ଟ ନିମ୍ନମାନର ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏଥିସହ ରାସ୍ତା କାର୍ଯ୍ୟ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ କି ଯନ୍ତ୍ରୀମାନେ ଆସୁ ନ ଥିବା ସ୍ଥାନୀୟ ଲୋକ କହିଛନ୍ତି। କେବଳ ଏତିକି ନୁହେଁ ଗତ ମାସକ ତଳେ ପ୍ରାୟ ୮ କୋଟି ଟଙ୍କାରେ ଗଙ୍ଗୁଆ ନାଳ ଉପରେ ବିଜୁ ସେତୁ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ରାତିଅଧିଆ ଜେସିବି ସାହାଯ୍ୟରେ ବ୍ରିଜ୍‌ର ପିଲର କଂକ୍ରିଟ କାର୍ଯ୍ୟ କରିବା ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗ ବିରୋଧରେ ଅଭିଯୋଗ ଆସିବା ପରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ବିଭିନ୍ନ ସ୍ଥାନରେ କାମର ମାନ ଯାଞ୍ଚ କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ତାଗିଦ କରୁଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବ୍ୟବହାର କରାଯାଉଥିବା ସାମଗ୍ରୀ ଯାଞ୍ଚ କରି ଠିକାଦାରଙ୍କୁ ତାଗିଦ କରି କାମ ଠିକ୍ ସମୟରେ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ନାୟକଙ୍କୁ ପଚାରିବାରେ ଅଧିକାଂଶ ରାସ୍ତାରେ ଜବରଦଖଲ ଭଳି ବିଭିନ୍ନ ସମସ୍ୟା ରହିଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଥିବା କହି ସଫେଇ ଦେଇଛନ୍ତି।

## ୬ରେ ସମୁଦ୍ର କୂଳରେ ମହୋଦଧି ଆଳତି

ପୁରୀ ଅଫିସ,୩।୧

ଆସନ୍ତା ୬ ତାରିଖ ପୌଷ ପୂର୍ଣ୍ଣିମା ବା ଦେବାଭିଷେକ ପୂର୍ଣ୍ଣିମା ସନ୍ଧ୍ୟାରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର କୂଳରେ ମହୋଦଧି ଆଳତି ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେବା ସହ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଏହାକୁ ସଫଳ କରିବାକୁ ମତ ଦେଇଥିଲେ। ସେହିପରି ତୀର୍ଥରାଜ ଶ୍ରୀ ମହୋଦଧି ଆଳତି ପରିଚାଳନା ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏଥିରେ ପୂଜ୍ୟପାଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ, ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ମନ୍ତ୍ରୀଙ୍କ ସମେତ ବହୁ ସାଧୁସନ୍ଥ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦେଇଥିଲେ। ସେହିଭଳି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଅଗ୍ନିଶମ ଅଧିକାରୀ ପ୍ରଦୀପ ରାଉତ ଏବଂ ଅନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## କୃଷ୍ଣ ବଳରାମ ଭାଗବତ ଟୁଙ୍ଗିର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୩।୧(ଡି.ଏନ୍.ଏ.)

ନରଣପୁର ଗ୍ରାମ ଅନ୍ତର୍ଗତ କୃଷ୍ଣ ବଳରାମ ଭାଗବତ ଟୁଙ୍ଗିର ୩ ଦିନିଆ ୬୫ଷ୍ଠ ବାର୍ଷିକୋତ୍ସବ ମଙ୍ଗଳବାର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି। ଉପଦେଷ୍ଟା ଭୋବନାନନ୍ଦ ସାହୁ ଏହାର ତତ୍ତ୍ୱାବଧାନ କରିଥିଲେ। ପ୍ରଥମ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ସହିତ ଭୁବନେଶ୍ୱରରୁ ଆସିଥିବା ନାମୀ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ସନ୍ଧ୍ୟାରେ ପ୍ରବକ୍ତା ଦିବାକର ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ପ୍ରବଚନ ଶୁଣିବା ପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ତାଲା ଭାଙ୍ଗି ଘରୁ ସୁନାଗହଣା ଲୁଟ୍

ଡେଲାଙ୍ଗ,୩।୧(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅନ୍ତର୍ଗତ ନିଁପୁର ଘରେ କେହି ନ ଥିବା ସୁଯୋଗରେ ଘରର ତାଲା ଭାଙ୍ଗି ସୁନାଗହଣା ଲୁଟ୍ ହୋଇଥିବା ଗ୍ରାମର ନାରଖାରି ପ୍ରଧାନ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ବୋହୂ ସୀମା ଏବଂ ବୋହୂଙ୍କ ଭାଇ ସଞ୍ଜୟ ୧ ସୁନା ହାର, ୬ଟି ମୁଦି ଲୁଟ୍ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୫/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅନିଲ ମହାନ୍ତି କହିଛନ୍ତି। ସୂଚନା ମୁତାବକ, ଗତ ୧୧ ନଭେମ୍ବରରେ ନାରଖାରିଙ୍କ ପୁଅ ବିପିନ ପ୍ରଧାନ ଓ ବୋହୂ ସୀମା ପ୍ରଧାନଙ୍କ ମଧ୍ୟରେ ପାରିବାରିକ କଳହ ଉପୁଜିଥିଲା। ଏହାକୁ କେନ୍ଦ୍ର କରି ସୀମାଙ୍କ ଭାଇ ସଞ୍ଜୟ ବଡ଼ଜେନା ଭିଣୋଇ ବିପିନ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ନାରଖାରି ଥାନାରେ ଅଭିଯୋଗ କରିଥିଲେ। ପାରିବାରିକ ହିଂସାକୁ ନେଇ ଶାଶୁଘର ଲୋକଙ୍କ ନାମରେ ସୀମା ପାଲଟା ଅଭିଯୋଗ କରିଥିଲେ। ଉକ୍ତ ଗଣ୍ଡଗୋଳରେ ବିପିନ୍ ଗୁରୁତର ଆହତ ହୋଇଥିଲେ। ଥାନାରେ ଏନେଇ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ ନ କରିବାରୁ ବିପିନ୍ ଗତ ୨୯ ନଭେମ୍ବରରେ ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେବେଠାରୁ ସୀମା ତାଙ୍କ ବାପ ଘର ଡେଲାଙ୍ଗଠାରେ ରହୁଛନ୍ତି। ଅନ୍ୟପଟେ ନାରଖାରି ପୁଅ ବିପିନ୍‌ଙ୍କ ଚିକିତ୍ସା ପାଇଁ ପିପିଲିରେ ଭଡ଼ା ଘରେ ରହୁଥିଲେ। ଧାନ ଅମଳ ପାଇଁ ମଙ୍ଗଳବାର ନାରଖାରି ଗ୍ରାମକୁ ଆସିଥିବାବେଳେ ତାଙ୍କ ଘରର ତାଲା ଭଙ୍ଗାଯାଇ ଲୁଟ୍ ହୋଇଥିବା ଦେଖିଥିଲେ।

### ଘର ଝରକା ଗ୍ରିଲ ଭାଙ୍ଗି ୧୦ ଲକ୍ଷର ଅଳଙ୍କାର ଲୁଟ୍

ନିମାପଡ଼ା,୩।୧(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଭୁବନପୁର ଗ୍ରାମର ମମତା ବେହେରାଙ୍କ ଘରୁ କେହି ଦୁର୍ବୃତ୍ତ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନାଗହଣା, ନଗଦ ୩ ହଜାର ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩।୨୩) ରୁଜୁ କରି ତଦନ୍ତ ଚଳାଇଛି। ମମତାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗରେ ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ଘର ବାଡ଼ି ପଛପଟ ଝରକାର ଲୁହା ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ଗଡରେଜ୍ ଆଲମାରୀ ଭାଙ୍ଗି ସେଥିରୁ ସୁନା ଚେନ୍, ମୁଦି, କାନଝରା, ଚୁଡ଼, ଲକେଟ୍ ପ୍ରଭୃତି ୨୦ ଭରି ଓଜନର ବିଭିନ୍ନ ସୁନାଗହଣା ଲୁଟି ନେଇଛନ୍ତି। ଏପରିକି ଦୁର୍ବୃତ୍ତମାନେ ଯିବାବେଳେ ଘରର ମୁଖ୍ୟ ଫାଟକରେ ବାହାରୁ ତାଲା ପକାଇ ଦେଇଯାଇଛନ୍ତି। ମମତାଙ୍କ ଅଭିଯୋଗ କ୍ରମେ ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍ଆଇ ତଅପୋଇ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ସରପଞ୍ଚ

ଗୋପ,୩।୧(ଡି.ଏନ୍.ଏ.)- ପଞ୍ଚାୟତର ଲୋକେ ଆମଙ୍କୁ ଆଶା ଓ ବିଶ୍ୱାସ କରି ପଞ୍ଚାୟତ ଦାୟିତ୍ୱ ଦେଇଛନ୍ତି। ପଞ୍ଚାୟତରେ ଥିବା ଗରିବ, ନିରୀହ ଅସହାୟ ଲୋକ ଆମ ପାଇଁ ଭଗବାନ୍ ସଦୃଶ। ଗୋପ ବ୍ଲକ ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ଏହା କହିଛନ୍ତି। ମଙ୍ଗଳବାର ସକାଳେ ସରପଞ୍ଚ ନାୟକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଅସହାୟ ଗରିବ ଶ୍ରେଣୀର ଲୋକଙ୍କୁ କମ୍ବଳ, ଶାଲ୍ ବଣ୍ଟନ କରିଛନ୍ତି। ଏଭଳି କାର୍ଯ୍ୟ କରିବା ସମ୍ପର୍କରେ ତାଙ୍କୁ ପଚାରିବାରେ, ସେ ପୂର୍ବରୁ ଗାଁରେ ରହୁ ନ ଥିଲେ। କଟକରେ ରହି କେତେକ କାର୍ଯ୍ୟ କରୁଥିଲେ। କିନ୍ତୁ ପରେ ଗରିବ ଶ୍ରେଣୀର ଲୋକଙ୍କ ସେବା କରିବାକୁ ଇଚ୍ଛା ହେବାରୁ ପଞ୍ଚାୟତର ଲୋକ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ଏଥିସହ ସେ ଶତାଧିକ ଗରିବ ଲୋକଙ୍କୁ ଶୀତବସ୍ତ୍ର ବାଣ୍ଟିଥିବା କହିଛନ୍ତି।



ପୁରୀ ଚୁଡ଼ଙ୍ଗସାହିସ୍ଥିତ ବଡ୍ଡୁ ମହାପାତ୍ର ଜାଗାରେ ମଙ୍ଗଳବାର ପହିଲି ଭୋଗ ଆରମ୍ଭ ଅବସରରେ ଉପସ୍ଥିତ କମିଟି ସଦସ୍ୟ ।

## ବଡ୍ଡୁ ମହାପାତ୍ର ଜାଗାରେ ପହିଲି ଭୋଗ ଆରମ୍ଭ

ପୁରୀ ଅଫିସ,୩।୧

ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚୁଡ଼ଙ୍ଗସାହିସ୍ଥିତ ବଡ୍ଡୁ ମହାପାତ୍ର ଜାଗାରେ ପହିଲି ଭୋଗ ଅନୁଷ୍ଠିତ ହୋଇଛି। ଜାଗାର ନୂତନ ସମ୍ପାଦକ ରାକେଶ କୁମାର ପାତ୍ର ଓ ପରିଚାଳନା କମିଟି ମୁଖ୍ୟ ଆଦିତ୍ୟ ନାରାୟଣ ବାରିକଙ୍କ ନେତୃତ୍ୱରେ ଏହି ପହିଲି ଭୋଗ ଅନୁଷ୍ଠିତ ହୋଇଥିଲା। ତେବେ ବହୁବର୍ଷ ଧରି ଜାଗା ପରିସରରେ ଏହି ପହିଲି ଭୋଗ ନୀତି ବନ୍ଦ ରହିଥିଲା। ଚଳିତବର୍ଷ ଏଠାରେ ପହିଲି ଭୋଗ ଆରମ୍ଭ ହୋଇଥିବାରୁ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଗର ଆୟୋଜନ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଚୁଡ଼ଙ୍ଗସାହିର ବଡ୍ଡୁ ମହାପାତ୍ର ଜାଗା ଘର କହିଲେ ୮ସାହିକୁ ନେଇ ଗଢ଼ିଉଠିଥିଲା। କାଳକ୍ରମେ ତାହା ୪ ସାହିରେ ସୀମିତ ହୋଇ ରହିଯାଇଥିଲା। ଜାଗା ଘରର ରକ୍ଷଣାବେକ୍ଷଣା ଅଭାବରୁ ପହିଲିଭୋଗ ଦୀର୍ଘବର୍ଷ ହେବ ବନ୍ଦ ହୋଇଯାଇଥିଲା। ତେବେ ଗତ ଅକ୍ଟୋବର ୩୦ରେ କମିଟିର ସାଧାରଣ ସଭା ହୋଇ ସାହି ଲୋକଙ୍କ ନିଷ୍ପତ୍ତିକ୍ରମେ ନୂତନ ପରିଚାଳନା କମିଟି ହୋଇଥିଲା। ସଭାରେ ସଭାପତି ଭାବେ ବନବିହାରୀ ନାୟକ, ଉପସଭାପତି ବିମଳ ପଟ୍ଟନାୟକ, ସମ୍ପାଦକ ରାକେଶ କୁମାର ପାତ୍ର(ବିଜିନା), ସହ ସମ୍ପାଦକ ଦୁର୍ଗାଶଙ୍କର ଦାସ, କୋଷାଧ୍ୟକ୍ଷ ଗୀତାକୃଷ୍ଣ ସାହୁ ଓ ପରିଚାଳନା କମିଟିର ମୁଖ୍ୟ ଭାବରେ ଆଦିତ୍ୟ ନାରାୟଣ ବାରିକଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଗତ ଡିସେମ୍ବର ୨୦ରେ ସମ୍ପାଦକ ରାକେଶ ପାତ୍ର, ଉପସଭାପତି ବିମଳ ପଟ୍ଟନାୟକ ଓ ପରିଚାଳନା କମିଟିର ମୁଖ୍ୟ ଆଦିତ୍ୟ ନାରାୟଣ ବାରିକଙ୍କ ନେତୃତ୍ୱରେ ପହିଲିଭୋଗ ହେବା ନେଇ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ୮ ସାହି ଯେପରି ଚୁଡ଼ଙ୍ଗସାହି, ମାତାଗୋ ସାହି, ନୀଳକଣ୍ଠ ନଗର, ଖୁଣ୍ଟିଆ ବଗିଚା, ମଧୁବନ, ଦୁଳଗ୍ରାମ, ହାଡ଼ଗଡ଼ିଆ ସାହି, ଯମୁନା ଗଳି ଆଦିକୁ ନେଇ ପହିଲି ଭୋଗ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଟର ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁଶାନ୍ତ ନାୟକ, କମିଟିର ରାଜାରାମ ଦାସ, ଭବାନୀ ବେହେରା ପ୍ରମୁଖ ସାମିଲ ଥିଲେ।

## ପୂର୍ବ ବିବାଦକୁ ନେଇ ଖଣ୍ଡା ଚୋଟ, ଜଣେ ଗୁରୁତର

ବଳଙ୍ଗା,୩।୧(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୂର୍ବ ବିବାଦକୁ କେନ୍ଦ୍ରକରି ଖଣ୍ଡା ଚୋଟ ପକାଇ ଗୁରୁତର କରିଥିବା ନେଇ ସୋମବାର ରାତିରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗକାରୀ ଡାଙ୍ଗୁରା ଗ୍ରାମର କାର୍ତ୍ତିକ ମାଝିଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ବିଭୀଷଣ ବରାଳ ସହ କାର୍ତ୍ତିକଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ପୂର୍ବ ବିବାଦ ଲାଗିରହିଥିଲା। ଏପରିକି କାର୍ତ୍ତିକଙ୍କ ପୁଅ ବିକାଶଙ୍କୁ ୮ଦିନ ତଳେ ବିଭୀଷଣ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡା ଧରି ମାରିଦେବାକୁ ଧମକ ଦେଇଥିଲେ। ତେବେ ସୋମବାର ସକାଳ ୯ଟାରେ ମଧ୍ୟ ବିକାଶଙ୍କ ସହ ବିଭୀଷଣଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଭୀଷଣ ଏକ ଖଣ୍ଡା ଆଣି ବିକାଶଙ୍କୁ ମାରିବା ପାଇଁ ଗୋଡ଼ାଇବା ବେଳେ ପାଟିଶୁଣି କାର୍ତ୍ତିକ ଆସିବାରୁ ସେ ତାଙ୍କୁ ଗାଳି କରି ଖଣ୍ଡାରେ ବାମ ହାତକୁ ହାଣି ଦେଇଥିଲା। ଫଳରେ କାର୍ତ୍ତିକ ତଳେ ପଡ଼ିଯିବାରେ ବିଭୀଷଣ ପୁନର୍ବାର ଖଣ୍ଡାକୁ ତାଙ୍କ ବେକରେ ଲଗାଇ ନାନା ଧମକ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲା। ଆକ୍ରମଣରେ କାର୍ତ୍ତିକ ଗୁରୁତର ହୋଇଥିବା ବେଳେ ଚିକିତ୍ସା କରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## କିନ୍ନର ସଂଘ ପକ୍ଷରୁ କଳସ ଶୋଭାଯାତ୍ରା



ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ କଳସ ଶୋଭାଯାତ୍ରା କରାଯାଉଛି ।

ପୁରୀ ଅଫିସ,୩।୧

ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ ପୁରୀରେ ପ୍ରଥମଥର ପାଇଁ ଓଡ଼ିଶାର ସମସ୍ତ କିନ୍ନର ଗୁରୁମାଙ୍କୁ ନେଇ ରାଜ୍ୟବାସୀଙ୍କ ମଙ୍ଗଳକାମନା ନିମନ୍ତେ ବୋହୂଚରା ମାତା (ମୁର୍ଗୀ ମାତା)ଙ୍କ ପୂଜା ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପୂଜାର ଅବ୍ୟବହିତ ପୂର୍ବରୁ ଜିଲା କିନ୍ନର ସଂଘ ପକ୍ଷରୁ ଏକ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। କିନ୍ନର ସଂଘର ସଦସ୍ୟାମାନେ ଗୁରୁମା ଦେବକୀ କିନ୍ନରଙ୍କ ନେତୃତ୍ୱରେ ବଡ଼ଶଙ୍ଖଠାରୁ ଶୋଭାଯାତ୍ରାରେ ଆସି ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ଜଳ ନେଇ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଯାଇ କଳସ ସ୍ଥାପନ କରିଥିଲେ। ଏ ନେଇ କିନ୍ନର ସଂଘର ମା' ରୂପେ ପରିଚିତ ଗୁରୁମା ଦେବକୀଙ୍କ କହିବା ଅନୁଯାୟୀ, ରାଜ୍ୟର ତଥା ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ଏହି ପୂଜା ପ୍ରଥମଥର ପାଇଁ ପୁରୀରେ ଆୟୋଜନ କରାଯାଇଛି। ଏଥିପାଇଁ ୭ଦିନ ହେବ କିନ୍ନରମାନେ ବ୍ରତ ରଖିଥିଲେ। ବ୍ରତର ୭ଦିନ ପୂର୍ତ୍ତି ହୋଇଥିବାରୁ କଳସ ଶୋଭାଯାତ୍ରା କରାଯାଇଛି। କଳସ ସ୍ଥାପନା ପରେ ପୂଜାର୍ଚ୍ଚନା ହେବ। ସେହିପରି ବୁଧବାର ଓଡ଼ିଶାର ସମସ୍ତ କିନ୍ନର ଗୁରୁମାଙ୍କୁ ନେଇ ପୂଜା ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ସଂଘ ସଭାନେତ୍ରୀ ପ୍ରିୟାଂଶୀ ଦାସ, ସମ୍ପାଦିକା ପିହୁ ମିଶ୍ର ପରିଚାଳନା କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଶତବାର୍ଷିକୀ ପାଳନ ନେଇ ବୈଠକ

ପୁରୀ ଅଫିସ,୩।୧

ଜାନୁୟାରୀ ୮ରେ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଉତ୍କଳ ଆଗମନର ୧୦୧ତମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କର ଯୋଗଦେବା ସମ୍ଭାବନା ରହିଛି। ତେଣୁ ଏହାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବାକୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିବା ସହ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଅତ୍ୟନ୍ତ ଶୃଙ୍ଖଳା ଓ ସୁଚାରୁ ରୂପେ ଏହି କାର୍ଯ୍ୟକ୍ରମକୁ ସମ୍ପନ୍ନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପୂର୍ବରୁ ଏ ସମ୍ପର୍କରେ ବୈଠକ ଆହ୍ୱାନ କରାଯାଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି ବୋଲି ସୂଚନା ଦେଇଥିଲେ। ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ବୈଠକ ସତ୍‌ସଙ୍ଗ ଆୟୋଜନ କମିଟିର ସହସମ୍ପାଦକ ଡା. ବିନାୟକ ମହାପାତ୍ର ୮ତାରିଖର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଉପ ଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ସତ୍‌ସଙ୍ଗ ସହ ପ୍ରତି ରିତିକ ନିରଞ୍ଜନ ବେହେରା, ସଞ୍ଜୀବ ନାୟକ, ନନ୍ଦକିଶୋର ପ୍ରଧାନ, ଅରୁଣ ସାହୁ, ଆଶିଷ ସୁବୁଦ୍ଧିଙ୍କ ସମେତ ସତ୍‌ସଙ୍ଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

### ୮ରେ ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନର ୧୦୧ତମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ଓଡ଼ିଆ ଭାଷା -ସାହିତ୍ୟ ବିକାଶ ପାଇଁ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ

ପୁରୀ ଅଫିସ,୩।୧

ଓଡ଼ିଆ ଭାଷାର ସୁରକ୍ଷା ସହ ସାହିତ୍ୟ-ସଂସ୍କୃତିର ବିକାଶ ପାଇଁ ରାଜ୍ୟ ସରକାର ତଥା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ସମର୍ଥ ବର୍ମା ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ମଙ୍ଗଳବାର ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ବର୍ମା ଯୋଗଦେଇ ଇଣ୍ଟରନେଟର ଆଶାତୀତ ବିକାଶ ପରେ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ପ୍ରତିଟି କବି, ଗାଳ୍ପିକ, ଔପନ୍ୟାସିକ, ଗବେଷକ ସଂକଳ୍ପବଦ୍ଧ ହୋଇ ପାଠକଙ୍କ ପାଇଁ ପୁସ୍ତକ ପ୍ରକାଶ କରୁଛନ୍ତି, ଏହା କମ୍ କଥା ନୁହେଁ ବୋଲି ପ୍ରକାଶ କରିଥିଲେ। ମେଳାର ସଭାପତି ଡ.କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଲେଖକ ଓ ପ୍ରକାଶକଙ୍କ ମିଳିତ ପ୍ରୟାସରେ ଓଡ଼ିଆ ପାଠକଙ୍କ ପାଇଁ ଅଧିକରୁ ଅଧିକ ମୂଲ୍ୟବୋଧଭିତ୍ତିକ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ବହିମେଳାକୁ ଅଧିକ ଆକର୍ଷଣୀୟ କରିବା ଲାଗି ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ। କମିଟିର ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବହିମେଳା ଉତ୍ସବରେ କାର୍ଯ୍ୟକାରୀ ସଭାପତି ଅନାମ ସାହୁ, ଉପସଭାପତି ରାଜକିଶୋର ମିଶ୍ର ଓ ଜଟାଧାରୀ ମିଶ୍ର, ସଙ୍ଗଠନ ସମ୍ପାଦକ ପ୍ରସନ୍ନ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ତଥା ଉପନିର୍ଦ୍ଦେଶକ ସରୋଜ ପ୍ରଧାନ ଓ ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ବହି ବିଚିତ୍ରା, ଅନାମ ସାହୁଙ୍କ ଜାତକ ସମୀକ୍ଷା, ଅଜୟ ପଣ୍ଡାଙ୍କ ପାଠ ପଢ଼-ଦେଶ ଗଢ଼ ଓ ରବୀନ୍ଦ୍ରନାଥ ପ୍ରଧାନଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନାରେ ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ବୀରେନ୍ଦ୍ର ମହାନ୍ତି, ରଘୁନାଥ ମହାପାତ୍ର, ସ୍ୱାଧୀନ ପଣ୍ଡା, ପ୍ରତିମା ମିଶ୍ର, ନାରାୟଣ ନନ୍ଦ, ରଘୁନାଥ ମିଶ୍ର, ବିପିନ ଦଳାଇ, ସୁକାନ୍ତ ପଣ୍ଡା, ଗୀତାଞ୍ଜଳି ପଣ୍ଡା, ସୁନୀଲ ରଥ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବହିମେଳାର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଗ୍ରନ୍ଥ ମନ୍ଦିର, ବିଦ୍ୟାପୁରୀ ଏ.କେ. ମିଶ୍ର ଆଣ୍ଡ କୋ, ଚିତ୍ରୋତ୍ପଳା, ସାଇଯମୁନା, ଓଡ଼ିଶା ବୁକ୍ ଷ୍ଟୋର ସମେତ ୬୦ଟି ପ୍ରକାଶନ ସଂସ୍ଥା ସହ ୧୪୫ଟି ଷ୍ଟଲ ଯୋଗଦେଇଛନ୍ତି। ବୁଧବାରଠାରୁ ଚନ୍ଦ୍ରବିଜୟୀଙ୍କ କୁଇଜ୍ ସହ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ-ନୃତ୍ୟ ପରିବେଷଣ କରିବେ। ଏଥିସହ ପ୍ରତିଦିନ କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନା ଓ ଜନମଞ୍ଚ ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଅଧିକାରୀ ସନ୍ତୋଷ ସେଠୀ ଓ ବହିମେଳାର ଗଣମାଧ୍ୟମ ସମ୍ପାଦକ ବଦ୍ରି ମିଶ୍ର ସୂଚନା ଦେଇଥିଲେ। ୧୨ ତାରିଖରେ ପୁସ୍ତକ ମେଳା ଉଦ୍‌ଯାପନ ହେବ।



ଶରଧାବାଲିରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀକ୍ଷେତ୍ର ପୁସ୍ତକମେଳା ଉଦ୍‌ଘାଟନ ଅବସରରେ ଅତିଥିମାନେ ଏକ ଷ୍ଟଲ ବୁଲୁଛନ୍ତି ।

### ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ

**ଭାଜପା ମଣ୍ଡଳସ୍ତରୀୟ ବୈଠକ**

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ଭାଜପା ମଣ୍ଡଳ ସ୍ତରୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ଦିଲ୍ଲୀପ ମଲ୍ଲିକ ଯୋଗଦେଇ ବିଭିନ ସମସ୍ୟା ଓ ସଙ୍ଗଠନର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ହୃଷୀକେଶ ଜେନା, ଜିଲା ଉପ ସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ, ନିର୍ମଳ ଦାସ, ଚନ୍ଦ୍ରଶେଖର ମଲ୍ଲିକ, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ପ୍ରଦୀପ ପାତ୍ର, ସୁରେଶ ସାହୁ, ଶାହାଜାହାନ ଅଲ୍ଲୀ ଖାଁ ଓ କସ୍ତୁରୀ ସେଠୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪୦ କେଜି ଗଞ୍ଜେଇ ଜବତ, ୩ ଗିରଫ

କଟକ ଅଫିସ,୩।୧: ଜିଲା ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ମଙ୍ଗଳବାର ଚଢ଼ାଉ କରାଯାଇ ଏକ କାର ସହିତ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲାର ଗୌରୀଶଙ୍କର ପୃଷ୍ଟି, ପ୍ରତାପ କୁମାର ସାହୁ ଓ କନ୍ଧମାଳ ଜିଲାର ଦୀପକ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ବୌଦ୍ଧରୁ ପଶ୍ଚିମବଙ୍ଗକୁ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଅବକାରୀ ବିଭାଗ ହାତରେ ଧରାପଡିଥିଲା।

### ମଣ୍ଡିରୁ ୩୦୦ କୁଇଣ୍ଟାଲ ଧାନ ସଂଗ୍ରହ

କଣ୍ଟାପଡା, ୩।୧(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଟକ ଜିଲା ସହକାରୀ ସମବାୟ ନିବନ୍ଧକ ଅନିମା ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଚାଷୀଙ୍କଠାରୁ ୩୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପ ସମବାୟ ନିବନ୍ଧକ ତପନ କୁମାର ଦାସ, ସମିତି ସଭାପତି ସୁରେନ୍ଦ୍ର ପାତ୍ର, ସରପଞ୍ଚ ସଞ୍ଜୟ ରାଉତରାୟ, ସସ୍ମିତା ଶାସେନୀ, ତୃପ୍ତିମୟୀ ରାଉତ, ବିଭିନ୍ନ ସମିତିର ସମ୍ପାଦକ ଶିବନାରାୟଣ ମହାନ୍ତି, ବିଭୂତି ଭୂଷଣ ନାୟକ, କ୍ଷୀରୋଦଚନ୍ଦ୍ର ମଲ୍ଲିକ, ଆର୍ତ୍ତତ୍ରାଣ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଗଙ୍ଗାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆନ୍ଦୋଳନ ମାଧ୍ୟମରେ ଦୁର୍ନୀତି ରୋକାଯିବ

କଟକ ଅଫିସ, ୩।୧: କଟକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ସଙ୍ଗଠନ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି, ଆଞ୍ଚଳିକ ସମସ୍ୟା, ସାଧାରଣ ଜନତାଙ୍କ ଦାବି, ସରକାରୀ ଯୋଜନାରେ ଦୁର୍ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଆଗାମୀ ୩ ମାସ ପାଇଁ କରାଯିବାକୁ ଥିବା ବିଭିନ କାର୍ଯ୍ୟକ୍ରମର ଏକ ଖସଡ଼ା ପ୍ରସ୍ତୁତ ହୋଇଥିଲା। ଏଥିରେ କଂଗ୍ରେସ ଜିଲା ସଭାପତି ମାନସ ଚୌଧୁରୀ ଅଧକ୍ଷତା କରି କହିଥିଲେ, ବୁଥ୍, ପଞ୍ଚାୟତ ଏବଂ ନିର୍ବାଚନମଣ୍ଡଳୀ ସ୍ତରରେ ପଦଯାତ୍ରା, ପ୍ରତିବାଦ ଏବଂ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ। ସେହିପରି ଆନ୍ଦୋଳନ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ ଅପାରଗତାକୁ ଦୃଢ ପ୍ରତିବାଦ କରାଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ସଂଖ୍ୟାଲଘୁ ସେଲ୍ ଅଧକ୍ଷ ଇଂ. ଆକିବ ଖାନ୍, ରବୀନ୍ଦ୍ର ନାଥ କର, ପ୍ରକାଶ ମିଶ୍ର, ବେଣୁଧର ପ୍ରଧାନ, ଆଶୁତୋଷ ବରାଳ, ମନୋଜ ବିଶ୍ୱାଳ, ଆଜମାଲ ଖାନ୍, ଶେଖ୍ ହମିଦ, ଚିତ୍ତ ରଞ୍ଜନ ବେହେରା, ଅଜିତ କୁମାର ପଣ୍ଡା, ସୁର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ଉଗ୍ରେସନ ଭୂୟାଁ ଏବଂ ଶଙ୍କର ପଟ୍ଟନାୟକ ଯୋଗ ଦେଇଥିଲେ।

# ମହାନଦୀ କୂଳ ୪୨୬ ଏକର ଜମିର ହେବ ଉନ୍ନତୀକରଣ

କଟକ ଅଫିସ, ୩।୧

- ପାର୍କ, ଖେଳପଡ଼ିଆ, ଜୈବିକ ଉଦ୍ୟାନ ନିର୍ମାଣ ହେବ
- ୧ ମାସରେ ପ୍ରସ୍ତୁତ ହେବ ମାଷ୍ଟର ପ୍ଲାନ୍

ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ ମୁତାବକ କଟକ ବାଲିଯାତ୍ରା ପଡିଆ ଓ ତତ୍‌ସଂଲଗ୍ନ ହାଡିଆ ପଠାକୁ ଲାଗି ମହାନଦୀ କୂଳରେ ଥିବା ୪୨୬ ଏକର ଜମିର ଉନ୍ନତୀକରଣ କରାଯିବ। ଏ ନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାର ଅନୁସାରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ପୌରୋହିତ୍ୟ କରିଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶାନୁସାରେ ଉକ୍ତ ଜମିରେ ଲୋକାଭିମୁଖୀ ପ୍ରକଳ୍ପ ନିର୍ମାଣ ପାଇଁ ୧ ମାସ ମଧ୍ୟରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚେନ୍ନାଇର 'ଜନ ଅର୍ବାନ' ନାମକ ଏକ ଘରୋଇ ସଂସ୍ଥାକୁ ଉକ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଛି।


ସମୀକ୍ଷା ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

ଏନ୍‌ଜିଟିଙ୍କ ନିର୍ଦ୍ଦେଶ ମୁତାବକ ମୋଟ ୪୨୬ ଏକର ଜମିରୁ ୨୬୧ ଏକରରେ ଘନ ଜଙ୍ଗଲ ସୃଷ୍ଟି କରାଯାଇ ଏହାର ଦାୟିତ୍ୱ ବନ ବିଭାଗକୁ ହସ୍ତାନ୍ତର କରାଯିବ। ସେହିପରି ଐତିହାସିକ ବାଲିଯାତ୍ରା ଉତ୍ସବ ପାଇଁ ୩୪ ଏକର ଜମି ଛାଡି ଦିଆଯିବ, ବାକି ୧୩୧ ଏକର ଜମିରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପାର୍କ, ଖେଳପଡିଆ, ମୁକ୍ତାକାଶ ବ୍ୟାୟାମଶାଳା ସହ ବାୟୋଲୋଜିକାଲ ପାର୍କ (ଜୈବିକ ଉଦ୍ୟାନ) ନିର୍ମାଣ କରାଯିବ। ଏନ୍‌ଜିଟି ନିର୍ଦ୍ଦେଶ ଭିତ୍ତିରେ ଉପରୋକ୍ତ ଜମିରେ କୌଣସି ସ୍ଥାୟୀ ନିର୍ମାଣ କରାଯିବ ନାହିଁ ବୋଲି ସିଡିଏ ଅଧ୍ୟକ୍ଷ ସାମଲ କହିଛନ୍ତି। ସୌନ୍ଦର୍ଯ୍ୟକରଣ ମାଧ୍ୟମରେ ଏହି ସ୍ଥାନକୁ ଅଧିକ ଆକର୍ଷଣୀୟ କରାଯିବ। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜଙ୍ଗଲ ବିଭାଗ ଅଧିକାରୀ, କଟକ ସଦର ତହସିଲଦାର, ଆର୍ ଆଣ୍ଡ୍ ବି ଓ ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଯୋଗଦେଇଥିଲେ।

ଏହି ୪୨୬ ଏକର ଜମିରୁ ଦୁଇ ତୃତୀୟାଂଶରେ ଜଙ୍ଗଲ ସୃଷ୍ଟି କରିବାକୁ ଗତ ସେପ୍ଟେମ୍ବର ୨୧ରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏକ ତୃତୀୟାଂଶ ଜମିରେ ପାର୍କ, ଖେଳପଡିଆ, ମୁକ୍ତାକାଶ ବ୍ୟାୟାମଶାଳା ଓ ବାୟୋଲୋଜିକାଲ ପାର୍କ ପାଇଁ ସରକାରଙ୍କୁ ଆଦେଶ ଦିଆଯାଇଥିଲା। ପୂର୍ବରୁ ସିଡିଏ କର୍ତ୍ତୃପକ୍ଷ ଏହି ଅଞ୍ଚଳରେ ମିନି ଷ୍ଟାଡିୟମ, ଇନ୍‌ଡୋର ହଲ୍, ଜଗିଂ ଟ୍ରାକ୍, ସାଇକେଲ ଟ୍ରାକ୍, ଫୁଡ୍‌କୋର୍ଟ ଓ ଭେଣ୍ଡିଂଜୋନ୍ ସହ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା କରିଥିଲେ। ପରବର୍ତ୍ତୀ ସମୟରେ ଏନ୍‌ଜିଟିରେ ମାମଲା ଯୋଗୁ ଯୋଜନା କାର୍ଯ୍ୟକାରୀ ହୋଇ ନ ଥିଲା।

## ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଟୁର୍ନାମେଣ୍ଟରେ ଯୋଗଦେବେ ରେଭେନ୍‌ଶା ଛାତ୍ର

କଟକ ଅଫିସ,୩।୧

ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଟୁର୍ନାମେଣ୍ଟରେ ଯୋଗଦେବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଟିମ୍ ମଙ୍ଗଳବାର ରାଉରକେଲା ଯାତ୍ରା କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ରେଭେନ୍‌ଶା ସମେତ ରାଜ୍ୟର ୧୨ଟି ଟିମ୍ ଭାଗ ନେଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଏହି ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡା ପରିଷଦ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ଏହି ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳସଚିବ କାହ୍ନୁ ଚରଣ ମଲ୍ଲିକ, କ୍ରୀଡା ଶିକ୍ଷକ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ଟିମ୍ ମ୍ୟାନେଜର ଭାବେ ଡ. ରତିକାନ୍ତ ବିଶ୍ୱାଳ ଓ କୋଚ୍ ଭାବେ ବାସୁଦେବ ସାସମଲ ଖେଳାଳୀଙ୍କ ସହିତ ରାଉରକେଲା ଯାଇଛନ୍ତି।



କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ନୟାସଡ଼କସ୍ଥିତ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଖୋଲୁନି ମଣ୍ଡି, ଧାନର ଅଭାବୀ ବିକ୍ରି ନେଇ ବଢୁଛି ଚିନ୍ତା

**ସରକାର ମାନଦଣ୍ଡ ବଦଳାନ୍ତୁ**

ମଙ୍ଗୁଳି-ଜଗତପୁର, ୩।୧(ଡି.ଏନ.ଏ.)

ମଣ୍ଡିକୁ ଧାନ ଆଣିଥିବା ଚାଷୀ ପ୍ରଥମେ ଅଖା ଖୋଲି ଗୋଟିଏ ସ୍ଥାନରେ ଜମା କରିବେ। ସମସ୍ତ ଧାନ ମିଶାଯାଇ ମାନ ଯାଞ୍ଚ ପରେ ଗ୍ରେଡେସନ ଅନୁଯାୟୀ ମୂଲ୍ୟ ଧାର୍ଯ୍ୟ କରାଯିବାର ନିୟମ ରହିଛି। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଚାଷୀ ଧାନ ବିକିବା ଅସମ୍ଭବ ହୋଇ ପଡୁଛି। ମିଲର ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମବାୟ ସମିତି ପ୍ରତିବର୍ଷ ଧାନ କିଣୁଥିବାବେଳେ ଚଳିତବର୍ଷ ମିଲରଙ୍କ ଏକଚାଟିଆ ସଭା ଯୋଗୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଧାନମଣ୍ଡି ଖୋଲିବା ବିଳମ୍ବ ହେଉଛି। ଏ ନେଇ କନ୍ହେଇପୁର ସେବା ସମିତି ପକ୍ଷରୁ ପଞ୍ଜୀକୃତ ଚାଷୀମାନଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଚଣ୍ଡୀପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟକ ଚାଷୀ ଯୋଗଦେଇ ସରକାରଙ୍କ ମାନଦଣ୍ଡକୁ ପରୋକ୍ଷରେ ଚାଷୀ ମାରଣନୀତି ବୋଲି ଅଭିହିତ କରିଥିଲେ। ଏଭଳି ମାନଦଣ୍ଡକୁ ସରକାର ନ ବଦଳାଇଲେ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରିବା ଅପେକ୍ଷା ମିଲରଙ୍କ କଥାରେ ରାଜିହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ଚାଷୀ ନରୋତ୍ତମ ସ୍ୱାଇଁ, ରଘୁନାଥ ଜେଠୀ, ବିଶ୍ୱନାଥ ସ୍ୱାଇଁ, କୃପାସିନ୍ଧୁ ଦାସ, ଗଗନ ସାହୁ ଓ ଦୟାନିଧି ସାହୁ ପ୍ରମୁଖ କହିଛନ୍ତି।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଣ୍ଟାପଡା, ୩।୧(ଡି.ଏନ୍.ଏ.)

**ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଡିମିରି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସ୍ୱର୍ଗତ ଯୁଗପ୍ରକାଶ କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ କଣ୍ଟାପଡା ପୂଜ୍ୟପୂଜା କମିଟି ପକ୍ଷରୁ ମଙ୍ଗଳବାର ପ୍ରତିବାଦ କରାଯାଇଛି। ଏଥିସହ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସୂଚନା ଅନୁଯାୟୀ, ଡିମିରି ପଞ୍ଚାୟତର ନୋଦା ଗ୍ରାମ ଛକରେ କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ଗତ ମାସ ୧୯ ତାରିଖ ରାତିରେ କେହି ଦୁର୍ବୃତ୍ତ ଉକ୍ତ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ ଭାଙ୍ଗି ଫିଙ୍ଗି ଦେଇଥିଲେ। ଏ ନେଇ କାନୁନ୍‌ଗୋଙ୍କ ପରିବାର ପକ୍ଷରୁ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଏକ ଷ୍ଟେଶନ ଡାଏରି କରିଥିଲା। ମଙ୍ଗଳବାର ଅପରାହ୍ନରେ କଣ୍ଟାପଡା ପୂଜ୍ୟପୂଜା କମିଟି ପକ୍ଷରୁ ନୋଦାଗ୍ରାମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ହଂସନାଥ ସାହୁ ଯୋଗଦେଇ କାନୁନ୍‌ଗୋ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କୁ କରିଥିବା ସାହାଯ୍ୟକୁ ମନେ ପକାଇବା ସହ ମୂର୍ତ୍ତି ଭଙ୍ଗା ଘଟଣାକୁ ନିନ୍ଦା କରିଥିଲେ। ଉତ୍ତାରଣର ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମହାନ୍ତି, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ଆଲୋକ ବରାଳ, ରବିନାରାୟଣ ପାଢ଼ୀ ଓ ଦୀପ୍ତିପ୍ରକାଶ ମହାନ୍ତି ଯୋଗଦେଇ ମୂର୍ତ୍ତି ଭାଙ୍ଗିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଗୋବିନ୍ଦପୁର ଥାନା ଆଇଆଇସି ରବିନାରାୟଣ ବେହେରା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ସୁରାକ ମିଳିଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର କଟକ ବିକାଶ ଭବନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ପରୀକ୍ଷାଖାତା ଦେଖାରେ ଚଞ୍ଚକତା

ନିଆଳି, ୩।୧(ଡି.ଏନ୍.ଏ.)

- ବୃତ୍ତି ପାଇବାରୁ ବଞ୍ଚିତ ଛାତ୍ରୀ
- ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନିଆଳି ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷାଖାତା ଦେଖାରେ ଚଞ୍ଚକତା ଯୋଗୁ ସ୍ଥାନୀୟ ଅଞ୍ଚଳର ଛାତ୍ରୀ ଅଙ୍କିତା ସ୍ୱାଇଁ ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ପରୀକ୍ଷା ଖାତାକୁ ଟ୍ୟାମ୍ପରିଂ କରାଯାଇ ଫଳ ପ୍ରକାଶ ପାଇଛି। ଏ ସମ୍ପର୍କରେ ତାଙ୍କ ବାପା ସୁକାନ୍ତ ସ୍ୱାଇଁ ଓ ନିଆଳିର ବହୁ ଶିକ୍ଷାବିତ୍ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଥିଲେ। ଏଭଳି ବେଆଇନ କାର୍ଯ୍ୟ କରିଥିବା ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତୁରନ୍ତ ଅଙ୍କିତାଙ୍କୁ ବୃତ୍ତି ପ୍ରଦାନ କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କିତ ଦାବିପତ୍ରକୁ ୫-ଟି ସଚିବ, ଶିକ୍ଷା ସଚିବ, କଟକ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି ସୁକାନ୍ତ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅଙ୍କିତା ନିଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୃତୀୟ ଶ୍ରେଣୀର ଛାତ୍ରୀ। ସ୍କୁଲ ପକ୍ଷରୁ ଯୋଗ୍ୟ ବିବେଚିତ ହେବା ପରେ ସେ ବୃତ୍ତି ପରୀକ୍ଷା ଦେଇଥିଲେ। ତାଙ୍କ ରୋଲ୍ ନଂ. ଏନ୍ ୨୨୫୭। ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅଙ୍କିତା ବୃତ୍ତିରେ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କର ବ୍ୟାଙ୍କ ପାସ୍‌ବୁକ୍ ନମ୍ବର ମଗାଯାଇଥିଲା। ହେଲ ଗତ ନଭେମ୍ବର ୭ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଲିକାରେ ଅଙ୍କିତାଙ୍କ ନାମ ନ ଥିଲା। ଏ ନେଇ ସୁକାନ୍ତ ସୂଚନା ଅଧିକାର ଆଇନ୍(ଆର୍‌ଟିଆଇ) ବଳରେ ଅଙ୍କିତାଙ୍କ ପରୀକ୍ଷା ଖାତା ମଗାଇଥିଲେ। ଏଥିରେ ଅଙ୍କିତା ୮୭ନଂ. ପାଇଥିବାବେଳେ ସେ ବୃତ୍ତି ପାଇବା ପାଇଁ ଯୋଗ୍ୟ ଥିଲେ ବୋଲି ଜଣାପଡିଥିଲା। ମାତ୍ର ଖାତାରେ ୮୭ ନମ୍ବରକୁ ଚଞ୍ଚକତା ପୂର୍ବକ ଟ୍ୟାମ୍ପରିଂ କରାଯାଇ ୮୫ କରାଯାଇଛି। ଫଳରେ ଅଙ୍କିତା ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାଅଧିକାରୀ ସିଂଙ୍କୁ ପଚାରିବାରୁ ସେ ପରୋକ୍ଷରେ ଖାତା ଟ୍ୟାମ୍ପରିଂ କଥା ସ୍ୱୀକାର କରିଥିଲେ। ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ନିଆଳି ଅଞ୍ଚଳର ଶିକ୍ଷାବିତ୍‌ମାନେ ଏଭଳି ଘଟଣାକୁ ନିନ୍ଦା କରିଛନ୍ତି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶିକ୍ଷାବିତ୍ ଅଶୋକ ରାୟ,କୈଳାସ ସୁର, ପାବନୀ ବସ୍ତିଆ, ଜ୍ୟୋସ୍ନାରାଣୀ ସିଂହ ଦାବି କରିଛନ୍ତି।

## ସହର ପରିକ୍ରମା କରିବ ହକି ବିଶ୍ୱକପ୍ ଟ୍ରଫି

କଟକ ଅଫିସ,୩।୧

**ପୂଜା କମିଟି ପକ୍ଷରୁ ଦିଆଯିବ ସମ୍ବର୍ଦ୍ଧନା**

ଆସନ୍ତା ୧୦ ତାରିଖ ରାତିରେ କଟକ ବିଦ୍ୟାଧରପୁରରେ ପହଞ୍ଚିବ ହକି ବିଶ୍ୱକପ୍ ଟ୍ରଫି। ସେଠାରେ ଟ୍ରଫିକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ୧୧ ତାରିଖ ସକାଳେ ଟ୍ରଫିକୁ କଟକ ସହର ପରିକ୍ରମା କରାଯିବ। ଏନେଇ ମଙ୍ଗଳବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିର ସଦସ୍ୟଙ୍କ ସହ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଆଲୋଚନା କରିଛନ୍ତି। ଟ୍ରଫି ଯେଉଁ ଅଞ୍ଚଳକୁ ଯିବ ସେଠାରେ ସ୍ଥାନୀୟ ଅଞ୍ଚଳର ପୂଜା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ ବୋଲି ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ଟି ୱାର୍ଡରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ନିମନ୍ତେ ଯୋଜନା ଥିବାରୁ ଏହାର ଅଧିକ ପ୍ରଚାର ପ୍ରସାର କରାଯିବ। ପ୍ରତି ସାହିରେ ବ୍ୟାନର ଓ ପୋଷ୍ଟର ଲଗାଇବାକୁ ଶାନ୍ତି କମିଟିର ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବ ସଫଳ କରିବାକୁ ଓସିଏ ସଭାପତି ସମସ୍ତ ସଦସ୍ୟଙ୍କର ସହଯୋଗ ଲୋଡିଥିଲେ। ଏହି ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କ୍ରୀଡା ସଙ୍ଗଠକ ଆଶୀର୍ବାଦ ବେହେରା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଦେବାଶିଷ ସାମନ୍ତରାୟ ଓ ଅନ୍ୟମାନେ।

## 'ଐତିହ୍ୟ, ପରମ୍ପରାକୁ ଭିତ୍ତିକରି ସୃଷ୍ଟି ହେଉ ସାହିତ୍ୟ'

କଟକ ଅଫିସ, ୩।୧

**ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ**

- ଦାଶ ବେନହୁର ପାଇଲେ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ
- ରାଷ୍ଟ୍ରପତିଙ୍କ ଜୀବନୀ ଗ୍ରନ୍ଥ 'ରାଇରଙ୍ଗପୁରରୁ ରାଇସିନା' ଲୋକାର୍ପିତ

ପ୍ରକାଶକମାନଙ୍କ ପାଇଁ ସାହିତ୍ୟ ସମୃଦ୍ଧ ହୋଇଥାଏ। ପୀତାମ୍ବର ମିଶ୍ର ବିଦ୍ୟାପୁରୀ ପ୍ରତିଷ୍ଠା କରି ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ବହୁ ଲେଖକଙ୍କର କୃତିକୁ ପ୍ରକାଶ କରି ମିଶ୍ର ଉଦାହରଣ ସୃଷ୍ଟି କରିଥିଲେ। ଏଣୁ ଐତିହ୍ୟ ଓ ପରମ୍ପରାକୁ ଭିତ୍ତିକରି ସାହିତ୍ୟ ସୃଷ୍ଟି କରିବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।


ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ ସାରସ୍ୱତ ସ୍ରଷ୍ଟା ଦାଶ ବେନହୁରଙ୍କୁ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରୁଛନ୍ତି।

ପୀତାମ୍ବର ମିଶ୍ର ଫାଉଣ୍ଡେଶନ ପକ୍ଷରୁ 'ବିଦ୍ୟାପୁରୀ' ପ୍ରକାଶନର ପ୍ରତିଷ୍ଠାତା ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତିରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସାହିତ୍ୟିକ ଡ. ବିଜୟାନନ୍ଦ ସିଂ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସାରସ୍ୱତ ସାଧକ ମିଶ୍ର ଜଣେ ସମ୍ଭ୍ରାନ୍ତ ପ୍ରକାଶକ ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଏହି ଅବସରରେ ସାରସ୍ୱତ ସ୍ରଷ୍ଟା ତଥା କଥାଶିଳ୍ପୀ ଦାଶ ବେନହୁରଙ୍କୁ 'ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ ଅନୁଷ୍ଠାନ ବସୁନ୍ଧରାକୁ ପରିଚାଳିକା ଶୈଳ ବେହେରାଙ୍କ ମାଧ୍ୟମରେ ସମ୍ମାନଜନକ 'ସମାଜସେବା ସମ୍ମାନ' ଦିଆଯାଇଥିଲା। ଏଥିସହିତ ବସୁନ୍ଧରାର ସ୍ନିଗ୍ଧା ବିଶ୍ୱାଳଙ୍କୁ ଉମାଦେବୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ଡ. କବିତା ବାରିକଙ୍କ ଲିଖିତ ଏବଂ 'ବିଦ୍ୟାପୁରୀ' ଦ୍ୱାରା ପ୍ରକାଶିତ ରାଷ୍ଟ୍ରପତିଙ୍କ ଜୀବନୀ ଗ୍ରନ୍ଥ 'ରାଇରଙ୍ଗପୁରରୁ ରାଇସିନା' ପୁସ୍ତକକୁ ରାଜ୍ୟପାଳ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାଶ ବେନହୁର କହିଥିଲେ, ସାହିତ୍ୟ ସୃଷ୍ଟିରେ ପ୍ରକାଶକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମିଶ୍ର ସାହିତ୍ୟର ବିଭିନ୍ନ ବିଭାଗ ପୁସ୍ତକ ଓ ବହୁ ବିଜ୍ଞାନ ପୁସ୍ତକ ପ୍ରକାଶ କରି ପ୍ରକାଶନ ଜଗତରେ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ବୋଲି ବେନହୁର କହିଥିଲେ। ଡ. ସୁନନ୍ଦା ମିଶ୍ର ସ୍ୱାଗତ ଭାଷଣ, ସାହିତ୍ୟିକ ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା ଓ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଗୋପା ଦାସ, ଡ. ବିରଞ୍ଚି ସାହୁ, ଇଂ. ସୁଶାନ୍ତ ସେଠୀ, ତପସ୍ୱିନୀ ରଣସିଂହ, ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୭ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ଚାଲିଛି

■ ୪୫,୮୨୩ ଜଳ ସଂରକ୍ଷଣ ଷ୍ଟ୍ରକ୍ଚର, ବର୍ଷାଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ଶେଷ

■ ୯,୮୨୫ ଜଳାଶୟର ପୁନରୁଦ୍ଧାର

ଭୁବନେଶ୍ୱର,୩।୧(ବ୍ୟୁରୋ)

ଜଳସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ନଦୀରେ ଆନ୍ତଃନଦୀ ଜଳାଶୟ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର) ପ୍ରକଳ୍ପ ନିର୍ମାଣ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଫଳରେ ଅନିୟମିତ ବର୍ଷା ଯୋଗୁ ଆବଶ୍ୟକ ସମୟରେ ଜଳର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଭୂପୃଷ୍ଠ ଜଳ ଏବଂ ବିଭିନ୍ନ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ରଖିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ଆନ୍ତଃନଦୀ ଜଳାଶୟ ମଧ୍ୟରୁ୨୦୨୨ରେ ଜଳସମ୍ପଦ ବିଭାଗ ତରଫରୁ ୧୭ଟି ପ୍ରକଳ୍ପ କାର୍ଯ୍ୟାରମ୍ଭ କରାଯାଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ସେହି ପ୍ରକଳ୍ପ ମଧ୍ୟରେ ରହିଛି ନୂଆପଡ଼ା ଜିଲାର ନନ୍ଦଗାଁ, ବଲାଙ୍ଗୀରର ଗୁଡ୍‌ଭେଲା, ସମ୍ବଲପୁରର ଗୋଛରା, କିରାଶାସନ ଓ ବୁଢ଼ାରାଜା, ବରଗଡ଼ ଜିଲାର ମହୁଲପାଲି, ସୁନ୍ଦରଗଡ଼ ଜିଲାର କୁଦବେଗା, କୋପସିଙ୍ଗା, ଖାରବେଡ଼ା ଓ ହାମିରପୁର,ଖୋର୍ଦ୍ଧା ଜିଲାର କୁଆଖାଇ ଓ କୁଶଭଦ୍ରା, ଗଞ୍ଜାମ ଜିଲାର ଧନେଇ ଓ କଂସାରୀଗଣ୍ଡ, ଅନୁଗୋଳ ଜିଲାର ଶ୍ରୀଗିଡ଼ା ଓ ଖାଲପାଲ, ଯାଜପୁର ଜିଲାର କୋଚିଲା ଓ ବୈତରଣୀରେ ସମନ୍ୱିତ ବ୍ୟାରେଜ୍ ପ୍ରକଳ୍ପ। ଏହାବ୍ୟତୀତ ଜଗତ୍‌ସିଂହପୁର ଜିଲାର ଚୌଧୁରୀଗଡ଼ା-ଚିଁକିରି, କେନ୍ଦୁଝର ଜିଲାର ତେଲକୋଇ ଓ ସନ୍ତେଇଭଞ୍ଜା, ସୁନ୍ଦରଗଡ଼ ଜିଲାର କିଞ୍ଜିରିମା ଏବଂ ସମ୍ବଲପୁରର ସଇଦାଠାରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଛି। ଏଥିସହିତ ୪ଟି କ୍ଲଷ୍ଟରରେ ୪୦ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ଦ୍ୱାରା ୫୭,୭୯୩ ହେକ୍ଟର ଅଞ୍ଚଳକୁ ଜଳସେଚନ ସୁବିଧା ହୋଇପାରିବ। ସେହିପରି ଗତବର୍ଷ ୨୯ ମାର୍ଚ୍ଚରୁ ୧୬ ଡିସେମ୍ବର ମଧ୍ୟରେ ଜଳଶକ୍ତି ଅଭିଯାନରେ ଜଳସମ୍ପଦ ବିଭାଗ ସହ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ, କୃଷି ଓ କୃଷକ ସଶକ୍ତୀକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସମ୍ପୃକ୍ତ ଜିଲା ପ୍ରଶାସନର ସହଯୋଗରେ ରାଜ୍ୟରେ ୪୫,୮୨୩ଟି ଜଳ ସଂରକ୍ଷଣ ସଂରଚନା (ଷ୍ଟ୍ରକ୍ଚର) ଓ ବର୍ଷା ଜଳ ଅମଳ ପ୍ରକଳ୍ପ ଶେଷ କରାଯାଇଥିବା ବେଳେ ୯,୮୨୫ଟି ଜଳାଶୟର ପୁନରୁଦ୍ଧାର କରାଯାଇଛି। ୯,୬୧୨ଟି ପୁନଃ ବ୍ୟବହାର ଓ ଜଳଭରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଛି। ୫୯,୮୬୭ ଜଳଛାୟା ପ୍ରକଳ୍ପର ଉନ୍ନତୀକରଣ କରାଯାଇଥିବା ବେଳେ ବ୍ୟାପକ ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ୮କୋଟି ୨ଲକ୍ଷ ୧୨ ହଜାର ୬୮୯ଟି ଚାରା ରୋପଣ କରାଯାଇଛି। ଜଳ ପରିଚାଳନା ଏବଂ ଜଳର ସୁବ୍ୟବହାର ଆଦି ସମ୍ପର୍କିତ ୫୪ଟି ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

# କୋମଣ୍ଡ ଆରଆଇ ନିଲମ୍ବିତ

ନୟାଗଡ଼ ଅଫିସ/ଓଡ଼ଗାଁ,୩।୧(ସ୍ୱ.ପ୍ର.)

■ ବେଆଇନ ମାଙ୍କଡ଼ା ଖଣି ଖନନ ମହଙ୍ଗା ପଡ଼ିଲା

■ ଓଡ଼ଗାଁ ତହସିଲଦାରଙ୍କୁ କାରଣଦର୍ଶାଅ ନୋଟିସ୍

ମଙ୍ଗଳବାର ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ଓଡ଼ଗାଁ ତହସିଲ ଅଞ୍ଚଳକୁ ଅଚାନକ ଗସ୍ତ କରି ବେଆଇନ ଖଣି ଖନନ ଘଟଣାରେ କୋମଣ୍ଡ ଆରଆଇ ସୁଧୀର କୁମାର ପରିଡ଼ାଙ୍କୁ ନିଲମ୍ବିତ କରିଛନ୍ତି। ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏତଦ୍‌ବ୍ୟତୀତ ତହସିଲଦାରଙ୍କ ନାମରେ ପ୍ରୋସିଡିଂ ପାଇଁ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ଦିନ ମଧ୍ୟରେ ତଦନ୍ତ ବିବରଣୀ ପ୍ରଦାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନ କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ବେଆଇନଭାବେ ମାଙ୍କଡ଼ା ପଥର ଓ ମୋରମ ଖଣି ଚାଲୁଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଜିଲାପାଳ ଅଚାନକ ମଙ୍ଗଳବାର ଚଢ଼ାଉ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ଶକ୍ତିକାନ୍ତ ରାୟ ସାମିଲ ଥିଲେ। ଓଡ଼ଗାଁରେ ପହଞ୍ଚିବା ପରେ ଜିଲାପାଳ ଓ ଉପଜିଲାପାଳ ସ୍ଥାନୀୟ ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ସହ କୋମଣ୍ଡ ଅଞ୍ଚଳ ଗସ୍ତ କରି ବିଭିନ୍ନ ମାଙ୍କଡ଼ା ଓ ମୋରମ ଖଣି ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ୩୦ ଫୁଟର ଗର୍ତ୍ତ ଟାପୁ, ଘାଇକୁ ଦେଖି ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ରାଜସ୍ୱ ହରାଇବା ଓ ବେଆଇନ ମାଙ୍କଡ଼ା ପଥର ଖଣିକୁ ନେଇ ଆରଆଇଙ୍କ ବିରୋଧରେ ପ୍ରାରମ୍ଭିକସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# ମାଳି ପର୍ବତ ଖଣି ଲିଜ ବାତିଲ ହେଉ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆପତ୍ତି ପତ୍ର ପ୍ରଦାନ

ଭୁବନେଶ୍ୱର,୩।୧(ବ୍ୟୁରୋ)

ମାଳି ପର୍ବତ ଆମ ଜୀବନ ହୋଇଥିବାରୁ ଆମେ ମରିବୁ ପଛେ ଖଣି ଖନନ ପାଇଁ ହିଣ୍ଡାଲ୍‌କୋ କମ୍ପାନୀ ହାତରେ ଟେକି ଦେଇପାରିବୁ ନାହିଁ ବୋଲି ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ସହ ଅଭିଯୋଗ କରିଛନ୍ତି ମାଳି ପର୍ବତ ସୁରକ୍ଷା ସମିତିର ସଦସ୍ୟ। ହିଣ୍ଡାଲ୍‌କୋ କମ୍ପାନୀକୁ ଖଣି ଲିଜ୍ ବାତିଲ ଦାବି ନେଇ ମାଳି ପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲୋ, ସମ୍ପାଦକ ଅଭି ସଡାପେଲ୍ଲୀ, ସଦସ୍ୟ ନିରଞ୍ଜନ ଖିଲୋ, ଲକ୍ଷ୍ମୀ ଖିଲୋ, ଦସୁ ଦିଶାରୀ ଏବଂ କମଳା କ୍ରିସାନୀଙ୍କୁ ନେଇ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ପହଞ୍ଚି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବଙ୍କୁ ସାକ୍ଷାତ କରି ଆପତ୍ତି ପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମାଳି ପର୍ବତରେ ଖଣି ଖନନ ଦ୍ୱାରା ଆମ ଜମି, ଆମ ଚାଷ, ଆମ ମାଟି, ଆମ ଧାର୍ମିକ ପୀଠ ବା ପବିତ୍ର ଗୁମ୍ଫା ସବୁ ନଷ୍ଟ ହେଇଯିବ। ପାହାଡ଼ ଉପରେ ଖଣି ଖନନ ହେଲେ ଏଠୁ ବାହାରୁଥିବା ୩୫ଟି ନଦୀ ଶୁଖିଯିବ ଓ ଆମେ ଚାଷ କରି ପାରିବୁ ନାହିଁ କି ପିଇବା ପାଣି ପାଇପାରିବୁ ନାହିଁ। ଗ୍ରାମସଭା ଓ ପଦଯାତ୍ରା ମାଧ୍ୟମରେ ମାଳି ପର୍ବତକୁ ଛାଡି ଲୋକେ ବଞ୍ଚି ପାରିବେନି, ମାଳି ପର୍ବତରୁ ବାହାରିଥିବା ଝରଣା ବିନା ତିନି ପାଚି(ଫସଲ) କରିବା ସମ୍ଭବ ହୋଇପାରିବ ନାହିଁ ବୋଲି ସମିତି ପକ୍ଷରୁ ଦର୍ଶାଯାଇଛି। ଲାଲ୍‌ମାଟିର ବିଷ ଜମିରେ ପଡ଼ିଲେ ଲୋକେ କେମିତି ଚାଷ କରିବେ ବୋଲି ସମିତିର ସଦସ୍ୟ ପ୍ରଶ୍ନ କରିଛନ୍ତି। ମାଳି ପର୍ବତ ସୁରକ୍ଷା ସମିତି ସଦସ୍ୟଙ୍କ ସହ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ ଓ ନରେନ୍ଦ୍ର ମହାନ୍ତି ସାମିଲ ହୋଇଥିଲେ।



ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆପତ୍ତି ପତ୍ର ପ୍ରଦାନ

## ମୃତ୍ୟୁ ପରେ ବି ମିଳିଲା ନାହିଁ ଅନୁକମ୍ପା

**ବଲାଙ୍ଗୀର ଅଫିସ/ଦେଓଗାଁ, ୩।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗାଁରେ ଜାତିଗତ ପ୍ରସଙ୍ଗକୁ ନେଇ ଜଣେ ମହିଳାଙ୍କ ମୃତଦେହ ସତ୍କାର କରିବାକୁ ଜାତିଭାଇ ମନା କରିଦେଇଥିଲେ। ଏଥିଯୋଗୁ ମଙ୍ଗଳବାର ୪ ଘଣ୍ଟା ଧରି ମୃତଦେହ ପଡିରହିଥିଲା। ଖବର ପାଇ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ସମ୍ପୃକ୍ତ ମୃତଦେହ ସତ୍କାର କରିଥିଲେ। ସୂଚନା ଅନୁସାରେ କରୁଆଁଝର ଗାଁର ଅନୀଲ ପଧାନ କୁଲତା ଜାତିର ସାମାଜିକ ରୀତିନୀତିରେ ଗତ ଦୁଇବର୍ଷ ତଳେ ସୁବର୍ଣ୍ଣପୁର ଜିଲା ଅମରପାଲିର ସୀମାଞ୍ଜଳି ସାହୁଙ୍କୁ ବିବାହ କରିଥିଲେ। ବିବାହର ପ୍ରାୟ ୧ ବର୍ଷ ପରେ ଅନୀଲଙ୍କୁ ଆଞ୍ଚଳିକ ଜାତିଭାଇ ସଂଘ ପକ୍ଷରୁ କୁଆଡେ ସୀମାଞ୍ଜଳିଙ୍କ ଜାତିଠାରୁ ତଳିଆ ଦର୍ଶାଇ ତଥ୍ୟ ମାଗିଥିଲେ। କୁଲୁତା ସମାଜ ସଭାପତି ସୀମାଞ୍ଜଳିଙ୍କ ପରିବାର ଚଷା କୁଲୁତା ବୋଲି ଲିଖିତ ଦେବାପରେ କରୁଆଝର ଆଞ୍ଚଳିକ ସମାଜ ଅନୀଲଙ୍କ ପରିବାରକୁ ବାସନ୍ଦ କରିଥିଲେ। ବିବାହର ଦୁଇବର୍ଷ ପରେ ରୋଗାକ୍ରାନ୍ତ ହୋଇ ସୀମାଞ୍ଜଳିଙ୍କର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ମୃତ୍ୟୁ ଖବର ଅନୀଲ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ ଦେଇ ସତ୍କାର ପାଇଁ ଡାକିଥିଲେ। ମାତ୍ର ମୃତା ତାଙ୍କ ନିଜ ଜାତିରୁ ତଳଶ୍ରେଣୀର ଦର୍ଶାଇ ଅନୀଲଙ୍କ ବାପା, ଭାଇ ଏବଂ ଗ୍ରାମବାସୀ କେହି ତାଙ୍କ ଘରକୁ ଆସି ନ ଥିଲେ।

## ଭିନ୍ନଜାତିରେ ବାହା ହୋଇଥିଲେ ବୋଲି କାନ୍ଧ ଦେଲେନିମ

**ବଲାଙ୍ଗୀର ଅଫିସ/ ଖପ୍ରାଖୋଲ, ୩/୧(ଡି.ଏନ.ଏ.):** ସଭ୍ୟତାର ଅନେକ ବିକାଶ ହୋଇଥିଲେ ମଧ ଆଜିବି ସମାଜରୁ ମଧ୍ୟଯୁଗୀୟ ରଢ଼ିବାଦୀ ପ୍ରଥା ଦୂର ହୋଇନାହିଁ। ଫଳରେ ଚିହ୍ନା ବ୍ୟକ୍ତିଟି ମୃତ୍ୟୁ ପରେ ବି ଜାତିସମାଜ ବାସନ୍ଦ ଭୟରେ କଲବଲ ହେଉଛି। ଘଣ୍ଟା ଘଣ୍ଟା ଧରି ପଡି ରହୁଛି ମୃତଦେହ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅଧିନ ଯମୁନାପାଲି ଗ୍ରାମରେ। ସୂଚନା ଅନୁସାରେ କେରଳ ରାଜ୍ୟର ଜଣେ ବ୍ୟକ୍ତି ତୁଳସୀଧର ନାୟାର (୬୫) ଯମୁନାପାଲି ଗାଁରେ ପ୍ରାୟ ୪୦ବର୍ଷ ତଳେ ସାର ନାୟକ ନାମ୍ନୀ ଯୁବତୀକୁ ପ୍ରେମ ବିବାହ କରି ଏଠାରେ ରହି ଆସୁଥିଲେ। ମଙ୍ଗଳବାର ତୁଳସୀଧରଙ୍କ ମୃତ୍ୟୁ ଘଟିଥିଲା। ଘରେ ନିଜ ସ୍ତ୍ରୀ ଥିବାବେଳେ ଏକମାତ୍ର ପୁତ୍ର ଦାଦନ ଯାଇଛନ୍ତି। ବୃଦ୍ଧଙ୍କ ମୃତ୍ୟୁ ପରେ ସାହିପଡିଶା ଅନ୍ୟ ଜାତିର ଭାବି ଶବ ସତ୍କାର କରି ନ ଥିଲେ। ଖବର ପାଇ ବଲାଙ୍ଗୀର ଯୁଥ ବ୍ଲଡ ଡୋନର ଗ୍ରୁପ ସଦସ୍ୟ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଯୁବକମାନେ ଶବକୁ କାନ୍ଧଦେଇ ସତ୍କାର କରିଥିଲେ।

## ଗରମତେଲରେ ପଡ଼ି ନାବାଳିକା ଗୁରୁତର

**ଆନନ୍ଦପୁର, ୩।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ଖାଲପାଳ ଗ୍ରାମରେ ମଙ୍ଗଳବାର ସକାଳେ ବାପାଙ୍କ ଜଳଖିଆ ଦୋକାନରେ ଗରମ ତେଲରେ ପଡ଼ି ନାବାଳିକା ଝିଅ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ସମ୍ବରା ମୁର୍ମୁ ଦୋକାନରେ ଜଳଖିଆ ପାଇଁ ତେଲ ଗରମ କରୁଥିଲେ। ନିକଟରେ ତାଙ୍କ ୯ ବର୍ଷର ଝିଅ ଖେଳୁଥିବା ସମୟରେ ଅସାବଧାନତାବଶତଃ ଗରମ ତେଲ କଡ଼େଇରେ ପଡ଼ିଯାଇଥିଲେ। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି।


# ODISHA JOINT ENTRANCE EXAMINATION-2022 (OJEE - 2022)

**NOTICE REGARDING CHOICE FILLING AND COMPLETE SCHEDULE OF OJEE COUNSELLING FOR B.PHARM AND M.PHARM COURSES**

**No. OJEE/001** **DATE: 03.01.2023**

No. h- :- This is for the information of all the candidates who have qualified in OJEE-2022/NEET-2022/JEE(MAIN)-2022 examinations and are interested to take admission into B.PHARM courses offered by various accredited institutes in Odisha for the session 2022-23, that the process of choice filling and locking is scheduled to start from **04th January 2023, 5.00 PM**. Same schedule is also applicable for candidates who have qualified in PGAT/ OJEE-2022 (not 2nd OJEE) examinations and are interested to apply for admission in M. PHARM Course.

Candidates are advised to visit OJEE website (**www.ojee.nic.in**) and carefully read the "Counselling Brochure – 2022" and also see the complete "Counselling Schedule".

OIPR-14020/11/0028/2223 **Sd./- CHAIRMAN, OJEE, Odisha**

GOVERNMENT OF ODISHA, DEPARTMENT OF WATER RESOURCES
**Office of the Chief Engineer & Basin Manager, Tel Basin, Bhawanipatna-766001**
E-mail ID:cetelbasinbhp@gmail.com/Phone No.06670-230209
**NOTICE INVITING TENDER**
**e-Procurement Notice No.CE&BM, TEL-16/2022-23**
**PERCENTAGE RATE e-TENDER**

**No.A-965:1. The Chief Engineer & Basin Manager, Tel Basin, Bhawanipatna, Dist-Kalahandi,Pin-766001, (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.**
**Table-1: Details of critical dates, Details of Works, bid Security.**

| Sl. No. | Bid ID No. | Name of Work | Approx. value of work (Rs. in Lakhs) (Excluding GST) | Period of Completion | Clas of Contractor | Bid Security/ EMD (in Rs.) | Cost of BID Document (in Rs.) (ONLINE) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-(BID)- 09/ 2022-23 | Construction of F.P.E. on Mayabati right from Meherpali to Mayaberha RD 00m to 12500 m. | Rs.11,21,50,361/- (Excluding GST) | 15 (Fifteen) Calendar Months | 'A' & Special Class only | Declaration is to be furnished in the prescribed form. | 10000/- |

**(One No. of Work only)**

| | |
|---|---|
| Tender documents available on website | Can be downloaded from Website (http://www.tendersodisha.gov.in. |
| Bid documents available Date and Time | 06.01.2023 at 11.00 Hrs. |
| Bid clarification start date & closing date | 06.01.2023 to 21.01.2023 during office hours |
| Online Bid submission closing date and time | 25.01.2023 at 17.00 Hrs. |
| Date, Time and Venue of opening of bid online | 27.01.2023 at 11.00 Hrs. office of the Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date/Time of Opening of Financial Bid | To be intimated after evaluation of Technical Bid |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum/corrigendum/ cancellation to the above notice will be published in the Govt. website www.tendersodisha.gov.in. only.

**OIPR-32317/11/0019/2223** **Sd./- Chief Engineer & Basin Manager, Tel Basin, Bhawanipatna**

# OFFICE OF THE NOTIFIED AREA COUNCIL, BANKI

No.09 / Date:03.01.23

**QUOTATION CALL NOTICE**

**No.C-2213:**Sealed Quotation is invited from the intending supplier/ Dealers for supplying of 34 nos of Branded Ladies Bicycle of BSA/ AVON/HERO make with standard specifications along with Carrier, Chain Cover and Basket. They should quote the rate for each brand excluding GST. The last date of sale of quotation paper is 12-01-2023 up to 5.00 PM. The last date of receipt of quotation is 13.01.2023 at 5.00PM and the same will open at 11.00 AM on dtd. 16.01.2023 in presence of quotationer or their authorized agent. They should submit the photo copy of the GST Registration certificate, PAN Card, Dealer Certificate along with the quotation. The cost of quotation paper is Rs. 2000.00(Rupees Two Thousand) (non-Refundable) in shape of Cash. The applicant should attach original Municipal money receipt of paper cost along with the quotation. The quotation received after due date and time shall not be entertained. The Details of items, terms and condition of the quotation will be available in the office of the undersigned during office on all working days w.e.f from date of publication of this quotation. The undersigned reserves the right to accept or reject any or all the Quotations without assigning reason thereof.

**OIPR-13153/11/0005/2223** **Sd./- Executive Officer, NAC, Banki**

# OFFICE OF THE DEAN & PRINCIPAL, M.K.C.G. MEDICAL COLLEGE, BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.76/MCB-2023/Welfare/Dated, Berhampur the 03rd January, 2023**

**CORRIGENDUM**

No. E-793:- As per tender call Notice No 12488 Dt. 09-12-2022 the last date for submission of tender towards Up-Gradation of Medical Equipment of MKCG Medical College Campus, Berhampur was on 31.12.2022. Since no firms have submitted the tender with in due period, hence the last date for submission of tender is extended up to Dt. 16.01.2023 by 05.00 PM and will be opened on the same date (i.e. Dt. 16-01-2023 at 05.00 PM ). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0031/2223

# ANGUL KENDU LEAVES DIVISION, ANGUL

**TENDER NOTICE**
**TENDER NOTICE No. 04 of 2022-23**
Dated 3rd January, 2023

No. MM-391:- The interested farms/Agencies/ Contractors are invited to express their willingness for "CONSTRUCTION OF MINI CENTRAL GODOWN INSIDE DHENKANAL (KENDU LEAVES) RANGE OFFICE CAMPUS FOR THE YEAR 2022-23". The application Form of the said work along with the detailed terms and conditions shall be made available in the office of the undesigned from **05.01.2023** in the office hours of all working days.

| Sl. No. | Item of Service | Last date of submission of Tender | Date of opening of Tender |
|---|---|---|---|
| 1 | Mini Central Godown for storage of Kendu Leaves with brick masonry wall and blue scoop sheets. | **4.00 PM of 10.01.2023** | **04.30 PM of 10.01.2023** |

**Sd./- Divisional Forest Officer Angul (KL) Division, Angul**
OIPR-08152/11/0008/2223

# Government of Odisha Panchayati Raj & D.W. Department Office of the Panchayat Samiti, Bhadrak

**No.27/DWSM** **Date:03.01.23**

**SHORT TENDER CALL NOTICE**

**No.i-310:**Sealed tender in conformity with the terms, conditions in tender documents are invited by Block Development Officer, Bhadrak from the intending supplier/firm for supply of Tri-cycle for Garbage collection, so as to reach the Office of the Panchayat Samiti, Bhadrak on or before 10.01.2023 by 5.30 PM and the tender paper will be opened on dated 11.01.2023 at 11.00 AM in presence of the bidder or their representatives.

1. **Date of availability of Bid : 04.01.2023**
2. **Last date/Time of submission of Bid : 10.01.2023 at 5.30 PM**
3. **Date of opening of Bid documents : 11.01.2023 at 11.00 AM**
4. **Place of opening bid and address for Communication : Office of the Panchayat Samiti, Bhadrak Bhadrak, Odisha.56100 Mob-8895508510**

The detail tender notice can be download from www. bhadrak.nic.in bid documents to be available at the Office of the Panchayat Samiti, Bhadrak till 10.01.2023 at 5.30 PM. The bid documents are receive only Speed post and Registry post. Bid paper received through drop box and courier service are liable to be rejected. The BDO, Bhadrak will not responsible for postal delay if any, in the delivery of document or non receipt of the same. Authority reserve the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ modifications will appear in www.bhadrak.nic.in.

**Sd./- Block Development Officer Bhadrak**
OIPR-19211/11/0010/2223

# Directorate of Handicrafts, Odisha

**1st Floor, HoD Building Unit-V, Bhubaneswar -1**

**Tender Call Notice**

**No.05** **Date:03.01.2023**

**No.PP-50:**In continuation to the advertisement published on 15.12.2022 in 04 (Four) leading Odia dailies & 01 (One) leading English daily, "Tender Call Notice" is invited from registered Event Management Firms / Decorators having valid GST Registration Certificate for Designing & Erection of Stalls with other allied activities.
The proposals may be submitted to the Director of Handicrafts as per the above address through courier / speed post / registered post only latest by 3.00 PM on 10-01-2023. The offers will be opened in presence of the bidders or their authorized representatives on 11-01-2023 at 3.00 PM. Details of the Tender is available in our website https://crafts.odisha.gov.in. Those who have applied in response to advertisement published on 15.12.2022 need not require to apply again.

**Sd/-Director of Handicrafts, Odisha**
**OIPR-31034/11/0027/2223**

# OFFICE OF THE NABARANGPUR MUNICIPALITY NABARANGPUR (ODISHA), PIN - 764059

**E-mail: muncipalityngpr@gmail.com, Tel./FAx No.: 06858-222031**

**Letter No. 17** **Date: 02.01.2023**

## Corrigendum Tender Notice No. EONM-05/2022-23

No. C-2216: The DTCN published vide T.C. No. EONM-05/2022-23 has been modified, please ignore the previous DTCN work details table. The following modification i.e. **"Class of Contractor"** & **"Period of Completion"** column has been charged.
All other terms and condition of the above DTCN will remain unchanged.

| Sl. No. | Name of the Work | Amount put to Tender (in Rs.) | EMD (in Rs.) | Cost of Tender Document (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | Construction of Slaughter House at Old Daily Market of Nabarangpur Municipality | 1695635/- | No EMD Required only Bid Declaration from may be submitted | 6000/- | C & D | 120 Days |
| 2 | Construction of BT Road from Bus Stand Road to Pathansahi via Kanak Parameswari Temple | 1695180/- | | 6000/- | C & D | 60 Days |
| 3 | Construction of Paver Block Road From S.Parvathi Reddy house to M.Million house in Ward No. 04. | 76353/- | | 400/- | C & D | 30 Days |
| 4 | Construction of RCC Drain at Gauda Sahi to Sunari Sahi in Ward No. - 11 | 325594/- | | 2000/- | C & D | 60 Days |
| 5 | Construction of Paver Block Road at T.Lalai Gali in Ward No. 08 | 285477/- | | 2000/- | C & D | 60 Days |
| 6 | Construction of Dasahrapada Crematorium Building in Ward No. 08 | 584599/- | | 4000/- | C & D | 90 Days |
| 7 | Construction of BT Road with CC Drain from Gandhi Chack to Babunu Patro Complex (Front of K. Parushuram Rao Res.) at Ichabatiguda & Bhatisalguda link Road Ward No. 16 | 4123992/- | | 6000/- | "B" | 60 Days |
| 8 | Construction of BT Road and Drain at Dandashi Sahi Slum in Ward No. 08 | 1921393/- | | 6000/- | C & D | 60 Days |
| 9 | Construction of BT Road with CC Drain from with Culvert from NH (ICICI Bank) to A. Srinivash Rao res at Ayapa lane-01 | 2843586/- | | 6000/- | C & B | 60 Days |
| 10 | Const. of Mother Drain from Woman College Culvert towards Culvert on Back side of RMC weekly market Ward No. 12. | 4133935/- | | 6000/- | "B" | 60 Days |
| 11 | Const. of CC (Paver) Road, Drain and Culvert from Chiti Mill Old Culvert towards Suresh Mohanty Res. on Side of Jagadish Acharya Res. at Gandhinagar | 2507076/- | | 6000/- | C & B | 60 Days |

**OIPR-13065/11/0010/2223** **Sd./- Executive Officer, Nabarangpur Municipality**

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୩

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହେରୋଇନ ଜବତ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ଅଞ୍ଚଳରେ ଚଢ଼ାଉ କରି ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ୧୭୪ ଗ୍ରାମ ହେରୋଇନ ଜବତ କରିଛି। ଏଥିସହ ସମ୍ପୃକ୍ତ ନିଶାବେପାରୀ ସାଲିଆ ସାହି ଆଦିବାସୀ ଗାଁର ତ୍ରିନାଥ ସିଂ(୨୨)ଙ୍କୁ ଗିରଫ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ଏକ ମାମଲା ରୁଜୁ କରାଯାଇ ତ୍ରିନାଥଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଏହି ନିଶାଦ୍ରବ୍ୟ କେଉଁଠୁ ଆଣୁଥିଲେ ଓ କାହାକୁ ଦେଉଥିଲେ ଏସବୁର ଅଧିକ ତଥ୍ୟ ଜାଣିବା ଲାଗି ଅବକାରୀ ବିଭାଗ ତଦନ୍ତ ଜାରି ରଖିଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଭାରତ ବିକାଶ ଆୱାର୍ଡ ଜାତୀୟ ସମ୍ମିଳନୀ, ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ, ସଂସ୍କୃତି ବିହାର, ମଦନପୁର, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଧର୍ମବିହାର, ଅପରାହ୍ନ ୪ଟା ୩୦।
- ଓଡ଼ିଶା ସିଭିଲ ସର୍ଭିସ ସେବା ଅଧିକାରୀଙ୍କ ପାଇଁ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ, କନ୍‌ଭେନ୍‌ସନ ସେଣ୍ଟର, ଲୋକସଭା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ୨୬ତମ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ବଇଁଚୁଆ, ସିଦ୍ଧେଶ୍ୱର ପୀଠ, ସକାଳ ୯ଟା।
- ଶ୍ରୀ ବଟେଶ୍ୱର ମହାଦେବଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ନାମକୀର୍ତ୍ତନ ଓ ପାଲା, ପଞ୍ଚମୁଖୀ ବିହାର ନିକଟ ବାଲିକୁଦ, ସକାଳ ୭ଟା।
- ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ପ୍ରତାପରୁଦ୍ରପୁର, ହାଇସ୍କୁଲ ପରିସର, ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଭଜନ ପରିବେଷଣ, କୁଶଗାଡ଼ିଆ ମଠ ପରିସର, ସନ୍ଧ୍ୟା ୬ଟା।

ଖୋର୍ଦ୍ଧା
- ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ବିଜେବି ହାଇସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।

ଟିଗିରିଆ
- ଗଦାଧରପୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳଠାରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ, ଗଦାଧରପୁର, ପୂର୍ବାହ୍ନ ୧୧ ଟା।

କଟକ
- ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ଚୌଧୁରୀ ବଜାର, ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କୃଷିମେଳା ଉଦ୍‌ଘାଟନ, ଖ୍ରୀଷ୍ଟିଆନ ସାହି ଖେଳପଡ଼ିଆ, ତୁଳସୀପୁର, ଅପରାହ୍ନ ୩ଟା ୩୦।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୪ତମ କଟକ ମହୋତ୍ସବ ଉଦ୍‌ଘାଟନ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା।

# ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତି

ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.)

ଇଂଲିଶ ନବବର୍ଷ ୨୦୨୩ ଅର୍ଥାତ୍ ରବିବାରଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୋଗ ମଣ୍ଡପଠାରୁ ବନ୍ଦ ରହିଥିବା ନୀତିକାନ୍ତି ମଙ୍ଗଳବାର ସ୍ୱାଭାବିକ ହୋଇଛି। ଅପରାହ୍ନ ୧ଟାରେ ପୂଜାପଣ୍ଡା ସେବାୟତ ଶ୍ରୀଜୀଉଙ୍କୁ ମହାସ୍ନାନ ଦେଇ ଶୁଦ୍ଧି କରିସାରିବା ପରେ ମଙ୍ଗଳଆଳତି କରାଯାଇଥିଲା। ଏହା ପରେ ଅବକାଶ କରାଯାଇ ରୋଷହୋମ କରାଯାଇଥିଲା। ପରେ ନିର୍ଦ୍ଧାରିତ ସମୟାନୁଯାୟୀ ଅନ୍ୟାନ୍ୟ ନୀତି ହୋଇଥିଲା।

ସୂଚନାଥାଉ କି, ରବିବାର ପୂର୍ବାହ୍ନ ୧୦ଟା ୧୫ରେ ଠାକୁରଙ୍କ ଭୋଗ ମଣ୍ଡପ ଭୋଗ ବୁହାଯାଉଥିବା ସମୟରେ ଜଣେ ବ୍ୟକ୍ତି ପଶିଯିବାରୁ ଭୋଗ ମାରା ହୋଇଥିଲା। ଏହା ପରେ ବଡ଼ୁ ଓ ବ୍ରାହ୍ମଣ ନିଯୋଗ ସମ୍ପାଦକଙ୍କ ମଧ୍ୟରେ ମାରାଭୋଗକୁ ନେଇ ବିବାଦ ଦେଖାଦେଇଥିଲା। ପରେ ଠାକୁରଙ୍କ ନୀତି ଚାଲିବା ପରିବର୍ତ୍ତେ ମଙ୍ଗଳବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ନୀତି ବନ୍ଦ ରହିଥିଲା। ଠାକୁରଙ୍କ ଉପବାସ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ସର୍କିଟ ହାଉସରେ ବୈଠକ ହୋଇଥିଲା। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ତେବେ ବୈଠକରେ ଜିଲାପାଳ ସମସ୍ତ ଅଭିଯୋଗ ଓ ଦାବି ଶୁଣିଥିଲେ। ପରେ ଜିଲାପାଳଙ୍କଠାରୁ ସମସ୍ୟା ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଲିଙ୍ଗରାଜଙ୍କ ନୀତି ଆରମ୍ଭ ହୋଇଥିଲା। ଏଣିକି ପ୍ରତି ମାସର ଦ୍ୱିତୀୟ ଶୁକ୍ରବାର ବୈଠକ କରାଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବ। ଆଲୋଚନା ହୋଇଥିବା ସମସ୍ୟା ଉପରେ ଉଚ୍ଚସ୍ତରୀୟ ବୈଠକ କରାଯାଇ କାମ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ, ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ, ବଡ଼ୁ, ବ୍ରାହ୍ମଣ ଓ ପୂଜାପଣ୍ଡା ନିଯୋଗର ପ୍ରମୁଖ ସେବାୟତ ଉପସ୍ଥିତ ଥିଲେ।


ଅଧିକାରୀ ଓ ସେବାୟତଙ୍କ ସହ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆଲୋଚନା କରୁଛନ୍ତି।

**ଭୋଗ ମାରା, ନୀତି ବନ୍ଦ ପ୍ରସଙ୍ଗ**

**ପ୍ରତି ମାସର ଦ୍ୱିତୀୟ ଶୁକ୍ରବାର ହେବ ବୈଠକ**

# 'ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ କଳା, ସାହିତ୍ୟ, ସଂସ୍କୃତି'


ଜାତୀୟ କଳା ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିମାନଙ୍କ ଗହଣରେ କଳାକାରମାନେ।

ଭୁବନେଶ୍ୱର, ୩।୧(ବ୍ୟୁରୋ)

**ଜାତୀୟ କଳା ଉତ୍ସବ ଉଦ୍‌ଘାଟିତ**
- ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଛାତ୍ରୀଛାତ୍ର
- ବାଲ୍ ବାଟିକା ପାଇଁ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭାରତ ସରକାରଙ୍କ ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଏବଂ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଜାତୀୟ କଳା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନଠାରେ ଆୟୋଜିତ ଏହି ପାଞ୍ଚଦିନିଆ ଉତ୍ସବକୁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ କଳା ଓ ସଂସ୍କୃତିର ନିବିଡ଼ ସମ୍ପର୍କ ରହିଆସିଛି। କଳା, ସାହିତ୍ୟ ଓ ସଂସ୍କୃତି ହେଉଛି ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଦେଶର ଐତିହ୍ୟକୁ ମନେ ନ ରଖିପାରିଲେ ଆମର ପାଠପଢ଼ା ପୂର୍ଣ୍ଣାଙ୍ଗ ହେବ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ କଳା ଉତ୍ସବର ସର୍ବଶ୍ରେଷ୍ଠ ୩ଜଣ ପ୍ରତିଯୋଗୀଙ୍କୁ ଦିଲ୍ଲୀ ଆସିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ସେ କହିଛନ୍ତି, ଦେଶର ପ୍ରତିଭାବାନ୍ ଯୁବବର୍ଗ ତଥା କେନ୍ଦ୍ରୀୟ ବିଦ୍ୟାଳୟ ଓ ନବଦୋୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପୃଥକ୍ ୧୦ଟି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଯେଉଁ ୩ଜଣ ଗ୍ରୁପ ସମୂହ ବିଜେତା ହେବେ, ସେମାନଙ୍କୁ ୨୬ ତାରିଖ ଗଣତନ୍ତ୍ର ଦିବସର ଜାତୀୟ ପରେଡ୍ ଦେଖିବା ପାଇଁ ନିମନ୍ତ୍ରଣ ଦିଆଯିବ। ୨୭ ତାରିଖରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପରୀକ୍ଷା ପେ ଚର୍ଚ୍ଚା' ମଞ୍ଚରେ ଥିବେ, ସେତେବେଳେ ଏହି ପିଲାମାନେ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ। ସେ ଆହୁରି ମଧ୍ୟ କହିଛନ୍ତି, ଏନ୍‌ସିଇଆର୍‌ଟି ନେତୃତ୍ୱରେ ନୂଆ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ କାମ ଦ୍ରୁତ ଗତିରେ ଚାଲୁଛି। ତିନିବର୍ଷ ବୟସରୁ ବାଲ୍ ବାଟିକା ଆରମ୍ଭ ହେବ। ଏଥିପାଇଁ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହୋଇସାରିଛି। ଏହି ସରସ୍ୱତୀ ପୂଜା ସୁଦ୍ଧା ପ୍ରାରମ୍ଭିକ ଅବସ୍ଥା ତଥା ବାଲବାଟିକାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ପ୍ରଥମ ପାଞ୍ଚ ବର୍ଷର ଟିଚିଂ-ଲର୍ନିଂ ମ୍ୟାଟେରିଆଲ ଓ ବହି ଆସିଯିବ। ଏନ୍‌ସିଇଆର୍‌ଟି, ଭାରତ ସରକାର ରାଜ୍ୟ ସରକାରଙ୍କ ସହ ମିଶି ପୁସ୍ତକ ତିଆରି କରୁଛନ୍ତି। ଆଗାମୀ ଦିନରେ ଏକବିଂଶ ଶତାବ୍ଦୀର ଆବଶ୍ୟକତା, ବସୁଧୈବ କୁଟୁମ୍ବକମ୍‌ର ଭାବନା ଆଧାରରେ ୧୫ ବର୍ଷର ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନୂଆ କରିକୁଲମ୍ ଆଧାରରେ ଫାଉଣ୍ଡେଶନ କୋର୍ସ ପାଇଁ 'ଟିଚର୍ସ ଗାଇଡ୍ ବୁକ୍' ସମେତ 'ଆର୍ଟ ଇଣ୍ଟିଗ୍ରେଟେଡ୍ ଲର୍ନିଂ'କୁ ଉନ୍ମୋଚନ କରିଥିଲେ। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନ ପରିସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସେ ଓ ସମସ୍ତ ରାଜ୍ୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ଓଡ଼ିଶାର ପ୍ରତିନିଧିତ୍ୱ ଭାବେ ପ୍ରଧାନ କଦମ୍ବ ଚାରା ରୋପଣ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଶିକ୍ଷାନୁଷ୍ଠାନର ଲକ୍ଷ୍ମୀବାଈ ଛାତ୍ରାବାସକୁ ସେ ଲୋକାର୍ପଣ କରିଥିଲେ।

# ହୋଟେଲ ଛାତରୁ ପଡ଼ି ପର୍ଯ୍ୟଟକ ମୃତ

ପୁରୀ ଅଫିସ,୩।୧

ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏକ ହୋଟେଲ ଛାତରୁ ଖସିପଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଛତିଶଗଡ଼ର ଅଶୋକ ଅଗ୍ରୱାଲ (୫୫)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଶୋକ ନବବର୍ଷ ଅବସରରେ ପୁରୀରେ ଛୁଟି କଟାଇବା ଲାଗି କେତେଜଣ ସମ୍ପର୍କୀୟ ସହ ଛତିଶଗଡ଼ରୁ ଆସିଥିଲେ। ପୁରୀର ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୀଳାଚଳ ହୋଟେଲରେ ରହୁଥିଲେ। ହେଲେ ମଙ୍ଗଳବାର ସକାଳେ ସେ ହୋଟେଲ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସୋମବାର ରାତିରେ ହୋଟେଲର ତିନି ମହଲା ଉପରେ ଥିବାବେଳେ ହଠାତ୍ ସେ ଛାତରୁ ଖସିପଡ଼ିଥିବା ନେଇ ଅନୁମାନ କରାଯାଉଛି। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

**ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ**

# ୨ ବାଘଛାଲ ଜବତ, ଶିକାରୀ ଗିରଫ

ଭୁବନେଶ୍ୱର, ୩।୧(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ମଙ୍ଗଳବାର ବୌଦ୍ଧ ଜିଲାରେ ଚଢ଼ାଉ କରି ୨ଟି ବାଘଛାଲ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ଜବତ ହୋଇଥିବା ଛାଲ ମଧ୍ୟରୁ ଗୋଟିଏ ମହାବଳ ଓ ଅନ୍ୟଟି କଲରାପତରିଆ ବାଘର ବୋଲି ସୂଚନା ମିଳିଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଯୋଗେ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ବାଘଛାଲ କାରବାର ହେଉଥିବା ଜଣାପଡ଼ିବା ପରେ ଏସ୍‌ଟିଏଫ୍ ଚଢ଼ାଉ କରିବାକୁ ଯୋଜନା କରିଥିଲା। ଏନେଇ ଏସ୍‌ଟିଏଫ୍ ଟିମ୍ ଶିକାରୀଙ୍କ ଯୋଗେ ଗୋଟିଏ ବାଘଛାଲକୁ ୫ ଲକ୍ଷ ଲେଖାଏ ଟଙ୍କାରେ କିଣିବାକୁ ଡିଲ୍ କରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଶିକାରୀ ଜଣକ ବାଘଛାଲ ଆଣିବା ବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ଏସ୍‌ଟିଏଫ୍ ପକ୍ଷରୁ ତଦନ୍ତ ଜାରି ରହିଛି।

# ଆଜି ଚିଲିକାରେ ପକ୍ଷୀଗଣନା

ବାଲୁଗାଁ,୩।୧(ଡି.ଏନ୍.ଏ.)

**ସାମିଲ ହେବେ ୨୧ ଟିମ୍**

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଆନୁକୂଲ୍ୟରେ ବୁଧବାର ସମଗ୍ର ଚିଲିକାରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣାକେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି। ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ଡ. ପି. ସାଥିଆ ସାଲଭମ୍, ବ୍ରହ୍ମପୁର ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର, ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଦାୟିତ୍ୱରେ ଥିବା ପୁରୀ ଡିଏଫ୍‌ଓ ପି. ରାମସ୍ୱାମୀ, ଏସିଏଫ୍ ଶରତ କୁମାର ମିଶ୍ର ଏବଂ ସିଡିଏର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଖୁସ୍‌ବନ୍ତ ସିଂ ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ମୋଟ ୧୦୫ଜଣ ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ସିଡିଏ କର୍ମଚାରୀ, ୱାଇଲ୍ଡ ଓଡ଼ିଶା, ଭେଟେନାରୀ ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ବହୁ ଅଭିଜ୍ଞ ବିଶାରଦ ସାମିଲ ହୋଇଥିଲେ। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪-୫ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ଗୋଟି ଟିମ୍ ପକ୍ଷୀଗଣନା ପାଇଁ ସ୍ଥିର ହୋଇଛି। ତାଲିମ ପରେ ଗଣନାକାରୀ ଟିମ୍ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ବୁଧବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଦୁଇଟି ପଦ୍ଧତିରେ ପକ୍ଷୀଗଣନା ହୋଇଥାଏ। ପ୍ରଥମ ପଦ୍ଧତି ହେଲା ଏକକ ପଦ୍ଧତି। ଏଥିରେ ଚିଲିକା ମଧ୍ୟରେ ଯେଉଁଠି ସ୍ୱଳ୍ପସଂଖ୍ୟକ ପକ୍ଷୀ ଦୃଷ୍ଟିଗୋଚର ହୋଇଥାଆନ୍ତି ସେଠାରେ ୧, ୨, ୩ କ୍ରମ ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା ହୁଏ। ଦ୍ୱିତୀୟ ପଦ୍ଧତି ହେଲା ବ୍ଲକ୍ ପଦ୍ଧତି। ଏହି ପଦ୍ଧତିରେ ଯେଉଁଠି ପକ୍ଷୀଙ୍କୁ ଗଣି ହୁଏନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲାର ପରିଧି ମଧ୍ୟରେ ଦୃଷ୍ଟି ଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ବ୍ଲକ୍ ତିଆରି କରାଯାଏ। ଏହିପରି ଏକାଧିକ ବ୍ଲକ୍ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଏବଂ ସଂଖ୍ୟା ସମଷ୍ଟୀକରଣ ହୋଇଥାଏ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ମନୋଜ


@ ସୁନାକର


@ ନିମେଶ


@ ହର୍ଷ


@ ରାଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଭୁବନେଶ୍ୱରସ୍ଥିତ ତିରୁପତି ବାଲାଜୀ ମନ୍ଦିରଠାରେ 'ଉତ୍ତର ଦ୍ୱାର ଦର୍ଶନମ୍' କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ 'ନୃତ୍ୟ ନିପୁଣା' ଓଡ଼ିଶୀ ଡ୍ୟାନ୍ସ ଇନଷ୍ଟିଚ୍ୟୁଟ୍‌ର ନୃତ୍ୟଶିଳ୍ପୀମାନେ।


ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଆ ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳାମଣ୍ଡପରେ ନାଟ୍ୟଧାରା ପକ୍ଷରୁ ମଞ୍ଚସ୍ଥ ନାଟକ 'ତୋରି ଲାଗି'ର ଏକ ଦୃଶ୍ୟ।



ଭୁବନେଶ୍ୱର ସୂଚନାଭବନରେ ମଙ୍ଗଳବାର ବିଶ୍ୱ ସଂହତି ଦିବସ ଅବସରରେ ଗ୍ଲୋବାଲ ପିସ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୩



# ଅବ୍ୟବସ୍ଥାରେ ସାକ୍ଷୀଗୋପାଳ ପର୍ଯ୍ୟଟନ ସ୍ଥଳ



ବସଷ୍ଟାଣ୍ଡ ପରିସରରେ ଶୋଇଛନ୍ତି ପର୍ଯ୍ୟଟକ ।



ପାନ୍ଥଶାଳା ଖୋଲି ନ ଥିବାରୁ ବାହାରେ ଖାଉଛନ୍ତି ।

**ସାକ୍ଷୀଗୋପାଳ, ୩୧।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ପର୍ଯ୍ୟଟନ ଋତୁ ଏବଂ ନୂଆବର୍ଷ ଲାଗି ପ୍ରତିଟି ତୀର୍ଥକ୍ଷେତ୍ର, ପର୍ଯ୍ୟଟନ ସ୍ଥଳ ଏବଂ ଦର୍ଶନୀୟ ସ୍ଥାନରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାର ପ୍ରସିଦ୍ଧ ବୈଷ୍ଣବକ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଏବେ ଗଙ୍ଗାସାଗର ଯାତ୍ରା ଲାଗି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ବୃଦ୍ଧି ପାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦର୍ଶନାର୍ଥୀଙ୍କ ଆଗମନ ଲାଗିରହିଛି। ପର୍ଯ୍ୟଟକମାନେ ତୀର୍ଥର ସାକ୍ଷୀ ପାଇଁ ସାକ୍ଷୀଗୋପାଳ ମନ୍ଦିରକୁ ଆସି ଠାକୁରଙ୍କୁ ଦର୍ଶନ କରିବା ସହ ଗଙ୍ଗାସାଗର ଯାତ୍ରାରେ ସାମିଲ ହୋଇ ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଉଛନ୍ତି। ହେଲେ ପର୍ଯ୍ୟଟକମାନଙ୍କୁ ଏଠାରେ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହୋଇଛି। ରହିବାଠାରୁ ଆରମ୍ଭ କରି ଶୌଚାଳୟ, ବିଭିନ୍ନ ସୂଚନା ପାଇଁ ସୂଚନାଫଳକ ନ ଥିବାରୁ ପର୍ଯ୍ୟଟକମାନେ ଠକାମିର ଶିକାର ହେଉଛନ୍ତି। ଏହି ସମସ୍ୟାଗୁଡ଼ିକ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ସାକ୍ଷୀଗୋପାଳ ପର୍ଯ୍ୟଟନ ସ୍ଥଳ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ରହିଛି, ଯାହାକି ପର୍ଯ୍ୟଟକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି।

ସାକ୍ଷୀଗୋପାଳରେ କିଛିଦିନ ହେବ ଗଙ୍ଗାସାଗର ଯାତ୍ରା ଚାଲିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତୀର୍ଥଯାତ୍ରା ସାରି ଯାତ୍ରାର ସାକ୍ଷୀ ପାଇଁ ସତ୍ୟବାଦୀ ଆସି ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କଲେ ଯାତ୍ରା ସଫଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ନିଜ ତୀର୍ଥ ସାରି ଯାତ୍ରାର ସଫଳ ପାଇଁ ସାକ୍ଷୀ ଦେବାକୁ ସାକ୍ଷୀଗୋପାଳ ମନ୍ଦିରକୁ ଆସିଥାନ୍ତି। ପର୍ଯ୍ୟଟକମାନେ ବସ୍ ଓ କାର୍ ଯୋଗେ ଏଠାକୁ ଆସୁଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ପାର୍କିଂ ଫି ଆଦାୟ କରାଯାଉଛି। କିନ୍ତୁ କୌଣସି ସୂଚନାଫଳକ ନ ଥିବାରୁ ପର୍ଯ୍ୟଟକଙ୍କଠାରୁ ମନଇଚ୍ଛା ଫି ଆଦାୟ କରାଯାଉଛି। ସେହିଭଳି ପାନ୍ଥନିବାସ, ଯାତ୍ରୀନିବାସ ଥିବାବେଳେ ସୁବ୍ୟବସ୍ଥିତ ନ ଥିବାରୁ ପର୍ଯ୍ୟଟକ ନ ଜାଣିପାରି ବାହାରେ ରହୁଛନ୍ତି। ମନ୍ଦିର ପରିସରରେ ଗୋଟିଏ ମାତ୍ର ଶୌଚାଳୟ ଥିବାବେଳେ ତାହା ଅପରିଷ୍କାର ହୋଇପଡ଼ିଛି। ଫଳରେ ଯାତ୍ରୀ ବିଶେଷକରି ମହିଳାମାନେ ନାନା ହଇରାଣ ହେଉଛନ୍ତି। ଅପରପକ୍ଷେ ରୋଷେଇ କରି ଖାଇବା ନିମନ୍ତେ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପାନ୍ଥଶାଳା କରାଯାଇଥିବା ବେଳେ ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଚାବି ପଡ଼ିରହିଛି। ତେଣୁ ଯାତ୍ରୀମାନେ ରାସ୍ତା, ପାର୍କିଂସ୍ଥଳରେ ରୋଷେଇ କରି ଖାଉଛନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ବିଭିନ୍ନ ସମୟରେ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରି ଫେରୁଛନ୍ତି। ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନଙ୍କୁ ପଚାରିବାରେ ଦାୟିତ୍ୱରେ ନ ଥିବା କହିଛନ୍ତି। ସେପଟେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦେବୋତ୍ତର ବିଭାଗ ନିଯୁକ୍ତି କରିଥିଲେ ମଧ୍ୟ ଏଯାବତ ଯୋଗଦେଇନାହାନ୍ତି। ଅସ୍ଥାୟୀ ଭାବେ ଦେବୋତ୍ତର ବିଭାଗ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ମଧ୍ୟ ଠିକ୍ ଭାବେ ଏଠାକୁ ଆସୁନାହାନ୍ତି।

### ସ୍ଥାୟୀ ସ୍କିମ ବୋର୍ଡ ନାହିଁ

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ଦୀର୍ଘ ୧୦ବର୍ଷ ହେଲା ରାଜ୍ୟ ସରକାରଙ୍କ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସୁପରିଚାଳନା ନିମନ୍ତେ ଏକ ସ୍ଥାୟୀ ସ୍କିମ ବୋର୍ଡ ଦେବୋତ୍ତର ବିଭାଗ ଗଠନ କରୁନାହିଁ। ଏକ ଅସ୍ଥାୟୀ ପରିଚାଳନା କମିଟି କରାଯାଇ ସତ୍ୟବାଦୀ ବିଧାୟକ, ତହସିଲଦାର, ବିଡିଓ, ଆଇଆଇସି, ସ୍ଥାନୀୟ ଅଧିକାରୀ ଓ ୨ଜଣ ଅଧିବାସୀଙ୍କୁ ନେଇ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଫଳରେ ବୈଠକ ଠିକ୍ ଭାବେ ନ ବସିବା, କୌଣସି ଅସୁବିଧା ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ। ଫଳରେ ନାନା ସମସ୍ୟା ମଧ୍ୟରେ ଥିବାରୁ ପର୍ଯ୍ୟଟକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି।

- ଯାତ୍ରୀଙ୍କ ସୂଚନା ନିମନ୍ତେ ନାହିଁ ସୂଚନାଫଳକ
- ଗୋଟିଏ ଶୌଚାଳୟ, ଅଭିଯୋଗ ପ୍ରକୋଷ୍ଠ ନାହିଁ
- କାମରେ ଆସୁନି ପାନ୍ଥନିବାସ

### ଏମାନେ ଯାହା କୁହନ୍ତି...

“ମନ୍ଦିରକୁ ଆସୁଥିବା ଯାତ୍ରୀଙ୍କୁ ଠିକ୍ ଦର୍ଶନ ସହ ସବୁ ସୁବିଧା ମିଳିବା ଆବଶ୍ୟକ। ମନ୍ଦିର ପ୍ରଶାସନର ଏହିଭଳି ମନମୁଖି କାର୍ଯ୍ୟକୁ ଖୁବ୍‌ଶୀଘ୍ର ବ୍ଲକ ତଥା ପରିଚାଳନା ବୋର୍ଡ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରିବୁ।

**–ଲୋଚନ ଦାଶ, ବିଡିଓ**

“ମନ୍ଦିର ପ୍ରଶାସନିକ ଅଧିକାରୀ ଭାବେ ଦେବୋତ୍ତର ବିଭାଗ ଜଣେ ଓଏସ୍ ଓ ଆଇଏସ୍ କ୍ୟାଡର ଅଧିକାରୀଙ୍କୁ ଅବସ୍ଥାପିତ କରିବା ବଦଳରେ ସାଧାରଣ ଲୋକଙ୍କୁ ଅବସ୍ଥାପିତ କରୁଛନ୍ତି। ଯାହାଦ୍ୱାରା ଦୂରଦୃଷ୍ଟି ଅଭାବରୁ ଏହିଭଳି ସମସ୍ୟା ସୃଷ୍ଟି ହେଉଛି।

**– ବିଜୟ କୁମାର ନନ୍ଦ, ସେବାୟତ ସଂଘ ସମ୍ପାଦକ**

“ଏଠାକୁ ଆସୁଥିବା ଯାତ୍ରୀଙ୍କ ସୁବିଧା ଦର୍ଶନ ନିମନ୍ତେ ମନ୍ଦିର ପ୍ରଶାସନର ସେଭଳି କିଛି ବ୍ୟବସ୍ଥା ନାହିଁ। ଫଳରେ ଯାତ୍ରୀମାନେ ପ୍ରତ୍ୟେକ ସ୍ତରରେ ଶୋଷଣର ଶିକାର ହେଉଛନ୍ତି। ଯାତ୍ରୀ ଅଭିଯୋଗ ନିମନ୍ତେ କୌଣସି ଅଭିଯୋଗ ପ୍ରକୋଷ୍ଠ ନ ଥିବାରୁ ଅଭିଯୋଗ ପାଇଁ ଯାତ୍ରୀ ଅଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି।

**–ଚିନ୍ତନ, ଗୁଜରାଟ ନିବାସୀ**

## ସଂକ୍ଷେପରେ

### ମହିଳା ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର, ୨ ଗିରଫ

ପୁରୀ ଅଫିସ,୩।୧- ଜଣେ ମହିଳା ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ମୁକେଶ ସାହୁ (୨୪) ଏବଂ ଅଜୟ ସାହୁ (୧୯)। ଏ ନେଇ ପୋଲିସ ନଂ. ୨/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶର ଜଣେ ୨୪ ବର୍ଷିୟା ଯୁବତୀ ତାଙ୍କ ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସି ଏକ ହୋଟେଲରେ ରହିଥିଲେ। ସେ ଓ ତାଙ୍କ ସାଙ୍ଗମାନେ ୨ ତାରିଖ ରାତି ୯ଟା ସମୟରେ ଗୌଡିଆ ମଠ ନିକଟରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ସେଠାରେ ୨ ଅଭିଯୁକ୍ତ ମଦ୍ୟପାନ କରି ତାଙ୍କ ନିକଟକୁ ଆସୁ ଦୁର୍ବ୍ୟବହାର କରିଥିଲେ। ଯୁବତୀମାନେ ସେଠାରୁ ଦୌଡି ହୋଟେଲକୁ ଯିବା ସମୟରେ ଅଭିଯୁକ୍ତମାନେ ପିଛା କରିଥିଲେ। ଏ ନେଇ ଉକ୍ତ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଆଇଆଇଟି କ୍ୟାମ୍ପସରୁ ଅଜଗର ଉଦ୍ଧାର

ଜଟଣୀ,୩।୧(ଡି.ଏନ୍.ଏ.): ଜଟଣୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର କ୍ୟାମ୍ପସ୍ ପରିସରରୁ ମଙ୍ଗଳବାର ଏକ ଅଜଗର ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ସକାଳେ ଆଇଆଇଟି ସିକ୍ୟୁରିଟି ଦଳ ଆଇଆଇଟି ପରିସରରେ ପାଟ୍ରୋଲିଂ କରୁଥିବା ବେଳେ କ୍ୟାମ୍ପସ୍‌ର ଉତ୍ତର ଦିଗ ପାଚେରିକୁ ଲାଗି ରହିଥିବା ଗଛଲତାରେ ଅଜଗର ଦେଖିବାକୁ ପାଇଥିଲେ। ଖବରପାଇ ସ୍ନେକ ହେଲ୍ପଲାଇନ ସଦସ୍ୟ ପହଞ୍ଚି ୧୫ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରିଥିଲେ। ବରୁଣେଇ ପାହାଡ଼ ଜଙ୍ଗଲରୁ ଉକ୍ତ ସାପ ଆସିଥିବା ଅନୁମାନ କରାଯାଉଛି।

### ୩୦ ଲକ୍ଷ ଟଙ୍କାର ଲୁଗା ଜଳିଗଲା

**ଜଟଣୀ,୩।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ରେଲୱେ ଗୋଲେଇ ମାର୍କେଟରେ ଥିବା ଏଚ୍.କେ. ଟେକ୍ସଟାଇଲ ଲୁଗା ଦୋକାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ପ୍ରାୟ ୩୦ଲକ୍ଷ ଟଙ୍କାର ଲୁଗା ଜଳିଯାଇଥିବା ଦୋକାନ ମାଲିକ ହିତେଶ ଠକ୍କର କହିଛନ୍ତି। ସୂଚନା ମୁତାବକ, ପ୍ରତିଦିନ ପରି ଦ୍ୱିପ୍ରହରରେ ହିତେଶ ଏବଂ କର୍ମଚାରୀ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରେ ଦୋକାନରୁ ଧୂଆଁ ବାହାରକୁ ଆସୁଥିବା ସ୍ଥାନୀୟ ଲୋକେ ଦେଖି ହିତେଶଙ୍କୁ ଜଣାଇଥିଲେ। ପରେ ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ।

### ମହିଳା ପୌର କର୍ମଚାରୀଙ୍କ ଚେନ୍, ମୋବାଇଲ ଲୁଟିନେଲେ

**ଜଟଣୀ,୩।୧(ଡି.ଏନ୍.ଏ.):**

ଜଟଣୀ ପୌର କାର୍ଯ୍ୟାଳୟର କର୍ମଚାରୀ ମନୋରମା ପଟ୍ଟନାୟକଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରିବା ସହ ଚେନ ଓ ମୋବାଇଲ ଫୋନ ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହି ଘଟଣାରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମନୋରମା ପୌର କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। କିଛି ବାଟ ଯିବା ପରେ କେହି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିବା ସହ ତଳେ ପକାଇ ହାତକୁ କାମୁଡ଼ି ଦେଇଥିଲେ। ଏହା ପରେ ଦୁର୍ବୃତ୍ତ ମନୋରମାଙ୍କ ଚେନ ଓ ମୋବାଇଲ ନେଇ ଫେରାର ହୋଇଯାଇଥିଲେ।





ନିମାପଡାରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ ।

## ପ୍ରଥମ ଦିନରେ ୪୦୦ କୁଇଣ୍ଟାଲ ଧାନ କ୍ରୟ

**ନିମାପଡ଼ା,୩।୧(ଡି.ଏନ୍.ଏ.)**

### ଧାନମଣ୍ଡି ଉଦ୍‌ଘାଟନ

ସମବାୟ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଳିତବର୍ଷ ନିମାପଡ଼ା ବ୍ଲକରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପରିସରରେ ବିଷ୍ଣୁପୁର ସେବା ସମବାୟ ସମିତି ଓ ଅଂଶାଲୋ ସେବା ସମବାୟ ସମିତି ଦ୍ୱାରା ଏହି ଧାନମଣ୍ଡି ଖୋଲାଯାଇଛି। ଅତିଥି ଭାବେ ପୁରୀ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସହକାରୀ ଜିଲା ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାଓଡା ସିଂ, ସମବାୟ ବିଭାଗର ଏରିଆ ଅଫିସର ପ୍ରକାଶ ଚନ୍ଦ୍ର ସେଠୀ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସମିତି ସଭ୍ୟା ଶଭ୍ୟାରାଣୀ ବିଶ୍ୱାଳ, ବାଳକୃଷ୍ଣ ଓଝା, ପ୍ରବୋଧ ପ୍ରଧାନ, ବିଷ୍ଣୁପୁର ସେବା ସମବାୟ ସମିତି ସଭାପତି ଚିନ୍ମୟ ପରିଜା, ସମ୍ପାଦକ ପ୍ରଶାନ୍ତ ରାଉତ, ନିମାପଡ଼ା ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ଅଂଶାଲୋ ସେବା ସମବାୟ ସମିତି ସଭାପତି ସ୍ୱପ୍ନକୁମାର ଲେଙ୍କା, ସମ୍ପାଦକ ତ୍ରିନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ ସୁବିଧାରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଏହି ମଣ୍ଡିରେ ଧାନ ବିକ୍ରୟ କରିପାରିବେ ବୋଲି ଅତିଥି ଓ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଦିବସରେ ବହୁ ଚାଷୀଙ୍କଠାରୁ ବିଷ୍ଣୁପୁର ସେବା ସମବାୟ ସମିତି ଓ ଅଂଶାଲୋ ସେବା ସମବାୟ ସମିତି ପକ୍ଷରୁ ମୋଟରେ ୪୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଉଭୟ ସେବା ସମବାୟ ସମିତି ସମ୍ପାଦକ ସୂଚନା ଦେଇଛନ୍ତି।

## ହିମାଳୟନର 'କୁଆରି ପାସ୍' ପର୍ବତାରୋହଣ କଲେ ଓଡ଼ିଆ ପର୍ବତାରୋହୀ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ଜାତୀୟ ସ୍ତରରେ ପୁଣି ଥରେ ସଫଳତାର ଶିଖର ଚଢ଼ିଛନ୍ତି ଓଡ଼ିଆ ପର୍ବତାରୋହୀ। ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ୩ ଜଣିଆ ପର୍ବତାରୋହୀ ଦଳ ସଫଳତାର ସହ କୁଆରୀ ପାସ୍ ପର୍ବତାରୋହଣ କରିଛନ୍ତି। ଡିସେମ୍ବର ୩୧ ମଧ୍ୟାହ୍ନ ୧୨ଟା ୩୦ରେ ଉତ୍ତରାଖଣ୍ଡ ହିମାଳୟନର ଚାମୋଲି ଜିଲାରେ ଅବସ୍ଥିତ ପର୍ବତ କୁଆରୀ ପାସ୍‌ର ଶିଖର ୧୨ହଜାର ୫୧୬ ଫୁଟ ଉଚ୍ଚତାରେ ପହଞ୍ଚିଥିଲେ। ଏହି ଅଭିଯାନ ଡିସେମ୍ବର ୨୮ରୁ ବେସ୍ କ୍ୟାମ୍ପ ଯୋଶୀମଠ ଠାରୁ ଆରମ୍ଭ ହୋଇ ଜାନୁୟାରୀ ୧ରେ ପିପଲକୋଟିଠାରେ ଶେଷ ହୋଇଥିଲା। ଦଳରେ ଏନ୍‌ସିସି ୫ମ ଓଡ଼ିଶା ବାଟାଲିୟନ ସିଟିଓ ତୃପ୍ତିମୟୀ ପ୍ରଧାନ ଏବଂ ଝରଣା ସାହୁ ସାମିଲ ଥିଲେ। ଏହି ଯାତ୍ରାକୁ ଭାରତୀୟ ପର୍ବତାରୋହଣ ସଂସ୍ଥାନ, ନୂଆଦିଲ୍ଲୀ ସ୍ୱୀକୃତି ପ୍ରଦାନ କରିଥିଲେ। ମୋଟ୍ ୬ଦିନର ଏହି ହିମାଳୟ ଯାତ୍ରା ଥିଲା। ସେଠାରେ ଜାତୀୟ ପତାକା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ପତାକା ଏବଂ ଏନ୍‌ସିସି ପତାକା ଉଡ଼ାଇବା ସହ ହକି ବିଶ୍ୱକପ, ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ, ବରଗଡ଼ ତଥା କଳାହାଣ୍ଡି ଜିଲାର କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୩ ଉଦ୍ଦେଶ୍ୟରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ପୁନଶ୍ଚ ଦୀର୍ଘ ୪ ଘଣ୍ଟାର ଅବତରଣ କଲା ପରେ ଖୁଲାରା କ୍ୟାମ୍ପରେ ପହଞ୍ଚିଥିଲା। ଅଭିଯାନରେ ହିମାଳୟନର ପର୍ବତାରୋହଣ ଗାଇଡ୍ ଭାବେ ରବି ପୁମାର, ଉମେଶ ରାଣା ଓ ଅମ୍ବିକ ରାଣା ସହଯୋଗ କରିଥିଲେ।

## ଯୌତୁକ ପାଇଁ ବଧୂହତ୍ୟା

**ନିମାପଡ଼ା,୩।୧(ଡି.ଏନ୍.ଏ.)**

- ସ୍ୱାମୀ ଗିରଫ
- ଅଭିଯୋଗ ଆଣିଲେ ବାପଘର

ନିମାପଡ଼ା ଥାନା ତେରୁଣ୍ଡିଆ ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ମିତା ଭୋଇ। ହେଲେ ଅଧିକ ଯୌତୁକ ଆଣିବା ଦାବିରେ ଶାଶୁଘର ଲୋକେ ଝିଅକୁ ମାରିଦେଇଥିବା ମୃତାଙ୍କ ବାପା ଭୁବନା ଭୋଇ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଗିରଫ କରିବା ସହ ୫ ଜଣଙ୍କ ବିରୋଧରେ ଦଫା ୪୯୮(କ), ୩୦୪(ଖ), ୩୦୨, ୩୪, ୪ ଡିପି ଆକ୍ଟରେ ଏକ ମାମଲା (ନଂ.୨।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ଘଟଣାରେ ଘରର ଅନ୍ୟ ସମସ୍ତ ବ୍ୟକ୍ତିମାନେ ଘର ଛାଡ଼ି ଫେରାର ହୋଇଯାଇଥିବା ଜଣାପଡିଛି। ବଧୂହତ୍ୟା ମାମଲାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରିବାକୁ ମୃତାଙ୍କ ବାପା ଦାବି କରିଛନ୍ତି। ସୂଚନା ମୁତାବକ, ନିମାପଡ଼ା ବ୍ଲକ ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଗୋପୀ ଦଳେଇଙ୍କ ସ୍ତ୍ରୀ ମିତାଙ୍କୁ ତାଙ୍କ ଶାଶୁଘର ଲୋକେ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଉଥିବା ମିତାଙ୍କ ବାପା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମିତା ସୋମବାର ରାତିରେ ବେକରେ ଲୁଗାବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ପାଲଟା ଅଭିଯୋଗ କରିଛନ୍ତି। ତେବେ ୧ ବର୍ଷ ପୂର୍ବେ ମିତା ଗୋପୀଙ୍କୁ ପ୍ରେମ ବିବାହ କରିଥିଲେ। ଶାଶୁଘରର ଦାବି ମୁତାବକ ବିବାହ ସମୟରେ ମିତାଙ୍କ ବାପଘର ପକ୍ଷରୁ ୪୦ ହଜାର ଟଙ୍କା, ସୁନାଗହଣା, ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ ଦିଆଯାଇଥିଲା। ବିବାହର ୨/୩ ମାସ ପରେ ବାପଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହି ଶାଶୁଘର ଲୋକେ ମିତାଙ୍କୁ ନିର୍ଯାତନା ଦେଉଥିବା ସେ ତାଙ୍କ ବାପଘରେ ଜଣାଇଥିଲେ।

## ସାହିତ୍ୟ ଭବିଷ୍ୟତ, ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ

**ଗୋପ,୩।୧(ଡି.ଏନ୍.ଏ.)**

ଓଡ଼ିଆ ସାହିତ୍ୟ ଉତ୍ତମ ଚରିତ୍ର ଗଠନ ତଥା ସୁ-ସାହିତ୍ୟିକ ହେବାରେ ସହାୟକ ହୋଇଥାଏ। ଗୋପ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ଛାତ୍ରୀଛାତ୍ରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଆ ବିଭାଗ ପ୍ରାଧ୍ୟାପକ ପଦ୍ମନାଭ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ସାହୁ, ଶୈଳେନ୍ଦ୍ର ରଥ, ନିରଞ୍ଜନ ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ ଯୋଗଦେଇଥିଲେ। ସାହିତ୍ୟ ଏପରି ଶିକ୍ଷା, ତାହା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଗେଇ ନେବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ପରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ନୂତନ ଭାବରେ ନାମ ଲେଖାଇଥିବା ବିଭାଗୀୟ ସମ୍ମାନ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟର କର୍ମଚାରୀ ଶାଶ୍ୱତ ରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ହକି ବିଶ୍ୱ କପ୍ ପାଇଁ ମଙ୍ଗଳା ମହାବିଦ୍ୟାଳୟର ରାଲି

**ଅସ୍ତରଙ୍ଗ,୩।୧(ଡି.ଏନ୍.ଏ.)**

ଓଡ଼ିଶାରେ ହକି ବିଶ୍ୱ କପ୍ ଆୟୋଜନ ପରିପ୍ରେକ୍ଷୀରେ କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟ ପକ୍ଷରୁ ହକିକୁ ଲୋକାଦୃତ କରିବା ପାଇଁ ମଙ୍ଗଳବାର ଏକ ରାଲି ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅଶୋକ ତ୍ରିପାଠୀ ଏହାର ତତ୍ତ୍ୱାବଧାନ କରିଥିଲେ। ଉକ୍ତ ରାଲିରେ ଶତାଧିକ ଛାତ୍ରୀଛାତ୍ର ପ୍ଲାକାର୍ଡ ଓ ବ୍ୟାନର ଧରି କାକଟପୁର ବଜାର ପରିକ୍ରମା କରିଥିଲେ। କଲେଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସରୋଜ ନାୟକ, ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ, ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ପୋଲେଇ, ଅଧ୍ୟାପକ ଜିତେନ୍ଦ୍ର ଦାସ, ଅଧ୍ୟାପକ ସୁମିତ ରାଉତ, ଅଧ୍ୟାପକ କୁନୁ ନାୟକ, ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ସଙ୍ଗୀତା ପ୍ରିୟଦର୍ଶିନୀ ଓ ଜ୍ୟୋତିରଞ୍ଜନ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ। କାକଟପୁର ଥାନା ଅଧିକାରୀ ରାଲିରେ ଶୃଙ୍ଖଳା ରକ୍ଷା କରିବା ସହିତ ପିଲାଙ୍କୁ ଉତ୍ସାହିତ କରିଥିଲେ।





କାକଟପୁରର ମଙ୍ଗଳା ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ରାଲି ।

## ଆଜିଠୁ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ଖୋର୍ଦ୍ଧା ଅଫିସ,୩।୧**

- ସ୍ଥାନ ପାଇବ ୨୧୦ ପ୍ରକଳ୍ପ
- ନାଇଜର ବୁଲିବେ ଛାତ୍ରୀଛାତ୍ର

ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଠାରୁ ୬ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ ଓ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୪୯ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମନୋନୀତ ହୋଇଥିବା କୁନି କୁନି ପ୍ରକଳ୍ପକାରୀ ଅଂଶଗ୍ରହଣ କରିବେ। 'ପ୍ରଯୁକ୍ତି ବିଦ୍ୟା ଓ ଖେଳନା' ବିଷୟ ଆଧାରିତ ଏହି ତ୍ରିଦିବସୀୟ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ବିଜ୍ଞାନ ସେମିନାର, ବିଜ୍ଞାନ କୁଇଜ୍, ବିଜ୍ଞାନ କଥନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ଜିଲାରୁ ୭ଟି ବିଷୟରେ ୭ ଜଣ ଲେଖାଏ ଛାତ୍ରୀଛାତ୍ର ଯୋଗଦେବେ। ତାଙ୍କ ସହିତ ୭ ଜଣ ଗାଇଡ୍ ଶିକ୍ଷକ ଓ ଜଣେ ବିଜ୍ଞାନ ପରିଦର୍ଶକ ଏହିଭଳି ୩୦ଟି ଜିଲାରୁ ୨୧୦ ପ୍ରକଳ୍ପ ସ୍ଥାନ ପାଇବ। ମୋଟ୍ ୪୫୦ ଛାତ୍ରୀଛାତ୍ର, ଗାଇଡ୍ ଶିକ୍ଷକ, ବିଜ୍ଞାନ ପରିଦର୍ଶକ ଯୋଗଦେବେ। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାଳକମାନେ ବିଜେବି ହାଇସ୍କୁଲ ଓ ବାଳିକାମାନେ ସରକାରୀ ବାଳିକା ହାଇସ୍କୁଲରେ ରହିବେ। ବୁଧବାର ପୂର୍ବାହ୍ନ ୧୧ଟାରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବ। ୫ତାରିଖରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ(ନାଇଜର) ଭୁବନେଶ୍ୱର କ୍ୟାମ୍ପସ କ୍ଷେତ୍ର ପରିଦର୍ଶନ କରିବେ। ଅପରାହ୍ନ ୨ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ପ୍ରକଳ୍ପ ପରିଦର୍ଶନ, ବିଜ୍ଞାନ କୁଇଜ୍, ବିଜ୍ଞାନ ଆଲୋଚନା ଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୬ତାରିଖ ଅପରାହ୍ନ ୨ଟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

ଏନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆରଟି)ର ନିର୍ଦ୍ଦେଶକ ମନୋଜ ପାତ୍ରୀ କହିଥିଲେ, ରାଜ୍ୟ ଓ ଜାତୀୟ ସ୍ତରରେ ବିଜ୍ଞାନ, ଗଣିତ, ପ୍ରଯୁକ୍ତିବିଦ୍ୟାକୁ ଲୋକାଭିମୁଖୀ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଉଦ୍ଭାବନ ଓ ଅନୁସନ୍ଧିତ୍ସୁ ମନୋଭାବ ସୃଷ୍ଟି ପାଇଁ ଏହି ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ମଙ୍ଗଳବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏବିଇଓ) ସ୍ନିଗ୍ଧା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା ଓ ଜିଲା ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂହ ଯୋଗଦେଇ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ପ୍ରଦର୍ଶନୀ ଆୟୋଜନ ନେଇ ଗୁରୁତ୍ୱାରୋପ କରିଥିଲେ। ୧୦ ବ୍ଲକର ବ୍ଲକ ଶିକ୍ଷାଧିକାରୀ (ବିଇଓ) ଉପସ୍ଥିତ ଥିଲେ। ବୈଠକରେ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ସେକ୍ ଗୋହର ଅଲ୍ଲି, ଶିକ୍ଷକ ରଞ୍ଜନ କୁମାର ଦାଶ, ସୁଧାକର ମହାପାତ୍ର, ଶିକ୍ଷକ ବିଭୁ ପ୍ରସାଦ ସେନାପତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ଅଞ୍ଜନ କୁମାର ରାୟ, ପ୍ରହ୍ଲାଦ ବାରିକ, ରତ୍ନାକର ରାଉତରାୟ, ତୋଫାନ ରାଉତରାୟ, ଅଭିରାମ ବେହେରା, ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅମାନିଆଙ୍କଠାରୁ ୧୦ ଲକ୍ଷ ଜରିମାନା ଆଦାୟ

ଭୁବନେଶ୍ୱର, ୩।୧(ବ୍ୟୁରୋ): ରାଜଧାନୀରେ ଜୋରଦାର ଧରପଗଡ଼ ଚାଲିଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଏହି କ୍ରମରେ ସୋମବାର ଓ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ କମିଶନରେଟ ପୋଲିସ ୧୦ ଲକ୍ଷ ୫୭ ହଜାର ୬୦୦ ଟଙ୍କା ଆଦାୟ କରିଛି। ସହରର ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୩୭୯ ଅମାନିଆଙ୍କଠାରୁ ୧ ଲକ୍ଷ ୭୬ ହଜାର ଆଦାୟ କରାଯାଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ଖୋଲାସ୍ଥାନରେ ମଦ୍ୟପାନ କରୁଥିବା ୩୨୫ ଅମାନିଆଙ୍କଠାରୁ ୧ ଲକ୍ଷ ୬୨ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ସର୍ବସାଧାରଣରେ ଧୂମପାନ କରୁଥିବା ୩୮ ଜଣଙ୍କଠାରୁ ୪ ହଜାର ୬୦୦ ଟଙ୍କା ଏବଂ ଏମ୍‌ଭି ଆକ୍ଟ ଉଲ୍ଲଂଘନ ଅଭିଯୋଗରେ ୧୦ ଜଣଙ୍କଠାରୁ ୯ ହଜାର ୫୦୦ ଟଙ୍କା ଆଦାୟ ହୋଇଛି। ୪ଟି ଅବକାରୀ ମାମଲା ରୁଜୁ ସହ ୪୪ ଲିଟର ମଦ ଜବତ କରାଯାଇଛି। ଅନ୍ୟପଟେ କମିଶନରେଟ ପୋଲିସର ଟ୍ରାଫିକ କର୍ମଚାରୀମାନେ ୮୫୮ ଜଣ ଅମାନିଆଙ୍କଠାରୁ ମୋଟ ୮ ଲକ୍ଷ ୮୧ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

### ମା’ ହେବେ ବାଘୁଣୀ ରୂପା, ଅଙ୍କିତା ଓ ସିଂହୀ ରେଖ୍ରା

ବାରଙ୍ଗ,୩।୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ଧଳା ବାଘୁଣୀ ରୂପା ଏବେ ଗର୍ଭବତୀ। ଜନ୍ମ ଦେବାକୁ ଯାଉଛି ତା’ର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନ। ଏ ନେଇ କର୍ତ୍ତୃପକ୍ଷ ସଜାଗ ରହିବା ସହ ନୂଆ ସଦସ୍ୟ ଆଗମନକୁ ଅପେକ୍ଷା କରି ରହିଛନ୍ତି। ପ୍ରସବ ସମୟ ପାଖେଇ ଆସୁଥିବାରୁ କର୍ତ୍ତୃପକ୍ଷ ବାଘୁଣୀ ରୂପା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଚଳିତ ମାସ ୪ତାରିଖରେ ରୂପା ପ୍ରସବ କରିବ ବୋଲି ନନ୍ଦନକାନନର ଚିକିତ୍ସକମାନେ ପୂର୍ବାନୁମାନ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୨ ଓ ୨୩ରେ ଭାଇ ସାଧାରଣ(ନାଲି)ରଙ୍ଗର ବାଘ ରାଜେଶ ସହ ଭଉଣୀ ଧଳା ବାଘୁଣୀ ରୂପାର ମିଳନ କରାଯାଇଥିଲା। ମିଳନ ସଫଳ ହେବାର ଜଣାପଡିବା ପରେ ଜନ୍ତୁ ବିଭାଗ ପକ୍ଷରୁ ବାଘୁଣୀ ରୂପା ରହୁଥିବା ୨୧ନମ୍ବର ଏନକ୍ଲୋଜର ଫିଡିଂ ଚାମ୍ବର ପଛପଟ ପୃଥକୀକରଣ ଏନକ୍ଲୋଜର ରଖାଯାଇଛି। ସିସିଟିଭି କ୍ୟାମେରା ଲଗାଯାଇ ବାଘୁଣୀ ରୂପାର ଗତିବିଧି ଉପରେ ନଜର ରଖାଯାଉଛି। ସେହିପରି ସାଧାରଣ(ନାଲି ରଙ୍ଗର)ବାଘୁଣୀ ଅଙ୍କିତା ଗର୍ଭବତୀ ଅଛି। ସାଧାରଣ(ନାଲି ରଙ୍ଗର)ବାଘ ବାହୁବଳୀ ସହିତ ବାଘୁଣୀ ଅଙ୍କିତା ସହ ଗତବର୍ଷ ଅକ୍ଟୋବରରେ ମିଳନ ହୋଇଥିଲା। ଆସନ୍ତା ଫେବ୍ରୁୟାରୀ ପ୍ରଥମ ସପ୍ତାହରେ ଅଙ୍କିତା ପ୍ରସବ କରିବ। ସେହିପରି ସିଂହ ସଫାରି ଫିଡିଂଚାମ୍ବରରେ ରହୁଥିବା ଏସୀୟ ସିଂହୀ ରେଖ୍ରାର ମଧ ଗର୍ଭବତୀ ଅଛି। ଗତବର୍ଷ ସେପ୍ଟେମ୍ବରରେ ଏସୀୟ ସିଂହ ଜିତ୍ ସହ ସିଂହୀ ରେଖ୍ରାର ମିଳନ ହୋଇଥିଲା।

# ପୃଥକ୍ ସଡ଼କ ଦୁର୍ଘଟଣା: ୨ ମୃତ

- ନାଲ୍‌କୋ ଛକରେ ମହିଳାଙ୍କ ଉପରେ ଚଢ଼ିଗଲା ବସ୍
- ହାଇଟେକ୍ ଛକରେ ଟ୍ରକ୍ ଧକ୍କାରେ ଯୁବକଙ୍କ ଜୀବନ ଗଲା

ଭୁବନେଶ୍ୱର, ୩।୧(ବ୍ୟୁରୋ): ରାଜଧାନୀରେ ମଙ୍ଗଳବାର ପୃଥକ୍ ପୃଥକ୍ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଦୁଇଜଣଙ୍କର ଜୀବନ ଯାଇଛି। ଗୋଟିଏ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଇଟେକ୍ ଛକରେ ଏବଂ ଅନ୍ୟଟି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନାଲ୍‌କୋ ଛକରେ ଘଟିଛି। ହାଇଟେକ ଛକରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ବୁଢାପଙ୍କ ଗ୍ରାମର କାଳିଆ ଓରଫ ଦେବାଶିଷ ପ୍ରଧାନ (୨୩)। ସେହିପରି ନାଲ୍‌କୋ ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରାଧାକୃଷ୍ଣ ଲେନ ବସ୍ତିର ଫୁଲ ବିନ୍ଧାଣୀ (୪୫)ଙ୍କ ମୃତ୍ୟୁ ଘଟିଛି। ଉକ୍ତ ୨ଟି ସ୍ଥାନରେ ଦୁର୍ଘଟଣା ଯୋଗୁ କିଛି ସମୟ ଟ୍ରାଫିକ ଜାମ୍ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଯାତାୟାତ ସ୍ୱାଭାବିକ କରିଥିଲା।







ଜବତ ବସ୍ ଓ ଟ୍ରକ୍।

ସୂଚନାନୁଯାୟୀ, ଅପରାହ୍ନରେ ଫୁଲ ନାଲ୍‌କୋ ଅଫିସ ପାର୍ଶ୍ୱରୁ ଅପରପଟକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ପ୍ରେସ୍ ଛକ ପଟୁ ଯାଉଥିବା ‘ଶିବଶଙ୍କର’ ନାମକ ଘରୋଇ ବସ୍ (ନଂ. ଓଆର୍ ୦୫-ଏଡବ୍ଲ୍ୟୁ ୧୧୬୧) ଟ୍ରାଫିକ ଛକରେ ତାଙ୍କୁ ଧକ୍କା ଦେବା ସହ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ବସ୍‌ଟି ରାସ୍ତା ମଝିରେ ଅଟକି ରହିବାରୁ ସେଠାରେ ଟ୍ରାଫିକ ଜାମ୍ ହୋଇଥିଲା। ଏହାର ସୁଯୋଗ ନେଇ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ସେଠାରେ ଚାପା ଉତ୍ତେଜନା ଦେଖାଦେବା ସହ କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ କମିଶନରେଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ବସ୍ ଜବତ କରି ଥାନାକୁ ନେବା ସହ ପରେ ତଦନ୍ତ କରି ଡ୍ରାଇଭରଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

ସେହିପରି ଅନ୍ୟ ଏକ ଘଟଣାରେ ଅପରାହ୍ନରେ ହାଇଟେକ ଛକ ରାସ୍ତା ଦେଇ ବାଇକ (ନଂ. ଓଡି ୧୯ବି ୩୨୪୬) ଯୋଗେ ବଅଁରପାଳର ଦେବାଶିଷ କଟକ ଫେରୁଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଏକ ଟ୍ରକ (ନଂ. ଓଡି ୦୪ ଏଲ୍ ୦୯୯୦) ଧକ୍କା ଦେଇଥିଲା। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ତେବେ ସ୍ଥାନୀୟ ଲୋକେ ଗାଡ଼ି ଅଟକାଇ ତାଙ୍କୁ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି।

# ହିମାଳୟନର ‘କୁଆରୀ ପାସ୍’ ପର୍ବତାରୋହଣ କଲେ ୩ ଓଡ଼ିଆ



ପର୍ବତାରୋହୀମାନେ କୁଆରୀ ପାସ୍ ପର୍ବତ ଉପରେ ଜାତୀୟ ପତାକା ଉଡ଼ାଉଛନ୍ତି।

ଭୁବନେଶ୍ୱର, ୩।୧ (ବ୍ୟୁରୋ)

ଜାତୀୟ ସ୍ତରରେ ପୁଣି ଥରେ ସଫଳତାର ଶିଖର ଚଢ଼ିଛନ୍ତି ଓଡ଼ିଆ ପର୍ବତାରୋହୀ। ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ୩ ଜଣିଆ ପର୍ବତାରୋହୀ ଦଳ ସଫଳତାର ସହ କୁଆରୀ ପାସ୍ ପର୍ବତାରୋହଣ କରିଛନ୍ତି। ଡିସେମ୍ବର ୩୧ ମଧ୍ୟାହ୍ନ ୧୨ଟା ୩୦ରେ ଉତ୍ତରାଖଣ୍ଡ ହିମାଳୟନର ଚାମୋଲି ଜିଲାରେ ଅବସ୍ଥିତ ପର୍ବତ କୁଆରୀ ପାସ୍‌ର ଶିଖର ୧୨ହଜାର ୫୧୬ ଫୁଟ ଉଚ୍ଚତାରେ ପହଞ୍ଚିଥିଲେ। ଏହି ଅଭିଯାନ ଡିସେମ୍ବର ୨୮ରୁ ବେସ୍ କ୍ୟାମ୍ପ ଯୋଶୀମଠ ଠାରୁ ଆରମ୍ଭ ହୋଇ ଜାନୁୟାରୀ ୧ରେ ପିପଲକୋଟିଠାରେ ଶେଷ ହୋଇଥିଲା। ଦଳରେ ଏନ୍‌ସିସି ୫ମ ଓଡ଼ିଶା ବାଟାଲିୟନ ସିଟିଓ ତୃପ୍ତିମୟୀ ପ୍ରଧାନ ଏବଂ ଝରଣା ସାହୁ ସାମିଲ ଥିଲେ। ଏହି ଯାତ୍ରାକୁ ଭାରତୀୟ ପର୍ବତାରୋହଣ ସଂସ୍ଥାନ, ନୂଆଦିଲ୍ଲୀ ସ୍ୱୀକୃତି ପ୍ରଦାନ କରିଥିଲେ। ମୋଟ୍ ୬ଦିନର ଏହି ହିମାଳୟ ଯାତ୍ରା ଥିଲା। ପ୍ରଥମେ ଯୋଶୀମଠ ଠାରୁ ଗୁଆଲିଙ୍ଗ କ୍ୟାମ୍ପ (୯୨୫୨ ଫୁଟ), ପରେ ଖୁଲାରା କ୍ୟାମ୍ପ (୧୧୦୦୦ ଫୁଟ) ଏବଂ ଶେଷରେ ଖୁଲାରା କ୍ୟାମ୍ପଠାରୁ ଦୀର୍ଘ ୬ଘଣ୍ଟାର ଦୁଃସାହସିକ ଆରୋହଣ କରି ହାଇ ଆଲ୍ଟିଚ୍ୟୁଟ୍ କୁଆରି ପାସ ଶିଖରେ ପହଞ୍ଚିଥିଲେ। ସେଠାରେ ଜାତୀୟ ପତାକା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ପତାକା ଏବଂ ଏନ୍‌ସିସି ପତାକା ଉଡ଼ାଇବା ସହ ହକି ବିଶ୍ୱକପ, ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ, ବରଗଡ଼ ତଥା କଳାହାଣ୍ଡି ଜିଲାର କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୩ ଉଦ୍ଦେଶ୍ୟରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ପୁନଶ୍ଚ ଦୀର୍ଘ ୪ ଘଣ୍ଟାର ଅବତରଣ କଲା ପରେ ଖୁଲାରା କ୍ୟାମ୍ପରେ ଦଳ ପହଞ୍ଚିଥିଲା। ଯାତ୍ରା ସମୟରେ ହିମାଳୟନରେ ତାପମାତ୍ରା ମାଇନସ୍ ୫ ଡିଗ୍ରୀ ରୁ ୧୦ ଡିଗ୍ରୀ ରହୁଥିଲା, ଅମ୍ଳଜାନ ମାତ୍ରା ମଧ କମ୍ ଥିଲା। ଏହି ଅଭିଯାନରେ ଉତ୍ତରାଖଣ୍ଡ ହିମାଳୟନର ପର୍ବତାରୋହଣ ଗାଇଡ୍ ଭାବେ ରବି ପୁମାର, ଉମେଶ ରାଣା ଓ ଅମ୍ବିକ ରାଣା ସହଯୋଗ କରିଥିଲେ।

# ‘ସବୁ ବିଜ୍ଞାନର ଜନନୀ ପଦାର୍ଥ ବିଜ୍ଞାନ’



ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ‘ସୁବର୍ଣ୍ଣ ଜୟନ୍ତୀ’ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

**ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ‘ସୁବର୍ଣ୍ଣ ଜୟନ୍ତୀ’**

ଭୁବନେଶ୍ୱର, ୩।୧(ବ୍ୟୁରୋ)

ପଦାର୍ଥ ବିଜ୍ଞାନ ହେଉଛି ସବୁ ବିଜ୍ଞାନର ଜନନୀ। ପଦାର୍ଥବିଜ୍ଞାନର ନୂତନ ଗବେଷଣା ହିଁ ବୌଦ୍ଧିକ ସଂସ୍କୃତିର ବିକାଶ ଏବଂ ଏହା ସମାଜ କଲ୍ୟାଣର ସାଧନ କରିପାରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ, ଦେଶରେ ବିଜ୍ଞାନ ଏବଂ ନବସୃଜନର ଅଭିବୃଦ୍ଧି ଦିଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥବିଜ୍ଞାନ ବିଭାଗର ଏକ ବଡ଼ ଯୋଗଦାନ କରିବାର ସାମର୍ଥ୍ୟ ରହିଛି। ଗତ ପାଞ୍ଚ ଦଶନ୍ଧି ଧରି ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ବିଶ୍ୱରେ ବୈଜ୍ଞାନିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପଦାର୍ଥ ବିଜ୍ଞାନ ସହ ଗଣିତ, ଇଂଲିଶ୍, ରସାୟନ ବିଜ୍ଞାନ ବିଷୟରେ ଆନ୍ତଃ ସମ୍ପର୍କ ରହିଛି। ଏହିସବୁ ବିଷୟ ପରସ୍ପର ସହ ଜଡ଼ିତ। ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ବିଷୟକ ଗବେଷଣା ଉପରେ ଗୁରୁତ୍ୱ ଦେଉଛି ବୋଲି କୁଳପତି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ବାଣୀବିହାର ପଦାର୍ଥ ବିଜ୍ଞାନ ପୁରାତନ ଛାତ୍ର ସଂଘ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର ‘ଆଡ୍‌ଭାନ୍‌ସେସ୍ ଇନ୍ ଫିଜିକ୍ସ’ ଆୟୋଜିତ ହୋଇଥିଲା। ଏଥିରେ ପୁଣେସ୍ଥିତ ଆଇଜରର ପ୍ରଫେସର ସୁନୀଲ ମୁଖୀ କ୍ୱାଣ୍ଟମ ଫିଜିକ୍ସ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅରୁଣ ପତି କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସମ୍ପର୍କରେ ସମ୍ୟକ୍ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରସଂଘ ସଭାପତି ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ପ୍ରଫେସର ଆର୍. ଶ୍ରୀଆନନ୍ଦ, ପ୍ରଫେସର ମଦନ ରାଓ, ପ୍ରଫେସର ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଣୀବିହାର ପଦାର୍ଥ ବିଜ୍ଞାନ ପୁରାତନ ଛାତ୍ର ସଂଘ ଉପସଭାପତି ଦୁର୍ଗା ପ୍ରସାଦ ସିଂହ ସ୍ୱାଗତ ଭାଷଣ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପଦାର୍ଥ ବିଜ୍ଞାନୀ, ଗବେଷକ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପ୍ରଫେସର ମୃତ୍ୟୁଞ୍ଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଔଷଧ ଦୋକାନୀଙ୍କୁ ମାଡ଼ମାରି ବାଇକ୍ ଲୁଟ୍

ବାରଙ୍ଗ,୩।୧(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ କୁଝେଇପଡ଼ା ପଞ୍ଚାୟତ ନିକଟରେ ସୋମବାର ରାତିରେ ଜଣେ ଯୁବକଙ୍କୁ ମାଡ଼ମାରି ବାଇକ୍‌କୁ ଛଡ଼ାଇନେଇଥିବାର ମଙ୍ଗଳବାର ଅଭିଯୋଗ ହୋଇଛି। ଚାନ୍ଦିନୀଚୌକ ଅଞ୍ଚଳର ଶେକ ହାଇଦର ଓରଫ ରାଜା ସିଆଇଏସ୍‌ଏଫ୍ ନିକଟରେ ଏକ ଔଷଧ ଦୋକାନ କରିଛନ୍ତି। ସୋମବାର ରାତି ୧୦ଟାରେ ଦୋକାନ ବନ୍ଦ କରି ସେ ପଲସର ବାଇକ୍ ଯୋଗେ ତ୍ରିଶୂଳିଆ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ୩ଜଣ ଯୁବକ ଏକ ସ୍କୁଟିରେ ବେଣ୍ଟକାରପଡା ବଜାରରୁ ରାଜାଙ୍କୁ ଅନୁସରଣ କରି ପରେ ଆଗକୁ ଯାଇଥିଲେ। ରାଜା ସନ୍ଦେହ ନ କରି ଯାଉଥିବାବେଳେ କୁନ୍ଦେଇପଡା ପଞ୍ଚାୟତ ନିକଟରେ ତିନିଜଣ ଯୁବକ ହଠାତ୍ ତାଙ୍କୁ ରୋକିବା ସହ ମାଡ଼ ମାରି ବାଇକ୍‌କୁ ଛଡାଇ ନେଇଯାଇଥିଲେ। ବାଇକରେ ରଖାଯାଇଥିବା କିଛି ଔଷଧ ଓ ଦୋକାନ ଚାବିକୁ ପକାଇ ଫେରାର ହୋଇଯାଇଥିଲେ। ଏହାପରେ ରାଜା ପୋଲିସ ସହାୟତା ନମ୍ବର ୧୧୨ ଏବଂ ବାରଙ୍ଗ ଥାନାକୁ ଖବର ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରାଜା ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସ୍କୁଲ ପରିଦର୍ଶନ କଲେ କେନ୍ଦ୍ର ଶିକ୍ଷା ସଚିବ



କେନ୍ଦ୍ର ସ୍କୁଲ ଶିକ୍ଷା ସଚିବ ସଞ୍ଜୟ ଶର୍ମା କ୍ୟାପିଟାଲ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୩।୧(ବ୍ୟୁରୋ)

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଗୁଣାତ୍ମକ ଶିକ୍ଷା ପ୍ରଦାନର ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱର ଆସିଥିଲେ। କେନ୍ଦ୍ର ସ୍କୁଲ ଶିକ୍ଷା ସଚିବ ସଞ୍ଜୟ ଶର୍ମା ଏବଂ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଏବଂ ଆଇକୋନିକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଛାତ୍ରୀଛାତ୍ର, ଶିକ୍ଷକ, ସ୍କୁଲ ପ୍ରଶାସନ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ସ୍କୁଲ ବିଲ୍ଡିଂ, ଲାଇବ୍ରେରୀ, ଖେଳପଡ଼ିଆ ବୁଲି ଦେଖିବା ସହିତ ଶିକ୍ଷକ-ଛାତ୍ରୀଛାତ୍ର ଅନୁପାତ ଓ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। କ୍ୟାପିଟାଲ ହାଇସ୍କୁଲର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଚାଲିଥିବା କ୍ଲାସ୍‌ରେ ସେମାନେ ପିଲାମାନଙ୍କ ସହିତ ବେଞ୍ଚରେ ବସିଥିଲେ। ଏହା ପରେ ସେମାନେ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କ ସହିତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଅଶ୍ୱଥୀ ଏସ୍., ଓସେପା ଏସ୍‌ପିଡି ଦୁର୍ଗା ପ୍ରସାଦ ମହାପାତ୍ର, ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଏସ୍‌ପିଡି ସଂଗ୍ରାମ କେଶରୀ ମହାପାତ୍ର ଏବଂ ମୋ ସ୍କୁଲ ସିଓଓ ଅମରଜିତ ଜେନା ଉପସ୍ଥିତ ଥିଲେ।

### ୨୦୨୨ରେ ୨୬୩ ନିଶାବେପାରୀ ଗିରଫ

#### ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ

ଭୁବନେଶ୍ୱର, ୩।୧ (ବ୍ୟୁରୋ)

ରାଜଧାନୀରେ ନିଶାଦ୍ରବ୍ୟ କାରବାର ବଢିବାରେ ଲାଗିଛି। ଏଥିରେ ରୋକ ଲଗାଇବାକୁ କମିଶନରେଟ ପୋଲିସ ପକ୍ଷରୁ ଅପରେଶନ ହ୍ୱାଇଟ ସ୍ୱାଇଡର ଅଭିଯାନ ଜାରି ରହିଛି। ଏହି କ୍ରମରେ ନିଶା କାରବାର ବିରୋଧରେ ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୨ ମସିହାରେ ୯୪ଟି ମାମଲାରେ ମୋଟ ୧୭୨ ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨ କେଜି ୫୫୮ ଗ୍ରାମ ଅଧିକ ବ୍ରାଉନସୁଗାର ଓ ନିଶାଦ୍ରବ୍ୟ ବିକ୍ରୟରୁ ଆୟ ହୋଇଥିବା ମୋଟ ୭ ଲକ୍ଷ ୬୩ ହଜାର ୩୦ ଟଙ୍କା ଜବତ ହୋଇଛି। ସେହିପରି ୪୦ଟି ଦୁଇ/ତିନି/ଚାରିଚକିଆ ଯାନ, ୮୨ଟି ମୋବାଇଲ, ୩୧୦ ଗ୍ରାମ୍ ସୁନାଗହଣା, ୪୫୦ ଗ୍ରାମ୍ ରୁପା, ଗୋଟିଏ ଲାପଟପ ଏବଂ ଗୋଟିଏ ରିଭଲଭର ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୪୫ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ୯୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ମୋଟ ୧୨ କୁଇଣ୍ଟାଲ ୬୮ କେଜି ୧୯୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ବିକ୍ରୟରୁ ଆୟ ହୋଇଥିବା ମୋଟ ୪୧ ହଜାର ୪୬୦ ଟଙ୍କା, ୩୧ ମୋବାଇଲ,୨୦ଟି ଯାନ ଏବଂ ଗୋଟିଏ ପିସ୍ତଲ ସହିତ ୫ଟି ଜୀବନ୍ତ ଗୁଳି ଜବତ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଗିରଫ ପରେ ଜେଲ ଗଲେ ସ୍ୱାମୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

**ରାଜଧାନୀରେ ମହିଳାଙ୍କୁ ହତ୍ୟା ଘଟଣା**

- ପୁଅକୁ ଘରେ ଛାଡ଼ିବାକୁ ନେଇ ହୋଇଥିଲା ଝଗଡ଼ା
- ରୀତାଙ୍କ ବେକକୁ ଶାଢ଼ିରେ ଚିପି ହତ୍ୟା କରିଥିଲେ

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟାରେ ରୀତା ନାୟକଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ବିଦ୍ୟାଧର ନାୟକ ଓରଫ ନାଲୁଙ୍କୁ ମଙ୍ଗଳବାର କମିଶନରେଟ ପୋଲିସ ଗିରଫ କରିଛି। ଅଭିଯୁକ୍ତ ନାଲୁଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁଅକୁ ଘରେ ଛାଡ଼ି ଦେବାକୁ ନେଇ ବିବାଦ ହେବାରୁ ସ୍ତ୍ରୀ ରୀତାଙ୍କୁ ତାଙ୍କରି ଶାଢ଼ି ଦ୍ୱାରା ବେକକୁ ଭିଡ଼ି ସ୍ୱାମୀ ବିଦ୍ୟାଧର ହତ୍ୟା କରିଥିଲେ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ରୀତା ପ୍ରଥମେ ନୟାଗଡ଼ର ଅର୍ଜୁନ ନାୟକଙ୍କୁ ବିବାହ କରିବା ପରେ ତାଙ୍କର ୨ଝିଅ ହୋଇଥିଲା। ୪ବର୍ଷ ପୂର୍ବରୁ ସେ ଭୁବନେଶ୍ୱର ଶିଖରଚଣ୍ଡୀରେ କାମ କରୁଥିବା ବେଳେ ସେଠାରେ ସିକ୍ୟୁରିଟି ଗାର୍ଡ ଥିବା ବିଦ୍ୟାଧରଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହାପରେ ପରିବାରକୁ ନ ଜଣାଇ ଉଭୟ ପରସ୍ପରକୁ ବିବାହ କରିଥିଲେ। ପରେ ସେମାନଙ୍କର ଏକ ପୁଅ ହୋଇଥିଲା। କିଛି ମାସ ତଳେ ଦୁହେଁ ଭୁବନେଶ୍ୱରକୁ ଫେରି ଆସି କୋରଡ଼କଣ୍ଟାରେ ଏକ ନିର୍ମାଣାଧୀନ ଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଏଥିସହ ସେଠାରେ ରୀତାଙ୍କ ଭାଇ ହରମ୍ବା ମଧ କାମ କରୁଥିଲେ।



ଗିରଫ ବିଦ୍ୟାଧର ନାୟକ

ଗତ ଡିସେମ୍ବର ୨୫ରେ ରୀତାଙ୍କୁ ନ ଜଣାଇ ୪ ବର୍ଷର ପୁଅକୁ ବିଦ୍ୟାଧର ନୟାଗଡ଼ ବାଣିଗୋଛା ଥାନା ଅନ୍ତର୍ଗତ କୁରୁଡାଙ୍ଗ ଗ୍ରାମସ୍ଥିତ ଘରେ ଛାଡ଼ି ଦେଇ ଆସିଥିଲେ। ପୁଅକୁ ଘରେ ଛାଡ଼ିଦେବାକୁ ନେଇ ଗତ ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତି ପ୍ରାୟ ୨ରୁ ୩ଟାରେ ବିଦ୍ୟାଧର ରୀତାଙ୍କୁ ନିର୍ମାଣାଧୀନ ଘର ବାହାରକୁ ଡାକି ଆଣି ତାଙ୍କ ଗଳାକୁ ଶାଢ଼ିରେ ଭିଡ଼ି ହତ୍ୟା କରିଥିଲେ। ଏହାପରେ ରୀତାଙ୍କ ମୃତଦେହକୁ ୧୦୦ ମିଟର ଦୂର ଆଉ ଏକ ପ୍ଲଟ୍‌ରେ ଥିବା ଭଙ୍ଗା ଆଜବେଷ୍ଟସ୍ ଘର ଭିତରେ ରଖି ଗଛଡାଳ ଘୋଡ଼ାଇ ଦେଇ ଫେରାର ହୋଇଯାଇଥିଲେ। ସୋମବାର ମୃତଦେହ ପଚି ଦୁର୍ଗନ୍ଧ ହୋଇଥିଲା। ଭାଇ ହରମ୍ବା ସେହି ଭଙ୍ଗାଘର ନିକଟକୁ ଯାଇ ରୀତାଙ୍କ ମୃତଦେହ ଦେଖି ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ହରମ୍ବାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଖାରବେଳନଗର ଥାନା ଅଞ୍ଚଳରୁ ଅଭିଯୁକ୍ତ ବିଦ୍ୟାଧରଙ୍କୁ କାବୁ କରିଥିଲା।

# ଲୋକଙ୍କୁ ସାମିଲ ପାଇଁ ବିଏମ୍‌ସିର ପ୍ରୟାସ

ଭୁବନେଶ୍ୱର, ୩।୧ (ବ୍ୟୁରୋ)

**ବିଶ୍ୱକପ୍ ହକି**

- ମଲ୍, ରେଷ୍ଟୁରାଣ୍ଟରେ ଲାଗିବ ବ୍ୟାନର, ରହିବ ସେଲ୍‌ଫି ଜୋନ୍
- ୱାର୍ଡବାସିନ୍ଦାଙ୍କୁ ସଚେତନ କରିବେ କର୍ପୋରେଟର

ବିଶ୍ୱକପ୍ ହକି ପାଇଁ ତତ୍ପରତା ପ୍ରକାଶ କରୁଛି ବିଏମ୍‌ସି। ଜାନୁୟାରୀ ୧୩ରେ ଏହା ଆରମ୍ଭ ହେବାକୁ ଥିବାବେଳେ ଆଉ ମାତ୍ର ୯ଦିନ ବାକି ରହିଛି। ଇତିମଧ୍ୟରେ ପୂରା ସହରର ରୂପରେଖ ବଦଳାଇବା ସହିତ ଜନସାଧାରଣଙ୍କୁ ହକିରେ ଅନ୍ତର୍ଭୁକ୍ତ କରିବା ପାଇଁ ଜୋର୍‌ଦାର ପ୍ରୟାସ କରୁଛି ବିଏମ୍‌ସି। ସହରର ଗଳିକନ୍ଦିରେ କିଭଳି ହକି ମାନିଆ ସୃଷ୍ଟି ହେବ ସେନେଇ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ସମସ୍ତ ମଲ, ବଡ ବଡ ରେଷ୍ଟୁରାଣ୍ଟରେ ହକି ସମ୍ପର୍କିତ ବ୍ୟାନର ଲଗାଇବା, ସେଲ୍‌ଫି ପଏଣ୍ଟ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାବାଦ୍ ବିଭିନ୍ନ ଆପାର୍ଟମେଣ୍ଟ, କଲୋନୀ ଅଞ୍ଚଳକୁ ଆଲୋକୀକରଣ କରିବା, ହକି ସଂକ୍ରାନ୍ତ ସ୍ଲୋଗାନ, ବ୍ୟାନର ଲଗାଇବାକୁ ଲୋକଙ୍କୁ ସଚେତନ କରାଯିବ। କର୍ପୋରେଟରମାନେ ବୁଲି ବୁଲି ଏନେଇ ଲୋକଙ୍କୁ ବୁଝାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଲୋନୀ ଏବଂ ଆପାର୍ଟମେଣ୍ଟବାସୀଙ୍କୁ ଏଥିପାଇଁ ନିଜେ ଖର୍ଚ୍ଚ କରିବାକୁ ପଡ଼ିବ। ନିଜ ନିଜ ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ କରି ତାହାକୁ ଫେସ୍‌ବୁକ୍, ଟୁଇଟର ସାହାଯ୍ୟରେ ଅପଲୋଡ୍ କରିବେ। ଏହାବାଦ୍ ଆପାର୍ଟମେଣ୍ଟ ଏବଂ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। ମହିଳା ଓ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ଷ୍ଟୋରୀ ଟେଲିଂ, ନୃତ୍ୟ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା କରାଯିବ। ଏହାଦ୍ୱାରା ଲୋକମାନେ ହକିରେ ଅଧିକ ଜଡ଼ିତ ହୋଇପାରିବେ। ସେହିପରି ୱାର୍ଡ ବାସିନ୍ଦାଙ୍କୁ ନେଇ ସାଇକ୍ଲୋଥନ୍, ମାରାଥନ୍ ଆଦି କରାଯିବାକୁ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ନିର୍ଦ୍ଦେଶ ଦେଇଥିଲେ। ବସ୍ତି, ଏସ୍‌ଏଚ୍‌ଜି ସଙ୍ଗଠନ ପାଇଁ ମଧ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ପେଣ୍ଟିଂ ଏବଂ ସୌନ୍ଦର୍ଯ୍ୟକରଣ କରାଯାଉଛି। ଅପରପକ୍ଷେ ସହରର ସମସ୍ତ ବିଦ୍ୟାଳୟରେ ଶପଥ ଗ୍ରହଣ ଉତ୍ସବ କରାଯିବ। ଘରେ କିମ୍ବା ନିଜ ଆଖପାଖରେ ଅଳିଆ ପକାଇବେ ନାହିଁ କିମ୍ବା ପକାଇବାକୁ ଦେବେନାହିଁ ବୋଲି ଏଥିରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ଶପଥ ନେବେ। ବିଭିନ୍ନ ୱାର୍ଡରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ। କେବଳ ହକି ପାଇଁ ନୁହେଁ ବରଂ ଏହାପରେ ବି ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଏହାବାଦ୍ ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ଛୋଟ ଛୋଟ ଷ୍ଟଲ କରାଯିବ। ସେଠାରେ କିଛି ଲୋକ ନିୟୋଜିତ ରହିବେ। ଛୋଟପିଲା ବା ଅନ୍ୟ କେହି ସେଠାକୁ ଯାଇ ତ୍ରିରଙ୍ଗା, ହକିର ଷ୍ଟିକର ବା ଟାଟୁ କରି ପାରିବେ। ସେହିପରି ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ୱାର୍ଡକୁ ବେଷ୍ଟ ୱାର୍ଡ ଭାବେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।



ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଅଧିକାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ବିକାଶ କ୍ଷେତ୍ରରେ ଜାନକୀ ବଲ୍ଲଭଙ୍କ ଅବଦାନ ଅତୁଳନୀୟ

**ବେଗୁନିଆ,୩।୧(ଡି.ଏନ୍.ଏ.):** ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ଜୟନ୍ତୀ ମଙ୍ଗଳବାର ବେଗୁନିଆସ୍ଥିତ ଜାନକୀ ବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଆଦର୍ଶ କ୍ଲବ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ନୀଳମଣି ପ୍ରଧାନଙ୍କ ସଂଯୋଜନାରେ ପ୍ରାରମ୍ଭରେ ପଟ୍ଟନାୟକଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ବ୍ରହ୍ମାନନ୍ଦ ରାଜଗୁରୁ ବେଦପାଠ କରିବା ପରେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ସୁଧାକର ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିବନ୍ଧୁ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ବେଗୁନିଆ ଓ ବୋଲଗଡ଼ର ବିକାଶ କ୍ଷେତ୍ରରେ ଜାନକୀ ବଲ୍ଲଭଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କାଳନ୍ଦୀ ଚରଣ ମହାପାତ୍ର, ମଧୁସୂଦନ ସୁବୁଦ୍ଧି, ବ୍ରଜବନ୍ଧୁ ପଣ୍ଡା, ମଦନ ମୋହନ ସାହୁ, ପ୍ରଶାନ୍ତ ବାରିକ, ହରେକୃଷ୍ଣ ପଣ୍ଡା, ଭ୍ରମର ଦାସ, ସୋମନାଥ ସାହୁ, ଡା. ସୁଶୀଲ ମହାପାତ୍ର, ସୁରେଶ ସାହୁ, ଚିରଞ୍ଜୀବୀ ସାହୁ, କାଳୁ ଚରଣ ନାୟକ, ବିଭୁ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ବାଲୁଗାଁ,୩।୧(ଡି.ଏନ୍.ଏ.):** ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ବିନତି ମଞ୍ଜରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ, ଅତିଥିଭାବେ ନେହେରୁ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ଶ୍ରୀ ସୋମ୍ ଯୋଗଦେଇ କର୍ତ୍ତବ୍ୟ ପରାୟଣ ସମାଜସେବା ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସର ସଫେଇ କରିବା ସହ ଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି ପରିଚାଳନା କରିଥିଲେ। ଉକ୍ତ ଶିବିରରେ ୧୦୦ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

### ଅସହାୟଙ୍କୁ ସହାୟତା

**ଜଟଣୀ,୩।୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୫ କାଉନସିଲର କାଜଲ ଦାଶ ରାଜବଜାର(ଗଜପତିନଗର) ଅଞ୍ଚଳରେ ୧୨୦ଜଣ ଅସହାୟ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ପ୍ରଦାନ କରିଛନ୍ତି। ନୂତନ ଚିନ୍ତାନେଇ ଯୁବ ସମାଜକୁ ସମାଜସେବା କ୍ଷେତ୍ରରେ ମନୋନିବେଶ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ କରିଥିଲେ ବୋଲି ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ ଅନୁଷ୍ଠାନ ଆଶ୍ରୟ ସଦସ୍ୟ ମଧୁସୂଦନ ଅଗ୍ରୱାଲ, ବ୍ୟବସାୟୀ ସରୋଜ ବଳିୟାରସିଂଙ୍କ ସମେତ ଅଧିବକ୍ତା ଚିତ୍ତନ ଦଳାଇ ସହଯୋଗ କରିଥିଲେ। କାଉନସିଲର ଦାଶଙ୍କ ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

### ଅମାନିଆଙ୍କଠାରୁ ୧୦ ଲକ୍ଷ ଜରିମାନା ଆଦାୟ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ରାଜଧାନୀରେ ଜୋରଦାର ଧରପଗଡ଼ ଚାଲିଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଏହିକ୍ରମରେ ସୋମବାର ଓ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ କମିଶନରେଟ ପୋଲିସ ୧୦ ଲକ୍ଷ ୫୭ ହଜାର ୬୦୦ ଟଙ୍କା ଆଦାୟ କରିଛି। ସହରର ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇ ମୋଟ ୩୭୯ ଅମାନିଙ୍କଠାରୁ ୧ ଲକ୍ଷ ୭୬ ହଜାର ଆଦାୟ କରାଯାଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ଖୋଲାସ୍ଥାନରେ ମଦ୍ୟପାନ କରୁଥିବା ୩୨୫ ଅମାନିଆଙ୍କଠାରୁ ୧ ଲକ୍ଷ ୬୨ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ସର୍ବସାଧାରଣରେ ଧୂମପାନ କରୁଥିବା ୩୮ଜଣଙ୍କଠାରୁ ୪ ହଜାର ୬୦୦ ଟଙ୍କା ଏବଂ ଏମ୍‌ଭି ଆକ୍ଟ ଉଲ୍ଲଂଘନ ଅଭିଯୋଗରେ ୧୦ ଜଣଙ୍କଠାରୁ ୯ ହଜାର ୫୦୦ ଟଙ୍କା ଆଦାୟ ହୋଇଛି। ୪ଟି ଅବକାରୀ ମାମଲା ରୁଜୁ ସହ ୪୪ ଲିଟର ମଦ ଜବତ କରାଯାଇଛି। ଅନ୍ୟପଟେ କମିଶନରେଟ ପୋଲିସର ଟ୍ରାଫିକ କର୍ମଚାରୀମାନେ ୮୫୮ ଜଣ ଅମାନିଆଙ୍କଠାରୁ ମୋଟ ୮ ଲକ୍ଷ ୮୧ ହଜାର ଜରିମାନା ଆଦାୟ କରିଛନ୍ତି।

# ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

- ନାଲ୍‌କୋ ଛକରେ ମହିଳାଙ୍କ ଉପରେ ଚଢ଼ିଗଲା ବସ୍
- ହାଇଟେକ ଛକରେ ଟ୍ରକ୍ ଧକ୍କାରେ ଯୁବକଙ୍କ ଜୀବନ ଗଲା

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ରାଜଧାନୀରେ ମଙ୍ଗଳବାର ପୃଥକ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଦୁଇଜଣଙ୍କର ଜୀବନ ଯାଇଛି। ଗୋଟିଏ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହାଇଟେକ୍ ଛକରେ ଏବଂ ଅନ୍ୟଟି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନାଲ୍‌କୋ ଛକରେ ଘଟିଛି। ହାଇଟେକ ଛକରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଅନ୍ତର୍ଗତ ବୁଢାପଙ୍କ ଗ୍ରାମର କାଳିଆ ଓରଫ ଦେବାଶିଷ ପ୍ରଧାନ (୨୩)। ସେହିପରି ନାଲ୍‌କୋ ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରାଧାକୃଷ୍ଣ ଲେନ ବସ୍ତିର ଫୁଲ ବିନ୍ଧାଣୀ (୪୫)ଙ୍କ ମୃତ୍ୟୁ ଘଟିଛି। ଉକ୍ତ ୨ଟି ସ୍ଥାନରେ ଦୁର୍ଘଟଣା ଯୋଗୁ କିଛି ସମୟ ଟ୍ରାଫିକ ଜାମ୍ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଯାତାୟତ ସ୍ୱାଭାବିକ କରିଥିଲା।



ଜବତ ବସ୍ ଓ ଟ୍ରକ୍।

ସୂଚନାନୁଯାୟୀ, ଅପରାହ୍ନରେ ଫୁଲ ନାଲ୍‌କୋ ଅଫିସ ପାର୍ଶ୍ୱରୁ ଅପରପଟକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ପ୍ରେସ୍ ଛକ ପଟୁ ଯାଉଥିବା 'ଶିବଶଙ୍କର' ନାମକ ଘରୋଇ ବସ୍ (ନଂ. ଓଆର୍ ୦୫-ଏଡବ୍ଲ୍ୟୁ ୧୧୬୧) ଟ୍ରାଫିକ ଛକରେ ତାଙ୍କୁ ଧକ୍କା ଦେବା ସହ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ବସ୍‌ଟି ରାସ୍ତା ମଝିରେ ଅଟକି ରହିବାରୁ ସେଠାରେ ଟ୍ରାଫିକ ଜାମ୍ ହୋଇଥିଲା। ଏହାର ସୁଯୋଗ ନେଇ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ସେଠାରେ ଚାପା ଉତ୍ତେଜନା ଦେଖାଦେବା ସହ କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ କମିଶନରେଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ବସ୍ ଜବତ କରି ଥାନାକୁ ନେବା ସହ ପରେ ତଦନ୍ତ କରି ଡ୍ରାଇଭରଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

ସେହିପରି ଅନ୍ୟ ଏକ ଘଟଣାରେ ଅପରାହ୍ନରେ ହାଇଟେକ ଛକ ରାସ୍ତା ଦେଇ ବାଇକ (ନଂ. ଓଡି ୧୯ବି ୩୨୪୬) ଯୋଗେ ବଣ୍ଟରପାଳର ଦେବାଶିଷ କଟକ ଫେରୁଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଏକ ଟ୍ରକ (ନଂ. ଓଡି ୦୪ ଏଲ୍ ୦୯୯୦) ଧକ୍କା ଦେଇଥିଲା। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ତେବେ ସ୍ଥାନୀୟ ଲୋକେ ଗାଡ଼ି ଅଟକାଇ ତାଙ୍କୁ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି।

# ହିମାଳୟନର 'କୁଆରି ପାସ୍' ପର୍ବତାରୋହଣ କଲେ ୩ ଓଡ଼ିଆ



**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ଜାତୀୟ ସ୍ତରରେ ପୁଣି ଥରେ ସଫଳତାର ଶିଖର ଚଢ଼ିଛନ୍ତି ଓଡ଼ିଆ ପର୍ବତାରୋହୀ। ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ୩ ଜଣିଆ ପର୍ବତାରୋହୀ ଦଳ ସଫଳତାର ସହ କୁଆରୀ ପାସ୍ ପର୍ବତାରୋହଣ କରିଛନ୍ତି। ଡିସେମ୍ବର ୩୧ ମଧ୍ୟାହ୍ନ ୧୨ଟା ୩୦ରେ ଉତ୍ତରାଖଣ୍ଡ ହିମାଳୟନର ଚାମୋଲି ଜିଲାରେ ଅବସ୍ଥିତ ପର୍ବତ କୁଆରୀ ପାସ୍‌ର ଶିଖର ୧୨ହଜାର ୫୧୬ ଫୁଟ ଉଚ୍ଚତାରେ ପହଞ୍ଚିଥିଲେ। ଏହି ଅଭିଯାନ ଡିସେମ୍ବର ୨୮ରୁ ବେସ୍ କ୍ୟାମ୍ପ ଯୋଶୀମଠ ଠାରୁ ଆରମ୍ଭ ହୋଇ ଜାନୁୟାରୀ ୧ରେ ପିପଲକୋଟିଠାରେ ଶେଷ ହୋଇଥିଲା। ଦଳରେ ଏନ୍‌ସିସି ୫ମ ଓଡ଼ିଶା ବାଟାଲିୟନ ସିଟିଓ ତୃପ୍ତିମୟୀ ପ୍ରଧାନ ଏବଂ ଝରଣା ସାହୁ ସାମିଲ ଥିଲେ। ଏହି ଯାତ୍ରାକୁ ଭାରତୀୟ ପର୍ବତାରୋହଣ ସଂସ୍ଥାନ, ନୂଆଦିଲ୍ଲୀ ସ୍ୱୀକୃତି ପ୍ରଦାନ କରିଥିଲେ। ମୋଟ୍ ୬ଦିନର ଏହି ହିମାଳୟ ଯାତ୍ରା ଥିଲା। ପ୍ରଥମେ ଯୋଶୀମଠ ଠାରୁ ଗୁଆଲିଙ୍ଗ କ୍ୟାମ୍ପ (୯୨୫୨ ଫୁଟ), ପରେ ଖୁଲାରା କ୍ୟାମ୍ପ (୧୧୦୦୦ ଫୁଟ) ଏବଂ ଶେଷରେ ଖୁଲାରା କ୍ୟାମ୍ପଠାରୁ ଦୀର୍ଘ ୬ଘଣ୍ଟାର ଦୁଃସାହସିକ ଆରୋହଣ କରି ହାଇ ଆଲ୍‌ଟିଚ୍ୟୁଟ୍ କୁଆରି ପାସ ଶିଖରେ ପହଞ୍ଚିଥିଲେ। ସେଠାରେ ଜାତୀୟ ପତାକା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଧାତ୍ମିକ ପତାକା ଏବଂ ଏନ୍‌ସିସି ପତାକା ଉଡ଼ାଇବା ସହ ହକି ବିଶ୍ୱକପ, ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ, ବରଗଡ଼ ତଥା କଳାହାଣ୍ଡି ଜିଲାର କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୩ ଉଦ୍ଦେଶ୍ୟରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ପୁନଶ୍ଚ ଦୀର୍ଘ ୪ ଘଣ୍ଟାର ଅବତରଣ କଲା ପରେ ଖୁଲାରା କ୍ୟାମ୍ପରେ ଦଳ ପହଞ୍ଚିଥିଲା। ଯାତ୍ରା ସମୟରେ ହିମାଳୟନରେ ତାପମାତ୍ରା ମାଇନସ୍ ୫ ଡିଗ୍ରୀ ରୁ ୧୦ ଡିଗ୍ରୀ ରହୁଥିଲା, ଅମ୍ଳଜାନ ମାତ୍ରା ମଧ୍ୟ କମ୍ ଥିଲା। ଏହି ଅଭିଯାନରେ ଉତ୍ତରାଖଣ୍ଡ ହିମାଳୟନର ପର୍ବତାରୋହଣ ଗାଇଡ୍ ଭାବେ ରବି ପୁମାର, ଉମେଶ ରାଣା ଓ ଅମ୍ବିକ ରାଣା ସହଯୋଗ କରିଥିଲେ।

# 'ସବୁ ବିଜ୍ଞାନର ଜନନୀ ପଦାର୍ଥ ବିଜ୍ଞାନ'


ପଦାର୍ଥ ବିଜ୍ଞାନ ବିଭାଗର 'ସୁବର୍ଣ୍ଣ ଜୟନ୍ତୀ' ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥି।

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

**ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର 'ସୁବର୍ଣ୍ଣ ଜୟନ୍ତୀ'**

ପଦାର୍ଥ ବିଜ୍ଞାନ ହେଉଛି ସବୁ ବିଜ୍ଞାନର ଜନନୀ। ପଦାର୍ଥବିଜ୍ଞାନର ନୂତନ ଗବେଷଣା ହିଁ ବୌଦ୍ଧିକ ସଂସ୍କୃତିର ବିକାଶ ଏବଂ ଏହା ସମାଜ କଲ୍ୟାଣର ସାଧନ କରିପାରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ, ଦେଶରେ ବିଜ୍ଞାନ ଏବଂ ନବସୃଜନର ଅଭିବୃଦ୍ଧି ଦିଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥବିଜ୍ଞାନ ବିଭାଗର ଏକ ବଡ଼ ଯୋଗଦାନ କରିବାର ସାମର୍ଥ୍ୟ ରହିଛି। ଗତ ପାଞ୍ଚ ଦଶନ୍ଧି ଧରି ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ବିଶ୍ୱରେ ବୈଜ୍ଞାନିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପଦାର୍ଥ ବିଜ୍ଞାନ ସହ ଗଣିତ, ଇଂଲିଶ୍, ରସାୟନ ବିଜ୍ଞାନ ବିଷୟରେ ଆନ୍ତଃ ସମ୍ପର୍କ ରହିଛି। ଏହିସବୁ ବିଷୟ ପରସ୍ପର ସହ ଜଡ଼ିତ। ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ବିଷୟକ ଗବେଷଣା ଉପରେ ଗୁରୁତ୍ୱ ଦେଉଛି ବୋଲି କୁଳପତି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ବାଣୀବିହାର ପଦାର୍ଥ ବିଜ୍ଞାନ ପୁରାତନ ଛାତ୍ର ସଂଘ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର 'ଆଡ୍‌ଭାନ୍‌ସେସ୍ ଇନ୍ ଫିଜିକ୍ସ' ଆୟୋଜିତ ହୋଇଥିଲା। ଏଥିରେ ପୁଣେସ୍ଥିତ ଆଇଜରର ପ୍ରଫେସର ସୁନୀଲ ମୁଖୀ କ୍ୱାଣ୍ଟମ ଫିଜିକ୍ସ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅରୁଣ ପତି କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସମ୍ପର୍କରେ ସମ୍ୟକ୍ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରସଂଘ ସଭାପତି ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ପ୍ରଫେସର ଆର୍. ଶ୍ରୀଆନନ୍ଦ, ପ୍ରଫେସର ମଦନ ରାଓ, ପ୍ରଫେସର ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଣୀବିହାର ପଦାର୍ଥ ବିଜ୍ଞାନ ପୁରାତନ ଛାତ୍ର ସଂଘ ଉପସଭାପତି ଦୁର୍ଗା ପ୍ରସାଦ ସିଂହ ସ୍ୱାଗତ ଭାଷଣ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପଦାର୍ଥ ବିଜ୍ଞାନୀ, ଗବେଷକ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପ୍ରଫେସର ମୃତ୍ୟୁଞ୍ଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦୨୨ରେ ୨୬୩ ନିଶାବେପାରୀ ଗିରଫ

**ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ**

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ଦିନକୁ ଦିନ ରାଜଧାନୀରେ ନିଶାଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ତେଣୁ ଏଥିରେ ରୋକ ଲଗାଇବାକୁ କମିଶନରେଟ ପୋଲିସ ପକ୍ଷରୁ ଅପରେଶନ ହ୍ୱାଇଟ ସ୍ୱାଇଡର ଅଭିଯାନ ଜାରି ରହିଛି। ଏହି କ୍ରମରେ ନିଶା କାରବାର ବିରୋଧରେ ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୨ ମସିହାରେ ୯୪ଟି ମାମଲାରେ ମୋଟ ୧୭୨ ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨ କେଜି ୫୫୮ ଗ୍ରାମ ଅଧିକ ବ୍ରାଉନ ସୁଗାର ଓ ନିଶା ଦ୍ରବ୍ୟ ବିକ୍ରୟରୁ ଆୟ ହୋଇଥିବା ମୋଟ ୭ ଲକ୍ଷ ୬୩ ହଜାର ୩୦ ଟଙ୍କା ଜବତ ହୋଇଛି। ସେହିପରି ୪୦ଟି ଦୁଇ/ତିନି/ଚାରିଚକିଆ ଯାନ, ୮୨ଟି ମୋବାଇଲ, ୩୧୦ ଗ୍ରାମ୍ ସୁନାଗହଣା, ୪୫୦ ଗ୍ରାମ୍ ରୁପା, ଗୋଟିଏ ଲାପଟପ ଏବଂ ଗୋଟିଏ ରିଭଲଭର ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୪୫ ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ୯୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ମୋଟ ୧୨ କୁଇଣ୍ଟାଲ ୬୮ କେଜି ୧୯୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ବିକ୍ରୟରୁ ଆୟ ହୋଇଥିବା ମୋଟ ୪୧ ହଜାର ୪୬୦ ଟଙ୍କା, ୩୧ ମୋବାଇଲ,୨୦ଟି ଦୁଇ/ତିନି/ଚାରି ଚକିଆ ଯାନ ଏବଂ ଗୋଟିଏ ପିସ୍ତଲ ସହିତ ୫ଟି ଜୀବନ୍ତ ଗୁଳି ଜବତ ହୋଇଥିବା କମିଶନରରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବଳରାମ ଦେବ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

**ଟାଙ୍ଗୀ(ଖୋର୍ଦ୍ଧା), ୩।୧(ଡି.ଏନ୍.ଏ.)**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ୮୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୁରାତନ ଛାତ୍ର ସଂସଦର ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ବିଜୟ କୁମାର ରାଉତ, ପରିଚାଳନା କମିଟି ସଭାପତି ସୁନିଲ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ପୁରାତନ ଛାତ୍ର ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଯାପନ, ନିଷ୍ଠାପର ଉଦ୍ୟମ, ଭଲମଣିଷ ହେବା ପାଇଁ ସ୍ୱପ୍ନ ଦେଖିବା ସହ ସମସ୍ତେ ନିଜର ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତିରେ ସହଯୋଗ କରିବାକୁ କହିଥିଲେ। ବୈଠକ ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ପାଞ୍ଚ ମହାପୁରୁଷ ଓ ପୂର୍ବତନ ପ୍ରଧାନ ଶିକ୍ଷକ ଡମ୍ବରୁଧର ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଚାଳନା କମିଟି ସଭ୍ୟ ଯୁଧିଷ୍ଠିର ବେହେରା, ହିମାଂଶୁ ରାଉତ, ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ପରିଡ଼ା, ଭାଗ୍ୟଶ୍ରୀ ମହାରଣା, ସୁଶ୍ରୀ ସଙ୍ଗୀତା ଦଳାଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଗରିମାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

# ସ୍କୁଲ ପରିଦର୍ଶନ କଲେ କେନ୍ଦ୍ର ଶିକ୍ଷା ସଚିବ

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଗୁଣାତ୍ମକ ଶିକ୍ଷା ପ୍ରଦାନର ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧି ଧଳ ମଙ୍ଗଳବାର ଭୁବନେଶ୍ୱର ଆସିଥିଲେ। କେନ୍ଦ୍ର ସ୍କୁଲ ଶିକ୍ଷା ସଚିବ ସଞ୍ଜୟ ଶର୍ମା ଏବଂ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ଏବଂ ଆଇକୋନିକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଛାତ୍ରୀଛାତ୍ର, ଶିକ୍ଷକ, ସ୍କୁଲ ପ୍ରଶାସନ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ସ୍କୁଲ ବିଲ୍ଡିଂ, ଲାଇବ୍ରେରୀ, ଖେଳପଡ଼ିଆ ବୁଲି ଦେଖିବା ସହିତ ଶିକ୍ଷକ-ଛାତ୍ରୀଛାତ୍ର ଅନୁପାତ ଓ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। କ୍ୟାପିଟାଲ ହାଇସ୍କୁଲର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଚାଲିଥିବା କ୍ଲାସ୍‌ରେ ସେମାନେ ପିଲାମାନଙ୍କ ସହିତ ବେଞ୍ଚ୍‌ରେ ବସିଥିଲେ। ଏହା ପରେ ସେମାନେ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ହାତୀ ଆକ୍ରମଣରେ ମହିଳା ଗୁରୁତର

**ଖୋର୍ଦ୍ଧା ଅଫିସ,୩।୧**

ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଖାଦ୍ୟ ଲାଳସାରେ ଗାଁମୁହାଁ ହେଉଛନ୍ତି। ହାତୀ ହାବୁଡରେ ପଡି ଲୋକଙ୍କ କେତେବେଳେ ଜୀବନ ଗଲାଣି ତକେତେବେଳେ ଆହତ ହେଉଛନ୍ତି। ହାତୀ-ମଣିଷ ଲଢେଇରେ ହାତୀଙ୍କ ମଧ ମୃତ୍ୟୁ ଘଟୁଛି। ମଙ୍ଗଳବାର ଭୋରୁ ଶୌଚ ହୋଇ ଫେରିବା ବେଳେ ଦନ୍ତା ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଚାନ୍ଦପୁର ଥାନା ବରପଲ୍ଲୀ ଗ୍ରାମର ରୁଲୁ ମାଝୀ(୩୫)। ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଏକ ଗୋଠଛଡା ଦନ୍ତା ବିଳମ୍ବିତ ରାତିରେ ଗ୍ରାମକୁ ପଶି ଆସିଥିଲା। ରାତିସାରା ଗାଁରେ ବୁଲାବୁଲି କରୁଥିଲା। ଭୋରୁ ଶୌଚ ହେବାକୁ ଯାଇଥିବା ରୁଲୁ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ପହଞ୍ଚି ହାତୀକୁ ନିକଟ ଜଙ୍ଗଲକୁ ଘଉଡାଇଥିବା ବେଳେ ଆହତ ରୁଲୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଜାନୁୟାରୀ ପହିଲା ବିଳମ୍ବିତ ରାତିରେ ସିକୋ ଗ୍ରାମରେ ଧାନଖଳାରେ ହାତୀ ଆକ୍ରମଣରେ ରତ୍ନାକର ବେହେରାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୀନବନ୍ଧୁ ବରାଡ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ୨୦୨୨ ଡିସେମ୍ବର ୩୦ରେ ମଙ୍ଗଳାଯୋଡି ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିଲେ। ସେପ୍ଟେମ୍ବରରେ ହରିପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଟାଙ୍ଗୀ ବନାଞ୍ଚଳରେ ଏକ ୧୬ଟିକିଆ ହାତୀପଲ ରହିଥିବା ଜଣାପଡ଼ିଛି। ଏନେଇ ଟାଙ୍ଗୀ ବନ ଅଧିକାରୀ ଦେବାଶିଷ ଭୋଇ କୁହନ୍ତି, ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ବନ କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ କରୁଛନ୍ତି। ଫସଲ ନଷ୍ଟ ଏବଂ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଲେ ଉପଯୁକ୍ତ କ୍ଷତିଭରଣାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଏନେଇ କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଖୋର୍ଦ୍ଧା ବନଖଣ୍ଡ ଖୋର୍ଦ୍ଧା ଓ ଟାଙ୍ଗୀ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ପ୍ରତିବର୍ଷ ବିଲ, ଖଳାରେ ପଶି ହାତୀପଲ ଧାନ ଖାଇ ଯାଉଛନ୍ତି। ବନ ବିଭାଗ କେବଳ କ୍ଷତିପୂରଣ ଦେଇ ଚୁପ୍ ବସିଯାଉଛି ବୋଲି ସେ କହିଛନ୍ତି।

# ଲୋକଙ୍କୁ ସାମିଲ ପାଇଁ ବିଏମ୍‌ସିର ପ୍ରୟାସ

**ବିଶ୍ୱକପ୍ ହକି**

- ମଲ, ରେଷ୍ଟୁରାଣ୍ଟରେ ଲାଗିବ ବ୍ୟାନର, ରହିବ ସେଲ୍‌ଫି ଜୋନ୍
- ୱାର୍ଡବାସିନ୍ଦାଙ୍କୁ ସଚେତନ କରିବେ କର୍ପୋରେଟର

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ବିଶ୍ୱକପ୍ ହକି ପାଇଁ ତତ୍ପରତା ପ୍ରକାଶ କରୁଛି ବିଏମ୍‌ସି। ଜାନୁୟାରୀ ୧୩ରେ ଏହା ଆରମ୍ଭ ହେବାକୁ ଥିବାବେଳେ ଆଉ ମାତ୍ର ୯ଦିନ ବାକି ରହିଛି। ଇତିମଧ୍ୟରେ ପୁରା ସହରର ରୂପରେଖ ବଦଳାଇବା ସହିତ ଜନସାଧାରଣଙ୍କୁ ହକିରେ ଅନ୍ତର୍ଭୁକ୍ତ କରିବା ପାଇଁ ଜୋର୍‌ଦାର ପ୍ରୟାସ କରୁଛି ବିଏମ୍‌ସି। ସହରର ଗଳିକନ୍ଦିରେ କିଭଳି ହକି ମାନିଆ ସୃଷ୍ଟି ହେବ ସେନେଇ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ସମସ୍ତ ମଲ, ବଡ ବଡ ରେଷ୍ଟୁରାଣ୍ଟରେ ହକି ସମ୍ପର୍କିତ ବ୍ୟାନର ଲଗାଇବା, ସେଲ୍‌ଫି ପଏଣ୍ଟ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାବାଦ୍ ବିଭିନ୍ନ ଆପାର୍ଟମେଣ୍ଟ, କଲୋନୀ ଅଞ୍ଚଳକୁ ଆଲୋକୀକରଣ କରିବା, ହକି ସଂକ୍ରାନ୍ତ ସ୍ଲୋଗାନ, ବ୍ୟାନର ଲଗାଇବାକୁ ଲୋକଙ୍କୁ ସଚେତନ କରାଯିବ। କର୍ପୋରେଟରମାନେ ବୁଲି ବୁଲି ଏନେଇ ଲୋକଙ୍କୁ ବୁଝାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଲୋନୀ ଏବଂ ଆପାର୍ଟମେଣ୍ଟବାସୀଙ୍କୁ ଏଥିପାଇଁ ନିଜେ ଖର୍ଚ୍ଚ କରିବାକୁ ପଡ଼ିବ। ନିଜ ନିଜ ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ କରି ତାହାକୁ ଫେସ୍‌ବୁକ୍, ଟୁଇଟର ସାହାଯ୍ୟରେ ଅପଲୋଡ୍ କରିବେ। ଏହାବାଦ୍ ଆପାର୍ଟମେଣ୍ଟ ଏବଂ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। ମହିଳା ଓ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ଷ୍ଟୋରୀ ଟେଲିଂ, ନୃତ୍ୟ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା କରାଯିବ। ଏହାଦ୍ୱାରା ଲୋକମାନେ ହକିରେ ଅଧିକ ଜଡ଼ିତ ହୋଇପାରିବେ। ସେହିପରି ୱାର୍ଡ ବାସିନ୍ଦାଙ୍କୁ ନେଇ ସାଇକ୍ଲୋଥନ୍, ମାରାଥନ୍ ଆଦି କରାଯିବାକୁ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ନିର୍ଦ୍ଦେଶ ଦେଇଥିଲେ। ବସ୍ତି, ଏସ୍‌ଏଚ୍‌ଜି ସଙ୍ଗଠନ ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ପେଣ୍ଟିଂ ଏବଂ ସୌନ୍ଦର୍ଯ୍ୟକରଣ କରାଯାଉଛି। ଅପରପକ୍ଷେ ସହରର ସମସ୍ତ ବିଦ୍ୟାଳୟରେ ଶପଥ ଗ୍ରହଣ ଉତ୍ସବ କରାଯିବ। ଘରେ କିମ୍ବା ନିଜ ଆଖପାଖରେ ଅଳିଆ ପକାଇବେ ନାହିଁ କିମ୍ବା ପକାଇବାକୁ ଦେବେନାହିଁ ବୋଲି ଏଥିରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟତ୍ରୀ ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ଶପଥ ନେବେ। ବିଭିନ୍ନ ୱାର୍ଡରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ। କେବଳ ହକି ପାଇଁ ନୁହେଁ ବରଂ ଏହାପରେ ବି ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଏହାବାଦ୍ ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ଛୋଟ ଛୋଟ ଷ୍ଟଲ କରାଯିବ। ସେଠାରେ କିଛି ଲୋକ ନିୟୋଜିତ ରହିବେ। ଛୋଟପିଲା ବା ଅନ୍ୟ କେହି ସେଠାକୁ ଯାଇ ତ୍ରିରଙ୍ଗା, ହକିର ଷ୍ଟିକର ବା ଟାଟୁ କରି ପାରିବେ। ସେହିପରି ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ୱାର୍ଡକୁ ବେଷ୍ଟ ୱାର୍ଡ ଭାବେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।


ବୈଠକରେ ମେୟର ସୁଲୋଚନା ଦାସ, ଅଧିକାରୀ ଏବଂ ଅନ୍ୟମାନେ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ବିଶ୍ୱଜିତ ପୁରସ୍କୃତ

ମାହାଙ୍ଗା (ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ବାଜପୁରାର ନବମ ଶ୍ରେଣୀର ଛାତ୍ର ବିଶ୍ୱଜିତ ବାରିକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ୩୯ ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଏକକ ନୃତ୍ୟ ପରିବେଷଣ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲାପାଳ ଭବାନୀ ଶଙ୍କର ଚୟନୀ ଛାତ୍ର ବାରିକଙ୍କୁ ପୁଷ୍ପଗୁଚ୍ଛ ,ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।



## ସଂକ୍ଷେପରେ

### ପଣ୍ଡିତ ବିଶ୍ୱନାଥଙ୍କ ୧୦୪ତମ ଜୟନ୍ତୀ

ତିଗିରିଆ,୩୧(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଶ୍ରମିକ ଭବନରେ ପଣ୍ଡିତ ବିଶ୍ୱନାଥଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ତିଗିରିଆ ଶ୍ରମିକ ସଂଘ ସଭାପତି ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରି ପଣ୍ଡିତଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ମଲ୍ଲିକ, ସନ୍ତୋଷ ସାମଲ, ସଞ୍ଜୟ ସାମଲ, ତ୍ରିଲୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଧାନକ୍ରୟର ଶୁଭାରମ୍ଭ

ବଡ଼ମ୍ବା,୩୧(ଡି.ଏନ.ଏ ): ସେହିପରି ବଡ଼ମ୍ବା ଗଡ଼ ସେବା ସମବାୟ ସମିତିର ଧାନମଣ୍ଡିରେ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଏଥିରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସମବାୟ ସମିତି ସଭାପତି ତଥା ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ପରିଡ଼ା, ସଦସ୍ୟ ଦେବାଶିଷ ପରିଡା, ବିଜେଡି ନେତା ଟୁକୁନା ବରାଳ, ସମିତି ସଭ୍ୟ ଗୋଲାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଚୌଦ୍ୱାର, ୩୧(ଡି.ଏନ୍.ଏ.): ରୟାଲ କ୍ରିକେଟ୍ ସ୍ପୋର୍ଟ୍ସ ପକ୍ଷରୁ କଖଡ଼ି ଗାନ୍ଧୀହାଟ ପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ଦିଲୀପ କୁମାର ଛତାର ଏହାକୁ ଉଦ୍‌ଘାଟନ କରିଥିଲେ। ଧୁରୁଷିଆ ପଞ୍ଚାୟତ ଓ ଘଣ୍ଟିଖାଲ ପଞ୍ଚାୟତ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ପ୍ରଥମେ ଧୁରୁଷିଆ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୭ ଉଇକେଟ ହରାଇ ୩୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଘଣ୍ଟିଖାଲ ଟିମ୍ ୩ ଓଭର ୪ବଲ୍‌ରେ ୩୭ ରନ୍ ସଂଗ୍ରହ କରିବା ସହ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଏଥିରେ ପ୍ରିନ୍ସ କ୍ଲବ୍ ସମ୍ପାଦକ ଶିଳାଦିତ୍ୟ ପରିଡ଼ା, ନାରାୟଣ ସାହୁ, ରଞ୍ଜନ କୁମାର ମୁଦୁଲି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋମନାଥ ମାଝି ଓ ଓମ୍ ପ୍ରକାଶ ମୁଦୁଲି କ୍ରୀଡା ପରିଚାଳନା କରିଥିଲେ। ରାକେଶ ବେହେରା, ରବୀନ୍ଦ୍ର ଦଳାଇ, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହକି ବିଶ୍ୱକପ୍ ଉପଲକ୍ଷେ ସଚେତନତା

ମାହାଙ୍ଗା, ୩୧(ସ୍ୱ.ପ୍ର): ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପକ୍ଷରୁ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା । ମହାବିଦ୍ୟାଳୟ ରେଡକ୍ରସ ବିଭାଗର ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଶୋଭାଯାତ୍ରାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ନିତ୍ୟାନନ୍ଦ ସାମଲ, ଅଧ୍ୟାପକ ଡ. ଅଶୋକ କୁମାର ଖଟୁଆ, ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ, ପ୍ରାଧ୍ୟାପକ ଜ୍ଞାନରଞ୍ଜନ ଶତପଥୀ, ଅଧ୍ୟାପକ ଡମ୍ବରୁଧର ସାହୁ, ପ୍ରାଧ୍ୟାପକ ସନ୍ତୋଷ କୁମାର ପରିଡା, ଅଧ୍ୟାପିକା ପୁଷ୍ପଶ୍ରୀ ତ୍ରିପାଠୀ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଅଧ୍ୟାପିକା ଭାନୁମତୀ ବାରିକ, ଅଧ୍ୟାପିକା ଗୀତାରାଣି ସାହୁ, ଅଧ୍ୟାପିକା ମାନିନୀ ମିଶ୍ର, ଡ. ନଳିନୀ କୁମାର ସାହୁ, ଦୀପକ କୁମାର ମହାନ୍ତି, ସଞ୍ଜୟ କୁମାର ପ୍ରଧାନ, ଅଧ୍ୟାପକ ଜଗନ୍ନାଥ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଭିନ୍‌ଟେଜ ସଉକ ଉପରେ ପଞ୍ଜୀକରଣ ଚାପ

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୩୧

ବହୁପୁରୁଣା ଯାନ (ଭିଣ୍ଟେଜ୍)କୁ ସ୍କ୍ରାପିଂ ମୁକ୍ତ କରିବା ସହ ଏହାର ସଂଗ୍ରହକାରୀଙ୍କ ପାଇଁ ନୂଆ ନିୟମ ଆଣିଛନ୍ତି ରାଜ୍ୟ ସରକାର। ୨୦୨୩ ଜାନୁୟାରୀ ପହିଲାରୁ ୫୦ ବର୍ଷରୁ ଅଧିକ ପୁରୁଣା କ୍ଲାସିକ୍ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍ ହେବ। ଏଥିସହ ନୂତନ ପଞ୍ଜୀକରଣ ସାର୍ଟିଫିକେଟ ପାଇଁ ଯାନବାହନ ମାଲିକଙ୍କୁ ୨୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ, ଯାହାର ବୈଧତା ୧୦ ବର୍ଷ ପାଇଁ ରହିବ। ସେହିପରି ଏହି ପଞ୍ଜୀକରଣର ନବୀକରଣ ପାଇଁ ଅତିରିକ୍ତ ୫ବର୍ଷ ପାଇଁ ୫ ହଜାର ଟଙ୍କା ଦେବାକୁ ପଡ଼ିବ। ଏଥିସହିତ ଭିନ୍‌ଟେଜ ନିୟମିତ କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟରେ ରାସ୍ତାରେ ଚାଲିପାରିବ ନାହିଁ। କେବଳ ପ୍ରଦର୍ଶନୀ, ରାଲି କିମ୍ବା ସେହିଭଳି ଉଦ୍ଦେଶ୍ୟରେ ଚାଲି ପାରିବ ବୋଲି ନୂଆ ନିୟମ କରାଯାଇଛି। ଭିନ୍‌ଟେଜ ପାଇଁ ଏଭଳି ନିୟମ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ଏହା ଭିଣ୍ଟେଜ ସଂଗ୍ରହକାରୀଙ୍କ ଭାବାବେଗକୁ ଲକ୍ଷ୍ୟରେ ରଖି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାରଙ୍କ ଏହି ନୂଆ ନିୟମକୁ କେତେକେ ସ୍ୱାଗତ କରିଥିବାବେଳେ ୧୦ବର୍ଷୀୟ ରେଜିଷ୍ଟ୍ରେଶନ ବାବଦକୁ ସରକାର ଯେଉଁ ୨୦ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି ତାହାକୁ ଅନେକେ ବିରୋଧ କରିଛନ୍ତି। ପୁରୁଣା ମୋଟରଯାନକୁ ମୁଖ୍ୟତଃ ସଉକ ପାଇଁ କିମ୍ବା ପୂର୍ବପୁରୁଷଙ୍କ ସ୍ମୃତି ଭାବେ ଅନେକ ଲୋକ ସାଇତି ରଖିଥାନ୍ତି। ନିଜ ଘରେ ସାଇତା ହୋଇ ରହିଥିବା ଗାଡ଼ିର ନୂତନ ପଞ୍ଜୀକରଣ କାହିଁକି କରାଯିବ ଏବଂ ଏଥିପାଇଁ ସରକାରଙ୍କୁ କାହିଁକି ଟଙ୍କା ଦିଆଯିବ ବୋଲି ଅନେକେ ପ୍ରଶ୍ନ କରିଛନ୍ତି।

### ଭିନ୍‌ଟେଜ ଚାଲିବା ଉପରେ ଅଙ୍କୁଶ ଲଗାଇବା ଅନୁଚିତ



ମୁଁ ସଉକ ପାଇଁ ପୁରୁଣା ଗାଡ଼ି ସଂଗ୍ରହ କରୁଛି। ମୋ ପାଖରେ ଏବେ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ରହିଛି। ପୁରୁଣା ଗାଡ଼ିଗୁଡିକ ବ୍ୟବସାୟିକଭିତ୍ତିରେ ରାସ୍ତାରେ ଚାଲି ପାରିବନି ବୋଲି ସରକାର ଯେଉଁ ଆଇନ୍ ଆଣିଛନ୍ତି ତାହା ଠିକ୍ ଅଛି। ମାତ୍ର ବ୍ୟକ୍ତିଗତ ଭାବେ ବ୍ୟବହାର କରିବାରେ ଅସୁବିଧା କେଉଁଠି ରହିଛି ଏବଂ ଯଦି ଗାଡ଼ି ରାସ୍ତାରେ ଗଡ଼ିବନି ତେବେ ସେଗୁଡ଼ିକର ପଞ୍ଜୀକରଣ ପାଇଁ କାହିଁକି ସରକାରଙ୍କୁ ଟଙ୍କା ଦେବୁ। ଗାଡ଼ି ଚାଲିଲେ ଖରାପ ହୁଏନି ବରଂ ରହି ରହି ଖରାପ ହୁଏ। ତେଣୁ ରାସ୍ତାରେ ଭିଣ୍ଟେଜ୍ ଚାଲିବା ଉପରେ ଅଙ୍କୁଶ ଲଗାଇବା ଠିକ୍ ନୁହେଁ। ଅପରପକ୍ଷେ ଓଡ଼ିଶାରେ ଗାଡ଼ିର କେତେ ପ୍ରଦର୍ଶନୀ ଏବଂ ରାଲି କରାଯାଉଛି ତାହା ସରକାର ଭଲଭାବେ ଅବଗତ। ତେଣୁ ନିଜ ଘରେ ରଖିବା ପାଇଁ ସରକାରଙ୍କୁ ଟଙ୍କା ଦେବାର କୌଣସି ଆବଶ୍ୟକତା ନାହିଁ।

**– ଗହର୍ ଆବେଦିନ୍, ଭିଣ୍ଟେଜ୍ ସଂଗ୍ରହକାରୀ, ଭୁବନେଶ୍ୱର**

### ବ୍ୟବହାର ନ କରି ରେଜିଷ୍ଟ୍ରେଶନ ପଇଠ କରିବା ଠିକ୍ ନୁହେଁ

ସରକାରଙ୍କ ଏହା ଭୁଲ୍ ନିଷ୍ପତ୍ତି। ପୁରୁଣା ଗାଡ଼ି ଲୋକଙ୍କ ଇମୋଶନ୍ ସହିତ ଜଡିତ। ମୋ ଜେଜେ ବାପାଙ୍କ ଅମଳର ଏକ ଗାଡ଼ିକୁ ତାଙ୍କ ସ୍ମୃତିରେ ମୁଁ ଘରେ ରଖିଛି। ଏହାବାଦ୍ ୧୯୪୭ଠାରୁ ଆରମ୍ଭ କରି ବ୍ରିଟିଶ ଅମଳର ଗାଡ଼ି ମୋ ପାଖରେ ଅଛି। ଏତେବର୍ଷର ଗାଡ଼ି ପାଇଁ ପୁନଃ ପଞ୍ଜୀକରଣ କରିବା ବା ଫି' ଦେବା କିଛି ଦରକାର ନାହିଁ। ଭିନ୍‌ଟେଜ ଭାବେ ଏହାକୁ ମୁଁ ମୋ ଘରେ ବା ବ୍ୟବସାୟିକ ସ୍ଥଳରେ ରଖିପାରିବି। ସରକାର ଏଥିରେ ହସ୍ତକ୍ଷେପ କରିବା ଠିକ୍ ନୁହେଁ। ସେହିପରି ଗାଡ଼ି ବ୍ୟବହାର ନ କରି ଗୋଟେ ପଟେ ଗାଡ଼ି ପଡ଼ି ପଡ଼ି ଖତ ହେବ ଏବଂ ଆମେ ଏପଟେ ସରକାରଙ୍କୁ ପଞ୍ଜୀକରଣ ପାଇଁ ଟଙ୍କା ଦେବୁ। ଏହା ଠିକ୍ ନ୍ୟାୟ ନୁହେଁ।



**– କିରଣ କୁମାର ସାହୁ, ଭିଣ୍ଟେଜ୍ ସଂଗ୍ରହକାରୀ, ଭୁବନେଶ୍ୱର**



### ନୂଆ ରେଜିଷ୍ଟ୍ରେଶନ ନିୟମ ସ୍ୱାଗତଯୋଗ୍ୟ

ପ୍ରଥମ ରାଜ୍ୟ ଭାବରେ ଓଡିଶାରେ ରେଜିଷ୍ଟ୍ରେଶନ ବ୍ୟବସ୍ଥା କରାଯାଇଛି । ତେବେ ସରକରଙ୍କ ଏହି ନିୟମ ଦ୍ୱାରା ଆମକୁ ନୂଆ ରେଜିଷ୍ଟ୍ରେଶନ ନମ୍ବର ମିଳିବ। ଏହା ଆମ ପାଇଁ ସୁବିଧା ହେବ। ଭିଣ୍ଟେଜ ଗାଡ଼ି ଚଢ଼ିବା ମୋର ସଉକ। ପ୍ରଦର୍ଶନୀ କିମ୍ବା ରାଲିରେ ଗାଡ଼ି ବୁଲି ଆସିଲେ ଖୁସି ଲାଗେ। ଏତେ ପୁରୁଣା ଗାଡ଼ି ନେଇ ୨୦୦ କିମ୍ବା ୩୦୦ କି.ମି. ଯାତ୍ରା ସମ୍ଭବ ନୁହେଁ। ବିଶେଷକରି ସାଧାରଣ ସମୟରେ ଯାତାୟାତ ପାଇଁ ଅନ୍ୟ ଗାଡ଼ି ରହିଛି। ଖୁବ ଶ୍ରୀଘ୍ର ଆର୍‌ଟିଓ ଅଫିସ୍ ଯାଇ ନୂଆ ନମ୍ବର ପାଇଁ ଆବେଦନ କରିବି।

**– ଆଲୋକ ମହାନ୍ତି,କେଶରପୁର, କଟକ**

### ନିୟମ ପରିବର୍ତ୍ତନ ହେଲେବି ଗାଡ଼ିକୁ ଛାଡ଼ି ପାରିବିନି

ମୋ ପାଖାରେ ରହିଛି ୭୦ ବର୍ଷ ପୁରୁଣା ହିନ୍ଦୁସ୍ଥାନ ୧୪। ଏହି ଗାଡ଼ିକୁ ମୋ ବାପା ୯ ହଜାର ୯ ଶହ ଟଙ୍କ ଦେଇ କିଣିଥିଲେ। ଏହି ଗାଡ଼ିଟି ବାପାଙ୍କ ହୃଦୟ ଥିଲା। ଏହାକୁ ବିକ୍ରି ନ କରିବାକୁ କହିଥିଲେ । ସେଥିପାଇଁ ଆଜି ପର୍ଯ୍ୟନ୍ତ ଏହାକୁ ସମ୍ଭାଳିକି ରଖିଛି । ଅନେକ ନିୟମ ପରିବର୍ତ୍ତନ ହୋଇଛି ହେଲେ ଗାଡ଼ି ଯେମିତିକୁ ସେମିତି ରହିଛି । ଆଉ ଆଗକୁ ମଧ ରହିବ । ସରକାରଙ୍କ ନିୟମକୁ ଗ୍ରହଣ କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ। କାରଣ ଏହା କେବଳ ଭିଣ୍ଟେଜ କାର୍ ନୁହେଁ । ଏହା ସହିତ ବାପାଙ୍କ ସ୍ମୃତି ଜଡ଼ିତ। ରାଜ୍ୟ ସରକାର ଆଣିଥିବା ନିୟମରେ ଖୁସି। ପୁରୁଣା ଗାଡି ବାହାରକୁ ନେବା ବେଳକୁ ମନରେ ଦ୍ୱନ୍ଦ୍ୱ ଉପୁଜୁଥିଲା । ହେଲେ ଏବେ ସେଭଳି କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ।



**– ଉଦୟଭାନୁ ସାହୁ, ଅଲିଶା ବଜାର, କଟକ**

### ଗାଡ଼ି ପାଖରେ ଥାଇ ମଧ କୌଣସି ସ୍ୱତନ୍ତ୍ରତା ରହିବନି

ଢେଙ୍କାନାଳ ରାଜାଙ୍କଠାରୁ ଏହି ଭିଣ୍ଟେଜ୍‌କୁ କିଣାଯାଇଥିଲା। ୧୯୩୧ ମସିହାର ଏହି ଗାଡିଟି ବର୍ତ୍ତମାନ ମଧ କାର୍ଯ୍ୟକାରୀ ହେଉଛି। ଗାଡ଼ି ଯେତେ ପୁରୁଣା ହେଲେ ମଧ ଏହାର ସ୍ୱତନ୍ତ୍ରତା କେବେ ହ୍ରାସ ପାଇ ନ ଥାଏ। ତେବେ ସରକାରଙ୍କ ପକ୍ଷରୁ କରାଯାଇଥିବା ନିୟମରେ କିଛିଟା ଗ୍ରହଣଯୋଗ୍ୟ ନୁହେଁ। ରେଜିଷ୍ଟ୍ରେଶନ ପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କାରେ କୌଣସି ଅସୁବିଧା ନାହିଁ। ହେଲେ ଗାଡ଼ି ଚଳାଇବା ପାଇଁ ନିୟମ ପରିବର୍ତ୍ତନ କରିବା ଆବଶ୍ୟକ । ଉକ୍ତ ନିୟମ ଦ୍ୱାରା ଗାଡ଼ି ଆମ ପାଖରେ ଥାଇ ମଧ ଆମର କୌଣସି ସ୍ୱତନ୍ତ୍ରତା ରହିବନାହିଁ । ମନ ହେଲେ ଗାଡ଼ି ଧରି ପାଖ ହୋଟେଲକୁ ଯାଇ ପାରିବୁନାହିଁ। ଏହି ନିୟମ ଦ୍ୱାରା ଗାଡ଼ି ରଖିବାର ସ୍ୱାଧୀନତା ଆମ ପାଖରେ ରହିବନାହିଁ।

**– ପ୍ରଶାନ୍ତ ପାତ୍ର, ଶଙ୍କରପୁର, କଟକ**



## ଧାନମଣ୍ଡି ଶୁଭାରମ୍ଭ: ପ୍ରଥମ ଦିନରେ ୧୨୭୭ କୁଇଣ୍ଟାଲ ଧାନ ସଂଗ୍ରହ



ତିଗିରିଆରେ ଧାନମଣ୍ଡି ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତିଗିରିଆ/ବାଙ୍କୀ,୩୧(ଡି.ଏନ୍.ଏ./ସ୍ୱ.ପ୍ର.)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ କୁମ୍ଭୀପୁଟ ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ନିରଞ୍ଜନ ଦଳେଇ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତିନିଧି ଗୌରହରି ପରିଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୨୪ ଜଣ ଚାଷୀଙ୍କଠାରୁ ୮୫୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା ସମିତିର ସମ୍ପାଦକ ଚନ୍ଦ୍ରଭାନୁ ବାରିକ ଓ ସଭାପତି ରଘୁନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ସେବା ସମବାୟ ସମିତିରେ ବ୍ଲକର ପ୍ରଥମ ଧାନ ମଣ୍ଡି ଖୋଲିଛି । ବାଙ୍କୀ ସମବାୟ ସର୍କଲ ଏଆର୍‌ସିଏସ୍ ଜ୍ୟୋତିରଞ୍ଜନ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ରଘୁନାଥ ସ୍ୱାଇଁ ଉପସ୍ଥିତ ରହି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କାର୍ଯ୍ୟ ତଦାରଖ କରିଥିଲେ। ୧୭ଜଣ ଚାଷୀଙ୍କଠାରୁ ୪୨୭କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ପ୍ରତାପ କୁମାର ମହାରଣା ପରିଚାଳନା କରିଥିଲେ।

## ଦଧିବାମନଜୀଉଙ୍କ ନବକଳେବର ସ୍ମାରକୀ ଉତ୍ସବ

ଚୌଦ୍ୱାର, ୩୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁସ୍ଥିତ ଦଧିବାମନଜୀଉ ମନ୍ଦିରରେ ଠାକୁରଙ୍କ ନବକଳେବର ସ୍ମାରକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁପୁରାତନ ଏହି ମନ୍ଦିରରେ ୧୦ ବର୍ଷ ତଳେ ଠାକୁରଙ୍କର ନବକଳେବର ହୋଇଥିଲା। ପ୍ରତିବର୍ଷ ଏହି ଦିନକୁ ସ୍ମାରକୀ ଭାବେ ପାଳନ କରାଯାଉଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଘଟ ସ୍ଥାପନ, ଗୋପୂଜନ, ଚଣ୍ଡୀପାଠ, ଗୀତାଯଜ୍ଞ ଭଳି ଅନେକ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ଣ୍ଣାହୁତି ଦିନ ଶ୍ରୀ ଶ୍ରୀ ପତିତପାବନଙ୍କ ଚଳନ୍ତି ପ୍ରତିମାକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତୁଷାର କାନୁନ୍‌ଗୋ, ଋତୁରାଜ କାନୁନ୍‌ଗୋ, ଗୁଟୁ କାନୁନ୍‌ଗୋଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆବର୍ଜନା କୁଣ୍ଡରୁ ଅଚେତ ଅବସ୍ଥାରେ ନାବାଳିକା ଛାତ୍ରୀ ଉଦ୍ଧାର

ସାଲେପୁର,୩୧(ଡି.ଏନ୍.ଏ.)

**ହାତଗୋଡ଼, ମୁହଁ ବନ୍ଧାଯାଇଥିଲା**

ସାଲେପୁର ଥାନା ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀପଠାର ଏକ ଆବର୍ଜନା କୁଣ୍ଡରୁ ମଙ୍ଗଳବାର ଜଣେ ନାବାଳିକା ଛାତ୍ରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ସମୟରେ ତାଙ୍କ ହାତ, ଗୋଡ଼ ଓ ମୁହଁ ବନ୍ଧା ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ସେ ସାଲେପୁରସ୍ଥିତ ଏକ କଲେଜର ଯୁକ୍ତ ୨ ପ୍ରଥମ ବର୍ଷଛାତ୍ରୀ । କଲେଜ ଛୁଟି ହେବାପରେ ଘରକୁ ଯିବାପାଇଁ ବାହାରିଥିଲେ ବୋଲି ସହପାଠୀମାନେ କହିଛନ୍ତି। କିନ୍ତୁ ଘରେ ପହଞ୍ଚି ନ ଥିଲେ। ବିଳମ୍ବ ହେବାରୁ ସମ୍ପୃକ୍ତ ଛାତ୍ରୀଙ୍କ ମୋବାଇଲକୁ ପରିବାର ଲୋକେ କଲ୍ କରିଥିଲେ। ମାତ୍ର ତାଙ୍କ ମୋବାଇଲ ସୁଇଚ ଅଫ୍ ଥିବାରୁ ପରିବାର ସଦସ୍ୟଙ୍କ ସନ୍ଦେହ ବଢ଼ିଥିଲା। ସେମାନେ ସାଲେପୁର ବଜାରରେ ପହଞ୍ଚି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକାଧିକ ବ୍ୟବସାୟ ପ୍ରତିଷ୍ଠାନର ସିସିଟିଭିରେ ଛାତ୍ରୀଙ୍କ ସନ୍ଧାନ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଚିତ୍ରୋତ୍ପଳା ନଦୀପଠାର ଏକ ଆବର୍ଜନାରୁ ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଛାତ୍ରୀ ଆବର୍ଜନାରେ କିପରି ପଡ଼ିଲେ ସେନେଇ ତଦନ୍ତ ଚଳାଇଛି।

## ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟ, ଚାଉଳିଆଗଞ୍ଜ କ୍ଲବ ଫାଇନାଲରେ

ତିଗିରିଆ, ୩୧(ଡି.ଏନ.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ମଙ୍ଗଳବାର ଆୟୋଜିତ ୭ମ ଫୁଟବଲ ଟୁର୍ନାମେଣ୍ଟର ସଂଘର୍ଷପୂର୍ଣ୍ଣ ୨ୟ ସେମିଫାଇନାଲରେ ଯୁବଜ୍ୟୋତି କ୍ଲବ ପଙ୍କାଳକୁ ୬-୫ ଗୋଲରେ ପରାସ୍ତ କରି ଚାଉଳିଆଗଞ୍ଜ କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ଆଠଗଡ଼ର ଭାଜପା ନେତା ବ୍ରଜେନ୍ଦ୍ର ରାୟ, ସମ୍ମାନିତ ଅତିଥି ଭାବେ ତିଗିରିଆ ଭାଜପା ମଣ୍ଡଳ ସଭାପତି ଚିନ୍ମୟ ମଲ୍ଲିକ, ବାବୁ ସେଠୀ, ପୂର୍ବତନ ସମିତି ସଭ୍ୟ ସରୋଜ ଦାଶ ଯୋଗଦେଇ ଉଭୟ ଦଳଙ୍କୁ ଉତ୍ସାହିତ କରିଥିଲେ। ରେଫରି ଅରୁଣ ନାୟକ ପରିଚାଳନା କରିଥିବା ବେଳେ ଲାଇନରେ ସଞ୍ଜୀବ ଦାଶ ଓ ଗୁଡ୍ଡୁ ଦାଶ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସୁବାସ ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ‘କର୍ତ୍ତବ୍ୟପରାୟଣ ହେଲେ ବିକାଶ ସୁନିଶ୍ଚିତ’

ଫୁଲନଖରା, ୩୧(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଗବବସ୍ତ ସରକାରୀ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ କର୍ତ୍ତବ୍ୟ ପରାୟଣ ହେଲେ ବିକାଶ ସୁନିଶ୍ଚିତ। ସେମାନଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ମୁଖ୍ୟବକ୍ତା ଭାବେ ମୋ’ ସ୍କୁଲ ଅଭିଯାନ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଯୋଗଦେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ପୁରାତନ ଛାତ୍ରୀଛାତ୍ରମାନେ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ମୋ’ ସ୍କୁଲ ଅଭିଯାନ ଓ ପୁରାତନ ଛାତ୍ର ସଙ୍ଗଠନର ସହଯୋଗରେ ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପାଠାଗାରକୁ ରାଜ୍ୟପାଳ ଉଦ୍‌ଘାଟନ କରିବା ସହ ଏକ ସ୍ମରଣିକା ‘ହୀରକ ସ୍ମୃତି ସୁଧା’କୁ ଉନ୍ମୋଚନ କରିଥିଲେ। ଏଥିସହ ଦୁଇଜଣ ପୁରାତନ ଛାତ୍ର ସଫିକ୍ ଉଦ୍ଦିନ ସିଦ୍ଦିକ ଓ ଦିଗମ୍ବର ମହାପାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୁରାତନ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ପ୍ରଭାକର ମହାନ୍ତି ସ୍ୱାଗତ ଭାଷଣ ଓ ଛାତ୍ର ଦେବଦତ୍ତ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ସମାରୋହରେ ବାରଙ୍ଗ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ବାରଙ୍ଗ ବିଇଓ ବିଭୂତି ଭୂଷଣ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ



ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ସହ ଅନ୍ୟମାନେ।

# ‘ସବୁ ଧର୍ମାନ୍ତରୀକରଣ ବେଆଇନ ନୁହେଁ’

**ନୂଆଦିଲ୍ଲୀ,୩।୧**



■ମଧ୍ୟପ୍ରଦେଶ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି ପାଇଁ ମନାକଲେ ସୁପ୍ରିମକୋର୍ଟ

■ଫେବୃୟାରୀ ୭ରେ ରାଜ୍ୟ ସରକାରଙ୍କ ଆବେଦନର ଶୁଣାଣି

ସବୁ ଧର୍ମାନ୍ତରୀକରଣକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଣେ ବ୍ୟକ୍ତି ଗୋଟିଏ ଧର୍ମରୁ ଅନ୍ୟ ଧର୍ମକୁ ପରିବର୍ତ୍ତିତ ହେବାକୁ ଚାହୁଁଥିଲେ ସେହି ବିଷୟରେ ସେ ୬୦ ଦିନ ପୂର୍ବରୁ ସ୍ଥାନୀୟ ଜିଲାପାଳଙ୍କୁ ଜଣାଇବାକୁ ବାଧ୍ୟ। ସେହିପରି ତାଙ୍କ ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ଧର୍ମଯାଜକ(ପ୍ରିଷ୍ଟ) ମଧ୍ୟ କାର୍ଯ୍ୟକ୍ରମ ଆୟୋଜନର ୨ ମାସ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ଘୋଷଣାନାମା ଜରିଆରେ ଅବଗତ କରାଇବେ। ସମ୍ପୃକ୍ତ ବ୍ୟକ୍ତି ଯଦି ସ୍ୱଇଚ୍ଛାରେ ଧର୍ମାନ୍ତରିତ ହେବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ତାଙ୍କୁ ପ୍ରଭାବିତ କିମ୍ବା ବାଧ୍ୟ କରାଯାଇ ନାହିଁ ବୋଲି ଉକ୍ତ ଘୋଷଣାନାମାରେ ଉଲ୍ଲେଖ କରିବାକୁ ମଧ୍ୟପ୍ରଦେଶ (ଧର୍ମ ସ୍ୱାଧୀନତା) ଆଇନ, ୨୦୨୧ର ଧାରା ୧୦ ଓ ୨ରେ ନିୟମ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କୁ ୩ରୁ ୫ ବର୍ଷ ଜେଲଦଣ୍ଡ ଓ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ବିଧାନ ରହିଥିବାବେଳେ ରାଜ୍ୟ ସରକାରଙ୍କ ଏହି ନିୟମକୁ ମଧ୍ୟପ୍ରଦେଶ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ମଧ୍ୟପ୍ରଦେଶ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଏମ୍.ଆର୍. ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି। କିନ୍ତୁ ହାଇକୋର୍ଟଙ୍କ ରାୟ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଛନ୍ତି। ଶୁଣାଣି ବେଳେ ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ଦେଶରେ ଅଧିକାଂଶ ଧର୍ମାନ୍ତରୀକରଣ ବିବାହ ଆଧାରରେ କରାଯାଉଛି। ଜଣେ ବ୍ୟକ୍ତି ଅନ୍ୟ ଧର୍ମର ଯୁବତୀ/ଯୁବକଙ୍କୁ ବିବାହ କରି ତାଙ୍କ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗ ହେଉଛି। ତେବେ ଏହି ଆଇନ ଆନ୍ତଃଧର୍ମୀୟ ବିବାହ ଉପରେ କଟକଣା ନୁହେଁ, ବରଂ ବଳପୂର୍ବକ ବା ବେଆଇନ ଧର୍ମାନ୍ତରୀକରଣ ବିରୋଧରେ ଏକ ସୁରକ୍ଷା କବଚ ବୋଲି ଖଣ୍ଡପୀଠଙ୍କୁ ମେହେଟ୍ଟା କହିଥିଲେ। ଜଷ୍ଟିସ୍ ଶାହାଙ୍କ ଖଣ୍ଡପୀଠ କହିଥିଲେ, ସବୁ ଧର୍ମାନ୍ତରଣ ବେଆଇନ ନୁହେଁ। ଏହା ଉପରେ ଫେବୃୟାରୀ ୭ରେ ଶୁଣାଣି କରାଯିବ। ପ୍ରକାଶ ଯେ, ଧର୍ମାନ୍ତରୀକରଣ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରାଇବା ନେଇ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ, ହିମାଚଳ ପ୍ରଦେଶ ଓ ଗୁଜରାଟ ଭଳି ରାଜ୍ୟଗୁଡ଼ିକର ବିଧାନସଭାରେ ଆଇନ ପ୍ରଣୟନ କରାଯାଇଛି। ଏହାକୁ ବିରୋଧକରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଖଲ କରାଯାଇଛି।

# ଯୁଦ୍ଧକୁ ପ୍ରଶ୍ରୟ ଦିଏନି ଭାରତ

**ବୋଲେଙ୍ଗ,୩।୧**



## ଅରୁଣାଚଳରେ ୨୮ ପ୍ରକଳ୍ପର ଲୋକାର୍ପଣ କଲେ ରାଜନାଥ

ଭାରତ କେବେ ଯୁଦ୍ଧକୁ ପ୍ରଶ୍ରୟ ଦିଏନାହିଁ। ପଡ଼ୋଶୀ ଦେଶଗୁଡ଼ିକ ସହ ଆମେ ସବୁବେଳେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଚାହୁଁ। କିନ୍ତୁ ନିଜ ଭୂଖଣ୍ଡକୁ ସୁରକ୍ଷା ଦେବା ପାଇଁ ସୀମାରେ କୌଣସି ପ୍ରକାର ଚ୍ୟାଲେଞ୍ଜକୁ ଏଡ଼ାଇବା ଲାଗି ଭାରତର ସାମର୍ଥ୍ୟ ରହିଛି ବୋଲି ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚାଇନାକୁ ପରୋକ୍ଷରେ କହିଛନ୍ତି। ଡିସେମ୍ବର ୯ରେ ଅରୁଣାଚଳ ପ୍ରଦେଶର ତୱାଙ୍ଗ୍ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା(ଏଲ୍ଏସି)ରେ ଭାରତୀୟ ଯବାନ ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଏହାର ସାଢ଼େ ୩ ସପ୍ତାହ ପରେ ରାଜନାଥ ମଙ୍ଗଳବାର ବୋଲେଙ୍ଗ ଗସ୍ତ କରି ୭୨୪ କୋଟି ଟଙ୍କାରେ ନିର୍ମିତ ୨୮ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଲୋଙ୍ଗ-ୟିଙ୍ଗିଓଙ୍ଗ୍ ରୋଡ୍‌ର ସିୟୋମ୍ ବ୍ରିଜ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଜନାଥ ଚାଇନାର ଅତିକ୍ରମଣ ଉଦ୍ୟମ କଥା କହିଥିଲେ। ନିକଟରେ ନର୍ଦର୍ନ ସେକ୍ଟରରେ ଆମ ଯବାନମାନେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବୀରତ୍ୱ ପ୍ରଦର୍ଶନ କରିଥିଲେ। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ବିକଶିତ କରାଯାଇଥିବାରୁ ଏହା ସମ୍ଭବ ହୋଇଥିଲା। ଭାରତ ଭଗବାନ ରାମଙ୍କ ଶିକ୍ଷା ଓ ଗୌତମ ବୁଦ୍ଧଙ୍କ ଦର୍ଶନକୁ ଅନୁସରଣ କରେ। କୌଣସି ଦେଶ ଉସୁକାଇଲେ ଯେଉଁ ସ୍ଥିତି ଉପୁଜିବ ତାକୁ ସାମ୍ନା କରିବାକୁ ଭାରତ ସକ୍ଷମ ବୋଲି ରାଜନାଥ କହିଛନ୍ତି।

# ସୀମା ଚୁକ୍ତି ମାନୁନାହିଁ ଚାଇନା: ଜୟଶଙ୍କର

**ଭିଏନା,୩।୧**



ଭାରତ ସହ ସୀମା ଚୁକ୍ତିକୁ ଚାଇନା ମାନୁନାହିଁ। ଏଥିଯୋଗୁ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜୁଛି ବୋଲି ଅଷ୍ଟ୍ରିଆ ରାଜଧାନୀ ଭିଏନାରେ ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଅଷ୍ଟ୍ରିଆର ସରକାରୀ ଟିଭି ଚ୍ୟାନେଲ ଓଆର୍ଏଫ୍‌କୁ ସାକ୍ଷାତ୍‌କାର ଦେଇ ଜୟଶଙ୍କର କହିଛନ୍ତି, ସୀମାରେ ସୈନ୍ୟ ଠୁଳ ନ କରିବା ପାଇଁ ଭାରତ-ଚାଇନା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କିନ୍ତୁ ବେଜିଂ ଏକତରଫା ଭାବେ ଏଲ୍ଏସିରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିଆସୁଛି। ଆମ ପାଖରେ ଉପଗ୍ରହ ଚିତ୍ରରୁ ସଂଗୃହୀତ ଏହାର ଅନେକ ପ୍ରମାଣ ରହିଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଭାରତ-ଚାଇନା ମଧ୍ୟରେ ୧୭ ରାଉଣ୍ଡ ଆଲୋଚନା ପରେ ମଧ୍ୟ ସୀମା ବିବାଦ ଥମୁନାହିଁ। ୨୭ ବର୍ଷ ମଧ୍ୟରେ ଅଷ୍ଟ୍ରିଆ ଗସ୍ତ କରିବାରେ ଜୟଶଙ୍କର ହେଉଛନ୍ତି ଭାରତର ପ୍ରଥମ ବହିର୍ବ୍ୟାପାର ମନ୍ତ୍ରୀ।

# ‘ନୈତିକତା ଦୃଷ୍ଟିରୁ ଆମ ଦେଶ ନିକୃଷ୍ଟ’

**ନୂଆଦିଲ୍ଲୀ, ୩।୧:** ପାକିସ୍ତାନର ଅବସରପ୍ରାପ୍ତ ଆର୍ମି ଅଫିସର ଆଦିଲ ରାଜାଙ୍କ ମନ୍ତବ୍ୟକୁ ନେଇ ପାକ୍ ଅଭିନେତ୍ରୀ କଡ଼ା ନିନ୍ଦା କରିବା ଆରମ୍ଭ କରିଛନ୍ତି। ଏକ ୟୁଟ୍ୟୁବ୍ ଭିଡିଓରେ ଆଦିଲ କହିଛନ୍ତି, ପାକ୍ ମିଲିଟାରି କେତେଜଣ ଅଭିନେତ୍ରୀଙ୍କୁ ନେଇ ରାଜନେତାମାନଙ୍କୁ ହନିଟ୍ରାପ୍ ଜାଲରେ ଫସାଉଛନ୍ତି। ଆଦିଲଙ୍କ ଏ ପ୍ରକାର ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ପାକିସ୍ତାନ ଅଭିନେତ୍ରୀ ସାଜାଲ ଅଲ୍ଲୀ କହିଛନ୍ତି, ନୈତିକତା ଦୃଷ୍ଟିରୁ ଆମ ଦେଶ ନିକୃଷ୍ଟ ଏବଂ ବିକୃତ। କୌଣସି ବ୍ୟକ୍ତିଙ୍କ ଚରିତ୍ର ସଂହାର କରିବା ମାନବିକତାରୁ ସବୁଠାରୁ ଖରାପ ସ୍ଥିତି ଲେଖି ଟୁଇଟ୍ କରିଛନ୍ତି। ସେହିପରି ଆଉଜଣେ ପାକ୍ ନାୟିକା କୁବ୍ରା ଖାନ୍ ଏକ୍ସ-ମିଲିଟାରି ଅଫିସର ଆଦିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଇନ୍‌ଷ୍ଟା ଷ୍ଟୋରିରେ ଚେତାବନୀ ଦେଇଛନ୍ତି। ଭିଡିଓକୁ ସେ ମିଛ ବୋଲି ଭାବି କୌଣସି ପ୍ରତିକ୍ରିୟା ଦେଉ ନ ଥିଲେ। ତିନି ଦିନ ଭିତରେ ଅଭିଯୋଗର ପ୍ରମାଣ ପ୍ରକାଶ କରନ୍ତୁ ନଚେତ୍ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି କୁବ୍ରା କହିଛନ୍ତି। ଅନ୍ୟପକ୍ଷେ ଏ ପ୍ରକାର ମିଥ୍ୟ ଖବର ପ୍ରସାରଣ ତୁରନ୍ତ ରୋକାଯାଉ ବୋଲି ଅଭିନେତ୍ରୀ ମେହୱିଶ୍ ହାୟାତ୍ ନିଜ ଇନ୍‌ଷ୍ଟା ପୋଷ୍ଟରେ କହିଛନ୍ତି।



ସାଜାଲ ଅଲ୍ଲୀ

# କଲେଜ ପରିସରରେ ଛାତ୍ରୀଙ୍କୁ ଛୁରିଭୁସି ହତ୍ୟା

**ବେଙ୍ଗାଲୁରୁ, ୩।୧**

ବେଙ୍ଗାଲୁରୁ ପ୍ରେସିଡେନ୍ସି କଲେଜ ପରିସରରେ ଜଣେ ଛାତ୍ରୀଙ୍କୁ ଅନ୍ୟ କଲେଜର ଛାତ୍ର ଛୁରିଭୁସି ହତ୍ୟା କରିଛନ୍ତି। ଲାୟାସ୍ମିତାଙ୍କୁ ତାଙ୍କ ଦୂର ସମ୍ପର୍କୀୟ ଭାଇ ପୱନ କଲ୍ୟାଣ ଏକତରଫା ପ୍ରେମ କରୁଥିଲେ। ସେ ଲାୟାସ୍ମିତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। ସୋମବାର ପୱନ ଲାୟାସ୍ମିତାଙ୍କ କଲେଜକୁ ଯାଇ ତାଙ୍କୁ ଭେଟିଥିଲେ। ଦୁହିଁଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହେବା ପରେ ପୱନ ହଠାତ୍ ଲାୟାସ୍ମିତାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏହାପରେ ପୱନ ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥିଲେ। ଲାୟାସ୍ମିତା ବିଟେକ୍ ଛାତ୍ରୀ ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିସିଏ ଛାତ୍ର।

# ଆଘାତ ଯୋଗୁ ହୋଇଛି ମୃତ୍ୟୁ

**ନୂଆଦିଲ୍ଲୀ, ୩।୧**

## ଯୁବତୀଙ୍କୁ କାର୍‌ରେ ଘୋଷାରିବା ମାମଲା

କାର୍‌ରେ ୧୩ କି.ମି. ଦୂର ଘୋଷଡ଼ାଯିବା ଘଟଣାରେ ପ୍ରାଣ ହରାଇଥିବା ଯୁବତୀଙ୍କ ପୋଷ୍ଟମର୍ଟମ୍ ରିପୋର୍ଟ ମଙ୍ଗଳବାର ପୋଲିସର ହସ୍ତଗତ ହୋଇଛି। ରିପୋର୍ଟ ମୁତାବକ ଶରୀରରେ ଜୋର୍ ଆଘାତ ଲାଗି ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ପ୍ରାଇଭେଟ୍ ପାର୍ଟରେ କୌଣସି କ୍ଷତ ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଦିଲ୍ଲୀର ମୌଲାନା ଆଜାଦ ମେଡିକାଲ କଲେଜରେ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସ୍ୱାବ୍ ନମୁନା ପରୀକ୍ଷା ରିପୋର୍ଟ ଆସି ନ ଥିବାବେଳେ ଯୁବତୀଙ୍କ ଭିରା ଜିସ୍କୁ ସଂରକ୍ଷିତ ରଖାଯାଇଛି। ରବିବାର ଭୋରବେଳା କାର୍‌ରେ ଘୋଷାଡ଼ି ହୋଇ ଯୁବତୀଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଥିଲା। ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ତାଙ୍କ ମା’ ଅଭିଯୋଗ ଆଣିଥିଲେ। ମଙ୍ଗଳବାର କଡ଼ା ସୁରକ୍ଷା ଭିତରେ ଯୁବତୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ମଙ୍ଗଳବାର ସୁଲତାନପୁରି ପୋଲିସ ପ୍ରତ୍ୟକ୍ଷଦର୍ଶୀ ଦୀପକ ଦହିଆ ଏବଂ ଘଟଣା ଦିନ ରାତିରେ ଯୁବତୀଙ୍କ ସହ ଥିବା ତାଙ୍କ ବାନ୍ଧବୀ ନିଧିଙ୍କ ବୟାନ ରେକର୍ଡ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ନିଧିଙ୍କୁ ଖୋଜି ବାହାର କରିଥିଲା। ନିଧି ଓ ମୃତା ଯୁବତୀ ଜଣକ କେତେଜଣ ସାଙ୍ଗକୁ ହୋଟେଲ୍‌ରେ ଭେଟି ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ହୋଟେଲ୍‌ରେ ଯୁବତୀ ଜଣକ ମଦ୍ୟପାନ କରିଥିଲେ। ଅଭିଯୁକ୍ତମାନେ ଜାଣିଶୁଣି ଏହି ଘଟଣା ଘଟାଇଥିବା ନିଧି ସୂଚନା ଦେଇଛନ୍ତି।



# ସାଂଘାଇର ୭୦% ଲୋକ କୋଭିଡ୍ ଆକ୍ରାନ୍ତ

**ସାଂଘାଇ,୩।୧**



## ଚାଇନା ଫେରନ୍ତାଙ୍କ ଉପରେ ଲାଗୁ କଟକଣାକୁ ବେଜିଂର ବିରୋଧ

ଚାଇନାରେ କୋଭିଡ୍ ସ୍ଥିତି ଦିନକୁ ଦିନ ଉଦ୍‌ବେଗଜନକ ହେବାରେ ଲାଗିଛି। ବେଜିଂ ପରେ ଏବେ ସାଂଘାଇରେ ମହାମାରୀ କରୋନା କାୟା ବିସ୍ତାର କରିଛି। ଚାଇନା ଗବେଷକଙ୍କ ମତରେ ସାଂଘାଇର ୭୦% ଲୋକ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତ ହୋଇସାରିଛନ୍ତି। ପୂର୍ବ ଲହର ତୁଳନାରେ ସାଂଘାଇରେ କୋଭିଡ୍ ସ୍ଥିତି ୨୦ରୁ ୩୦ ଗୁଣା ବୃଦ୍ଧି ପାଇଥିବା ରୁଇଜିନ୍ ହସ୍ପିଟାଲର ଭାଇସ୍ ପ୍ରେସିଡେଣ୍ଟ ଚେନ୍ ଇର୍‌ଝେନ୍ ସୂଚନା ଦେଇଛନ୍ତି। ଦୈନିକ ଡାକ୍ତରଖାନାରେ ୧୬୦୦ ରୋଗୀ ଆଡ୍‌ମିଟ୍ ହେଉଥିବାବେଳେ ସେମାନଙ୍କ ଭିତରୁ ୮୦% କୋଭିଡ୍ ଆକ୍ରାନ୍ତ ବୋଲି ଚେନ୍ କହିଛନ୍ତି। କରୋନା ବିରୋଧରେ ଶି ଜିନ୍‌ପିଙ୍ଗ୍ ସରକାର ଦେଶରେ ଲାଗୁ କରିଥିବା ଜିରୋ କୋଭିଡ୍ ନୀତି ହଟିବା ପରେ ଡିସେମ୍ବରରୁ ଦେଶରେ ସଂକ୍ରମଣ ହାରରେ ବୃଦ୍ଧି ଘଟିଛି। କଟକଣା ହଟିଯିବାର ପ୍ରଥମ ୨୦ ଦିନ ମଧ୍ୟରେ ଚାଇନାର ୨୫୦ ନିୟୁତ ଲୋକ ସଂକ୍ରମିତ ହୋଇଥିବା ଲଣ୍ଡନ୍‌ର ଆନାଲିଟିକ୍ସ ଫାର୍ମ ଏୟାରଫିନିଟି କହିଛି। ସାଂଘାଇ, ବେଜିଂ ଛଡ଼ା ଦେଶର ଅନ୍ୟ ପ୍ରମୁଖ ସହର ଟିଆଞ୍ଜିନ୍, ଗୁଆଙ୍ଗଝୋଉରେ ମଧ୍ୟ କୋଭିଡ୍ ସ୍ଥିତି ବିପଜ୍ଜନକ ଅବସ୍ଥାରେ ରହିଛି।

ଚାଇନାରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ବ୍ରିଟେନ୍, ଫ୍ରାନ୍ସ, ଜାପାନ, ତାଇୱାନ, ଇଟାଲି, ଭାରତ ଏବଂ ଦକ୍ଷିଣ କୋରିଆ ଚାଇନା ଫେରନ୍ତା ଯାତ୍ରୀଙ୍କ ପାଇଁ କରୋନା ଟେଷ୍ଟ ବାଧ୍ୟତାମୂଳକ କରିଛନ୍ତି। ଏ ପ୍ରକାର କଟକଣାକୁ ନେଇ ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି, ଚାଇନାରୁ ଅନ୍ୟ ଦେଶକୁ ଯାଉଥିବା ଯାତ୍ରୀଙ୍କ ଉପରେ କଟକଣା ଲାଗୁ କରିବା ପଛରେ କୌଣସି ବୈଜ୍ଞାନିକ କାରଣ ନାହିଁ। ଅନ୍ୟ ଦେଶଗୁଡ଼ିକ ସହ ଚାଇନା ଉତ୍ତମ ଯୋଗାଯୋଗ ସ୍ଥାପନ କରିବାକୁ ଚାହୁଁଛି। ତେବେ ଏହା ବିରୋଧରେ ଚାଇନା ମଧ୍ୟ ଅନୁରୂପ କଟକଣା ଲଗାଇପାରିବ ବୋଲି ମାଓ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଫୁରସତ୍

# ଆଖିରେ ଟାଟୁ କରି ମହିଳା ଅନ୍ଧ

**ୱାରସ**



ଅନେକ ଲୋକ ଶରୀରର ବିଭିନ୍ନ ଅଂଶରେ ଟାଟୁ କରିଥାନ୍ତି। କେହି କେହି ତ ସମ୍ପୂର୍ଣ୍ଣ ଶରୀର ଟାଟୁରେ ଭରି ଦେଇଥାନ୍ତି। କିନ୍ତୁ ଶରୀରର କେତେକ ସୂକ୍ଷ୍ମ ଅଂଶ ରହିଛି, ଯେଉଁଠାରେ ଟାଟୁ କରିବା ବିପଜ୍ଜନକ ହୋଇଥାଏ। ଏଥିପାଇଁ ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ମଧ୍ୟ ପଡିଥାଏ। ପୋଲାଣ୍ଡର ୨୧ ବର୍ଷୀୟା ଆଲେକ୍‌ଜାଣ୍ଡ୍ରା ଆଖିରେ ଟାଟୁ କରିବାରୁ ତାଙ୍କ ଆଖିର କିରଣ ଚାଲିଯାଇଥିଲା। ଏକ ରିପୋର୍ଟ ଅନୁସାରେ, ସେ ୨୦୧୭ରେ ଏକ ଟାଟୁ ବିଶେଷଜ୍ଞଙ୍କ ପାଖକୁ ଯାଇ ଆଖିରେ ଟାଟୁ କରିଥିଲେ। ହେଲେ କିଛି ସମୟ ପରେ ତାଙ୍କ ଆଖିରେ ଯନ୍ତ୍ରଣା ଅନୁଭୂତ ହୋଇଥିଲା। କିନ୍ତୁ ଏହା କିଛି ସମୟ ପରେ ଠିକ୍ ହୋଇଯିବ ବୋଲି ଟାଟୁ ଆର୍ଟିଷ୍ଟ ଜଣକ କହିଥିଲେ। ଆଲେକ୍‌ଜାଣ୍ଡ୍ରା ପରେ ଘରକୁ ଆସିବା ପରେ ତାଙ୍କୁ କିଛି ଦେଖାଯାଇ ନ ଥିଲା। ଏହା ପରେ ସେ ଡାକ୍ତରଖାନା ଯାଇଥିଲେ। ଟାଟୁ ପାଇଁ ଆଖି ନଷ୍ଟ ହୋଇଥିବା ଡାକ୍ତର ତାଙ୍କୁ କହିଥିଲେ। ପରେ ତାଙ୍କୁ ଗୋଟିଏ ଆଖି ଟ୍ରାନ୍ସପ୍ଲାଣ୍ଟ କରିବାକୁ ପଡ଼ିଥିଲା। ହେଲେ ବି ସେ ଏବେ ଠିକ୍‌ରେ ଦେଖିପାରୁ ନାହାନ୍ତି।

# ୩ ସ୍ତ୍ରୀ ଥାଇ ୪ର୍ଥ ବିବାହ ପାଇଁ ଡାକ୍ତରଙ୍କ ଝିଅ ଖୋଜା

**ଇସ୍‌ଲାମାବାଦ୍**

୩ ସ୍ତ୍ରୀ ଥାଇ ୪ର୍ଥ ସ୍ତ୍ରୀ ଖୋଜିବାକୁ ନେଇ ଜଣେ ଡାକ୍ତର ଚର୍ଚ୍ଚାକୁ ଆସିଛନ୍ତି। ପାକିସ୍ତାନ ବେଲୁଚିସ୍ତାନର କ୍ୱେଟାର ବାସିନ୍ଦା ସରଦାର ହାଜି ଜାନ ମହମ୍ମଦ ତାଙ୍କ ୩ ସ୍ତ୍ରୀ ଏବଂ ୫୫ ପିଲାଙ୍କ ସହିତ ଗୋଟିଏ ଘରେ ରୁହନ୍ତି। ଏଥିସହ ତାଙ୍କର ଗୋଟିଏ କ୍ଲିନିକ୍ ମଧ୍ୟ ରହିଛି। ତେବେ ଏହି ନୂଆ ବର୍ଷରେ ତାଙ୍କର ଏକ ପୁଅ ଜନ୍ମ ହୋଇଛି। ପ୍ରକୃତରେ ତାଙ୍କର ୬୦ ପିଲା ଜନ୍ମ ହୋଇଥିବାବେଳେ ୫ ପିଲାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମହମ୍ମଦ ଏକ ଇଣ୍ଟରଭ୍ୟୁରେ କହିଥିଲେ, ସେ ୧୦୦ ପିଲାଙ୍କ ବାପା ହେବାକୁ ଚାହାନ୍ତି। ସେଥିପାଇଁ ସେ ୪ର୍ଥ ବିବାହ କରିବାକୁ ତାଙ୍କ ସାଙ୍ଗ ଏବଂ ବନ୍ଧୁବାନ୍ଧବଙ୍କୁ ସାହାଯ୍ୟ ମାଗିଛନ୍ତି। ମହମ୍ମଦ ଚାହାନ୍ତି କି ତାଙ୍କ ଘରେ ପୁଅଙ୍କ ଅପେକ୍ଷା ଅଧିକ ଝିଅ ଜନ୍ମ ହୁଅନ୍ତୁ। ତାଙ୍କ ସ୍ତ୍ରୀମାନେ ମଧ୍ୟ ତାଙ୍କ ଭଳି ଭାବୁଛନ୍ତି। ୪ର୍ଥ ସ୍ତ୍ରୀ ପାଇଁ ଅନ୍ୟ ୩ ସ୍ତ୍ରୀମାନଙ୍କର କୌଣସି ଅସୁବିଧା ନ ଥିବା ସେ କହିଛନ୍ତି।

# ଆଉ ଛୋଟ ଚରିତ୍ରରେ ଅଭିନୟ କରିବିନି



ନୱାଜୁଦ୍ଦିନ୍ ସିଦ୍ଦିକ୍

**ମୁମ୍ବାଇ:** ଏବେ ଯଦି ମତେ ୨୫ କୋଟି ଦିଆଯାଏ, ତେବେ ମୁଁ ଛୋଟ ରୋଲ୍ କରିବି ନାହିଁ। ନିକଟରେ ବଲିଉଡ୍ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକ୍ ଏକ ଇଣ୍ଟରଭ୍ୟୁରେ ଏହା କହିଛନ୍ତି, ଯାହାକି ସମସ୍ତଙ୍କୁ ଚକିତ କରିଛି। ରୋବେର୍ଟୋ ଜିରୋଲ୍ଟଙ୍କ ନିର୍ଦ୍ଦେଶିତ ଏକ ହଲିଉଡ୍ ମୁଭି ‘ଲକ୍ଷ୍ମଣ ଲୋପେଜ’ର ମୁଖ୍ୟ ଚରିତ୍ରରେ ନୱାଜୁଦ୍ଦିନ୍ ଅଭିନୟ କରିବାକୁ ଯାଉଛନ୍ତି। ଅଭିନେତା କହିଛନ୍ତି, ଏ ପର୍ଯ୍ୟନ୍ତ କୌଣସି ବିଦେଶୀ ଫିଲ୍ମ କରି ନ ଥିଲେ, କାରଣ ସେ କେବେ ଛୋଟ ଚରିତ୍ରରେ ଅଭିନୟ କରିବେନି ବୋଲି ଶପଥ ନେଇଥିଲେ। ସେ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁତ କିଛି ସିନେମାରେ କାମ କରିଛନ୍ତି, ଯେଉଁଥିରେ ସେ ଛୋଟ ଚରିତ୍ରରେ କାର୍ଯ୍ୟ କରିଛନ୍ତି। ହେଲେ ତାଙ୍କୁ ଏବେ ଯଦି ୨୫ କୋଟି ଦିଆଯାଏ, ତେବେ ମଧ୍ୟ ସେ ଛୋଟ ଚରିତ୍ରରେ ଅଭିନୟ କରିବେ ନାହିଁ ବୋଲି କହିଛନ୍ତି। ଜୀବନରେ ଟଙ୍କା ପଛରେ ନ ଗୋଡ଼ାଇ ଏମିତି କିଛି କାମ କରନ୍ତୁ, ଯେମିତି ଟଙ୍କା ଆପଣଙ୍କ ପଛରେ ଗୋଡ଼ାଇବ ବୋଲି ସେ କହିଛନ୍ତି।

# ସୃଜନଶୀଳତାର ପରିପ୍ରକାଶରେ ବ୍ରେଲିର ଭୂମିକା

## ବିଶ୍ୱ ବ୍ରେଲି ଦିବସ

**ମଣିଷର** କ୍ରମବିକାଶ ହେବା ସହ ଭାବର ଆଦାନପ୍ରଦାନ ପାଇଁ ବିଭିନ୍ନ ମାଧ୍ୟମ ସେ ଆପଣା ଛାଏଁ ବାହାର କରିଥିଲା। ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ଭାଷାର ସ୍ଥାନ ନେଇଥିଲା। ଏହା ମାଧ୍ୟମରେ ମଣିଷ ମନର କଥା ଏବଂ ସୃଜନଶୀଳତାର ପରିପ୍ରକାଶ କରୁଥିଲା। ଆଧୁନିକ ଯୁଗରେ ମଧ୍ୟ ଏହା ଜାରି ରହିଛି। ତେବେ ଦୃଷ୍ଟିବାଧିତଙ୍କ ଭଳି କେତେକଙ୍କ ପକ୍ଷରେ ଅକ୍ଷର ଚିହ୍ନିବା ପଢ଼ିବା ଏବଂ ଏହାର ପରିପ୍ରକାଶ ନିଜସ୍ୱ ଢଙ୍ଗରେ କରିବା ସମ୍ଭବ ହୋଇପାରି ନ ଥାଏ। ସେଭଳି ଲୋକଙ୍କ ଲାଗି ବ୍ରେଲି ଅକ୍ଷର ହିଁ ସୃଜନଶୀଳତା ପରିପ୍ରକାଶର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ପରିଗଣିତ ହୋଇଥାଏ। ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୪ରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ।

ଦୃଷ୍ଟିବାଧିତଙ୍କ ପାଇଁ ମାନବିକ ଅଧିକାରର ପୂର୍ଣ୍ଣ ହୃଦୟଙ୍ଗମ କରିବାରେ ଯୋଗାଯୋଗର ମାଧ୍ୟମ ଭାବରେ ବ୍ରେଲିର ମହତ୍ତ୍ୱ ବିଷୟରେ ସଚେତନତା ଲାଗି ଏହି ଦିବସ ପାଳିତ ହୋଇଥାଏ। ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ନଭେମ୍ବର ୨୦୧୮ରେ ଘୋଷଣା ମାଧ୍ୟମରେ ଏହି ଦିବସ ପାଳନ କରିବା ଲାଗି ତାରିଖ ଚୟନ କରାଯାଇଥିଲା। ଦୃଷ୍ଟିବାଧିତଙ୍କ ଲାଗି ଏହି ଲେଖା ପ୍ରଣାଳୀର ସୃଷ୍ଟିକର୍ତ୍ତା ଲୁଇସ୍ ବ୍ରେଲିଙ୍କ ଜନ୍ମଦିନ ପାଳନ ଅବସରରେ ଏହା ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୯ ଜାନୁୟାରୀ ୪ରେ ପ୍ରଥମ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥିଲା।

# ‘ଦି ଚ୍ୟାଲେଞ୍ଜ’ର ଟ୍ରେଲର ରିଲିଜ୍

**ନୂଆଦିଲ୍ଲୀ**



ପ୍ରଥମ ଥର ପାଇଁ ମହାକାଶରେ ଶୁଟିଂ ହୋଇଥିବା ରୁଷୀୟ ଫିଲ୍ମ ‘ଦି ଚ୍ୟାଲେଞ୍ଜ’ର ଟ୍ରେଲର ରିଲିଜ୍ ହୋଇଛି। ଏହି ଫିଲ୍ମ ୨୦୨୧ରେ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନରେ ଶୁଟିଂ କରାଯାଇଛି। ଅକ୍ଟୋବର ମାସରେ ୧୨ ଦିନ ଧରି ଫିଲ୍ମ ସୁଟିଂ ହୋଇଥିଲା। ତେବେ ଆସନ୍ତା ଏପ୍ରିଲ ୧୨ରେ ଫିଲ୍ମ ରିଲିଜ୍ ହେବାର ଯୋଜନା ରହିଛି। ମହାକାଶରେ ଫସିଥିବା ମହାକାଶଚାରୀଙ୍କୁ ବଞ୍ଚାଇବାକୁ ଯାଇ ଜଣେ ମହିଳା ଡାକ୍ତରଙ୍କ ଦୁଃସାହସିକ ମହାକାଶ ଯାତ୍ରାର କାହାଣୀ ଉକ୍ତ ଫିଲ୍ମରେ ବର୍ଣ୍ଣିତ ହୋଇଛି। ଏଥିରେ କ୍ଲିମ ସିପେଙ୍କୋ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାର ସମସ୍ତ କଳାକାରଙ୍କ ସମେତ ଦଳର ମେମ୍ବରଙ୍କୁ ଉତ୍ତମ ତାଲିମ ଦିଆଯାଇଥିଲା। ଫଳରେ ସେମାନେ ତାଙ୍କ ଭିନ୍ନ ଚରିତ୍ର ଅଭିନୟ କରିବାକୁ ୧୨ ଦିନ ସମୟ ଲାଗିଥିଲା। ରୁଷ ମହାକାଶ ଗବେଷଣା କେନ୍ଦ୍ର ରୋସ୍କୋସ୍ମୋସ୍ ଓ ଚ୍ୟାନେଲ ୱାନ୍ ମିଳିତ ଭାବେ ଫିଲ୍ମକୁ ତିଆରି କରିଛନ୍ତି। ସିନେମାରେ ୟୁଲିଆ ପେରେସିଲ୍ଡ, ମିଲୋସ୍ ବିକୋଭିକ୍, ଭ୍ଲାଡିମିର୍ ମସ୍‌ହକୋଭ୍ ପ୍ରମୁଖଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ଦିନ ଲାଗି ଦଲାଲ ଷ୍ଟ୍ରିଟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୨୬ (୧୨୬.୪୧) ପଏଣ୍ଟ ବଢି ୬୧,୨୯୪ (୬୧,୨୯୪.୨୦) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୫ (୩୫.୧୦) ପଏଣ୍ଟ ବୃଦ୍ଧି ଘଟି ୧୮,୨୩୩ (୧୮,୨୩୨.୫୫) ଅଙ୍କରେ ବଜାର ବନ୍ଦ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ........................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉଇଣ୍ଡଫଲ୍ ଟିକସ ହାର ବଢ଼ାଇଲେ ସରକାର

- ଅଶୋଧିତ ତୈଳ, ଡିଜେଲ ଏବଂ ଏଟିଏଫ୍‌ର ରପ୍ତାନି ଟିକସ ବୃଦ୍ଧି
- ସ୍ଥିର ରହିଛି ତୈଳ ଦର



ନୂଆଦିଲ୍ଲୀ,୩।୧

ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ଅଶୋଧିତ ତୈଳର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଭାରତରେ ତା'ର ପ୍ରଭାବ ଦେଖିବାକୁ ମିଳୁନାହିଁ। ଫଳରେ ସବୁ ବର୍ଗର ଗ୍ରାହକ ଉଭୟ ସରକାର ଓ ତୈଳ କମ୍ପାନୀଗୁଡ଼ିକ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ଅତିରିକ୍ତ ଟିକସ ବୃଦ୍ଧି ଲାଗି ନିକଟରେ ଉଇଣ୍ଡଫଲ୍ ଟିକସ ହାର ବଢ଼ାଇ ମଙ୍ଗଳବାରଠାରୁ ନୂଆ ଟିକସ ହାର ତୈଳ କମ୍ପାନୀଗୁଡ଼ିକ ଉପରେ ଲାଗୁ କରାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏପରିକି ଦେଶ ଭିତରେ ଉତ୍ପାଦନ ହେଉଥିବା ଅଶୋଧିତ ତୈଳ, ଡିଜେଲ ଏବଂ ଆଭିଏଶନ ଟର୍ବାଇନ ଫୁଏଲ୍ (ଏଟିଏଫ୍) ଉପରେ ଏହି ବର୍ଦ୍ଧିତ ଟିକସ ଲାଗୁ କରାଯାଇଛି। ସେହିଭଳି ମଙ୍ଗଳବାରଠାରୁ ଅଶୋଧିତ ତୈଳ ଉପରେ ଟନ୍ ପିଛା ୧,୭୦୦ (୨୦.୫୫ ଡଲାର)ରୁ ୨,୧୦୦ (୨୫.୩୮ଡଲାର)କୁ ବୃଦ୍ଧି କରାଯାଇଥିବା ବେଳେ ଡିଜେଲ ଉପରେ ରପ୍ତାନି ଟିକସ ଲିଟର ପିଛା ୫ ଟଙ୍କାରୁ ୭.୫ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏଟିଏଫ୍ ଉପରେ ଉଇଣ୍ଡଫଲ୍ ଟ୍ୟାକ୍ସକୁ ଲିଟର ପିଛା ୧.୫ ଟଙ୍କାରୁ ୪.୫ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଦେଶ ଭିତରେ ତୈଳ ଉତ୍ପାଦନ କରୁଥିବା ଘରୋଇ କମ୍ପାନୀଗୁଡ଼ିକ ବିଦେଶରୁ ଚଢ଼ା ଦାମ୍‌ରେ ଲାଭ ହାସଲ କରିବା ପାଇଁ ଅଧିକ ତୈଳ ବାହାରକୁ ରପ୍ତାନି କରିବା ପରେ ଗତ ବର୍ଷ ଜୁଲାଇରେ ସରକାର ତୈଳ ସାମଗ୍ରୀ ରପ୍ତାନି ଉପରେ ଉଇଣ୍ଡଫଲ୍ ଟିକସ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ସମୟରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ବ୍ୟାରେଲ ପିଛା ୭୦ ଡଲାରରୁ କମ୍ ଦାମରେ ଅଶୋଧିତ ତେଲ କିଣୁଛନ୍ତି।

# ୧୬% ବୃଦ୍ଧି ପାଇଛି କୋଇଲା ଉତ୍ପାଦନ



ନୂଆଦିଲ୍ଲୀ, ୩।୧

ଗତ ଆର୍ଥିକ ବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈ ମାସିକ ଶେଷ ସୁଦ୍ଧା ଦେଶର କୋଇଲା ଉତ୍ପାଦନ ବୃଦ୍ଧି ପାଇଥିବା କୋଲ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୨-୨୩ ବର୍ଷର ପ୍ରଥମ ୯ମାସ (ଏପ୍ରିଲରୁ ଡିସେମ୍ବର) ମଧ୍ୟରେ ଦେଶରେ କୋଇଲା ଉତ୍ପାଦନ ୧୬% (୧୬.୩୯)ରୁ ଅଧିକ ବୃଦ୍ଧି ଘଟି ପ୍ରାୟ ୬୦୮ (୬୦୭.୯୭) ମିଲିୟନ୍ ଟନ୍‌ରେ ପହଞ୍ଚିଛି। ବିଶେଷ କରି ୨୦୨୧-୨୨ ବର୍ଷର ସମାନ ଅବଧି ମଧ୍ୟରେ ଦେଶର କୋଇଲା ଉତ୍ପାଦନ ୫୨୨ (୫୨୨.୩୪) ମିଲିୟନ୍ ଟନରୁ ଅଧିକ ରହିଥିଲା ହେଲେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ସଂଖ୍ୟା ବୃଦ୍ଧି ପାଇଥିବା ମଙ୍ଗଳବାର କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କୋଲ୍ ଇଣ୍ଡିଆ ଲିମିଟେଡ୍ ଉତ୍ପାଦନରେ ୧୫.୮୨% ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧା ୪୭୯.୦୫ ନିୟୁତ ଟନ୍ ଶୁଖିଲା ଇନ୍ଧନ ଉତ୍ପାଦନ ରେକର୍ଡ କରାଯାଇଛି। ଦେଶରେ ବନ୍ଦ ହୋଇ ପଡିରହିଥିବା କୋଇଲା ବ୍ଲକ୍ ଗୁଡ଼ିକର ଖଣି କ୍ଷମତା ଅଧିକ ବ୍ୟବହାର ହେତୁ କୋଇଲା ଉତ୍ପାଦନରେ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ,କୋଇଲା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ୧୪୧ଟି ନୂତନ କୋଇଲା ବ୍ଲକ୍ ନିଲାମ ପାଇଁ ରଖାଯାଇଛି ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# 'କଟକ ଷ୍ଟେଶନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା'



ଭୁବନେଶ୍ୱର,୩।୧

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକର ମଙ୍ଗଳବାର କଟକ ଷ୍ଟେଶନ ନିରୀକ୍ଷଣକରି ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏପରିକି ଏହି ପରିପ୍ରେକ୍ଷୀରେ ରେଳପଥର ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ମହାପ୍ରବନ୍ଧକଙ୍କୁ ଅବଗତ କରାଇଥିଲେ। ସୁନକର ଭୁବନେଶ୍ୱର-କଟକ ରେଳ ସେକ୍ସନ ନିରୀକ୍ଷଣ କରି ନିରାପତ୍ତା ସମ୍ବନ୍ଧୀୟ ଏବଂ ରେଳ ଚଳାଚଳ ଟ୍ରାଫିକ ସମ୍ବନ୍ଧୀୟ କାର୍ଯ୍ୟ ସମୀକ୍ଷା କରିଥିଲେ। ସେହିପରି କଟକ ଷ୍ଟେଶନ ନିରୀକ୍ଷଣ ସମୟରେ ସୁନକର ଯାତ୍ରୀ ପରିସେବା କାର୍ଯ୍ୟ ସହିତ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିବା ସହ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ଓ ଗୁରୁତ୍ୱାରୋପ କରିଥିଲେ। ଏପରିକି ବିକାଶମୂଳକ କାର୍ଯ୍ୟର ଶିଘ୍ର ସମ୍ପାଦନ ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ରେଳ ପ୍ରକଳ୍ପ ଓ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱାରୋପ କରୁଥିବା ସହ ମନ୍ତ୍ରୀ ମଧ୍ୟ ଏହାର ଅଗ୍ରଗତି ସମ୍ବନ୍ଧରେ ନିୟମିତ ସମୀକ୍ଷା କରୁଛନ୍ତି। ନିକଟରେ କଟକ ରେଳ ଷ୍ଟେଶନର ବିକାଶ କାର୍ଯ୍ୟ ସମ୍ପର୍କରେ ବୈଷ୍ଣବ ନବୀକରଣ ଚିତ୍ରକୁ ଟୁଇଟ କରିଥିବା ବେଳେ ବହୁ ସଂଖ୍ୟାର ଲୋକ ଏହାର ପ୍ରଶଂସା କରିଥିଲେ।




ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ନିକଟରେ ଏକ ସର୍ବଭାରତୀୟ ଅଭିଯାନ 'ନ୍ୟୁ ଇୟର ନ୍ୟୁ ଲାଇଫ-୨୦୨୩'ର ଆନୁଷ୍ଠାନିକ ଶୁଭାରମ୍ଭ ଅବସରରେ ଆମନ୍ତ୍ରିତ ଅତିଥି ଓ ସେନ୍‌କୋର ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଅଛନ୍ତି।

# ସୁଶୀଲ ଜେଏସ୍ଏଲ୍‌ର ନୂତନ ସିଏଚ୍ଆର୍‌ଓ



ସୁଶୀଲ ବାୱେଜା

ନୂଆଦିଲ୍ଲୀ,୩।୧

ଦେଶର ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ନୂତନ ମୁଖ୍ୟ ମାନବ ସମ୍ବଳ ଅଧିକାରୀ (ସିଏଚ୍ଆର୍‌ଓ) ଭାବେ ସୁଶୀଲ ବାୱେଜାଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଥିବା ଜେଏସ୍ଏଲ୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ସୁଶୀଲ ଡିସିଏମ୍ ଶ୍ରୀରାମ ଲିମିଟେଡ୍, ଆଲ୍‌କାଟେଲ, କ୍ୟାଡ୍‌ବରି ଇଣ୍ଡିଆ ଲିମିଟେଡ୍ ଏବଂ ଜିଲେଟ୍ ଇଣ୍ଡିଆ ଭଳି ପ୍ରମୁଖ ଭାରତୀୟ ତଥା ବହୁରାଷ୍ଟ୍ରୀୟ ସଙ୍ଗଠନ ସହ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଏପରିକି ସେ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଏମ୍‌ଟି) ଗାଜିଆବାଦର ପୂର୍ବତନ ଛାତ୍ର ଏବଂ ମିଶିଗାନ୍ ୟୁନିଭର୍ସିଟିର ରସ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ରୁ ମାନବ ସମ୍ବଳ କୌଶଳରେ ଆଡଭାନ୍ସଡ୍ ମାନବ ସମ୍ବଳ କାର୍ଯ୍ୟନିର୍ବାହୀ କାର୍ଯ୍ୟକ୍ରମ କରିଥିବା ଜଣାପଡ଼ିଛି। ବିଶେଷ କରି ଦୀର୍ଘ ୩ ଦଶନ୍ଧିରୁ ଅଧିକ ସମୟ ଧରି କର୍ପୋରେଟ ଜଗତ ସହ ଜଡ଼ିତ ଥିବା ବାୱେଜାଙ୍କ ଦୀର୍ଘ ଅଭିଜ୍ଞତା କମ୍ପାନୀ କର୍ମଚାରୀଙ୍କୁ ଉତ୍ସାହିତ କରିବାର ରଣନୀତି, କର୍ମକ୍ଷେତ୍ରର ସଂସ୍କୃତି ଉନ୍ନତ କରିବା ଓ ପ୍ରତିଭା ପରିଚାଳନାକୁ ଦୃଢ଼ କରିବା ସହ ସଂଗଠନର ଅଭିବୃଦ୍ଧି ଦାୟିତ୍ୱ ନେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ନିଯୁକ୍ତିର ପାଣିପାଗରେ ସଂଗଠନଗୁଡ଼ିକ ସେମାନଙ୍କର ସଂସ୍କୃତି, ନେତୃତ୍ୱ ଏବଂ ମୂଲ୍ୟବୋଧ ଦ୍ୱାରା ନିଜକୁ ଭିନ୍ନକରି ଗଢ଼ି ତୋଳନ୍ତି। ବିଶେଷକରି ଗ୍ରାହକ ସନ୍ତୁଷ୍ଟି, ସୃଜନଶୀଳତା ଏବଂ ନବସୃଜନ ତଥା ଶିକ୍ଷଣ କ୍ଷମତା ଉପରେ ଆମର ଧ୍ୟାନ କମ୍ପାନୀକୁ ଭିନ୍ନ କରେ। ଆମେ ଠିକ୍ ପ୍ରତିଭାକୁ ଆକର୍ଷିତ କରିବାକୁ ଏବଂ ଉଚ୍ଚ ପ୍ରଦର୍ଶନକାରୀଙ୍କୁ ବଜାୟ ରଖିବାକୁ ଚାହୁଁ।

# ଏମ୍ଇଏମ୍‌ସି ଇନ୍‌ସ୍ପେକ୍ସନ୍ ଉଇକିର ଶୁଭାରମ୍ଭ

## ୨୪ତମ ଏମ୍ଇଏମ୍‌ସି ସପ୍ତାହ




ନୂଆଦିଲ୍ଲୀ,୩।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆର୍ସେଲର ମିତ୍ତଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ (ଏଏମ୍ଆଇପିଏଲ୍) ଏବଂ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ର ଭୁବନେଶ୍ୱର କାର୍ଯ୍ୟାଳୟ ସହଯୋଗରେ ୨୪ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମ୍ଇଏମ୍‌ସି) ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଠାକୁରାଣୀ ଖଣି କର୍ମଚାରୀ ଓ ଶ୍ରମିକଙ୍କ ଉପସ୍ଥିତିରେ ଖଣି ପରିଚାଳକ ପ୍ରମୋଦ କୁମାର ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଏପରିକି ଏକ ଇନ୍‌ସ୍ପେକ୍ସନ୍ ଦଳର ନେତୃତ୍ୱରେ ଠାକୁରାଣୀ ଆଇରନ୍ ଖଣିଠାରେ ଏମ୍ଇଏମ୍‌ସି ଇନ୍‌ସ୍ପେକ୍ସନ୍ ସପ୍ତାହର ଶୁଭାରମ୍ଭ କରାଯାଇଥିଲା।

ଏ ସମ୍ପର୍କରେ ସିନିୟର ଲିଡ୍ ଜିଓଲୋଜି ଏବଂ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ସୁଶାନ୍ତ କୁମାର ମହନ୍ତ ଏଏମ୍ଆଇପିଏଲ୍ ଦ୍ୱାରା ମାଇନ୍ସ ପରିବେଶ ଏବଂ ଖଣିଜ ସଂରକ୍ଷଣ ଏବଂ ସ୍ଥାୟୀ ଖଣି ପାଇଁ ନିଆଯାଇଥିବା ବିଶେଷ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ଏଏମ୍ଆଇପିଏଲ୍ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ସଙ୍ଗଠନ ଏବଂ ସହଯୋଗୀମାନେ ଖଣି ଅଞ୍ଚଳରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ କରିବା ପାଇଁ ଚିତ୍ତାକର୍ଷକ ଷ୍ଟଲ୍ ସ୍ଥାପନ କରିଥିଲେ। ବିଶେଷକରି ଏଏମ୍ଆଇପିଏଲ୍ ଦ୍ୱାରା ଖଣି ଅଞ୍ଚଳରେ ସମାଜର ସାମୂହିକ ବିକାଶ ଏବଂ ପରିବେଶ ପରିଚାଳନା ଯୋଜନା ପାଇଁ ସିଏସ୍ଆର୍ କାର୍ଯ୍ୟକଳାପ ମଧ୍ୟ ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଥିଲା। ଅପରପକ୍ଷରେ ଏମ୍ଇଏମ୍‌ସି ସପ୍ତାହ ଉପଲକ୍ଷେ ସ୍ଲୋଗାନ, ପୋଷ୍ଟର, ବିତର୍କ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଭଳି ବିଭିନ୍ନ ପରିବେଶ ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା।

# ଡିସେମ୍ବରରେ ହୋଣ୍ଡାର ୭,୦୬୨ ୟୁନିଟ୍ ଯାନ ବିକ୍ରି

## ହୋଣ୍ଡା କାରସ ବିକ୍ରିରେ ୭% ଅଭିବୃଦ୍ଧି ପଞ୍ଜୀକରଣ

ନୂଆଦିଲ୍ଲୀ,୩।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ୨୦୨୨ ଡିସେମ୍ବରର ଯାନ ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତ ବଜାରରେ କମ୍ପାନୀ ଗତ ବର୍ଷ ମୋଟ ୯୫,୦୨୨ ୟୁନିଟ୍ ଯାନ ବିକ୍ରି କରିଥିବା ରେକର୍ଡ କରାଯାଇଛି। ବିଶେଷକରି ୨୦୨୧ବର୍ଷରେ କମ୍ପାନୀ ବାର୍ଷିକ କାରବାର ଅନୁଯାୟୀ ମୋଟ ୮୯,୧୫୨ ୟୁନିଟ୍ ଯାନ କରିଥିଲା। ଫଳରେ ୨୦୨୧ ବର୍ଷର ବିକ୍ରି ତୁଳନାରେ ୨୦୨୨ ବର୍ଷରେ କମ୍ପାନୀ ପ୍ରାୟ ୭%ର ଅଭିବୃଦ୍ଧି ପଞ୍ଜୀକରଣ କରିପାରିଛି। ସେହିଭଳି ୨୦୨୨ ବର୍ଷ (ଜାନୁୟାରୀରୁ ଡିସେମ୍ବର) ମଧ୍ୟରେ କମ୍ପାନୀ ୨୩,୨୪୮ ୟୁନିଟ୍ ରପ୍ତାନି କରିଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୧୬,୩୪୦ ୟୁନିଟ୍ ରେକର୍ଡ ହୋଇଥିଲା। ଏପରିକି ରପ୍ତାନି କ୍ଷେତ୍ରରେ କମ୍ପାନୀ ୨୦୨୧ ତୁଳନାରେ ୨୦୨୨ରେ ୪୩%ରୁ ଅଧିକ ଅଭିବୃଦ୍ଧି ରେକର୍ଡ କରିଥିବା ହୋଣ୍ଡା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୦୨୨ ଡିସେମ୍ବରରେ କମ୍ପାନୀ ମାସିକ ଘରୋଇ ବିକ୍ରି ୭,୦୬୨ ୟୁନିଟ୍ ପଞ୍ଜୀକୃତ କରିଥିବା ଜଣାପଡିଛି।

ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍)ର ନିର୍ଦ୍ଦେଶକ (ମାର୍କେଟିଂ ଏବଂ ବିକ୍ରୟ) ୟୁଚି ମୁରାଟା କହିଛନ୍ତି, ବର୍ଷ ୨୦୨୨ ଏଚ୍‌ସିଆଇଏଲ୍ ପାଇଁ ବେଶ୍ ସକାରାତ୍ମକ ଥିଲା। ଫଳରେ ଆମର ଘରୋଇ ବିକ୍ରି ପରିମାଣ ପ୍ରାୟ ୭% ସହ ରପ୍ତାନି ପରିମାଣରେ ମଧ୍ୟ ୪୩% ଅଭିବୃଦ୍ଧି ରେକର୍ଡ ହୋଇପାରିଛି।


# Classified Everyday
0674-2580101, 2549949



MATRIMONIAL

BRIDE WANTED

47 ବୟସ୍କ ବ୍ରାହ୍ମଣ ଜାତିର Divorcee Govt. ଚାକିରିଆ ପୁଅଙ୍କ ପାଇଁ anycasteର ବିବାହିତ/ ଅବିବାହିତ ଝିଅ ଦରକାର। 6371064622. D-2381

GROOM WANTED

38 ବୟସ୍କା ବ୍ରାହ୍ମଣ ଜାତିର ଅବିବାହିତ Govt. ଚାକିରିଆ ଝିଅଙ୍କ ପାଇଁ anycasteର ପୁଅ ଦରକାର। 8327715036. D-2382

Beautiful Brahmin girl 1993, 5'5", MBA Serving Bangalore- "SUNASANSAR". 9937512659, 8249969649. D-2379



REAL ESTATE

SALE

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862. D-74177

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74623

Relax, Refresh your body, Mind at Saikrupa Spa with best therapies. 8984068077. D-2374

Fullbody massage relax body mind by traind lady therapist. 7008773793. D-73671

Full body massage by smart I expert therapist @999 only. 9078484455. D-73670

Newly open Spa positively health benefit with expert. Contact: 7749976301. D-74505

LOST

ଅନ୍ନପୂର୍ଣ୍ଣା ମହାନ୍ତି, ସ୍ୱା- ପରମାନନ୍ଦ ମହାନ୍ତି, ଗୁରୁବାରୀ ସାହି ଶ୍ରୀକୋରୁଆଁ, ଗୋପାଳପୁର କଟକ- ୭୫୩୦୧୧ ବିକ୍ରୟ କବଲା ନଂ.-୩୪୩୮/୨୦୦୫ ତା୧୦।୦୬।୨୦୦୫, ତା ୧୭।୧୨।୨୨ରି ଖରେ ହଜିଯାଇଛି। ଧ-୭୪୬୨୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dtd. 02.01.2023, I, Janmejay Baral, S/o- Harekrushna Baral, At: Chandradeipur, Totasahi, P.O./ P.S.- Salepur, Dist.- Cuttack, Odisha. Do hereby solemnly affirm that my actual name is Janmejay Baral which is mentioned in my Aadhaar Card. But in my Passport bearing No.K7173854 my name has been mentioned as Janmejaya Baral, S/o- Harekrishna Baral instead of Janmejay Baral, S/o- Harekrushna Baral. Henceforth, my actual name is JANMEJAY BARAL & my father's correct name is HAREKRUSHNA BARAL for all official and Govt. purposes. D-2402

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରମାମଣି ରଥ
ଶାସ୍ତ୍ରୀ ନଗର, Unit-4, Plot No.-47, ଭୁବନେଶ୍ୱର
ଆବିର୍ଭାବ: ୦୮।୧୯୪୪
ତିରୋଧାନ: ୧୯।୦୧।୨୦୧୯ (ତ୍ରୟୋଦଶୀ)
ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ: ଜୟନ୍ତ, ପ୍ରଶାନ୍ତ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ।
ଧ-୨୩୯୯

### ଏକାଦଶାହ ଉପଲକ୍ଷେ



୰ବିଶ୍ୱଜିତ୍ ମହାନ୍ତି
ଆଇନଜୀବୀ
ପ୍ଲଟ୍ ନଂ.-୩ଡି/୧୨୦୬, ସିଡିଏ ସେକ୍ଟର ୧୦, କଟକ
ଆବିର୍ଭାବ-ତା୨୫।୦୨।୧୯୬୭
ତିରୋଧାନ- ତା୨୫।୧୨।୨୦୨୨
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ଅସମୟରେ ଆରପାରିକୁ ଚାଲିଗଲ। ତୁମର ନୀତି, ଆଦର୍ଶ, ସ୍ନେହ ଓ ଶ୍ରଦ୍ଧା ଏବଂ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପତ୍ନୀ: ସବିତା, ପୁତ୍ର: ସତ୍ୟଜିତ୍, କମଳାକାନ୍ତ, ରଶ୍ମିରଞ୍ଜନ, ମଙ୍ଗଳାକାନ୍ତ, ବୁଲୁ, ଟୁଲି, ବର୍ଣ୍ଣି, ଅଭିନନ୍ଦନ, ଝିଅ: କୌସ୍ତଭା, ଭାଇ- ବଳରାମ, ହରେକୃଷ୍ଣ, କାଳନ୍ଦୀ ଚରଣ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୬୮୦୪

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଳୁରେ ଜଳସେଚନ



ଆଳୁ ଚାଷ କରିଥିଲେ ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ। ସିଆରର ଦୁଇତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ମାଙ୍କୋଜେବ୍ (୬୩%)ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍ସିଲ ସହ ମାନ୍କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।

## ଚିନାବାଦାମ ବୁଣିବା ପରେ

ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି.(୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।



## ଡାଲିଜାତୀୟ ଫସଲରେ ବିହନ ବିଶୋଧନ



୧ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ୍ତୁ ।

**ଏ ମାସର କୃଷି ସୂଚନା**

# ଖରିଫ ଧାନ ଅମଳ



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇବା ଆବଶ୍ୟକ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

**ସୋରିଷ**

ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ**

ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**କୋବି**

କୋବି ଜାତୀୟ ଫସଲରେ ପତ୍ର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬ ।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

**ତରଭୁଜ:** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇଦେବା ଉଚିତ। ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍ ।

**ଆମ୍ବ :** ଆମ୍ବବଉଳ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

**ଲିଚୁ ଓ ସପେଟା**

ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ। ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

**ଛେଳି ପାଳନ:**

ଅଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**କୁକୁଡ଼ା ପାଳନ :**

ଥଣ୍ଡା ସମସ୍ୟାରୁ ରକ୍ଷା ପାଇବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ ନିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର -୩

## ଶୀତଦିନେ ପ୍ରାଣୀପାଳନ



ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ। ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହିମାସ ବରସିମ୍ ଏବଂ ଓଟ୍‌ଘାସ ଚାଷ କରନ୍ତୁ ।

## ମାଛ ଯାଆଁଳ ପାଇଁ ଖାଦ୍ୟ



୧ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ। ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ।

## ଆଖୁ ବିହନ ଚୟନ



୬ରୁ ୮ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରିପାରିବେ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ। ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ୧୨ ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ । ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

## ସୋରିଷ ବିହନ ଚୟନ



ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## କପାରେ ପୋକ ଦମନ

ଚିତ୍ରିତ ବକରା/ପାଟଳ ବକରା ପୋକ କପା ଚାଷରେ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।



## ଫୁଲଚାଷ

ଫୁଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

# ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ନିଷେଧ ହେଉ

**କଟକ ଅଫିସ,୩୧:** ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଆସିଛି। ହେଲେ ଗୁଡ଼ି ଉଡ଼ାଇବାର ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁ ଜନସାଧାରଣ ବିପଦର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରମୁଖ କାରଣ ପାଲଟିଥିବା ଗୁଡ଼ିରେ ମାଞ୍ଜାସୂତା ବ୍ୟବହାରକୁ ନିଷେଧ କରାଯିବା ନେଇ କଟକ ମେରିଆବଜାର ବାସିନ୍ଦା ପୁଷ୍ପାଞ୍ଜଳି ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଙ୍ଗଳବାର ଦାଏର କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ରୋକିବାକୁ ଯେତେ ଚେଷ୍ଟା କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ପ୍ରତିବର୍ଷ ଗୁଡ଼ିରେ ବ୍ୟବହୃତ ମାଞ୍ଜାସୂତା ବେକରେ ଲାଗି ବାଇକ ଓ ସାଇକେଲ ଆରୋହୀ ମୃତାହତ ହେଉଛନ୍ତି। ଏତେ ଅଘଟଣ ପରେ ମଧ୍ୟ ଲୋକେ ଚେତୁ ନାହାନ୍ତି। ଏନେଇ ସରକାର ଓ ପ୍ରଶାସନ କଟକଣା ଲଗାଇବା ଉଚିତ। ଏହି ପିଟିଶନରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ଡିଜିପି, କଟକ ଡିସିପି, କଟକ ଜିଲାପାଳ, ସିଏମ୍‌ସି ଓ ବିଏମ୍‌ସି କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ମାଞ୍ଜାସୂତା ବ୍ୟବହାର ରୋକିବା ଦିଗରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ଓ ସାମାଜିକ କର୍ମୀ ପୁଷ୍ପାଞ୍ଜଳି ମହାପାତ୍ର ଚିଠି ଲେଖି କଟକ ଜିଲାପାଳ, ଡିସିପି, ସିଏମ୍‌ସି କମିଶନରଙ୍କୁ ପୂର୍ବରୁ ନିବେଦନ କରିଥିଲେ।

## ମହୁମାଛି ଆକ୍ରମଣରେ ଜେଜେମା', ନାତି ଗୁରୁତର

**ଦଶମନ୍ତପୁର,୩୧(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଆଦିବାସୀ ସାହିରେ ମହୁମାଛି ଆକ୍ରମଣରେ ଜେଜେ ମା' ଓ ନାତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲାଲ ପରଜା( ୬୨) ଓ ନାତି ବାବୁଲା (ଦେଢ଼ବର୍ଷ)। ଖବରରୁ ଜଣାପଡ଼ିଛି, ପରିବାରର ପୂର୍ଣ୍ଣ ପରଜା ଓ ତାଙ୍କ ସ୍ତ୍ରୀ ଉଭୟେ ରବିଚାଷ ପାଇଁ ହଳ କରିବାକୁ ଜମିକୁ ଯାଇଥିଲେ। ଜେଜେମା' ନାତିକୁ ଧରି ଗ୍ରାମ ପାଖ ଦଡୁ ନଦୀକୁ ଗାଧେଇବା ଲାଗି ଯାଇଥିଲେ। ଏହି ସମୟରେ ନଦୀ ନିକଟରେ ଥିବା ଏକ ଗଛରୁ ମହୁମାଛି ବାହାରି ଦୁହିଁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି।







## ମାସରେ ଥରେ ଫୁଲ୍‌କୋର୍ଟ ରେଫରେନ୍ସ

**ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବାର୍ ଆସୋସିଏଶନକୁ ଚିଠି**

**କଟକ ଅଫିସ,୩୧**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ଦିବଂଗତ ସଦସ୍ୟଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଫୁଲ୍‌କୋର୍ଟ ରେଫରେନ୍ସ ଏଣିକି ମାସକୁ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଦିନ କରାଯିବାକୁ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବାର୍ ଆସୋସିଏଶନ୍‌କୁ ଚିଠି ଲେଖି ପରାମର୍ଶ ଦିଆଯାଇଛି। ମାସକୁ ଖୁବ୍‌ବେଶିରେ ଗୋଟିଏ ଥର ଫୁଲ୍‌କୋର୍ଟ ରେଫରେନ୍ସ କରାଯାଉ। ତାହା ମାସର ଶେଷ କାର୍ଯ୍ୟ ଦିବସ ଅଥବା ମାସର ଶେଷ ସପ୍ତାହର ଯେକୌଣସି ଦିନ (ବିଶେଷକରି ଶୁକ୍ରବାର ଦିନ ୩ଟା ପରେ) ଫୁଲ୍‌କୋର୍ଟ ରେଫରେନ୍ସ କରାଯିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ବାର୍ ଆସୋସିଏଶନର କୌଣସି ସଦସ୍ୟଙ୍କ ପରଲୋକ ହେଲେ ତାଙ୍କୁ ସମ୍ମାନ ଜଣାଇ ଫୁଲ୍‌କୋର୍ଟ ରେଫରେନ୍ସ ଅନୁଷ୍ଠିତ ହୋଇଥାଏ। ସାଧାରଣ ଭାବେ ଅପରାହ୍ନ ୨ଟାବେଳେ ହାଇକୋର୍ଟରେ ଫୁଲ୍‌କୋର୍ଟ ରେଫରେନ୍ସ ଅନୁଷ୍ଠିତ ହୋଇ ଏହାପରେ ଅଦାଲତ କାର୍ଯ୍ୟ ବନ୍ଦ ରଖାଯାଇଥାଏ। ପରଲୋକଗତ ବାର୍ ସଦସ୍ୟ ଆଇନଜୀବୀଙ୍କୁ ସମ୍ମାନ ଜଣାଇବାକୁ ଏପରି ବ୍ୟବସ୍ଥା ରହିଛି। ସୁପ୍ରିମକୋର୍ଟ ଓ ହାଇକୋର୍ଟରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ବିଚାରପତିଙ୍କ ପରଲୋକ କ୍ଷେତ୍ରରେ ମଧ୍ୟ ଫୁଲ୍‌କୋର୍ଟ ରେଫରେନ୍ସ ଅନୁଷ୍ଠିତ ହୋଇଥାଏ। ତେବେ ଫୁଲ୍‌କୋର୍ଟ ରେଫରେନ୍ସ ନିର୍ଦ୍ଦିଷ୍ଟ ଦିନ କରିବାକୁ ସୁପ୍ରିମକୋର୍ଟ ୨୦୨୨ ଡିସେମ୍ବର ୧୪ରେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା କୋର୍ଟର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ରାୟରେ ଉଲ୍ଲେଖ ରହିଛି। ତେଣୁ ଏହାକୁ ନିର୍ଦ୍ଧାରିତ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବାର୍‌କୁ ପରାମର୍ଶ ଦିଆଯାଇଛି।







## ୬ରେ ପଦ୍ମପୁର ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ପ୍ରକାଶ

**ଭୁବନେଶ୍ୱର, ୩୧ (ବ୍ୟୁରୋ):** ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ଉପନିର୍ବାଚନ ଦୃଷ୍ଟିରୁ ଆରମ୍ଭ ହୋଇପାରି ନ ଥିଲା। ଏ ସମ୍ପର୍କରେ ଭାରତର ନିର୍ବାଚନ ଆୟୋଗଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପରେ ନିମ୍ନମତେ ପଦ୍ମପୁର ନିର୍ବାଚନମଣ୍ଡଳୀର ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ।

ଆସନ୍ତା ୬ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ଭୋଟରମାନଙ୍କ ଆପତ୍ତି-ଅଭିଯୋଗଗୁଡ଼ିକ ଗ୍ରହଣ କରାଯିବ। ୧୪,୧୫ ତାରିଖ ଏବଂ ୨୧ ଓ ୨୨ ତାରିଖରେ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ କରାଯିବ। ଏହି ଦିନଗୁଡ଼ିକରେ ପଦ୍ମପୁର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିର୍ବାଚକମାନଙ୍କୁ ସହାୟତା ଯୋଗାଇ ଦେବେ। ସେହିପରି ଆସନ୍ତା ୧୭ରେ ଦାବି, ଆପତ୍ତି, ଅଭିଯୋଗଗୁଡ଼ିକର ଶୁଣାଣି କରାଯିବ। ଜାନୁୟାରୀ ୨୨ରେ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାର ପ୍ରକାଶନ ପାଇଁ ତନଖି କରାଯିବ। ୨୮ରେ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।







## ସୀମାନ୍ତ ଗ୍ରାମରେ ସାଲୁର ବ୍ଲକ କର୍ମଚାରୀଙ୍କ ଗ୍ରାମସଭା

**ପଟ୍ଟାଙ୍ଗି,୩୧(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରିଚାଲିଛି। ମଙ୍ଗଳବାର ପଞ୍ଚାୟତର ଧୂଳିପଦର ଗ୍ରାମକୁ ଆନ୍ଧ୍ରର ସାଲୁର ବ୍ଲକ କର୍ମଚାରୀ ଅନୁପ୍ରବେଶକରି ସଭା କରିଛନ୍ତି। ଖବରରୁ ଜଣାପଡ଼ିଛି, କୋଟିଆ ପଞ୍ଚାୟତ ଅଧୀନ ଧୂଳିପଦର ଗ୍ରାମକୁ ସାଲୁର ବ୍ଲକ କର୍ମଚାରୀ ପହଞ୍ଚି ସଭା କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ତଳ ଗଞ୍ଜେଇପଦର ପିଇଓ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଥିଲେ। ଗ୍ରାମ ପାଇଁ ଆବଶ୍ୟକ ଥିବା କାର୍ଯ୍ୟଗୁଡ଼ିକ ସମ୍ପର୍କରେ ସେମାନେ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଉପସ୍ଥିତ ଗ୍ରାମବାସୀ ସେମାନଙ୍କୁ ଆବାସ ଯୋଜନାରେ ଘର ଏବଂ ବାର୍ଦ୍ଧକ୍ୟ ଭତ୍ତା କିପରି ମିଳିବ, ସେଥିପ୍ରତି ଆନ୍ଧ୍ର ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କ ନିକଟରେ ଦାବି କରିଥିଲେ। ଏନେଇ ସେମାନେ ବ୍ଲକ ଓ ଜିଲା ପ୍ରଶାସନକୁ ରିପୋର୍ଟ ଦେବେ ବୋଲି ଅଧିକାରୀମାନେ କହିଥିଲେ।







## ୬ରୁ ଶିମିଳିପାଳରେ କୁମ୍ଭୀର ଗଣନା

**ବାରିପଦା ଅଫିସ,୩୧:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଆସନ୍ତା ୬ରୁ ୮ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯିବ। ଅଭୟାରଣ୍ୟ ଓ ଏହାର ପାଦ ଦେଶରେ ଥିବା ନଦୀ ଓ ନାଳ ଗୁଡ଼ିକରେ କୁମ୍ଭୀର ଗଣନା କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର ସୂଚନା ଦେଇଛନ୍ତି। ଏଥିପାଇଁ ୧୫ଟି ଟିମ୍‌ରେ ୧୦୫ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଚଳିତ ବର୍ଷ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନବିଭାଗ ଆଶାବ୍ୟକ୍ତ କରିଛି।



# ଶିଖରଚଣ୍ଡୀ ମାଷ୍ଟରପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୩।୧ (ବ୍ୟୁରୋ)**

ଶିଖରଚଣ୍ଡୀ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନୟନ କରାଯାଇ ଏହାକୁ ଭୁବନେଶ୍ୱର ସହରର ଅନ୍ୟତମ ଆକର୍ଷଣ କେନ୍ଦ୍ର ଭାବେ ବିକଶିତ କରାଯିବ। ୫୩.୬୪ ଏକର ଅଞ୍ଚଳରେ ଏହି ଉନ୍ନତି କାର୍ଯ୍ୟ କରାଯିବ। ଏଥିପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏନେଇ ଏହି ମାଷ୍ଟରପ୍ଲାନ୍‌କୁ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଶିଖରଚଣ୍ଡୀ ମନ୍ଦିର ପରିଦର୍ଶନକରି ଏହାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ ଯୋଜନାକୁ ପରିବେଶ ଉପଯୋଗୀ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଏନେଇ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ବୈଠକରେ ବିଡିଏ ଉପାଧ୍ୟକ୍ଷ ବଲବନ୍ତ ସିଂହ ଏଥିପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନ୍ ସମ୍ପର୍କରେ ଏକ

## ୫୩.୬୪ ଏକର ଅଞ୍ଚଳର ଉନ୍ନତି ପାଇଁ ଖର୍ଚ୍ଚ ହେବ ୨୫ କୋଟି

ଉପସ୍ଥାପନା ରଖିଛନ୍ତି। ଏହି ଯୋଜନା ଅନୁଯାୟୀ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ୫୩.୬୪ ଏକର ଜମିରେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ବିଡିଏ ଏହି ଉନ୍ନୟନ କାର୍ଯ୍ୟ କରିବା ସହ ଆଗକୁ ମଧ୍ୟ ଏହି ଅଞ୍ଚଳର ପରିଚାଳନା ଦାୟିତ୍ୱ ଗ୍ରହଣ କରିବ। ମାଷ୍ଟରପ୍ଲାନ୍ ଅନୁଯାୟୀ ସମୁଦାୟ ଅଞ୍ଚଳକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ୍–୧ରେ ପାର୍କିଂ, ସାଧାରଣ ଲୋକଙ୍କ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଉନ୍ନତୀକରଣ ଏବଂ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍–୨ରେ ଭିୟୁ ପଏଣ୍ଟ ଓ ଟ୍ରେକିଂ ରୁଟ୍ ରହିବ। ଜୋନ୍–୩ ଓ ୪ରେ ମନୋରଞ୍ଜନମୂଳକ କାର୍ଯ୍ୟ ପାଇଁ ଭିତ୍ତିଭୂମି, କମ୍ୟୁନିଟି ସେଣ୍ଟର, ମୁଖ୍ୟ ମନ୍ଦିରର ଉନ୍ନତୀକରଣ, ଦୋକାନ ଗୃହ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପାଣ୍ଡିଆନ ଏହି ବୈଠକ ପରିଚାଳନା କରିଥିଲେ।

ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଶିଖରଚଣ୍ଡୀ ଆଞ୍ଚଳିକ ସେବା ସଂଘ ସଭାପତି କ୍ଷିତୀଶ ତ୍ରିପାଠୀ ଓ ମନ୍ଦିର ପୂଜକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି, ଶିଖରଚଣ୍ଡୀ ମନ୍ଦିରର ଉନ୍ନୟନ ସ୍ଥାନୀୟ ବାସିନ୍ଦାଙ୍କ ବହୁ ଦିନର ଆଶା ଥିଲା। ମୁଖ୍ୟମନ୍ତ୍ରୀ ଏହାକୁ ପୂରଣ କରିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ବୈଠକରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ।

# ରାଜ୍ୟ ବାହାରେ ଥିବା ସଂଖ୍ୟାଲଘୁଙ୍କ ସମସ୍ୟା ସମାଧାନ ପାଇଁ ଗଠନ ହେବ ସବ୍‌କମିଟି

## ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକ

**ଭୁବନେଶ୍ୱର,୩।୧ (ବ୍ୟୁରୋ):** ଓଡ଼ିଶା ପ୍ରଦେଶର ଉପାନ୍ତ ଅଞ୍ଚଳ ଏବଂ ଅନ୍ୟାନ୍ୟ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାରପ୍ରସାର ନିମନ୍ତେ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା ସମାଧାନ ଲାଗି ଗଠନ ହେବ ସବ୍‌କମିଟି। ଏଥିସହ ସବୁ ପଡ଼ୋଶୀ ରାଜ୍ୟକୁ କମିଟି ଗସ୍ତକରି ସେଠାରେ ବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା ଅନୁଧ୍ୟାନକରି ଏହାର ପ୍ରତିକାର ପାଇଁ ମୁଖ୍ୟ କମିଟିକୁ ସୁପାରିସ କରିବା ନିମନ୍ତେ ସବ୍‌କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏହି କମିଟିର ସଦସ୍ୟମାନେ ପଡ଼ୋଶୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଭାଷା–ସଂସ୍କୃତିର ସୁରକ୍ଷା ଦିଗରେ ଥିବା ସମସ୍ୟା ବାବଦରେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଡ଼ୋଶୀ ରାଜ୍ୟଗୁଡ଼ିକରେ ଆମ ଶିକ୍ଷା, ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକ ସାମ୍ନା କରୁଥିବା ସମସ୍ୟାର ପ୍ରତିକାର ବ୍ୟବସ୍ଥା କରିବା ସହ ସମ୍ପୃକ୍ତ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପ୍ରୋତ୍ସାହନକୁ ଗୁରୁତ୍ୱ ଦେଇ ଯତ୍ନର ସହ କାର୍ଯ୍ୟ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ ସଂସ୍କୃତି ବିଭାଗକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।











































































ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୪/୨୦୨୩ Bhubaneswar, Wednesday, January 4/ 2023

# ଭାରତର ରୋମାଞ୍ଚକ ବିଜୟ

**ପ୍ରଥମ ଟି୨୦**

ମୁମ୍ବାଇ, ୩।୧

ଦୀପକ ହୁଡା ଓ ଅକ୍ଷର ପଟେଲଙ୍କ ଦୃଢ଼ ବ୍ୟାଟିଂ ପରେ ପଦାର୍ପଣକାରୀ ଶିବମ୍ ମାଭିଙ୍କ ଚମତ୍କାର ବୋଲିଂ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ସିରିଜର ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ରୋମାଞ୍ଚକଭାବେ ୨ ରନରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ୨୦ ଓଭରରେ ୧୬୦ ରନକରି ଅଲ୍ଆଉଟ ହୋଇ ଯାଇଥିଲା।

## ପଦାର୍ପଣରେ ମାଭି ପ୍ରଭାବୀ

୧୬୩ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୪ ରନରେ ୨ଟି ଉଇକେଟ ହରାଇ ବ୍ୟାକ୍ଫୁଟକୁ ଚାଲି ଯାଇଥିଲା। ୨ଟି ଯାକ ଉଇକେଟ ନେଇଥିଲେ ଭାରତ ପକ୍ଷରୁ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଶିବମ୍ ମାଭି। ସେ ପଥୁମ ନିଶଙ୍କା (୧)ଙ୍କୁ କ୍ଲିନ୍ ବୋଲ୍ଡ କରିଥିବାବେଳେ ଧନଞ୍ଜୟ ଡି'ସିଲ୍ଭାଙ୍କୁ ମିଡ୍-ଅନ୍‌ରେ ସଞ୍ଜୁ ସାମସନଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ଫେରାଇଥିଲେ। ଚରିଥ ଆଶାଲଙ୍କାଙ୍କୁ ଉଇକେଟ କିପର ଇଶାନ କିଶନଙ୍କ ହାତରେ କ୍ୟାଚ କରାଇ ଉମ୍ରାନ ମଲିକ ବିଦାୟ ପଥ ଦେଖାଇଥିଲେ। ସେହିପରି କୁଶାଲ ମେଣ୍ଡିସ ଓ ପ୍ରତିଭା ସମ୍ପନ୍ନ ଭାନୁକା ରାଜପାକ୍ସାଙ୍କ ଉଇକେଟ ନେଇଥିଲେ ହର୍ଶଲ ପଟେଲ। ୱାନିନ୍ଦୁ ହସରଙ୍ଗାଙ୍କୁ ମାଭି ତୃତୀୟ ଶିକାର ବନାଇଥିବାବେଳେ ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ଦସୁନ ସନକା (୪୫ ରନ, ୨୭ ବଲ, ୩ ଚୌକା, ୩ ଛକା)ଙ୍କୁ ଆଉଟ କରି ଉମ୍ରାନ ମ୍ୟାଚକୁ ଭାରତ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଶେଷ ୨ ଓଭରରେ ନାଟକୀୟ ଘଟଣାକ୍ରମରେ ମ୍ୟାଚ ବିଭିନ୍ନ ଆଡ଼କୁ ମୋଡ଼ ନେଇଥିଲେ ହେଁ ଶେଷରେ ଭାରତ ବିଜୟୀ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଶିବମ୍ ମାଭି ନିଜ ପ୍ରଥମ ମ୍ୟାଚରେ ୪ଟି ଉଇକେଟ ନେଇଥିବାବେଳେ ହର୍ଶଲ ପଟେଲ ଓ ଉମ୍ରାନ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ।

## ଦୀପକ-ଅକ୍ଷର ସମ୍ମାନ ରଖିଲେ

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ବୋଲରମାନେ ଭଲ ଆରମ୍ଭ କରି ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ତୃତୀୟ ଓଭରରେ ପଦାର୍ପଣକାରୀ ଶୁବମନ ଗିଲ୍(୭)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟାୟ ସମ୍ମୁଖୀନ ହୋଇଥିବା ଭାରତ ପରେ ସୂର୍ଯ୍ୟକୁମାର ଯାଦବ (୭), ସଞ୍ଜୁ ସାମସନ (୫)ଙ୍କ ଉଇକେଟ ଶୀଘ୍ର ହରାଇବାରୁ ଦ୍ରୁତ ହାରରେ ରନ ସଂଗ୍ରହକରି ପାରି ନ ଥିଲା। ଇଶାନ କିଶନ (୩୭ ରନ, ୨୯ ବଲ, ୩ ଚୌକା, ୨ ଛକା) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୯ ରନ, ୨୭ ବଲ, ୪ ଚୌକା) ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ୧୫ ଓଭର ଶେଷ ବେଳକୁ ଭାରତ ୫ ଉଇକେଟ ହରାଇ ମାତ୍ର ୧୦୧ ରନ କରିପାରିଥିଲା। ତେବେ ଦୀପକ ହୁଡା ଓ ଅକ୍ଷର ପଟେଲ ଅସମାପ୍ତ ୬ଷ୍ଠ ଉଇକେଟରେ ୩୫ ବଲ୍‌ରୁ ୬୮ ରନ ସଂଗ୍ରହ କରିବାରୁ ଭାରତ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଶେଷ ୫ ଓଭରରୁ ଏ ଦୁହେଁ ୬୧ ରନ ସଂଗ୍ରହ କରିଥିଲେ। ହୁଡା ୨୩ ବଲ୍‌ରୁ ୪୧ (୧ ଚୌକା, ୪ ଛକା) ଓ ଅକ୍ଷର ୨୦ ବଲ୍‌ରୁ ୩୧ (୩ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଦିଲସାନ ମଦୁସନକା, ମହେଶ ଥିକସାନା, ଚାମିକା କରୁଣାରତ୍ନେ, ଧନଞ୍ଜୟ ଡି'ସିଲ୍ଭା ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶିବମ୍ ମାଭି-୪/୨୨।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୨/୫ (ଦୀପକ ହୁଡା-୪୧*, ଇଶାନ କିଶନ-୩୭, ଅକ୍ଷର ପଟେଲ-୩୧*, ହାର୍ଦ୍ଦିକ ପାଣ୍ଡ୍ୟା-୨୯, ଦିଲସାନ ମଦୁସନକା-୧/୩୫, ମହେଶ ଥିକସାନା-୧/୨୯, ଚାମିକା କରୁଣାରତ୍ନେ-୧/୨୨, ଧନଞ୍ଜୟ ଡି'ସିଲ୍ଭା-୧/୬, ୱାନିନ୍ଦୁ ହସରଙ୍ଗା-୧/୨୨)। ଶ୍ରୀଲଙ୍କା ୨୦ ଓଭରରେ ୧୬୦/ଅଲ୍ଆଉଟ (ଦସୁନ ସନକା-୪୫, କୁଶାଲ ମେଣ୍ଡିସ-୨୮, ଶିବମ୍ ମାଭି-୪/୨୨, ହର୍ଶଲ ପଟେଲ-୨/୪୧, ଉମ୍ରାନ ମଲିକ-୨/୨୭)।

# ନାଗାଲାଣ୍ଡର ସମ୍ମାନଜନକ ସ୍କୋର

**ରଣଜୀ ଟ୍ରଫି**

**ଅଙ୍କୁଶ ଲଗାଇବାରେ ଓଡ଼ିଶା ବୋଲର ବିଫଳ**

ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)


ସୂର୍ଯ୍ୟକାନ୍ତ ପ୍ରଧାନ


ତାରିଣୀ ସ'

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ମଙ୍ଗଳବାର ଆରମ୍ଭ ହୋଇଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ନାଗାଲାଣ୍ଡ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ଚଳିତ ସିଜନରେ ୫ଟି ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ନାଗାଲାଣ୍ଡ ଉପରେ ଓଡ଼ିଶା ବୋଲରମାନେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଏହି ଦଳ ୬ ଉଇକେଟ ହରାଇ ୨୯୧ ରନ ସଂଗ୍ରହ କରିଛି। ଅର୍ଥାତ୍ କେବଳ ଦ୍ୱିତୀୟ ଥରପାଇଁ ନାଗାଲାଣ୍ଡ ଚଳିତ ସିଜନରେ ୩୦୦ ରନ ଅତିକ୍ରମ କରିବା ଦ୍ୱାରରେ ପହଞ୍ଚି ଯାଇଛି। ଉତ୍ତରାଖଣ୍ଡ ବିପକ୍ଷ ପ୍ରଥମ ମ୍ୟାଚର ପ୍ରଥମ ଇନିଂସରେ ଏହି ଦଳ ୩୮୯ ରନ କରିଥିଲା। ତେବେ ଦ୍ୱିତୀୟ ଇନିଂସରେ ମାତ୍ର ୨୫ ରନରେ ଅଲ୍ଆଉଟ ହୋଇ ଯାଇଥିଲା। ସେହିପରି ଉତ୍ତର ପ୍ରଦେଶ ବିପକ୍ଷରେ ପ୍ରଥମ ଇନିଂସରେ ୧୩୬ ରନରେ ସୀମିତ ରହି ଫଲୋଅନ ଡାକରା ପାଇବା ପରେ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନରେ ଅଲ୍ଆଉଟ ହୋଇ ଯାଇଥିଲା। ତୃତୀୟ ମ୍ୟାଚରେ ବେଙ୍ଗଲ ବିପକ୍ଷରେ ମଧ୍ୟ ଦଳ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୨ଟି ଇନିଂସରେ ଯଥାକ୍ରମେ ୧୬୬ ଓ ୧୨୩ ରନ କରିବାକୁ ସକ୍ଷମ ହୋଇଥିଲା। ଅର୍ଥାତ୍ ଶେଷ ୫ଟି ଇନିଂସରେ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏହି ଦଳ ୩ଟି ଯାକ ମ୍ୟାଚରେ ଶୋଚନୀୟ ପରାଜିତ ହୋଇଥିଲା। ମାତ୍ର ଓଡ଼ିଶା ବୋଲରମାନେ ନାଗାଲାଣ୍ଡର ସେପରି ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ପାରି ନାହାନ୍ତି।

## ଝିମୋମି-ବିସ୍ତଙ୍କ ଶତକୀୟ ଭାଗୀଦାରି

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ଓପନର ଜୋସୁଆ ଓଜୁକମ୍ (୭), ୟୁଗନ୍ଦର ସିଂ (୨୦) ଏବଂ ଅଧିନାୟକ ରୋଙ୍ଗସେନ ଜୋନାଥନ (୨୪)ଙ୍କ ଉଇକେଟ ଶୀଘ୍ର ପତନ ହୋଇଥିଲେ ହେଁ ଶ୍ରୀକାନ୍ତ ମୁଣ୍ଡେ, ଚେତନ ବିସ୍ତ ଓ ହୋକାଇତୋ ଝିମୋମିଙ୍କ ଦୃଢ଼ ବ୍ୟାଟିଂ ସହାୟତାରେ ନାଗାଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ବିଶେଷ କରି ୪ର୍ଥ ଉଇକେଟରେ ମୁଣ୍ଡେ-ବିସ୍ତଙ୍କ ଭାଗୀଦାରିରେ ୭୧ ଏବଂ ଝିମୋମି-ବିସ୍ତଙ୍କ ୫ମ ଉଇକେଟ ଯୋଡ଼ିରେ ୧୨୮ ରନର ପାର୍ଟନରଶିପ୍ ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲା। ମୁଣ୍ଡେ ୧୦୩ ବଲ୍‌ରୁ ୬୬ ଓ ଝିମୋମି ୧୪୪ ବଲ୍‌ରୁ ୫୯ ରନକରି ଆଉଟ ହୋଇଥିବାବେଳେ ବିସ୍ତ ୯୪ (୧୫୩ ବଲ, ୧୧ ଚୌକା, ୧ ଛକା) ରନରେ ଅପରାଜିତ ରହି ଶତକର ନିକଟତର ହୋଇଛନ୍ତି। ମହାରାଷ୍ଟ୍ରର ମୁଣ୍ଡେ ଓ ବିସ୍ତ ଚଳିତ ସିଜନରେ ନାଗାଲାଣ୍ଡ ପକ୍ଷରୁ ଖେଳୁଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପ୍ରଧାନ ଭଲ ଫର୍ମ ବଜାୟ ରଖି ୩ଟି ଏବଂ ତାରିଣୀ ସ' ୩ଟି ଉଇକେଟ ନେଇଛନ୍ତି। ଅନ୍ୟ ବୋଲରମାନେ ପ୍ରଭାବୀହୀନ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନାଗାଲାଣ୍ଡ ପ୍ରଥମ ଇନିଂସ: ୨୯୧/୬ (ଚେତନ ବିସ୍ତ-୯୪*, ଶ୍ରୀକାନ୍ତ ମୁଣ୍ଡେ-୬୬, ହୋକାଇତୋ ଝିମୋମି-୫୯, ସୂର୍ଯ୍ୟକାନ୍ତ ପ୍ରଧାନ-୩/୬୯, ତାରିଣୀ ସ'-୩/୫୫)।

# ୧୯୭୩: ନେଦରଲାଣ୍ଡ୍ସକୁ ପ୍ରଥମ ଟାଇଟଲ

ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ନେଦରଲାଣ୍ଡ୍ସର ଆମଷ୍ଟେଲଭିନଠାରେ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପୂର୍ବ ସଂସ୍କରଣ ଅପେକ୍ଷା ଏଥିରେ ଦଳ ସଂଖ୍ୟା ୨ ବଢ଼ିଥିଲା। ୧୨ଟି ଦଳକୁ ନେଇ ହୋଇଥିଲା ଏହି ବିଶ୍ୱକପ୍। ପୂର୍ବ ଫର୍ମାଟ ଭଳି ଏଥର ମଧ୍ୟ ଭାଗ ନେଇଥିବା ୧୨ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ 'ଏ'ରେ ପଶ୍ଚିମ ଜର୍ମାନୀ, ଭାରତ, ସ୍ପେନ୍, ନ୍ୟୁଜିଲାଣ୍ଡ, କେନିୟା ଓ ଜାପାନ ରହିଥିଲେ। ସେହିପରି ଗ୍ରୁପ୍ 'ବି'ରେ ପାକିସ୍ତାନ, ନେଦରଲାଣ୍ଡ୍ସ, ବେଲଜିୟମ, ଇଂଲଣ୍ଡ, ମାଲେସିଆ ଓ ଆର୍ଜେଣ୍ଟିନା ସ୍ଥାନ ପାଇଥିଲେ। ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଶ୍ରେଷ୍ଠ ୮ ସ୍ଥାନ ହାସଲ କରିଥିବା ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ନିୟମ ରହିଥିଲା। ମାତ୍ର ଏହା ମଧ୍ୟରେ ଅଷ୍ଟ୍ରେଲିଆ ଆସୁଥିଲେ ମଧ୍ୟ ଆର୍ଥିକ ସଙ୍କଟ ଯୋଗୁ ଓହରି ଯାଇଥିଲା। ଗ୍ରେଟ୍ ବ୍ରିଟେନ ସ୍ଥାନରେ ଇଂଲଣ୍ଡ ଖେଳିଥିଲା। ଅନ୍ୟ ୪ଟି ଦଳକୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପକ୍ଷରୁ ନିମନ୍ତ୍ରଣ କରାଯିବାର ଥିଲା। ମାତ୍ର ଅଷ୍ଟ୍ରେଲିଆ ଓହରି ଯିବାରୁ ୫ ଦଳକୁ ନିମନ୍ତ୍ରଣ କରାଯାଇଥିଲା। ଏହି ଦଳଗୁଡ଼ିକ ହେଲେ ସ୍ପେନ୍, ମାଲେସିଆ, ବେଲଜିୟମ, ଜାପାନ ଓ ନ୍ୟୁଜିଲାଣ୍ଡ। ଅଷ୍ଟ୍ରେଲିଆ ସ୍ଥାନରେ ସୁଯୋଗ ପାଇଥିଲା ନ୍ୟୁଜିଲାଣ୍ଡ। ପୁଲ୍ 'ଏ'ରୁ ପଶ୍ଚିମ ଜର୍ମାନୀ, ଭାରତ ଏବଂ ପୁଲ୍ 'ବି'ରୁ ପାକିସ୍ତାନ ଓ ଆୟୋଜକ ନେଦରଲାଣ୍ଡ୍ସ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଅପରାଜେୟ ରହିଥିବା ଭାରତ ଖେଳିଥିବା ୫ ମ୍ୟାଚରୁ ୩ ବିଜୟ ଓ ୨ ଡ୍ର ସହ ୧୧ ପଏଣ୍ଟ ପାଇଥିଲା। ନେଦରଲାଣ୍ଡ୍ସ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ଆଉଟର ସହାୟତା ନିଆଯାଇଥିଲା। ଏଥିରେ ନେଦରଲାଣ୍ଡ୍ସ ୪-୨ ଗୋଲରେ ବିଜୟୀ ହୋଇ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧-୦ ଗୋଲରେ ହରାଇଥିଲା ଭାରତ। ଫାଇନାଲରେ ନେଦରଲାଣ୍ଡ୍ସକୁ ଭାରତ କଡ଼ା ଟକ୍କର ଦେଇଥିଲା। ଫଳରେ ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟରେ ଖେଳ ୨-୨ରେ ବରାବର ରହିଥିଲା। ତେବେ ଶୁଟ୍ଆଉଟ ପର୍ଯ୍ୟାୟରେ ନେଦରଲାଣ୍ଡ୍ସର ୪ ଗୋଲ ତୁଳନାରେ ଭାରତ ୨ଟି ଦେବାରେ ସକ୍ଷମ ହୋଇଥିଲା। ଫଳରେ ନେଦରଲାଣ୍ଡ୍ସକୁ ପ୍ରଥମ ଟାଇଟଲ ମିଳିଥିଲା। ପ୍ଲେ-ଅଫ୍‌ରେ ପାକିସ୍ତାନକୁ ୧-୦ ଗୋଲରେ ହରାଇ ପଶ୍ଚିମ ଜର୍ମାନୀ ବ୍ରୋଞ୍ଜ ପଦକ ହାସଲ କରିଥିଲା।

**ହକି ବିଶ୍ୱକପ୍**




**ଆଉ ୯ ଦିନ**

# ରାଜ୍ୟସ୍ତରକୁ ୧୦ ଖେଳାଳିଙ୍କୁ ଯୋଗ୍ୟତା

**ଆନ୍ତଃ ସ୍କୁଲ ଚେସ୍**

ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃସ୍କୁଲ ଚେସ୍ ଚାମ୍ପିୟନଶିପ୍ ୟୁନିଟ-୮ ସରକାରୀ ବାଳକ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗରେ ୪ ଓ ବାଳକରେ ୫ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ବାଳିକା ବର୍ଗରୁ ଯଶିତା ରାଉତ (୪ ପଏଣ୍ଟ), ଅଞ୍ଜଳି ମିଶ୍ର, ନମସ୍ୟ ନଳିନୀ (ଉଭୟେ ୩ ପଏଣ୍ଟ), ଚନ୍ଦ୍ରିକା ନାଏକ ଓ ପ୍ରତୀକ୍ଷା ଦାସ (ଉଭୟେ ୨) ଏବଂ ବାଳକ ବର୍ଗରେ ଓମ୍ ଆଦିତ୍ୟ ଖାଡ଼ୁଙ୍ଗା (୫), ଆରିନ ଅନ୍ୱେଷ ସ୍ୱାଇଁ, ଦେବେନ୍ଦ୍ର ସବର, ଦୀପେଶ ଦତ୍ତ (ସମସ୍ତେ ୪ ପଏଣ୍ଟ) ଓ ଅର୍ନବ ମହାନ୍ତି (୩) ଭୁବନେଶ୍ୱର କ୍ରୀଡ଼ା ଜିଲାରୁ ଭଦ୍ରକରେ ଚଳିତ ମାସରେ ହେବାକୁଥିବା ରାଜ୍ୟ ମିଟ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସୁଚିତ୍ରା ପାତ୍ର, ସିଭି ରମଣ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ସଞ୍ଜୀବ ରାଉତ, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୀତେନ୍ଦ୍ର ନାୟକ, ୟୁନିଟ-୮ ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଭିରାମ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଦିନିକିଆ ଦଳରେ ବୁମ୍ରା ସାମିଲ

ମୁମ୍ବାଇ, ୩।୧ (ପି.ଟି.)




ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଷ୍ଟାର ପେସ୍ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ମଙ୍ଗଳବାର ଭାରତୀୟ ଦିନିକିଆ କ୍ରିକେଟ ଦଳରେ ସାମିଲ କରାଯାଇଛି। ଜାନୁୟାରୀ ୧୦ରୁ ଆରମ୍ଭ ହେବାକୁଥିବା ଏହି ସିରିଜ ପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ତାଙ୍କୁ ଫିଟ୍ ଘୋଷଣା କରିଛି। ବୁମ୍ରା ଭାରତ ପାଇଁ ଶେଷ ଥର ପାଇଁ ସେପ୍ଟେମ୍ବରରେ ଖେଳିଥିଲେ। ପିଠିରେ ଇଞ୍ଜୁରି ଯୋଗୁ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ଖେଳିବାରୁ ସେ ବଞ୍ଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ସିରିଜ ପାଇଁ ସିଲେକ୍ସନ କମିଟି ବୁମ୍ରାଙ୍କୁ ମନୋନୀତ କରିଛି। ଏହି ପେସ୍ ବୋଲର ଜଣକ ଏନ୍‌ସିଏରେ ରିହାବିଲିଟେଶନରେ ଥିଲେ। ସେ ଖୁବ୍ ଶୀଘ୍ର ଭାରତୀୟ ଦଳରେ ଯୋଗଦେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଜାନୁୟାରୀ ୧୦ରେ ଗୁଆହାଟୀରେ ଖେଳାଯିବାକୁଥିବା ବେଳେ କୋଲକାତାରେ ଦ୍ୱିତୀୟ ଦିନିକିଆ ଜାନୁୟାରୀ ୧୨ରେ ଏବଂ ତ୍ରିଭେନ୍ଦ୍ରମରେ ତୃତୀୟ ଦିନିକିଆ ଜାନୁୟାରୀ ୧୫ରେ ଖେଳାଯିବ। ବୁମ୍ରା ୨୦୧୬ରେ ଭାରତ ତରଫରୁ ପ୍ରଥମ ଥର ଖେଳିଥିଲେ।

# ପ୍ରଥମ ଓଭରରେ ଉନାଡକଟ୍‌ଙ୍କ ହାଟ୍ରିକ୍

ରାଜକୋଟ, ୩।୧

ଭାରତୀୟ ଦଳ ପାଇଁ ୧୦ ବର୍ଷ ପରେ ଟେଷ୍ଟ ଖେଳିଥିବା ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। ପ୍ରଥମ ଖେଳାଳି ଭାବରେ ସେ ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଓଭରରେ ହାଟ୍ରିକ ଅର୍ଜନ କରିଛନ୍ତି। ମଙ୍ଗଳବାର ଦିଲ୍ଲୀ ବିପକ୍ଷ ରଣଜୀ ମୁକାବିଲାରେ ସେ ଏହି ସଫଳତା ଅର୍ଜନ କରିଛନ୍ତି। ପ୍ରଥମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲରେ ସେ ଧ୍ରୁବ ଶୋରେ, ବୈଭବ ରାୱଲ ଓ ଅଧିନାୟକ ଯଶ ଧୂଲଙ୍କୁ ଆଉଟ କରିଥିଲେ। ସମାନ ସ୍ପେଲର ପରବର୍ତ୍ତୀ ଓଭରରେ ମଧ୍ୟ ସେ ଅଗ୍ନିବର୍ଷୀ ବୋଲିଂ ସହିତ ଜଣ୍ଟି ସିନ୍ଧୁ(୪), ଲଳିତ ଯାଦବ(୦) ଓ ଲକ୍ଷ୍ୟ ଥରେଜା(୧)ଙ୍କୁ ଆଉଟ କରିବାରୁ ଦିଲ୍ଲୀର ସ୍କୋର ୧୦/୭ରେ ପହଞ୍ଚିଥିଲା। ତେବେ ହ୍ରିତିକ ଶୋକିନ୍‌ଙ୍କ ଅପରାଜିତ ୬୮ ଓ ଶିବାଙ୍କ ବଶିଷ୍ଠଙ୍କ ୩୮ ରନ୍ ବଳରେ ଦିଲ୍ଲୀ ୧୩୩ ରନରେ ପହଞ୍ଚି ପାରିଥିଲା। ଉନାଡକଟ ୩୯ ରନ୍ ବ୍ୟୟରେ ୮ ଉଇକେଟ ନେବା ଚଳିତ ସିଜନର ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଛି। ପୂର୍ବରୁ ଉତ୍ତରାଖଣ୍ଡର ଦୀପକ ଧପୋଲା ହିମାଚଳ ପ୍ରଦେଶ ବିପକ୍ଷରେ ୩୫ ରନ୍ ଦେଇ ୮ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ରଣଜୀ ଟ୍ରଫି ଇତିହାସରେ ଏହା ଶ୍ରେଷ୍ଠ ପ୍ରଦର୍ଶନ ତାଲିକାରେ ଷଷ୍ଠ ସ୍ଥାନରେ ରହିଛି।


ଜୟଦେବ ଉନାଡକଟ୍



ହାଟ୍ରିକ ବଲ୍

# ନେକ୍ରୋପୋଲ ଏକୁମେନ୍ସିଆରେ ପେଲେଙ୍କ ଶେଷକୃତ୍ୟ


ପେଲେଙ୍କ ପୁଅ ଏଡିନୋଙ୍କ ସହ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ।


ଅନ୍ତିମ ଦର୍ଶନ ଅବସରରେ ରାଷ୍ଟ୍ରପତି ଲୁଇଜ୍ ଇନାକିଓ ଲୁଲା ଡା ସିଲ୍‌ଭା।

ସାଣ୍ଟୋସ, ୩।୧ (ପି.ଟି.)

ବିଶ୍ୱ ଫୁଟବଲର ଯାଦୁକର ପେଲେଙ୍କ ଅନ୍ତ୍ୟେଷ୍ଟିକ୍ରିୟା ମଙ୍ଗଳବାର ସମ୍ପନ୍ନ ହୋଇଛି। ଅନ୍ତିମ ଦର୍ଶନ ପାଇଁ ଲକ୍ଷାଧିକ ଲୋକଙ୍କ ଜନସମାଗମ ହୋଇଥିବା ବେଳେ ବ୍ରାଜିଲରେ ଲାଗିରହିଥିଲା ଶୋକରଛାୟା। ଲକ୍ଷାଧିକ ପ୍ରଶଂସକଙ୍କ ଭିଡ ମଧ୍ୟରେ ପେଲେଙ୍କ ମରଶରୀର ଭିଲା ବେଲ୍‌ମିରୋ ଷ୍ଟାଡିୟମରୁ ନେକ୍ରୋପୋଲ ଏକୁମେନ୍ସିଆ କବର ସ୍ଥାନକୁ ନିଆଯାଇଥିଲା। ଏକ ଅଗ୍ନିଶମ ବାହିନୀ ଗାଡି ଉପରେ ପେଲେଙ୍କ କଫିନ୍‌କୁ ରଖାଯାଇ ଶୋଭାଯାତ୍ରା ବାହାରିଥିଲା। ସହର ମଧ୍ୟରେ ଭାବବିହ୍ୱଳ ପ୍ରଶଂସକ ନିଜ ପ୍ରିୟ ତାରକାଙ୍କୁ ଶେଷ ଥର ପାଇଁ ଦେଖିବାର ସୁଯୋଗ ପାଇଥିଲେ। ପେଲେଙ୍କ ୧୦୦ ବର୍ଷୀୟ ମା' ସେଲେଷ୍ଟେ ଆରାଣ୍ଟେସ ରହୁଥିବା ଘର ଦେଇ ବିଶ୍ୱର ଉଚ୍ଚତମ କବର ସ୍ଥାନରେ ପହଞ୍ଚିଥିଲା ପେଲେଙ୍କ ପାର୍ଥିବ ଶରୀର। କେବଳ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କୁ କବର ଦିଆଯାଇଥିଲା। ପେଲେଙ୍କ ଅନ୍ତିମ ଇଚ୍ଛା ଅନୁଯାୟୀ ଏହି କବର ସ୍ଥାନର ନବମ ମହଲାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ସାଣ୍ଟୋସର ଷ୍ଟାଡିୟମ ଯେଉଁଠି ପେଲେ ନିଜର ଫୁଟବଲ ଜୀବନ ଆରମ୍ଭ କରିଥିଲେ ସେଠାରେ ପେଲେଙ୍କ ଅନ୍ତିମ ଦର୍ଶନ ପାଇଁ ହଜାର ହଜାର ସ୍କୁଲ ଛାତ୍ରଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରପତି, ସୁପ୍ରିମକୋର୍ଟ ବିଚାରପତି ଓ ଫିଫାର ସଭାପତି ପହଞ୍ଚିଥିଲେ। କ୍ୟାନ୍ସର ସହିତ ଲଢେଇ କରୁଥିବା ବେଳେ ଗୁରୁବାର ପେଲେଙ୍କ ପରଲୋକ ହୋଇଥିଲା। ତାଙ୍କ ମରଶରୀରକୁ ବ୍ରାଜିଲର ଜାତୀୟ ପତାକା ଓ ସାଣ୍ଟୋସ୍ କ୍ଲବର ପତାକାରେ ଘୋଡାଯାଇ ଅନ୍ତିମ ଦର୍ଶନ ପାଇଁ ଭିଲା ବେଲ୍‌ମିରୋ ଷ୍ଟାଡିୟମର ମିଡ୍‌ଫିଲ୍ଡ ଅଞ୍ଚଳରେ ରଖାଯାଇଥିଲା। ସାଓପାଓଲୋ ବାହାରେ ରହିଥିବା ଏହି ଷ୍ଟାଡିୟମ ପେଲେଙ୍କ ପାଇଁ ଦ୍ୱିତୀୟ ଘର ସଦୃଶ ଥିଲା। ୧୬ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମ ଭିତର ଓ ବାହାର ପେଲେଙ୍କ ସମର୍ଥକଙ୍କ ଦ୍ୱାରା ଭରି ଯାଇଥିଲା। ଅନ୍ତିମ ଦର୍ଶନ ପାଇଁ ଭିଡ଼ ଏତେ ରହିଥିଲା ଯେ କିଛି ପ୍ରଶଂସକଙ୍କୁ ୩ ଘଣ୍ଟା ଖରାରେ ଛିଡା ହେବାକୁ ପଡିଥିଲା। ପେଲେଙ୍କ ମରଶରୀର ଷ୍ଟାଡିୟମ ବାହାରକୁ ଯିବା ପୂର୍ବରୁ ରାଷ୍ଟ୍ରପତି ଲୁଇଜ୍ ଇନାକିଓ ଲୁଲା ଡା ସିଲ୍‌ଭା ତାଙ୍କର ଅନ୍ତିମ ଦର୍ଶନ ପାଇଁ ଆସିଥିଲେ। ୬୦ ଓ ୭୦ ଦଶକରେ ପେଲେ ବିଶ୍ୱର ସର୍ବଶ୍ରେଷ୍ଠ ଆଥ୍‌ଲେଟ ରହିଥିଲେ। ତାଙ୍କୁ ରାଷ୍ଟ୍ରପତି ଓ ମହାରାଣୀମାନେ ଭେଟୁଥିଲେ। ଏପରି କି ତାଙ୍କ ଖେଳ ଦେଖିବା ପାଇଁ ନାଇଜେରିଆନ୍ ଗୃହ ଯୁଦ୍ଧ ମଧ୍ୟ ୪୮ ଘଣ୍ଟା ବନ୍ଦ ରହିଥିଲା। ବେଲ୍‌ମିରୋ ଷ୍ଟାଡିୟମର କିଛି ଷ୍ଟାଣ୍ଡ କେବଳ ୧୦ ନମ୍ବର ଜର୍ସିରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ କିଛି ଷ୍ଟାଣ୍ଡ ଶୋକସନ୍ତପ୍ତ ଲୋକଙ୍କ ଫୁଲତୋଡାରେ ଭର୍ତ୍ତି ହୋଇଥିଲା। ଏହା ମଧ୍ୟରେ ନେମାର ଓ ରୋନାଲ୍ଡୋଙ୍କ ପରି ଖେଳାଳି ସାମିଲ ଥିଲେ। ଏହି ଅନ୍ତିମ ଦର୍ଶନରେ ୨୩ ରାଷ୍ଟ୍ରର ୧୨୦୦ ସାମ୍ବାଦିକ ସାମିଲ ହୋଇଥିଲେ।

ଏହି ଅନ୍ତିମ ଯାତ୍ରାରେ ପେଲେଙ୍କ ବନ୍ଧୁ ତଥା ସାଣ୍ଟୋସର ପୂର୍ବତନ ଖେଳାଳି ମାନୋଏଲ୍ ମାରିଆ ମଧ୍ୟ ସାମିଲ ଥିଲେ। ମାରିଆ ସାଣ୍ଟୋସରେ ପେଲେଙ୍କ ସହିତ ଏକାଠି ଖେଳିଥିବା ବେଳେ ପେଲେଙ୍କ ଋଣ ଶୁଝିବାରେ ଅସମର୍ଥ ବୋଲି କହିଥିଲେ। ମୋ ପାଇଁ ଓ ମୋ ପରିବାର ପାଇଁ ସେ ଯାହା ବି କରିଛନ୍ତି ତାହା ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ସେ କେବଳ ଜଣେ ଭଲ ଖେଳାଳି ନ ଥିଲେ ବରଂ ଜଣେ ଭଲ ମଣିଷ ଥିଲେ ବୋଲି ମାରିଆ କହିଛନ୍ତି। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ, ବ୍ରାଜିଲ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଗିଲମାର ମେଣ୍ଡେସ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ